ବର୍ଷ-୪୯ : ସଂଖ୍ୟା-୬ ଜୁନ୍, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

## ଗଳ୍ପ ବିଶେଷାଙ୍କ

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୧୮


| | | | | |
|---|---|---|---|---|
| ଦିବ୍ୟହସର ସୂର୍ଯ୍ୟ | ··· | ଶ୍ରୀମା | ··· | ୩ |
| ସର୍ବୋତ୍ତମ ଆନନ୍ଦର ମାର୍ଗ | ··· | ଶ୍ରୀଅରବିନ୍ଦ | ··· | ୪ |
| ପ୍ରଭୁଙ୍କ ସହିତ ହସ | ··· | ଶ୍ରୀମା | ··· | ୫ |
| ସରସ ଜୀବନର ସନ୍ଦେଶ | ··· | ··· | ··· | ୬ |
| ପ୍ରଫୁଲ୍ଲତା | ··· | ଶ୍ରୀମା | ··· | ୭ |
| ଆଲିପୁର କାରାଗୃହ | ··· | ଶ୍ରୀଅରବିନ୍ଦ | ··· | ୧୦ |
| ଅନେକ ସ୍ମିତହସ | ··· | ମନୋଜ ଦାସ | ··· | ୧୩ |
| ଅମୃତଙ୍କର ପ୍ରାଣବନ୍ତ ରସିକତା | ··· | ଗୋପାଳ ଚନ୍ଦ୍ର ମାହାନା | ··· | ୧୬ |
| ଆଲୋକ ଓ ଆନନ୍ଦୋଚ୍ଛ୍ୱାସ | ··· | ଅମଳକିରଣ | ··· | ୧୮ |
| ମିମିର ସାହିତ୍ୟ ଶିକ୍ଷା | ··· | ବାମାଚରଣ ମିତ୍ର | ··· | ୨୧ |
| ଆମ ମାଷ୍ଟ୍ରଙ୍କ କଥା | ··· | ଫତୁରାନନ୍ଦ | ··· | ୨୫ |
| ନିରାମିଷ ଆହାରୀ (ଗୋପାଳ ଭାଣ୍ଡ ରହସ୍ୟ) | ··· | ··· | ··· | ୨୮ |
| ବୀରବଲ କାହାଣୀ | ··· | ··· | ··· | ୩୧ |
| ମୁଲ୍ଲା ନସିରୁଦ୍ଦିନ ଓ ଅନ୍ୟାନ୍ୟ ଅଣୁ ଗଳ୍ପ | ··· | ସନ୍ତୋଷ କୁମାର ଯୋଗାଣିଆ | ··· | ୩୨ |
| ମୁଗ ଡାଲି | ··· | ଦାଶ ବେନହୁର | ··· | ୩୭ |
| ଶ୍ରୀମା'ଙ୍କ ପାଠଶାଳା | ··· | ··· | ··· | ୩୯ |
| ହସ ଆଇନା | ··· | ସୁନନ୍ଦା | ··· | ୪୧ |
| ମହାଦୌଡ଼ | ··· | ରସ୍କିନ ବଣ୍ଡ | ··· | ୪୩ |
| ଖନୀ ବେଗମ୍ | ··· | ଗିଜୁଭାଇ ବଧେକା | ··· | ୪୬ |
| ସଂସ୍କୃତନିଷ୍ଠ କିଛି ହାସ୍ୟରସ | ··· | ସମ୍ପଦାନନ୍ଦ ମିଶ୍ର | ··· | ୪୭ |
| ଖୁସିର କଥା | ··· | ରମାକାନ୍ତ ସାହୁ | ··· | ୫୦ |
| ମନୁଆ ବୈଜ୍ଞାନିକ | ··· | ··· | ··· | ୫୩ |
| ଜାଗରିତ ହେଉ ଆମ ଆଭ୍ୟନ୍ତରୀଣ ପ୍ରହରୀ | ··· | ମନୋଜ ଦାସ | ··· | ୫୫ |


❖

# ଦିବ୍ୟହସର ସୂର୍ଯ୍ୟ

ଏହି ଆନନ୍ଦ, ଏହି ବୈଭବ-ବିଚିତ୍ର ହସ ଯାହା ପ୍ରତ୍ୟେକ ଛାୟାଛନ୍ନତା, ପ୍ରତ୍ୟେକ ଯନ୍ତ୍ରଣା, ପ୍ରତ୍ୟେକ କଷ୍ଟଭୋଗକୁ କରେ ଦ୍ରବୀଭୂତ ! ତୁମେ କେବଳ ନିଜ ଅନ୍ତରର ଯଥେଷ୍ଟ ଗଭୀରକୁ ଯିବା ଲୋଡ଼ା ସେ ଆଭ୍ୟନ୍ତରୀଣ ସୂର୍ଯ୍ୟକୁ ଦେଖିବା ନିମନ୍ତେ, ତା' ଦ୍ୱାରା ପ୍ଳାବିତ ହେବା ନିମନ୍ତେ; ତେଣିକି ଥିବ କେବଳ ଏକ ସୁସଂହତ, ଦ୍ୟୁତିମାନ୍, ସୂର୍ଯ୍ୟାଲୋକିତ ହସ, ଯାହା ଯନ୍ତ୍ରଣାର ଛାୟାକୁ ମଧ୍ୟ ତିଷ୍ଠିବାକୁ ଦିଏ ନାହିଁ...

ଏବଂ ଏହି ସୂର୍ଯ୍ୟ, ଦିବ୍ୟହସର ଏହି ସୂର୍ଯ୍ୟହିଁ ଯାବତୀୟତାର କେନ୍ଦ୍ରରେ ଅବସ୍ଥିତ, ତାହାହିଁ ଯାବତୀୟତାର ସତ୍ୟ : ଆମେ ଜରୁର ତାକୁ ଦେଖିବାକୁ, ତାକୁ ଅନୁଭବ କରିବାକୁ ଏବଂ ତାକୁହିଁ ଆମ ଜୀବନରେ ପରିଣତ କରିବାକୁ ଶିଖିବା ।

ଏବଂ ସେଥିପାଇଁ ଜୀବନକୁ ଗୁରୁଗମ୍ଭୀରସର୍ବସ୍ୱ ଭାବେ ବିଚାରୁଥିବା ଲୋକଙ୍କଠାରୁ ଆମେ ଦୂରେଇ ରହିବା; ସେମାନେ ଭାରି କ୍ଳାନ୍ତିଦାୟୀ ମଣିଷ ।

(CWM 10. P. 156) – ଶ୍ରୀମା



# ସର୍ବୋତ୍ତମ ଆନନ୍ଦର ମାର୍ଗ

All renunciation is for a greater joy yet ungrasped. Some renounce for the joy of duty done, some for the joy of peace, some for the joy of God and some for the joy of self-torture, but renounce rather as a passage to the freedom and untroubled rapture beyond.

(Thoughts and Aphorisms) – Sri Aurobindo

ସବୁ ତ୍ୟାଗହିଁ ଅଦ୍ୟାବଧି ଅପ୍ରାପ୍ତ ଆନନ୍ଦ ପାଇଁ ଉଦ୍ଦିଷ୍ଟ । କେହି କେହି ତ୍ୟାଗ କରନ୍ତି କର୍ତ୍ତବ୍ୟ ତୁଲାଇବାର ଆନନ୍ଦ ସକାଶେ, କେହି କେହି ଶାନ୍ତିର ଆନନ୍ଦ ପାଇଁ, କିଏ ବା ତ୍ୟାଗ କରେ ଭଗବତ୍ ପ୍ରାପ୍ତିର ଆନନ୍ଦ ସକାଶେ, କେହି କେହି ବା ଆତ୍ମ-ପୀଡ଼ନର ଆନନ୍ଦ ପାଇଁ । କିନ୍ତୁ ବରଂ ତ୍ୟାଗ କର ମୁକ୍ତି ଏବଂ ଊର୍ଦ୍ଧ୍ୱସ୍ଥ ନିରଙ୍କୁଶ ଆନନ୍ଦୋଚ୍ଛ୍ୱାସର ମାର୍ଗ ଭାବରେ ତ୍ୟାଗକୁ ଗ୍ରହଣ କରି ।

— ଶ୍ରୀଅରବିନ୍ଦ



# ପ୍ରଭୁଙ୍କ ସହିତ ହସ

## ଶ୍ରୀମା

''କ'ଣ ! ଆଧ୍ୟାତ୍ମିକ ଅନୁଭୂତିର ବିଷୟ ରୂପେ କିପରି ତୁମେ ଏତେ କ୍ଷୁଦ୍ର ଆଉ ମାମୁଲି ବିଷୟସବୁକୁ ଗ୍ରହଣ କରିବ ?''– ଏହି ପ୍ରଶ୍ନ ପଚାରିବେ ଆଧ୍ୟାତ୍ମିକ ଜୀବନ ଅନୁସରଣ କରୁଛନ୍ତି ବୋଲି ଦାବି କରୁଥିବା ବ୍ୟକ୍ତିମାନେ । କିନ୍ତୁ ଏହି ଅଭିଜ୍ଞତାଟି (ମାନେ, ପ୍ରଭୁଙ୍କ ସହିତ ହସିବା ଅଭିଜ୍ଞତା) ମୋ ପାଖରେ ଅଧିକରୁ ଅଧିକ ବାସ୍ତବ ଓ ସତ୍ୟ ହୋଇ ଉଠିଛି, ଏପରିକି ଅଧିକ ଅଙ୍ଗେ ଲିଭାଇବାର ଅଭିଜ୍ଞତା ହୋଇ ଉଠିଛି । ଏହା ଠିକ୍ ନୁହେଁ ଯେ ''ଏପରି କିଛି ଜିନିଷ'' ଅଛି ଯାହା ଭିତରେ ଭଗବାନ୍ ଅଛନ୍ତି ଏବଂ ''ଏପରି କିଛି ଜିନିଷ'' ଅଛି ଯାହା ଭିତରେ ସେ ନାହାନ୍ତି । ପ୍ରଭୁ ସର୍ବଦା **ସର୍ବତ୍ର** ରହିଛନ୍ତି । ସେ କୌଣସି ବିଷୟକୁ ଗୁରୁତର ଭାବେ ନିଅନ୍ତି ନାହିଁ, ସବୁ କଥା ତାଙ୍କୁ ଆମୋଦ ଦିଏ ଏବଂ ତୁମେ ଯଦି ଖେଳି ଜାଣ, ତେବେ ସେ ତୁମ ସହିତ ମଧ୍ୟ ଖେଳିବେ । ତୁମେ କିନ୍ତୁ କିପରି ଖେଳିବାକୁ ହୁଏ ଜାଣ ନାହିଁ, ଲୋକେ ଖେଳି ଜାଣନ୍ତି ନାହିଁ । କିନ୍ତୁ ପ୍ରଭୁ କି ସୁନ୍ଦର ଭାବେ ଖେଳି ପାରନ୍ତି ! କି ଚମତ୍କାର ଖେଳ ସେ ନ ଖେଳନ୍ତି ! ସେ ସବୁ ସହିତ ଖେଳନ୍ତି, ଯେତେ ଛୋଟିଆ ହେଉ ପଛେ : ତା'ସଙ୍ଗେ ବି ସେ ଖେଳୁଥା'ନ୍ତି । ତୁମେ ତୁମ ଟେବୁଲ ଉପରେ ସବୁ ଜିନିଷ ଯଥାଯଥଭାବେ ସଜାଡ଼ି ରଖିଛ ? କେବେ ଭାବ ନାହିଁ ଯେ ତୁମେ ସବୁ କଥା ଠିକ୍ ଭାବରେ ଭାବିଚିନ୍ତି ସଜାଡ଼ି ରଖିବ । ନା – ଆମେ ଗୋଟିଏ ଜିନିଷ ଏଠି ରଖିଥିବା ଏବଂ ଆର ଜିନିଷଟିକୁ ଅନ୍ୟତ୍ର ରଖିଥିବା, ଏବଂ ଆଉ ଏକ ସମୟରେ ଆମେ ଦେଖିବା ଯେ, ଆମେ ଯେମିତି ସଜାଡ଼ିଥିଲୁ ତାହା ଆଉ ପ୍ରକାରେ ହୋଇ ଗଲାଣି ।... କି ଚମତ୍କାର ଖେଳ ଆଉ କୌତୁକ ତାଙ୍କର !!

ତେଣୁ ମାନିବାକୁ ହେବ ଯେ, ଆମେ କିପରି ପ୍ରଭୁଙ୍କ ସହିତ ହସିପାରିବା, ତାହା ଶିକ୍ଷା କରିବା ନିତାନ୍ତ ଉଚିତ ।

(The Great Adventure *A Diary for All Times* ପୁସ୍ତିକାରୁ)

*

ଆମକୁ ହସିବାକୁହିଁ ପଡ଼ିବ, ସର୍ବଦା ହସିବାକୁ ପଡ଼ିବ । ସ୍ୱୟଂ ପ୍ରଭୁ ସବୁବେଳେ ହସନ୍ତି, ସର୍ବଦାହିଁ ହସୁଥା'ନ୍ତି । ଏବଂ, ତାଙ୍କର ହସ ପ୍ରକୃତରେ କେଡ଼େ ସୁନ୍ଦର, କେଡ଼େ ସୁନ୍ଦର ନ ଦିଶେ, ପ୍ରେମ ଦ୍ୱାରା କେଡ଼େ ପରିପୂର୍ଣ୍ଣ ହୋଇ ରହି ନ ଥାଏ ! ହସି ପାରିବା ଦ୍ୱାରାହିଁ ତୁମେ ସର୍ବଦା ଏକ ଅସାଧାରଣ ମଧୁରତା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଅ ।

(CWM 11 : 56)

❑❑❑

# ସରସ ଜୀବନର ସନ୍ଦେଶ

ଚଳିତ ଗ୍ରୀଷ୍ମାବକାଶ ସଂଖ୍ୟା ''ନବପ୍ରକାଶ'' ପରିବେଷଣ କରୁଛି କେତୋଟି ସରସ କାହାଣୀ ।

ନିମ୍ନୋକ୍ତ କଥାଟି ଲିପିବଦ୍ଧ କରିଛନ୍ତି ଜଣେ ପରିବ୍ରାଜକ । ଏକଦା ସେ ରେଳଗାଡ଼ି ଯୋଗେ ବାରାଣସୀରୁ ଦିଲ୍ଲୀ ଯାତ୍ରା କରୁଥିଲେ । ତାଙ୍କ ଡବାରେ ଥିଲେ କେତେଜଣ ୟୁରୋପୀୟ ପର୍ଯ୍ୟଟକ । ସେମାନଙ୍କ ଭାରତୀୟ ଗାଇଡ୍‌କୁ ସେମାନେ ପଚାରିଲେ, ''ସାରନାଥଠାରେ ପ୍ରାଚୀନତମ ବୌଦ୍ଧକୀର୍ତ୍ତିସବୁ ଦେଖି ଆମ ମନକୁ ଏହି ପ୍ରଶ୍ନ ଆନ୍ଦୋଳିତ କରୁଛି – ଏକଦା ଭାରତରେ ବିପୁଳ ପ୍ରସାର ଲାଭ କରିଥିଲା ଯେଉଁ ବୌଦ୍ଧଧର୍ମ, ତାହା ଭାରତରୁ ପ୍ରାୟ ବିଲୁପ୍ତ ହୋଇଗଲା କିପରି ?''

ଗାଇଡ୍ ଯୁବକଟି ପରଷି ଦେଲେ ଚଟାପଟ୍ ଉତ୍ତର : ''ବ୍ରାହ୍ମଣମାନେ ବୌଦ୍ଧଭିକ୍ଷୁମାନଙ୍କ ଚୁଟି ଧରି ସେମାନଙ୍କୁ ଦେଶରୁ ତଡ଼ି ଦେଲେ ।''

ଲେଖକ ପରିବ୍ରାଜକ ଜଣକ ହସି ପକାଇଲେ । ପର୍ଯ୍ୟଟକମାନେ ତାଙ୍କ ହସର କାରଣ ପୁଚ୍ଛା କରନ୍ତେ ସେ କହିଲେ, ''ବୌଦ୍ଧଭିକ୍ଷୁମାନେ ଥିଲେ ମୁଣ୍ଡିତ ମସ୍ତକ; ଚୁଟି ପ୍ରସଙ୍ଗ ଶୁଣି ହସ ରୋକି ପାରିଲି ନାହିଁ ।'' ତତ୍ପରେ ପର୍ଯ୍ୟଟକମାନଙ୍କ ଜିଗର ଯୋଗୁଁ ସେ ବୁଝାଇଲେ, ''ବୌଦ୍ଧଧର୍ମ ଏକ ମହାନ ତତ୍ତ୍ୱ । କିନ୍ତୁ ତା'ର ମୂଳ ବକ୍ତବ୍ୟ ହେଲା ସାରାଜୀବନ ଦୁଃଖମୟ । ଭାରତର ଆଦି ଦର୍ଶନ ବେଦାନ୍ତ କହେ, ଆନନ୍ଦହିଁ ସମଗ୍ର ସୃଷ୍ଟିର ଭିତ୍ତି । ସମ୍ରାଟ ଅଶୋକଙ୍କ ଆନୁକୂଲ୍ୟରେ ବୌଦ୍ଧ ଧର୍ମ ବ୍ୟାପକ ଭାବେ ପ୍ରଚାରିତ ହେଲା, କିନ୍ତୁ ଭାରତର ଆତ୍ମା ତାକୁ ସ୍ଥାୟୀ ସ୍ୱୀକୃତି ଦେଲା ନାହିଁ । ବୌଦ୍ଧବାଦର ବହୁ ଶିକ୍ଷା ଓ ଶୃଙ୍ଖଳା ଏକ ଏକ ଅବିସମ୍ବାଦିତ ଆଦର୍ଶ ହେବା ସତ୍ତ୍ୱେ ତା'ର ମୂଳ ବକ୍ତବ୍ୟର ପ୍ରତ୍ୟାଖ୍ୟାନ ଯୋଗୁଁ ତାହା କ୍ରମେ କେବଳ ମାତ୍ର ଇତିହାସ ହୋଇ ରହିଲା ।''

ଆମ ସାଧାରଣ ଜ୍ଞାନ କହେ, କେହି ଦୁଃଖ ପାଇବା ନିମନ୍ତେ କୌଣସି କାର୍ଯ୍ୟ ଆରମ୍ଭ କରେ ନାହିଁ । ଏ ବିଶ୍ୱ, ଏ ଜୀବନର ସ୍ରଷ୍ଟା ମଧ୍ୟ ଦୁଃଖ ଭୋଗିବା ବା ଭୋଗାଇବା ନିମନ୍ତେ ଏ ସୃଜନରେ ହାତ ଦେଇ ନଥିବେ । କିନ୍ତୁ ଏ ସୃଷ୍ଟି, ଆମର ଏ ଜୀବନ, ଏ ଯାବତୀୟତା ଅଜ୍ଞାନରେ ନିମଜ୍ଜିତ । ଅଜ୍ଞାନର କାରଣ ସ୍ରଷ୍ଟାଠୁଁ ଆମର ବିଚ୍ଛେଦ; ଅଜ୍ଞାନର ଫଳ ଦୁଃଖ । ସ୍ରଷ୍ଟା ସହ ଆମ ସମ୍ପର୍କ ସ୍ଥାପିତ ହେଲେ ଅଜ୍ଞାନ ଉଭେଇଯିବ । ଅଜ୍ଞାନ ଉଭେଇ ଗଲେ ଦୁଃଖର ଅବସାନ ହେବ । ଦୁଃଖଦ ଘଟଣା ଘଟିଲେ ମଧ୍ୟ ତାହା ଆମକୁ ଦୁଃଖୀ କରିବ ନାହିଁ । ଆମ ଚେତନାରେ ତା'ର ତାତ୍ପର୍ଯ୍ୟ ହେବ ଭିନ୍ନ ।

ଏ ସଂଖ୍ୟାରେ ଜୀବନରେ ସରସତାର ଭୂମିକା ସମ୍ପର୍କରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ବକ୍ତବ୍ୟରୁ କେତୋଟି ଉଦ୍ଧୃତି ଦିଆଯାଇଛି । ସେସବୁ ଉପରେ ମନୋନିବେଶ କଲେ ଜୀବନ ପ୍ରତି ଆମ ଆଭିମୁଖ୍ୟ ବଦଳିଯିବ । ଅଜ୍ଞାନ ଜନିତ ଭୁଲ୍-ଭ୍ରାନ୍ତି ଯୋଗୁଁ ସନ୍ତାପରେ କାଳକ୍ଷେପଣ ନକରି ଆମକୁ ଭଗବାନଙ୍କ ଆନନ୍ଦ ଆବିଷ୍କାର କରିବା ନିମନ୍ତେ ଅଭୀପ୍ସା ପୋଷଣ କରିବାକୁ ଆହ୍ୱାନ ଦିଆଯାଇଛି । ଆମେ ଯଦି ଆଧ୍ୟାତ୍ମିକ ପ୍ରଗତି ସକାଶେ ଉନ୍ମୁଖ ହେବା, ଅର୍ଥାତ୍ ଦିବ୍ୟଶକ୍ତି ପାଖରେ ଆତ୍ମସମର୍ପଣ କରିବା, ତେବେ ଆମର ସମସ୍ତ ଗ୍ଳାନିମୟ କୃତକର୍ମର ଫଳରୁ ମୁକ୍ତି ଦେବ ଦିବ୍ୟକରୁଣା । ଏକଥା ଗୀତାରେ ମଧ୍ୟ କୁହାଯାଇଛି ବହୁ ପୂର୍ବରୁ ।

ସେଭଳି ଆସ୍ପୃହା ବଳେ ବଳେ ଆମ ଭିତରେ ଥିବା ବହୁ ପ୍ରକାରର ଭ୍ରାନ୍ତ, ଉଦ୍‌ଭ୍ରାନ୍ତ ମୂଲ୍ୟବୋଧ ବଦଳାଇ ଦେବ । ଜୀବନର ପ୍ରକୃତ ଉଦ୍ଦେଶ୍ୟ ସ୍ମରଣରେ ରଖିଲେ ଗ୍ଳାନିକର କର୍ମରୁ ଆମେ ଆପଣାଛାଏଁ ଦୂରେଇ ରହିବା । ଜୀବନ ହେବ ସରସ ଓ ସୁନ୍ଦର ।

❑❑❑

# ପ୍ରଫୁଲ୍ଲତା

## ଶ୍ରୀମା

ଏକ ବୃଷ୍ଟି ପ୍ରଧାନ ଦେଶର ଗୋଟିଏ ବିରାଟ ସହର । ଦିନେ ଉପରବେଳା ସେଠାରେ ସାତ-ଆଠଟି ଗାଡ଼ିରେ ବାଳକ-ବାଳିକାମାନେ ଭରିଯାଇଥିବାର ମୁଁ ଦେଖିଲି । ସେମାନଙ୍କୁ ଗ୍ରାମାଞ୍ଚଳର ଖୋଲା ଘାସ ପଡ଼ିଆରେ ଖେଳାବୁଲା କରିବାକୁ ସକାଳବେଳା ନିଆଯାଇଥିଲା, କିନ୍ତୁ ଦୁର୍ଯୋଗବଶତଃ ଖରାପ ପାଗ ଯୋଗୁଁ ସେମାନେ ବର୍ଷା ମଧ୍ୟଦେଇ ବାଧ୍ୟହୋଇ ଖୁବ୍ ଶୀଘ୍ର ଫେରିଆସିଲେ ।

ଏହାସତ୍ତ୍ୱେ ସେମାନେ ଗୀତ ଗାଉଥିଲେ, ହସୁଥିଲେ ଏବଂ ପଥ ମଧ୍ୟରେ ପଥିକମାନଙ୍କୁ ଆନନ୍ଦରେ ଅଭିବାଦନ ଜଣାଉଥିଲେ ।

ଏହି ଅପ୍ରୀତିକର ବର୍ଷା ପାଗରେ ମଧ୍ୟ ସେମାନେ ପ୍ରଫୁଲ୍ଲତାକୁ ବଜାୟ ରଖିଥିଲେ । ସେମାନଙ୍କ ଦଳରୁ ଯଦି କେହି ଜଣେ ବିମର୍ଷ ଦେଖାଯାଉଥିଲା, ତେବେ ଅନ୍ୟମାନେ ଗୀତ ଗାଇ ତାକୁ ଉତ୍ସାହିତ କରୁଥିଲେ । ବାଳକ-ବାଳିକାମାନଙ୍କର ଏହି ହାସ୍ୟରୋଳ ଶୁଣି କାର୍ଯ୍ୟତତ୍ପର ପଥିକମାନେ ସତେ ଯେପରି ଅନୁଭବ କରୁଥିଲେ ଯେ ସେହି ମୁହୂର୍ତ୍ତରେ ଆକାଶର ମେଘାଚ୍ଛନ୍ନତା କିଞ୍ଚିତ୍ ଦୂର ହୋଇଯାଉଥିଲା ।

❖

ଅମିର ଥିଲେ ଖୋରାସାନ ରାଜ୍ୟର ଯୁବରାଜ । ସମ୍ପତ୍ତିର ପ୍ରାଚୁର୍ଯ୍ୟ ମଧ୍ୟରେ ସେ ଜୀବନଯାପନ କରୁଥିଲେ । ସେ ଯେତେବେଳେ ଯୁଦ୍ଧଯାତ୍ରା ଆରମ୍ଭ କରୁଥିଲେ ସେତେବେଳେ କେବଳ ତାଙ୍କର ରନ୍ଧନର ଆବଶ୍ୟକ ପଦାର୍ଥ : ରନ୍ଧନପାତ୍ର, କଡ଼େଇ, ଥାଳି, ଗିନା ଓ ଖାଦ୍ୟଦ୍ରବ୍ୟ ବୋହିବା ନିମିତ୍ତ ତିନିଶହ ଓଟ ଆବଶ୍ୟକ ହେଉଥିଲେ ।

ଦିନେ ଦୁର୍ଯୋଗବଶତଃ ସେ ଖଲିଫା ଇସ୍‌ମାଇଲ୍‌ଙ୍କ ଦ୍ୱାରା ବନ୍ଦୀ ହେଲେ । କିନ୍ତୁ ମନୁଷ୍ୟ ଦୁର୍ଭାଗ୍ୟରେ ପଡ଼ିଲେ ମଧ୍ୟ କ୍ଷୁଧା କବଳରୁ ରକ୍ଷା ପାଇପାରେ ନାହିଁ । ତେଣୁ ପାଖରେ ଥିବା ଉତ୍ତମ ପୂଝାରୀଟିକୁ ସେ ତାଙ୍କ ପାଇଁ କିଛି ଖାଦ୍ୟ ପ୍ରସ୍ତୁତ କରିବାକୁ କହିଲେ ।

ପୂଝାରୀ ପାଖରେ କେବଳ ଟୁକୁଡ଼ାଏ ମାଂସ ଥିଲା । ସେ ତାହା ଗୋଟିଏ ପାତ୍ରରେ ଥୋଇ ନିଆଁ ଉପରେ ସଜାଡ଼ି ରଖିଲା । ତା'ପରେ ତାକୁ ଅଧିକ ସୁସ୍ୱାଦୁ କରିବା ପାଇଁ ସେ କିଛି ପରିବା ଖୋଜି ଆଣିବାକୁ ଚାଲିଗଲା ।

ସେହି ପାଖଦେଇ ଗୋଟିଏ କୁକୁର ଯାଉଥିଲା । ମାଂସର ଗନ୍ଧ ପାଇ କୁକୁରଟି ରନ୍ଧନପାତ୍ରରେ ମୁହଁ ପୂରାଇଦେଲା । ସଙ୍ଗେ ସଙ୍ଗେ ନିଆଁର ଉତ୍ତାପ ପାଇ ସେ ତା'ର ମୁହଁ ବାହାର କରିଆଣିବାକୁ ଚାହିଁଲା, କିନ୍ତୁ ତା'ର ମୁହଁଟି ପାତ୍ରଟିରେ ଏଭଳି ଅଖଞ୍ଚରେ ଭର୍ତ୍ତି ହୋଇଯାଇଥିଲା ଯେ ତହିଁରୁ ମୁହଁ କାଢ଼ିଆଣି ନ ପାରି ସେହିପରି ଅବସ୍ଥାରେ ପାତ୍ର ସହ ବିକଳରେ ଦଉଡ଼ି ଦଉଡ଼ି ପଳାଇଲା ।

ଅମିର ଏହା ଦେଖି ଖୁବ୍ ଜୋର୍‌ରେ ଅସମ୍ଭାଳ ହୋଇ ହସିବାକୁ ଲାଗିଲେ ।

ତାଙ୍କୁ ପହରାଦେବା କାର୍ଯ୍ୟରେ ଥିବା କର୍ମଚାରୀଜଣକ ପଚାରିଲା, ''ଆପଣଙ୍କର ଦୁଃଖ କରିବାର ସମସ୍ତ କାରଣ ଥିବା ସତ୍ତ୍ୱେ ଆପଣ ହସୁଛନ୍ତି କିପରି ?''

ତମ୍ବୁ ମଧ୍ୟରୁ ଜୋର୍‌ରେ ଲମ୍ଫ ଦେଇ ପଳାଉଥିବା କୁକୁରଟିକୁ ଦେଖାଇ ସେ କହିଲେ, ''ମୁଁ ଏହା ଭାବି ହସୁଛି ଯେ ଆଜି ସକାଳେ ତିନି ଶହ ଓଟ ମୋର ରନ୍ଧନ ସାମଗ୍ରୀ ବୋହି ଆଣିପାରୁ ନ ଥିଲେ, କିନ୍ତୁ ବର୍ତ୍ତମାନ ଗୋଟିଏ କୁକୁର ତାହା ଅକ୍ଳେଶରେ ବୋହି ନେଇପାରୁଛି ।''

ଅମିରଙ୍କର ହସକୌତୁକରେ ରହିବା ପାଇଁ ଖୁବ୍ ଆଗ୍ରହ ଥିଲା ଯଦିଓ ଅନ୍ୟମାନଙ୍କୁ ସେ କେବେହେଲେ ହସାଇବାକୁ ଯାଉ ନ ଥିଲେ । ଯାହାହେଉ, ତାଙ୍କର ସର୍ବଦା ଏଇ ପ୍ରଫୁଲ୍ଲତା ଭାବ ସକାଶେ ଆମେ ତାଙ୍କୁ ଯଥାର୍ଥ ସମ୍ମାନ ଦେବା ଉଚିତ । ସେ ଯଦି ଏପରି ଭୀଷଣ ବିପଦବେଳେ ହସକୌତୁକ କରିପାରିଲେ, ତେବେ ଆମେ କ'ଣ ତହିଁରୁ କମ୍ ବିପଦବେଳେ ହସିବାକୁ ଅକ୍ଷମ ହେବା ?

❖

ପାରସ୍ୟ ଦେଶର ଗୋଟିଏ ସ୍ତ୍ରୀଲୋକର ମହୁ ବିକ୍ରୟ କରିବା ପେସା ଥିଲା । ତା'ର ଭଦ୍ର ବ୍ୟବହାର ଯୋଗୁଁ ତା'ର ଦୋକାନ ଚାରିପାଖେ କ୍ରେତାମାନଙ୍କର ଖୁବ୍ ଗହଳି ହେଉଥିଲା । ଯେଉଁ କବି ଆମମାନଙ୍କୁ ଏ ଗଳ୍ପଟି କହିଛନ୍ତି, ସେ ଲେଖିଛନ୍ତି

ଯେ ସ୍ତ୍ରୀଲୋକଟି ଯଦି ବିଷ ବିକ୍ରି କରନ୍ତା, ତେବେ ବି ଲୋକେ ତାକୁ ମହୁ ଭଳି କିଣିବାକୁ ଆସନ୍ତେ ।

ଜଣେ ରୁକ୍ଷପ୍ରକୃତିର ଲୋକ ସେହି ସ୍ତ୍ରୀଲୋକଟିର ପ୍ରଚୁର ଲାଭ ହେଉଥିବା ଦେଖି ଭାବିଲା ଯେ ସେ ମଧ ସେହି ବ୍ୟବସାୟ କରିବ । ସେ ଗୋଟିଏ ଦୋକାନ ବସାଇଲା କିନ୍ତୁ ମଧୁପାତ୍ରଗୁଡ଼ିକ ପଛରେ ତା'ର ମୁଖ ସେଭଳି ହସ ହସ ଦେଖାଯାଉ ନ ଥିଲା । ଯେଉଁମାନେ ତା' ଦୋକାନକୁ ଆସିଲେ ସେମାନଙ୍କୁ ସେ ଶୁଷ୍କ ଓ ରୁକ୍ଷ ଭାବ ଦେଖାଇଲା । ତେଣୁ ସମସ୍ତେ ତାକୁ ତା' ପସରା ପାଖରେ ଏକାକୀ ଛାଡ଼ି ଚାଲି ଯାଉଥିଲେ । କବିଙ୍କ ଭାଷାରେ – ''ମାଛି ମଧ ତା'ର ମହୁ ଉପରେ ବସିବାକୁ ସାହସ କରୁ ନ ଥିଲା ।'' ସନ୍ଧ୍ୟା ସମୟରେ ସେ ଦେଖେ ଯେ ତା'ର କିଛିହେଲେ ବିକ୍ରି ହୋଇ ନାହିଁ । ତାହା ଦେଖି ଜଣେ ସ୍ତ୍ରୀଲୋକ ତା'ର ସ୍ୱାମୀକୁ କହିଲା, 'ଲୋକଟାର ମୁଖର ତିକ୍ତ ଭାବ ଦ୍ୱାରା ମହୁ ମଧ ତିକ୍ତ ହୋଇଯାଉଛି ।''

ସେହି ମହୁ ବିକୁଥିବା ସ୍ତ୍ରୀଲୋକଟିର ମୁଖରେ ହସ ଦେଖାଯାଉଥିବାର କାରଣ କ'ଣ କେବଳ କ୍ରେତାମାନଙ୍କୁ ଆକୃଷ୍ଟ କରିବା ନିମିତ୍ତ ? ଆମେ ବରଂ ଭାବିବା ଉଚିତ ଯେ ତାହା ତା'ର ଉତ୍ତମ ସ୍ୱଭାବର ପରିଚୟ । ଆମେ ଏ ଦୁନିଆକୁ କେବଳ ବିକାକିଣା କରିବାକୁ ଆସି ନାହୁଁ । ଏଠାରେ ଆମକୁ ପରସ୍ପର ମଧରେ ବନ୍ଧୁତା ରକ୍ଷା କରିବାକୁ ହେବ । ସେହି ମଧୁରସ୍ୱଭାବୀ ସ୍ତ୍ରୀଲୋକଟିର ଗ୍ରାହକମାନେ ତାକୁ କେବଳ ମହୁବିକ୍ରେତା ଅପେକ୍ଷା ଅଧିକ କିଛି ବୋଲି ଭାବୁଥିଲେ । ବାସ୍ତବିକ, ସେ ଥିଲା ବିଶ୍ୱର ଏକ ପ୍ରଫୁଲ୍ଲମନା ଅଧିବାସୀ ।

❖

ନିମ୍ନରେ ଯେଉଁ ଘଟଣାଗୁଡ଼ିକ ମୁଁ ତୁମମାନଙ୍କୁ କହିବାକୁ ଯାଉଛି, ତହିଁରୁ ଜାଣିହେବ ଯେ ପ୍ରଫୁଲ୍ଲ ମନୋଭାବ କିପରି ଉଚ୍ଛଳ ଝରଣାର ଜଳ ପରି ଉତ୍ସାରିତ ହୁଏ । ଯାହାଙ୍କ ସମ୍ବନ୍ଧରେ ଏ ଗଳ୍ପ କୁହାଯିବ ସେ ବ୍ୟବସାୟରେ ଲାଭକରିବା କିଂବା କ୍ରେତାମାନଙ୍କୁ ଆକୃଷ୍ଟ କରିବାର ଇଚ୍ଛା ରଖି କୌଣସି କାମ କରୁ ନ ଥିଲେ, ସେ ମହିମମୟ ଶ୍ରୀରାମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି ।

ଦଶାନନ ଓ ବିଂଶପାଣି ରାବଣକୁ ସେ ଯୁଦ୍ଧରେ ବଧ କରିଥିଲେ । ଏ ଗଳ୍ପ ସମ୍ବନ୍ଧରେ ମୁଁ ଆଗରୁ ସୂଚନା ଦେଇସାରିଛି । ସେହି ଯୁଦ୍ଧ ଅତି ଭୟଙ୍କର ଥିଲା । ହଜାର ହଜାର ବାନର ଓ ଭଲ୍ଲୁକ ରାମଚନ୍ଦ୍ରଙ୍କ ପାଇଁ ପ୍ରାଣ ଦେଇଥିଲେ । ଶତ୍ରୁପକ୍ଷର ଅସୁରମାନଙ୍କ ଶବଗୁଡ଼ିକ ମଧ ଗୋଟିଏ ପରେ ଗୋଟିଏ ପଡ଼ି ସ୍ତୂପାକାର ଧାରଣ କରିଥିଲା । ରାକ୍ଷସରାଜ ରାବଣ ମଧ ଭୂମି ଉପରେ ନିର୍ଜୀବ ହୋଇ ପଡ଼ିଗଲା, କିନ୍ତୁ ତାକୁ ବଧକରିବା କି କଷ୍ଟକର ବ୍ୟାପାର ଥିଲା ! ତା'ର ଦଶଟା ମୁଣ୍ଡ ଓ କୋଡ଼ିଏଟା ହାତ ଗୋଟିଏ ପରେ ଗୋଟାଏ କଟାହୋଇ ଯାଉଥିଲା, କିନ୍ତୁ ଗୋଟିଏ କଟିଯିବା ପରେ, ତା' ସ୍ଥାନରେ ସଙ୍ଗେ ସଙ୍ଗେ ଅନ୍ୟ ଗୋଟିଏ ଦେଖା ଯାଉଥାଏ । ଏହିପରି ବହୁବାର କଟାଯିବା ପରେ ବୋଧହେଲା ସତେ ଯେପରି ହାତ, ମୁଣ୍ଡସବୁ ଆକାଶରୁ ବୃଷ୍ଟି ହୋଇ ପଡୁଛି !

ଏହି ଭୟଙ୍କର ଯୁଦ୍ଧର ଅବସାନ ହେଲାପରେ ସମସ୍ତ ମୃତ ବାନର ଓ ଭଲ୍ଲୁକ ପୁନର୍ଜୀବନ ଲାଭ କରିଥିଲେ ଏବଂ ସେମାନେ ଏକ ବିରାଟ ସେନାବାହିନୀ ପରି ଆଦେଶକୁ ଅପେକ୍ଷା କରି ଛିଡ଼ା ହୋଇଗଲେ ।

ଭଗବାନ୍ ରାମଚନ୍ଦ୍ର ଯୁଦ୍ଧରେ ବିଜୟ ପରେ ମଧ ଧୀର-ସ୍ଥିର ଓ ଶାନ୍ତ ଥିଲେ ଏବଂ ବିଶ୍ୱସ୍ତ ବନ୍ଧୁମାନଙ୍କ ଉପରେ ତାଙ୍କର ଦୟାପୂର୍ଣ୍ଣ ଦୃଷ୍ଟି ପଡ଼ିଥିଲା ।

ଏହାପରେ ବିଭୀଷଣ ରାବଣର ସିଂହାସନର ଉତ୍ତରାଧିକାରୀ ହେଲେ । ଯେଉଁ ବୀରମାନେ ବୀରତ୍ୱର ସହ ଯୁଦ୍ଧ କରିଥିଲେ, ସେମାନଙ୍କ ପାଇଁ ସେ ମଣିମାଣିକ୍ୟ ଓ ମୂଲ୍ୟବାନ୍ ଜାକଜମକିଆ ପୋଷାକସବୁ ରଥରେ ବୋଝାଇ କରି ଆଣିଲେ ।

ରାମଚନ୍ଦ୍ର କହିଲେ, ''ବନ୍ଧୁ ବିଭୀଷଣ ! ଶୁଣ, ତୁମେ ଆକାଶକୁ ଉଠିଯାଇ ସେମାନଙ୍କ ମଧରେ ସମସ୍ତ ଉପହାର ବିଞ୍ଚାଡ଼ି ଦିଅ ।''

ରାମଚନ୍ଦ୍ରଙ୍କ କହିବା ଅନୁଯାୟୀ ବିଭୀଷଣ ତାହାହିଁ କଲେ । ରଥକୁ ଆକାଶରେ ଊର୍ଦ୍ଧ୍ୱକୁ ଉଠାଇନେଇ ସେଠାରୁ ସେ ଉଜ୍ଜ୍ୱଳ ମଣିମାଣିକ୍ୟ ଏବଂ ବିଭିନ୍ନ ରଙ୍ଗର ଅତି ସୁନ୍ଦର ମୂଲ୍ୟବାନ୍ ପୋଷାକସବୁ ତଳକୁ ବିଞ୍ଚାଡ଼ିଦେଲେ ।

ବାନର ଓ ଭଲ୍ଲୁକଗଣ ଆକାଶରୁ ପଡୁଥିବା ଧନରତ୍ନସବୁ ଲୋଭରେ ଆହରଣ କରିବା ପାଇଁ ଜୋର୍‌ରେ ଧାଇଁଲେ; ଗୋଟିକ ଉପରେ ଗୋଟିଏ ଗଡ଼ାଗଡ଼ି ହୋଇ ଆନନ୍ଦରେ ସେମାନେ ଠେଲାଠେଲି ହେବାକୁ ଲାଗିଲେ । ଏହି କୌତୂହଳ ଦେଖି ରାମଚନ୍ଦ୍ର ହସିଥିଲେ । ତାଙ୍କ ପତ୍ନୀ ସୀତାଦେବୀ ଏବଂ ଭ୍ରାତା ଲକ୍ଷ୍ମଣ ମଧ ତାଙ୍କ ସହ ହସିବାକୁ ଲାଗିଲେ ।

କେବଳ ବୀର-ହୃଦୟ ଥିବା ବ୍ୟକ୍ତିମାନେହିଁ ଏପରିଭାବେ ହସିପାରନ୍ତି । ସରଳ ଏବଂ ଆନ୍ତରିକ ପ୍ରଫୁଲ୍ଲତା ବ୍ୟତୀତ ସହୃଦୟତାର ଅନ୍ୟକିଛି ଉତ୍କୃଷ୍ଟତର ଦୃଷ୍ଟାନ୍ତ ନାହିଁ । 'ସହୃଦୟତା' ଓ 'ସାହସ' ଏକହିଁ ଉତ୍ସରୁ ଉଦ୍ଭୂତ । ଯେଉଁ ପ୍ରଫୁଲ୍ଲତା ବିପଦ ସମୟରେ ହୃଦୟ ମଧ୍ୟରୁ ଉତ୍ସାରିତ ହୁଏ ତାହା ବାସ୍ତବତଃ ଏକପ୍ରକାର ସାହସ ଭଳି କାର୍ଯ୍ୟକରେ ।

ଅବଶ୍ୟ ସର୍ବଦା ଯେ ହସିବାକୁ ହେବ ତାହା ନୁହେଁ, କିନ୍ତୁ ଏକ ଜୀବନ୍ତ ଉତ୍ସାହ, ପ୍ରଶାନ୍ତି ଓ ହାସ୍ୟରସ କେବେହେଁ କୌଣସି ସ୍ଥଳରେ ଅତିରିକ୍ତ ବୋଲି ମନେହୁଏ ନାହିଁ । ଏହି ପ୍ରଫୁଲ୍ଲତା ଦ୍ୱାରା କ'ଣ କରାଯାଇ ନ ପାରେ ! ଏହାଦ୍ୱାରା ମା' ତା'ର ସନ୍ତାନସନ୍ତତିମାନଙ୍କ ପାଇଁ ଗୃହକୁ ଆନନ୍ଦମୟ କରିପାରେ, ଶୁଶ୍ରୂଷାକାରିଣୀ ରୋଗୀର ରୋଗକୁ ଶୀଘ୍ର ବିଦୂରିତ କରିପାରେ, ପ୍ରଭୁ ତା'ର ଭୃତ୍ୟର କର୍ମଭାରକୁ ଲାଘବ କରିପାରେ, କର୍ମୀ ତା'ର ସହକର୍ମୀମାନଙ୍କ ମଧ୍ୟରେ ସଦିଚ୍ଛା ଅନୁପ୍ରେରିତ କରାଇପାରେ, କଠିନ ପଥ ମଧ୍ୟରେ ଯାତ୍ରୀ ସହଯାତ୍ରୀଙ୍କୁ ସାହସ ଦେଇପାରେ ଏବଂ ନାଗରିକ ଦେଶବାସୀଙ୍କର ହୃଦୟର ଆଶାକୁ ଜୀବନ୍ତ ରଖିପାରେ ।

ହେ ସୁଖୀ ବାଳକ-ବାଳିକାଗଣ, ତୁମେମାନେ ଯଦି ପ୍ରଫୁଲ୍ଲମନା ହୁଅ, ତେବେ କ'ଣ କରି ନ ପାରିବ ?

(Ref : C.W.M. Vol. II, p. 189-192) ❑

ଲୋକେ ଯଦି ଜୀବନକୁ କମ୍ ଗୁରୁଗାମ୍ଭୀର୍ଯ୍ୟଭରା ଭାବରେ ଗ୍ରହଣ କରନ୍ତେ, ତେବେ ସେମାନେ ଯଥା ଶୀଘ୍ର ତାକୁ ଅଧିକ ସର୍ବସଂହତ କରିପାରନ୍ତେ । ଭଗବାନ୍ କଦାଚ ତାଙ୍କ କର୍ମକୁ ଗୁରୁଗାମ୍ଭୀର୍ଯ୍ୟମୟ ଭାବରେ ଦେଖନ୍ତି ନାହିଁ; ସେଥିଯୋଗୁଁହିଁ ଜଣେ ଦେଖିପାରେ ଏ ବୈଭବ-ବିଚିତ୍ର ବ୍ରହ୍ମାଣ୍ଡ ।

(CWSA Vol. 12, p. 432) — ଶ୍ରୀଅରବିନ୍ଦ

*

ଯେମିତି ବାତାବରଣ ଗାମ୍ଭୀର୍ଯ୍ୟମୟ ହୋଇ ଉଠିବ, ତୁମେ ନିଶ୍ଚିତ ହୋଇପାର ଯେ ବେଠିକ୍ କିଛି ଗୋଟାଏ ଘଟିଛି, କିଛି ଅସ୍ୱସ୍ତିକର ପ୍ରଭାବ କାମ କରୁଛି, କୌଣସି ପୁରୁଣା ଅଭ୍ୟାସ ପୁନର୍ବାର ନିଜକୁ ଜାହିର କରିବାକୁ ଚେଷ୍ଟିତ, ଯାହା ଗ୍ରହଣ କରିନେବା ଅନୁଚିତ । ଏହିସବୁ ପଶ୍ଚାତ୍ତାପ, ଏହିସବୁ ଅନୁଶୋଚନା, ଅଯୋଗ୍ୟମନ୍ୟତା, ଆଉ ତା'ପରେ ଧାପେ ଆଗକୁ ବଢ଼ିଲେ ତୁମକୁ ଲାଗେ ଯେଉଁ ପାପବୋଧର ଗ୍ଲାନି । ଓଃ ! ଏସବୁ ଭିନ୍ନ ଏକ ଯୁଗର, ଏକ ଅନ୍ଧକାର ଯୁଗର ବୋଲି ମୋର ମନେହୁଏ...

ଅତଏବ, ଏହା ସ୍ୱୀକୃତ, ଭଗବାନଙ୍କ ସହ କେମିତି ହସିବା, ସେତକ ଶିଖିବା ସକାଶେ ଆମେ ପ୍ରୟାସ କରିବା ।

(CWM Vol. 10, p. 156-57) — ଶ୍ରୀମା

*

ଖୁବ୍ ଉନ୍ନତ ବିକଶିତ ଚେତନାବନ୍ତ ବ୍ୟକ୍ତିମାନଙ୍କର ହାସ୍ୟରସବୋଧ ନଥିବ କିଂବା ଏ ବୋଧ ନଥିବା ସତ୍ତ୍ୱେ ଜଣେ ବ୍ୟକ୍ତିକୁ କିପରି ସମ୍ପୂର୍ଣ୍ଣାଙ୍ଗ ବୋଲି କୁହାଯାଇ ପାରିବ, ମୁଁ ସେ ବିଷୟରେ ଅବହିତ ନୁହେଁ । ''ବେପରୁଆ ଲଘୁତା'' କେବଳମାତ୍ର ନିରର୍ଥକ ଚପଳତା ପ୍ରତି ପ୍ରଯୁଜ୍ୟ ଯାହା ପଛରେ କୌଣସି ସାରବତ୍ତା ନଥିବ । ପ୍ରଜ୍ଞା ଅବଶ୍ୟ କଡ଼ା ଗାମ୍ଭୀର୍ଯ୍ୟମୟ ଏବଂ ସ୍ମିତହସ ବର୍ଜିତ ହୋଇଥିବ — ଏମିତି କିଛି କାନୁନ ନାହିଁ ।

(CWSA Vol. 31, p. 174) — ଶ୍ରୀଅରବିନ୍ଦ

# ଆଲିପୁର କାରାଗୃହ

## (ଶ୍ରୀଅରବିନ୍ଦଙ୍କ ରଚିତ 'କାରାକାହାଣୀ'ରୁ କିଛି ଆମୋଦପ୍ରଦ ବ୍ୟଙ୍ଗ୍ୟାତ୍ମକ ବର୍ଣ୍ଣନା)

ମୋର ନିର୍ଜନ କାରାଗୃହଟିର ଦୈର୍ଘ୍ୟ ନଅ ଫୁଟ ଓ ପ୍ରସ୍ଥ ପାଞ୍ଚ, ଛଅ ଫୁଟ ଥିଲା; ଏହାର ଝରକା ନ ଥିଲା, ସମ୍ମୁଖଭାଗରେ ଥିଲା ଲୁହାଛଡ଼ ନିର୍ମିତ ଦରଜା । ଏହି ପିଞ୍ଜରାହିଁ ମୋର ନିର୍ଦ୍ଦିଷ୍ଟ ବାସସ୍ଥାନ ହେଲା । କୋଠରିର ବାହାରେ ଗୋଟିଏ ଛୋଟ ଅଗଣା, ପଥରର ଚଟାଣ, ଇଟାର ଉଚ୍ଚ କାନ୍ଥ, ସାମନାରେ କାଠର ଦରଜା । ସେହି ଦରଜା ଉପରେ ମନୁଷ୍ୟର ଚକ୍ଷୁ ସମାନ ଉଚ୍ଚତାରେ କ୍ଷୁଦ୍ର ଗୋଲାକାର ରନ୍ଧ୍ର, ଦରଜା ବନ୍ଦ ହୋଇଥିଲେ କାରାରକ୍ଷୀ  ବେଳେ ବେଳେ ଏହି ରନ୍ଧ୍ରରେ ଚକ୍ଷୁ ଲଗାଇ ବନ୍ଦୀ କ'ଣ କରୁଛି ଦେଖେ । କିନ୍ତୁ ମୋର ଅଗଣାର ଦରଜା ପ୍ରାୟ ଖୋଲାଥାଏ । ଏହିପରି ପାଖାପାଖି ଛଅଟି କୋଠରି, ସେଗୁଡ଼ିକୁ ଛଅ ଡିକ୍ରୀ କୁହାଯାଉଥିଲା । ଡିକ୍ରୀର ଅର୍ଥ ବିଶେଷ ଦଣ୍ଡ ବିଧାନର କୋଠରି – ବିଚାରପତି ଅଥବା ଜେଲ୍‌ର ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଦେଶରେ ଯେଉଁମାନଙ୍କ ପାଇଁ ନିର୍ଜନ କାରାବାସର ଦଣ୍ଡ ନିର୍ଦ୍ଧାରିତ ହୁଏ, ସେହିମାନଙ୍କୁହିଁ ଏହି କ୍ଷୁଦ୍ର କ୍ଷୁଦ୍ର ଗହ୍ୱରରେ ବାସ କରିବାକୁ ହୁଏ । ଏହି ନିର୍ଜନ କାରାବାସରେ ମଧ୍ୟ କମ୍ ବେଶୀ ଅଛି । ଯେଉଁମାନଙ୍କ ପାଇଁ ବିଶେଷ ଦଣ୍ଡ ବିଧାନ ହୁଏ, ସେମାନଙ୍କ ଅଗଣାର ଦରଜା ବନ୍ଦ ରହେ । ମନୁଷ୍ୟ ସଂସାରରୁ ସଂପୂର୍ଣ୍ଣ ବଞ୍ଚିତ ହୋଇ କାରାରକ୍ଷୀର ଚକ୍ଷୁ ଓ ପରିବେଷଣକାରୀ ବନ୍ଦୀର ଦୁଇଥର ଆଗମନ ତାହାର ବାହ୍ୟ ଜଗତ୍ ସହିତ ଏକମାତ୍ର ସମ୍ବନ୍ଧ । ମୋ ଅପେକ୍ଷା ହେମଚନ୍ଦ୍ର ଦାସ, ସି.ଆଇ.ଡ଼ି.ଙ୍କର ଅଧିକ ଆତଙ୍କସ୍ଥଳ ବୋଲି ତାଙ୍କ ସକାଶେ ଏହି ବ୍ୟବସ୍ଥା ହେଲା । ଏହି ଦଣ୍ଡ ଉପରେ ବି ଆହୁରି ଦଣ୍ଡ ଅଛି – ହାତ-ଗୋଡ଼ରେ ହାତକଡ଼ି ଓ ବେଡ଼ି ପିନ୍ଧି ନିର୍ଜନ କାରାଗାରରେ ରହିବାକୁ ହୁଏ । ଏହି ଚରମ ଶାସ୍ତି କେବଳ ଜେଲ୍‌ରେ ଶାନ୍ତିଭଙ୍ଗ କରିବା ଅଥବା ବାଡ଼ିଆପିଟା ହେବା ଯୋଗୁଁ ନୁହେଁ, ବାରଂବାର ପରିଶ୍ରମରେ ତ୍ରୁଟି ହେଲେ ବି ଏହି ଶାସ୍ତି ମିଳେ । ନିର୍ଜନ କାରାଗାରରେ ମୋକଦ୍ଦମାର ଆସାମୀକୁ ଶାସ୍ତି ସ୍ୱରୂପ ଏହିପରି କଷ୍ଟଦେବା ନିୟମ ବିରୁଦ୍ଧ, ତେବେ ସ୍ୱଦେଶୀ ଅଥବା 'ବନ୍ଦେ ମାତରମ୍'-ବନ୍ଦୀମାନେ ଏ ନିୟମର ବହିର୍ଭୂତ, ପୁଲିସର ଇଚ୍ଛାମତେ ସେମାନଙ୍କ ସକାଶେ ସୁବନ୍ଦୋବସ୍ତ ହୁଏ ।

ମୋର ବାସସ୍ଥାନ ତ ଏହିପରି ଥିଲା, ସାଜ-ସରଞ୍ଜାମ ସମ୍ବନ୍ଧରେ ମଧ୍ୟ ମୋର ସହୃଦୟ କର୍ତ୍ତୃପକ୍ଷ ଅତିଥି-ସତ୍କାରରେ ତ୍ରୁଟି କରି ନାହାନ୍ତି । ଖଣ୍ଡିଏ ଥାଳି ଓ ଗୋଟିଏ ବାଟି ଅଗଣାରେ ସୁଶୋଭିତ ହେଉଥିଲା । ଭଲ ଭାବରେ ସଫା କରାଗଲେ ମୋର ସର୍ବସ୍ୱ ସ୍ୱରୂପ ଥାଳି-ବାଟି ଏପରି ରୁପା ସଦୃଶ ଚକ୍‌ଚକ୍ କରେ ଯେ ପ୍ରାଣ ସେଥିରେ ଅଭିଭୂତ ହୋଇ ଯାଉଥିଲା ଏବଂ ସେହି ନିର୍ମଳ କିରଣମୟ ଉଜ୍ଜ୍ୱଳତା ଭିତରେ 'ସ୍ୱର୍ଗ ଜଗତ୍'ରେ ନିର୍ଦ୍ଦୋଷ ବ୍ରିଟିଶ ରାଜତନ୍ତ୍ରର ଉପମା ପାଇ ରାଜଭକ୍ତିର ବିଶୁଦ୍ଧ ଆନନ୍ଦ ଅନୁଭବ କରୁଥିଲି । ଦୋଷ ମଧ୍ୟରେ ଥାଳି ବି ତାହା ବୁଝିପାରି ଆନନ୍ଦରେ ଏତେ ଉତ୍‌ଫୁଲ୍ଲ ହେଉଥିଲା ଯେ ଟିକିଏ ଜୋର୍‌ରେ ଆଙ୍ଗୁଳି ସ୍ପର୍ଶକଲା ମାତ୍ରେ ତାହା ଆରବ ଦେଶର ଭ୍ରାମ୍ୟମାଣ ଯାଯାବର ପରି ମଣ୍ଡଳାକାରରେ ନୃତ୍ୟ କରୁଥିଲା, ସେତେବେଳେ ଗୋଟିଏ ହାତରେ ଭୋଜନ କରିବା ଏବଂ ଅନ୍ୟ ହାତରେ ଥାଳି ଧରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ତା' ନ ହେଲେ ଘୂର୍ଣ୍ଣାୟମାନ ଅବସ୍ଥାରେ ଖାଉ ଖାଉ ଜେଲ୍‌ର ଅତୁଳନୀୟ ମିଷ୍ଟାନ୍ନ ନେଇ ତାହା ପଳାଇ ଯିବାର ଉପକ୍ରମ କରୁଥିଲା । ଥାଳି ଅପେକ୍ଷା ବାଟିଟାହିଁ ଆହୁରି ଅଧିକ ପ୍ରିୟ ଓ ଉପକାରୀ ଜିନିଷ ଥିଲା । ଏହା ଜଡ଼ ପଦାର୍ଥ ମଧ୍ୟରେ ଯେପରି ବ୍ରିଟିଶ ସିଭିଲିୟାନ୍ । ସିଭିଲିୟାନ୍‌ର ଯେପରି ସମସ୍ତ କାର୍ଯ୍ୟରେ ସ୍ୱଭାବଗତ ନୈପୁଣ୍ୟ ତଥା ଯୋଗ୍ୟତା ଅଛି, ଜଜ, ଶାସନକର୍ତ୍ତା, ପୁଲିସ, ଶୁଳ୍କବିଭାଗର କର୍ତ୍ତା, ମ୍ୟୁନିସ୍‌ପାଲିଟିର ଅଧ୍ୟକ୍ଷ, ଶିକ୍ଷକ, ଧର୍ମୋପଦେଷ୍ଟା, ଯାହା କୁହନା କାହିଁକି, ତାହା ସେ କହିବା ମାତ୍ରେହିଁ ହୋଇପାରେ – ଯେପରି ସେମାନଙ୍କ ପକ୍ଷରେ ତଦନ୍ତକାରୀ, ଅଭିଯୋଗ-କର୍ତ୍ତା, ପୁଲିସ, ବିଚାରକ, ଏପରିକି ବେଳେ ବେଳେ ବାଦୀ ପକ୍ଷରେ କାଉନ୍‌ସିଲ୍‌ର ମଧ୍ୟ ଏକ ଶରୀରରେ, ଏକ ସମୟରେ ପ୍ରୀତି-ସମ୍ମିଳନ ହେବା ସୁଖସାଧ୍ୟ, ମୋର ଆଦରର ବାଟିର ଅବସ୍ଥା ମଧ୍ୟ ଠିକ୍ ସେହିପରି । ବାଟିର ଜାତି ନାହିଁ, ବିଚାର ନାହିଁ, କାରାଗୃହରେ ରହି ସେହି ବାଟିରେ ଜଳ ନେଇ ଶୌଚକ୍ରିୟା କରୁଥିଲି, ସେହି ବାଟିରେ ମୁହଁ ଧୋଉଥିଲି, ସ୍ନାନ କରୁଥିଲି, ଅଳ୍ପ ସମୟ ପରେ ତହିଁରେ ଭୋଜନ କରିବାକୁ ହେଉଥିଲା, ସେହି ବାଟିରେହିଁ ଡାଲି ଅଥବା

ତରକାରି ଦିଆଯାଉଥିଲା, ସେହି ବାଟିରେହିଁ ଜଳପାନ କରୁଥିଲି ଏବଂ ହାତମୁହଁ ଧୋଉଥିଲି । ଏହିପରି ସର୍ବକାର୍ଯ୍ୟକ୍ଷମ ମୂଲ୍ୟବାନ୍ ବସ୍ତୁ ଇଂରେଜମାନଙ୍କ ଜେଲ୍‌ରେହିଁ ପାଇବା ସମ୍ଭବ । ବାଟିଟି ମୋର ଏହି ସମସ୍ତ ସାଂସାରିକ ଉପକାର କରି ଯୋଗସାଧନାର ଉପାୟ-ସ୍ୱରୂପ ହୋଇ ଦଣ୍ଡାୟମାନ ହେଲା । ଘୃଣା ପରିତ୍ୟାଗର ଏପରି ସହାୟକ ଓ ଉପଦେଷ୍ଟା କେଉଁଠାରୁ ପାଇବି ? ନିର୍ଜନ କାରାବାସର ପ୍ରଥମ ଅଧ୍ୟାୟ ପରେ ଯେତେବେଳେ ଆମମାନଙ୍କୁ ଏକ ସଙ୍ଗରେ ରଖାଗଲା, ସେତେବେଳେ ମୋର ସିଭିଲିୟାନ୍‌ର ଅଧିକାର ପୃଥକ୍ ହୋଇଗଲା – କର୍ତ୍ତୃପକ୍ଷମାନେ ଶୌଚକ୍ରିୟା ସକାଶେ ସ୍ୱତନ୍ତ୍ର ଉପକରଣର ବନ୍ଦୋବସ୍ତ କଲେ । କିନ୍ତୁ ମାସେ ପର୍ଯ୍ୟନ୍ତ ଏହା ଦ୍ୱାରା ଏହି ଅଯାଚିତ ଘୃଣା ସଂଯମ ଶିକ୍ଷାଲାଭ ହେଲା । ଶୌଚକ୍ରିୟାର ସମସ୍ତ ବ୍ୟବସ୍ଥାହିଁ ସତେ ଯେପରି ଏହି ସଂଯମ ଶିକ୍ଷାକୁ ଲକ୍ଷ୍ୟ କରି ବିହିତ । କୁହାଯାଇଛି, ନିର୍ଜନ କାରାବାସ ବିଶେଷ ଶାସ୍ତି ମଧ୍ୟରେ ଗଣ୍ୟ ଏବଂ ସେହି ଶାସ୍ତିର ମୂଳତତ୍ତ୍ୱ ହେଉଛି ଯଥାସାଧ୍ୟ ମନୁଷ୍ୟ ସଂସର୍ଗ ତଥା ମୁକ୍ତ ଆକାଶ-ସେବା ବର୍ଜନ । ବାହାରେ ଶୌଚର ବ୍ୟବସ୍ଥା ହେଲେ ଏହି ତତ୍ତ୍ୱ ଭଙ୍ଗ ହେବ ବୋଲି କୋଠରି ଭିତରେ ଆଲକାତରାଯୁକ୍ତ ଦୁଇଟି ଟୋକେଇ ଦିଆହେଉଥିଲା । ସକାଳେ ଓ ଉପରଓଳି ମେହେନ୍ତର ଆସି ତାହା ପରିଷ୍କାର କରୁଥିଲା, ତୀବ୍ର ଆନ୍ଦୋଳନ କଲେ ଏବଂ ମର୍ମସ୍ପର୍ଶୀ ବକ୍ତୃତା ଦେଲେ ଅନ୍ୟ ସମୟରେ ପରିଷ୍କାର କରାଯାଉଥିଲା; କିନ୍ତୁ ଅସମୟରେ ପାଇଖାନା ଗଲେ ପ୍ରାୟଶ୍ଚିତ୍ତ ରୂପେ ପ୍ରାୟ କେତେ ଘଣ୍ଟା ଦୁର୍ଗନ୍ଧ ଭୋଗ କରିବାକୁ ହେଉଥିଲା । ନିର୍ଜନ କାରାବାସର ଦ୍ୱିତୀୟ ଅଧ୍ୟାୟରେ ଏ ବିଷୟରେ କେତେକ ରିଫର୍ମ ହେଲା; କିନ୍ତୁ ଇଂରେଜମାନଙ୍କ ରିଫର୍ମ ହେଉଛି ପୁରାତନ ଅମଳର ମୂଳତତ୍ତ୍ୱ ସଂପୂର୍ଣ୍ଣ ବଜାୟ ରଖି ଶାସନ-ପ୍ରଣାଳୀ ସଂଶୋଧନ କରିବା । କହିବା ବାହୁଲ୍ୟ ଯେ ଏହି କ୍ଷୁଦ୍ର କୋଠରିରେ ଏପରି ବ୍ୟବସ୍ଥା ରହିବା ଯୋଗୁଁ ସବୁବେଳେ ବିଶେଷତଃ ଭୋଜନ ସମୟରେ ଏବଂ ରାତ୍ରିରେ ବିଶେଷ ଅସ୍ୱସ୍ତି ଅନୁଭବ କରିବାକୁ ହେଉଥିଲା । ଜାଣେ, ଶୋଇବା ଘର ପାଖରେ ପାଇଖାନା ରଖିବା କେତେକ ସ୍ଥାନରେ ବିଲାତି ସଭ୍ୟତାର ଅଙ୍ଗବିଶେଷ; କିନ୍ତୁ ଗୋଟିଏ ମାତ୍ର ଛୋଟ କୋଠରିରେ ଶୟନ କକ୍ଷ, ଭୋଜନାଳୟ ଏବଂ ପାଇଖାନା – ଏହାକୁ too much of a good thing କୁହାଯାଏ । ଆମେମାନେ କୁ-ଅଭ୍ୟାସଗ୍ରସ୍ତ ଭାରତବାସୀ, ସଭ୍ୟତାର ଏତେ ଉଚ୍ଚ ସୋପାନରେ ପହଞ୍ଚିବା ଆମମାନଙ୍କ ପକ୍ଷରେ କଷ୍ଟକର ।

ଗୃହ-ସାମଗ୍ରୀ ମଧ୍ୟରେ ଆହୁରି ମଧ୍ୟ ଥିଲା ସ୍ନାନ କରିବା ସକାଶେ ଗୋଟିଏ ବାଲ୍‌ତି, ଜଳ ରଖିବା ନିମିତ୍ତ ଟିଣର ଗୋଟିଏ ନଳାକୃତି ବାଲ୍‌ତି ଏବଂ ଦୁଇଟି ଜେଲ୍-କମ୍ବଳ । ଗାଧୋଇବା ବାଲ୍‌ତିଟି ଅଗଣାରେ ରଖାଯାଉଥିଲା, ସେହିଠାରେ ମୁଁ ସ୍ନାନ କରୁଥିଲି । ପ୍ରଥମେ ମୋ ଭାଗ୍ୟରେ ଜଳ କଷ୍ଟ ନଥିଲା; କିନ୍ତୁ ପରେ ତାହା ଘଟିଲା । ପ୍ରଥମେ ପାର୍ଶ୍ୱସ୍ଥ ଗୋଶାଳାର ବନ୍ଦୀ ସ୍ନାନ କରିବା ସମୟରେ ମୋର ଆବଶ୍ୟକତାନୁଯାୟୀ ବାଲ୍‌ତିରେ ପାଣି ଭର୍ତ୍ତିକରି ଦେଉଥିଲା, ସେଥିପାଇଁ ସ୍ନାନ କରିବା ସମୟହିଁ ଜେଲ୍‌ର ତପସ୍ୟା ମଧ୍ୟରେ ପ୍ରତ୍ୟହ ଗୃହସ୍ଥର ବିଳାସବୃତ୍ତି ତଥା ସୁଖସ୍ୱାଚ୍ଛନ୍ଦ୍ୟକୁ ତୃପ୍ତ କରିବାର ଅବସର । ଅନ୍ୟ ଆସାମୀଙ୍କ ଭାଗ୍ୟରେ ଏହା ମଧ୍ୟ ଜୁଟେ ନାହିଁ, ଏକ ବାଲ୍‌ତି ପାଣିରେ ସେମାନଙ୍କୁ ଶୌଚକ୍ରିୟା, ବାସନ ମାଜିବା ଏବଂ ସ୍ନାନ କରିବାକୁ ହେଉଥିଲା । ମୋକଦ୍ଦମାର ଆସାମୀ ବୋଲି ଏହିପରି ଅତିମାତ୍ରାରେ ବିଳାସ କରିବାକୁ ଦିଆଯାଉ ଥିଲା, କିନ୍ତୁ ବନ୍ଦୀମାନଙ୍କର ଦୁଇ, ଚାରି ବାଟି ପାଣିରେ ସ୍ନାନ ହେଉଥିଲା । ଇଂରେଜମାନେ କହନ୍ତି ଭଗବତ୍ ପ୍ରେମ ଓ ଶରୀରର ସ୍ୱଚ୍ଛନ୍ଦତା ପ୍ରାୟହିଁ ସମାନ ତଥା ଦୁର୍ଲଭ ସଦ୍‌ଗୁଣ, ସେମାନଙ୍କ ଜେଲ୍‌ରେ ଏହି ପ୍ରକାର ପ୍ରବାଦର ଯାଥାର୍ଥ୍ୟ ରକ୍ଷା କରିବା ସକାଶେ ଅଥବା ଅତ୍ୟଧିକ ସ୍ନାନ-ସୁଖରେ ବନ୍ଦୀମାନଙ୍କର ଅନିଚ୍ଛାଜନିତ ତପସ୍ୟାରେ ରସଭଙ୍ଗ ଭୟରେ ଏପରି ବ୍ୟବସ୍ଥା ପ୍ରଚଳିତ, ତାହା ନିର୍ଣ୍ଣୟ କରିବା କଠିନ । ଆସାମୀମାନେ କର୍ତ୍ତୃପକ୍ଷଙ୍କର ଏହି ଦୟାକୁ କାକର ସ୍ନାନ କହି ତାଚ୍ଛଲ୍ୟ କରୁଥିଲେ । ମନୁଷ୍ୟମାତ୍ରେହିଁ ଅସନ୍ତୋଷପ୍ରିୟ । ସ୍ନାନର ବ୍ୟବସ୍ଥା ଅପେକ୍ଷା ପାନୀୟ ଜଳର ବ୍ୟବସ୍ଥା ଆହୁରି ଚମତ୍କାର । ସେତେବେଳେ ଗ୍ରୀଷ୍ମକାଳ, ମୋର କ୍ଷୁଦ୍ର କୋଠରିରେ ବାୟୁ ପ୍ରବେଶ କରିବା ନିଷିଦ୍ଧ ଥିଲା । କିନ୍ତୁ ମେ ମାସର ଉଗ୍ର ଏବଂ ପ୍ରଚଣ୍ଡ ରୌଦ୍ର ଅବାଧରେ ପ୍ରବେଶ କରି ପାରୁଥିଲା । କୋଠରିଟି ଉତ୍ତପ୍ତ ଅଗ୍ନିକୁଣ୍ଡ ସଦୃଶ ହୋଇଉଠୁଥିଲା । ଏହି ଅଗ୍ନିକୁଣ୍ଡରେ ସିଦ୍ଧ ହୋଇ ଅଦମ୍ୟ ଜଳତୃଷ୍ଣା ଲାଘବ କରିବାର ଉପାୟ ହେଲା ଏହି ଟିଣ ବାଲ୍‌ତିର ଅର୍ଦ୍ଧୋଷ୍ଣ ଜଳ । ବାରଂବାର ତାହା ପାନ କରୁଥିଲି, ତୃଷ୍ଣା ତ ମେଣ୍ଟୁ ନ ଥିଲା ବରଂ ସ୍ୱେଦ ନିର୍ଗତ ହେଉଥିଲା ଏବଂ ଅଳ୍ପ ସମୟ ପରେ ନୂତନ ତୃଷ୍ଣାର ସଞ୍ଚାର ହେଉଥିଲା । ତେବେ କାହାରି କାହାରି ପ୍ରାଙ୍ଗଣରେ

ମାଟିର କଳସୀ ରଖାଯାଇଥିଲା, ସେମାନେ ପୂର୍ବଜନ୍ମକୃତ ତପସ୍ୟାକୁ ସ୍ମରଣ କରି ନିଜକୁ ଧନ୍ୟ ମନେ କରୁଥିଲେ । ଏଥିରେ ପୂରାପୂରି ପୁରୁଷାର୍ଥବାଦୀମାନେ ମଧ୍ୟ ଅଦୃଷ୍ଟକୁ ମାନିବାକୁ ବାଧ୍ୟ ହେଉଥିଲେ, କାହା ଭାଗ୍ୟରେ ଥଣ୍ଡାପାଣି ମିଳୁଥିଲା ତ କାହା ଭାଗ୍ୟରେ ତୃଷ୍ଣା ଲାଗି ରହିଥିଲା, ସବୁକିଛି କପାଳର ଜୋର୍ । କର୍ତ୍ତୃପକ୍ଷମାନେ କିନ୍ତୁ ସଂପୂର୍ଣ୍ଣ ନିରପେକ୍ଷ ହୋଇ କଳସୀ ଅଥବା ଟିଣ ବିତରଣ କରୁଥିଲେ । ଏହି ଯଦୃଚ୍ଛା ଲାଭରେ ମୁଁ ସନ୍ତୁଷ୍ଟ ହୁଏ ବା ନ ହୁଏ ମୋର ଜଳକଷ୍ଟ ଜେଲ୍‌ର ସହୃଦୟ ଡାକ୍ତର ବାବୁଙ୍କର ଅସହ୍ୟ ହେଉଥିଲା । ସେ କଳସୀ ଯୋଗାଡ଼ କରିବା ନିମିତ୍ତ ଚେଷ୍ଟିତ ହେଲେ; କିନ୍ତୁ ଏହିସବୁ ବନ୍ଦୋବସ୍ତରେ ତାଙ୍କର ହାତ ନ ଥିଲା ବୋଲି ସେ ଅନେକ ଦିନ ପର୍ଯ୍ୟନ୍ତ ସେଥିରେ କୃତକାର୍ଯ୍ୟ ହୋଇ ପାରି ନ ଥିଲେ । ଶେଷରେ ତାଙ୍କ କଥାରେ ମୁଖ୍ୟ ଜମାଦାର କୌଣସି ସ୍ଥାନରୁ କଳସୀ ଆବିଷ୍କାର କଲେ । ତା'ପୂର୍ବରୁ ମୁଁ ତୃଷ୍ଣା ସହିତ ଅନେକ ଦିନ ପର୍ଯ୍ୟନ୍ତ ଭୀଷଣ ସଂଗ୍ରାମ କରି ପିପାସା-ମୁକ୍ତ ହୋଇଯାଇଥିଲି । ଏହି ଉତ୍ତପ୍ତ କୋଠରିରେ ପୁଣି ଜେଲ୍ ତିଆରି ଦୁଇଟି ମୋଟା କମ୍ବଳହିଁ ଆମମାନଙ୍କର ବିଛଣା । ତକିଆ ନାହିଁ, ସେଇଥିପାଇଁ ମୁଁ ଗୋଟିଏ କମ୍ବଳ ବିଛାଇ ଆଉ ଗୋଟିଏ କମ୍ବଳ ଭାଙ୍ଗି ତକିଆ କରି ଶୋଉଥିଲି । ଯେତେବେଳେ ଗ୍ରୀଷ୍ମର କ୍ଳେଶ ଅସହ୍ୟ ହୋଇ ଆଉ ରହି ହେଉ ନ ଥିଲା, ସେତେବେଳେ ମାଟିରେ ଗଡ଼ାଗଡ଼ି କରି ଶରୀରକୁ ଥଣ୍ଡା କରି ଆରାମ ଅନୁଭବ କରୁଥିଲି । ମା' ବସୁନ୍ଧରାର ଶୀତଳ ଉତ୍ସଙ୍ଗ ସ୍ପର୍ଶରେ କି ସୁଖ, ତାହା ସେତିକିବେଳେହିଁ ବୁଝିପାରିଲି । ତେବେ ଜେଲ୍‌ରେ ସେହି ଉତ୍ସଙ୍ଗ ସ୍ପର୍ଶ ବିଶେଷ କୋମଳ ନୁହେଁ, ତାହା ଦ୍ୱାରା ନିଦ୍ରା ଯିବାରେ ବାଧା ପ୍ରାପ୍ତ ହେଉଥିଲା ବୋଲି କମ୍ବଳର ଶରଣ ନେବାକୁ ହେଉଥିଲା । ଯେଉଁଦିନ ବର୍ଷା ହେଉଥିଲା ସେହି ଦିନଟି ବଡ଼ ଆନନ୍ଦର ଦିନ ହେଉଥିଲା । ଏଥିରେ ମଧ୍ୟ ଗୋଟିଏ ଅସୁବିଧା ଥିଲା ଯେ ଝଡ଼ବୃଷ୍ଟି ହେଲେ ଧୂଳି, ପତ୍ର ଓ ତୃଣସଙ୍କୁଳ ପ୍ରଭଞ୍ଜନର ତାଣ୍ଡବନୃତ୍ୟ ପରେ ମୋ ପିଞ୍ଜରା ଭିତରେ ଛୋଟ ଧରଣର ଜଳପ୍ଲାବନଟିଏ ହେଉଥିଲା । ତାହାପରେ ରାତ୍ରିରେ ଓଦା କମ୍ବଳ ଧରି କୋଠରିର କୋଣକୁ ପଳାଇବା ଛଡ଼ା ଅନ୍ୟ ଉପାୟ ନ ଥିଲା । ପ୍ରକୃତିର ଏହି ଲୀଳା ସଂପୂର୍ଣ୍ଣ ଶେଷ ହେଲେ ମଧ୍ୟ ଜଳପ୍ଲାବିତ ମାଟି ଯେପର୍ଯ୍ୟନ୍ତ ଶୁଖୁ ନ ଥିଲା, ସେପର୍ଯ୍ୟନ୍ତ ନିଦ୍ରାର ଆଶା ପରିତ୍ୟାଗ ପୂର୍ବକ ଚିନ୍ତାର ଆଶ୍ରୟ ନେବାକୁ ହେଉଥିଲା, କାହିଁକି ନା ଶୌଚକ୍ରିୟାର ସାମଗ୍ରୀ ନିକଟରେହିଁ ଏକମାତ୍ର ଶୁଷ୍କ ସ୍ଥାନ ଥିଲା; କିନ୍ତୁ ସେ ସ୍ଥାନରେ କମ୍ବଳ ପକାଇବାକୁ ପ୍ରବୃତ୍ତି ହେଉ ନ ଥିଲା । ଏହିସବୁ ଅସୁବିଧା ସତ୍ତ୍ୱେ ବି ଝଡ଼ଦିନରେ କୋଠରି ଭିତରକୁ ପ୍ରଚୁର ପବନ ଆସୁଥିଲା ଏବଂ କୋଠରିର ସେହି ଉତ୍ତପ୍ତ ଅଗ୍ନିକୁଣ୍ଡର ଉତ୍ତାପ ବିଦୂରିତ ହେଉଥିଲା ବୋଲି ଝଡ଼ବୃଷ୍ଟିକୁ ସାଦରେ ସ୍ୱାଗତ କରୁଥିଲି ।

ଆଲିପୁର ଗଭର୍ଣ୍ଣମେଣ୍ଟ ହୋଟେଲର ଯେଉଁ ବର୍ଣ୍ଣନା କଲି ଏବଂ ଭବିଷ୍ୟତ୍‌ରେ ଆହୁରି ମଧ୍ୟ କରିବି, ତାହା ନିଜର କଷ୍ଟଭୋଗ ଜ୍ଞାପନ କରିବା ସକାଶେ ନୁହେଁ – ସୁସଭ୍ୟ ବ୍ରିଟିଶ ରାଜ୍ୟରେ ମୋକଦ୍ଦମାର ଆସାମୀମାନଙ୍କ ପାଇଁ କିପରି ଅଦ୍ଭୁତ ବ୍ୟବସ୍ଥା, ନିର୍ଦ୍ଦୋଷ ବ୍ୟକ୍ତିର ଦୀର୍ଘକାଳବ୍ୟାପୀ କିପରି ଯନ୍ତ୍ରଣା ହୋଇପାରେ, ଏହା ଦେଖାଇବା ସକାଶେ ଏହି ବର୍ଣ୍ଣନା । ଯେଉଁସବୁ କଷ୍ଟର କାରଣ ଦେଖାଇଛି, ସେସବୁ ପ୍ରକୃତରେ ଥିଲା; କିନ୍ତୁ ଭଗବାନଙ୍କର ଦୟା ଦୃଢ଼ ଥିବାରୁ କେତେଦିନ ମାତ୍ର ଏହି କଷ୍ଟ ଅନୁଭବ କରିଥିଲି, ତାହାପରେ – କିପରି ଭାବରେ ତାହା ପରେ କହିବି – ମନ ଦୁଃଖାତୀତ ହୋଇ କଷ୍ଟ ଅନୁଭବ କରିବାରେ ଅସମର୍ଥ ହୋଇଥିଲା । ସେଥିପାଇଁ ଜେଲ୍-ସ୍ମୃତି ମନରେ ଉଦିତ ହେଲେ କ୍ରୋଧ ବା ଦୁଃଖ ନହୋଇ କେବଳ ହସ ମାଡ଼େ ।

❑❑❑

ସୂର୍ଯ୍ୟ ମେଘ ଉପରେ କ୍ରିୟା କଲାପରି ଆମର ମୃଦୁ ହାସ୍ୟ ଅସୁବିଧାଗୁଡ଼ିକ ଉପରେ ମଧ୍ୟ ସମାନ କାର୍ଯ୍ୟ କରିଥାଏ । ତାହା ସେଗୁଡ଼ିକୁ ଘଉଡ଼ାଇ ଦିଏ ।

(CWM Vol. 14, p. 177) — ଶ୍ରୀମା

# ଅନେକ ସ୍ମିତହସ

## ମନୋଜ ଦାସ

ତାଙ୍କୁ ଅନବରତ ହରକତ କରିବା ଯେ ଏ ଚରାଚର ଦୁନିଆର ଅନ୍ୟତମ ଗୂଢ଼ ଉଦ୍ଦେଶ୍ୟ, ରାଓ ବହୁଦିନରୁ ଏ ସନ୍ଦେହ ମନ ଭିତରେ ପୋଷଣ କରୁଥିଲେ; କିନ୍ତୁ ଗତ ରବିବାର ସକାଳେ କିଛି ସମୟ ନିମନ୍ତେ ତାଙ୍କର ସେ ସନ୍ଦେହ ଦୃଢ଼ ପ୍ରତୀତିରେ ପରିଣତ ହୋଇଥିଲା । ପ୍ରଥମତଃ, ତାଙ୍କ ତଳ ମହଲାର ନବାଗତ ବାସିନ୍ଦା ପୂରା ଦମ୍‌ରେ ପାଣିଟ୍ୟାପ୍ ଖୋଲି ଯଥେଚ୍ଛା କାରବାର କରିବା ଫଳରେ ଗାଧୁଆଘରେ ରାଓ ତାଙ୍କ ପ୍ରଶସ୍ତ ଚନ୍ଦାର ମାତ୍ର ଅର୍ଦ୍ଧେକ ଅଞ୍ଚଳକୁ ଶୀତଳ କରିପାରିଥିଲେ । ଦ୍ୱିତୀୟତଃ, ଚା' କପ୍‌ଟି ଓଠ ସ୍ପର୍ଶ କରିବା ମୁହୂର୍ତ୍ତରେ ଝରକା ସେ ପଟରୁ ହକର୍ ବାଳକ ରକେଟ୍ ବେଗରେ ରବିବାସରୀୟ 'ସରସ ପତ୍ରିକା' ଖଣ୍ଡିକ ନିକ୍ଷେପ କରନ୍ତେ ଚା' ପରିବର୍ତ୍ତେ ତାଙ୍କ ଓଠ ପତ୍ରିକାଟିର ପୃଷ୍ଠ ଦେଶରେ ବିଜ୍ଞାପିତ ଏକ ସୁଧାର ଗଣ୍ଡାରଟିକୁ (କୌଣସି ସ୍ନୋ ମାଖିଲେ ଯାହାର ଚମଡ଼ା ମଖମଲ ବନିଯାଏ ବୋଲି କମ୍ପାନୀର ବକ୍ତବ୍ୟ) ଚୁମ୍ବନ କଲେ । ଉତ୍ତପ୍ତ ଚା'ର ଜ୍ୱାଳା ସମଗ୍ର ପେଟକୁ ପ୍ଲାବିତ କରି ବହିଗଲା ମନ ଭିତରକୁ । ଘଣ୍ଟାଏ ପରେ ମଧ୍ୟ ସେ ଯେତେବେଳେ ରାଜପଥରେ ସାଇକେଲ କରି ଚାଲିଥିଲେ, ସେ ଜ୍ୱାଳା ଥିଲା ଅତୁଟ । ଅତଏବ, ବିପରୀତ ଦିଗରୁ ତାଙ୍କ ହାକିମଙ୍କୁ କାର୍ ଚଳାଇ ଆସିବାର ଦେଖି ନମସ୍କାର କରିବାର ଆବଶ୍ୟକତା କଥା ଚିନ୍ତା କରି ତାଙ୍କର ସେ ଜ୍ୱାଳା ଦ୍ୱିଗୁଣିତ ହୋଇଗଲା ।

ତଥାପି ସେ ନମସ୍କାର କଲେ – ସେଇ ଚଳମାନ ଅବସ୍ଥାରେ ମୁହଁରେ ଏକାଗ୍ର ଭକ୍ତି ଫୁଟାଇ, ହାତ ତୋଳି, ମସ୍ତକ ଯଥାସମ୍ଭବ ଅବନତ କଲେ, କିନ୍ତୁ ହାକିମ ସେ ପ୍ରତି ଦୃକ୍‌ପାତ ନକରି, ଉପରକୁ ଅନାଇ ପେଁକାଳି ଚିପି, ଆଗକୁ ମାଡ଼ି ଚାଲିଗଲେ । ରାଓ ଗୋଟିଏ ଜନପ୍ରିୟ ବିରକ୍ତିବ୍ୟଞ୍ଜକ ଉଚ୍ଚାରଣୀ କରିବାକୁ ଯାଉଥିଲେ; କିନ୍ତୁ ସେତେବେଳକୁ ତାଙ୍କ ନମସ୍କାରର ପ୍ରତିକ୍ରିୟା ଏକ ଚିତ୍ତାକର୍ଷକ ଦୃଶ୍ୟ ସୃଷ୍ଟି କରିସାରିଥାଏ । ହାକିମଙ୍କ କାର୍‌ର ଠିକ୍ ପଛକୁ ସାଇକେଲ ଯୋଗେ ଆସୁଥିଲେ ତିନିଜଣ ଭଦ୍ରଲୋକ । ରାଓଙ୍କ ଅଚାନକ ନମସ୍ୟ କିଏ, ସେ ସମ୍ପର୍କରେ ଅଜ୍ଞ ସେ ତିନିହେଁ ଏକ ସମୟରେ ପ୍ରତିନମସ୍କାରର ଆଚାର ପାଳନ କରିସାରି ତତ୍‌କ୍ଷଣାତ୍ ତା'ର ଔଚିତ୍ୟ ସମ୍ପର୍କରେ ସନ୍ଦିହାନ ହୋଇ ପରସ୍ପର ପ୍ରତି ଦୃକ୍‌ପାତ କରିବାକୁ ଲାଗିଲେ । ଫଳରେ ତିନିହେଁ ହେଲେ ଭାରସାମ୍ୟଚ୍ୟୁତ । ରବିବାସରୀୟ ଅଳସ ରାଜପଥରେ ସଂଘଟିତ ହେଲା ଏକ ମନ୍ଥର ମଧୁର ସମବେତ ପତନ ।

ପଛକୁ ଅନାଇ ରାଓ ହସିଲେ । ଚାହା ପତନଜନିତ ଦେହ ଓ ମନର ଜ୍ୱାଳା ଏକ ପୁଲକପ୍ରଦ ଶିହରଣ ଭିତରେ ପ୍ରଶମିତ ହୋଇଗଲା । ଭୂପତିତ ସୁଧୀଜନ ତିନିଙ୍କ ଉଦ୍ଦେଶ୍ୟରେ ସେ କୃତଜ୍ଞତା ଅନୁଭବ କଲେ । ସେମାନେ ଭଲ ବୋଲି ସିନା ତାଙ୍କୁ ପ୍ରତିନମସ୍କାର ଜଣାଇବାକୁ ତତ୍ପର ହୋଇ ଉଠିଥିଲେ – ଯଦିଓ ଭୁଲ୍‌ବଶତଃ ! ବାସ୍ତବିକ, ଏଇ ଖରାପ ଦୁନିଆରେ କେହି କେହି ଭଲ ଲୋକ ଅଛନ୍ତି, ଅଥବା ଖରାପ ଲୋକଙ୍କ ଭିତରେ ବି ଥରେ ଥରେ ଭଲତ୍ୱର ଉନ୍ମୀଳନ ହୋଇଥାଏ । ବାସ୍ତବିକ ମଣିଷଠାରୁ ଅଧିକ ବିଚିତ୍ର ବ୍ୟାପାର ଏ ଜଗତରେ ଆଉ କିଛି ନାହିଁ । ସେଇ ଯେଉଁ ଭଦ୍ରଲୋକଟି (ଭଦ୍ରଲୋକ ?) ଚାଲି ଯାଉଛନ୍ତି, ତାଙ୍କ ମୁଣ୍ଡରେ ହୁଏତ କାହା ଉଦ୍ଦେଶ୍ୟରେ ରାଗର ନିଆଁ ହୁତୁହୁତୁ ହୋଇ ଜଳୁଥିବ, ଅଥଚ ମୁଣ୍ଡରେ ଟୋପିଟିଏ ମଡ଼ାଇ ସେ ଦେଖାଉଛନ୍ତି ଯେ ସେ ଏକାନ୍ତ ନିରୀହ । ସୋଲ ଆଉ କନାରେ ତିଆରି ଟୋପିଟିଏ ଚାପି ଧରିଛି ଯେଉଁ ମଗଜକୁ, ସେ ମଗଜ ଆଉ ଏମିତି କ'ଣ ଗରମ ହୋଇପାରେ ? ଏପଟେ ଆଉ ଜଣେ ବ୍ୟକ୍ତି ପ୍ରଶସ୍ତ ଚିତା-ଚୈତନ୍ୟ ମୁଦ୍ରା ଦେଇଛନ୍ତି ନିଜ ଶିରରେ । ଅର୍ଥାତ୍, ସେ ମୁଦ୍ରା ଭାଙ୍ଗି ଆଉ କିଛି ପଶିବାର ପ୍ରଶ୍ନ ଯିମିତି ନାହିଁ ! ଅଦୂରର ସେ ଫିଟ୍‌ଫାଟ୍ ଯୁବକଟି ଅଦ୍ୟ ରବିବାର ଦ୍ୱିପ୍ରହରେ ହୁଏତ ଗୋଟାଏ କୁକୁଡ଼ା ବେକ ମୋଡ଼ିବାର ଯୋଜନା କରୁଥିବେ, ଅଥଚ ନିଜ ବେକଟାକୁ ଟେରିଲିନ୍ ଟାଇରେ ବାନ୍ଧି ପକାଇ ସେ ନିରୀହ ବୋଲାଇ ବାଟ ଚାଲୁଛନ୍ତି । ଆଉ ଏ ଭଦ୍ରଲୋକଟି ପଞ୍ଜାବି ପିନ୍ଧିଛନ୍ତି କାହିଁକି ? କଲର୍ ନଥିବା ଜାମା ପିନ୍ଧିବାର ମତଲବ କ'ଣ ? ମାନେ – ହେଇଟି ମୋର ପୂରା ବେକ – ଏକାନ୍ତ ଆପଣଙ୍କ ସେବାରେ – ମୋତେ ହାଣକୁ ନେଇପାରନ୍ତି ! ଆହା ! କେଡ଼େ ନିରୀହ !

ହୃଦୟରେ ଅଟ୍ଟହାସ୍ୟ ହସି ରାଓ କହିଲେ, ଦୁନିଆର ପିଲେ ! ତୁମକୁ ମୁଁ ଚିହ୍ନେ !

ତେବେ, ହଁ, ଗୋଟାଏ ଦୃଷ୍ଟିରୁ ଦେଖିଲେ ବିଚାରାମାନେ ଭଲ ନୁହନ୍ତି ତ ଆଉ କ'ଣ ? ନିରୀହ ଦେଖାଯିବା ପ୍ରୟୋଜନବୋଧରୁ ସିନା ନିରୀହ ଦେଖାଯିବାର ଜନ୍ମ ।

ରାଓ ସ୍ନେହସିକ୍ତ ଚିତ୍ତରେ ଦୁନିଆର ପିଲାଙ୍କ ବଦନମଣ୍ଡଳମାନ ଅବଲୋକନ କରିବାକୁ ଲାଗିଲେ । ତାଙ୍କ ବାମ ପାଖ ଦେଇ ଗୋଟାଏ ରିକ୍ସାରେ ବସି, ସମୁଦାୟ ରିକ୍ସାଟାରେ, ଜଣେ ପ୍ରକାଣ୍ଡ ମଣିଷ ଯାଉଥିଲେ । ତାଙ୍କ ନାକଟା ନାକମାନଙ୍କ ଭିତରେ ହାତୀ । ସର୍ପାକୃତି ନିଶ ଦୁଇଟି ଅକ୍ଟୋପାସ୍‌ର ବାହୁ ଭଳି କାହାକୁ କାବୁ କରିବା ପାଇଁ ଯିମିତି ଛଟପଟ ହେଉଛି । କିନ୍ତୁ ଆଶ୍ଚର୍ଯ୍ୟ, ଲୋକଟା ରାଓଙ୍କ ଆଡ଼କୁ ଅନାଇ ଈଷତ୍ ହସି ମୁଣ୍ଡ ଟୁଙ୍ଗାରିଲା – କେଡ଼େ ବାଧ୍ୟ ଭାବରେ ସେ ନାକ ଓ ହିଂସ୍ର ନିଶ ଟୁଙ୍ଗାରି ହୋଇଗଲେ ! ରାଓ ବିସ୍ମିତ ହେଲେ ଓ ଖୁସି ହେଲେ । ଗୋଟାଏ ଇଂରାଜୀ ଅଭିବ୍ୟକ୍ତି ଜିଭକୁ ଆସୁଛି ! କ'ଣଟି ? – ହଁ, Milk of human kindness : ହଁ, ସେଇ ହିଂସ୍ର ନିଶସଙ୍କୁଳ ଲୋକଟିର ଦାନ୍ତଗୁଡ଼ିକ ଦୁଧ ଭଳି ଧଳା, ଆଉ ସମଗ୍ର ଲୋକଟା ଦୟାଳୁ ।

ପ୍ରକାଣ୍ଡ ଲୋକଟି ସମ୍ପର୍କରେ ଚିନ୍ତା ଶେଷ ନ ହେଉଣୁ ରାଓଙ୍କ ଆଖି ହୁଏତ ନିରୋଳ ବୈପରୀତ୍ୟର ରସ ଆସ୍ୱାଦନ କରିବା ସକାଶେ ଜଣେ କ୍ଷୀଣ, ଖର୍ବ ବ୍ୟକ୍ତିଙ୍କ ଉପରେ ନିବଦ୍ଧ ହୋଇ ସାରିଥିଲା । ତାଙ୍କର ସଦର୍ପ ପଦକ୍ଷେପରୁ ମନେ ହେଉଥିଲା ଯେମିତି ପ୍ରତି ପାହୁଣ୍ଡରେ ସେ ତାଙ୍କ ଅସ୍ତିତ୍ୱ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଅଦୃଶ୍ୟ ଶତ୍ରୁମାନଙ୍କୁ ଦମନ କରି କରି ବାଟ ଚାଲିଛନ୍ତି । ରାଓ ଏ ବ୍ୟକ୍ତିଟିକୁ ପୂର୍ବରୁ ବହୁବାର ଦେଖିଛନ୍ତି, ସର୍ବଦା ଗୋଟିଏ ବଡ଼ ଧରଣର ବହି ସେ କାଖ ତଳେ ଜାକିଥା'ନ୍ତି – ଯେମିତି ନିଜ ବପୁର କମ୍‌ତିକୁ ପୂରଣ କରିବା ପାଇଁ । ଆଶ୍ଚର୍ଯ୍ୟ ! ରାଓଙ୍କ ଉପରେ ଆଖି ପଡ଼ିବାରୁ ସେ ବି ଆଜି ଟିକିଏ ହସି ଦେଲେ ।

ଅତି ଶୀଘ୍ର ରାଓ ଏଇଆ ଆବିଷ୍କାର କରି ଚମତ୍କୃତ ହେଲେ ଯେ ଆହୁରି ଦୁଇ, ଚାରି ଜଣ ପଥଚାରୀ – କିଏ ରିକ୍ସାରୂଢ଼, କିଏ ସାଇକେଲାରୋହୀ, କିଏ ପଦଯାତ୍ରୀ – ତାଙ୍କୁ ଅନାଇ ସ୍ମିତ ହସଟିମାନ ଫୁଟାଇ ଯେ ଯାହା ପଥରେ ଚାଲି ଗଲେଣି । ଅଥଚ ରାଓ ସେମାନଙ୍କ ଉପରକୁ ଦୁଇ, ଦୁଇ ସେକେଣ୍ଡରୁ ଅଧିକ କାଳ ଦୃଷ୍ଟିପାତ କରି ନାହାନ୍ତି । ଏପରିକି ନାନାଦି ପ୍ରସାଧନାବୃତା ଜନୈକା ମହିଳା (ଯାହାଙ୍କୁ ରାଓ କୌଣସି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଜଣେ ମନ୍ତ୍ରୀଙ୍କ ଶାଳୀ ବୋଲି ଜାଣନ୍ତି । ମନ୍ତ୍ରୀ ଇତ୍ୟାଦି ଅନୁଷ୍ଠାନ ପ୍ରତି ତାଙ୍କର ଚିରାଚରିତ ଅସ୍ୱସ୍ତିଭାବ ଯୋଗୁଁ ମହିଳାଙ୍କୁ ଜାଣନ୍ତି ମାତ୍ର, ତତୋଽଧିକ କିଛି ନୁହେଁ) ମଧ୍ୟ ତାଙ୍କ ଆଡ଼କୁ ଅନାଇ ଈଷତ୍ ହସି ମୁହଁ ଫେରାଇ ନେଲେ । ଦୁଇ ବର୍ଷ ଧରି ମହିଳାଙ୍କ ସମ୍ପର୍କରେ ରାଓଙ୍କ ମନରେ ଥିବା ଅସଂଲଗ୍ନ ଗୁଡ଼ାଏ ଧାରଣା – ସେ ଅହଙ୍କାରିଣୀ (ମନ୍ତ୍ରୀଙ୍କ ଶାଳୀ), ସେ ଅତ୍ୟାଚାରିଣୀ (ହେଡ୍‌ମିଷ୍ଟ୍ରେସ୍), ସେ ଉଦ୍ଧତା (ମିସ୍) ଓ ସେ ଫୁଲାଣିଆ (ବହଳେ ପାଉଡ଼ର) ସବୁ ସେଇ ନିମିଷକର ହସ ତୁଳା ଭଳି ଉଡ଼ାଇ ନେଇଗଲା ।

ତା'ହେଲେ – ଶୋଭାଯାତ୍ରାଏ ମଣିଷ ଆଜି ତାଙ୍କୁ ଅନାଇ ହସିଲେଣି ! ମଜାର ବିସ୍ମୟ ।

ଅବଶେଷରେ ରାଜପଥର ନିର୍ଜନତମ ପ୍ରାନ୍ତରେ ଥିବା ସୁନ୍ଦର ବାଂଲୋଟି ଆଗରେ ଏକାକିନୀ ଦଣ୍ଡାୟମାନ ସୁକୁମାରୀ ଟିକି ଝିଅଟି ମଧ୍ୟ ତାଙ୍କ ଆଡ଼କୁ ଅନାଇ ହସିଦେଲା ।

ରାଓ ଟିକିଏ ଇତସ୍ତତଃ ହେଲେ । ତା'ପରେ ସେ ସାଇକେଲରୁ ଓହ୍ଲାଇପଡ଼ି ଚାରିଆଡ଼କୁ ଅନାଇଲେ । କେହି ନାହିଁ । ସନ୍ତ୍ରମରେ ସେ ଝିଅଟି ଆଡ଼କୁ ଆଗେଇଲେ । ଝିଅଟି ଆହୁରି ହସିଲା । ରାଓ କହିଲେ, ''ସୁନା ଝିଅ, ଗୋଟେ କଥା ପଚାରିବି ?'' ଝିଅ ଜିଜ୍ଞାସୁ ନୟନରେ ଅନାଇଲା । ''କହ ତ ମା... ମାନେ – ଇଏ – ମାନେ – ତୁ କାହିଁକି ଅନାଇ ମୋତେ ହସିଲୁ ?'' ଝିଅଟି କହିଲା, ''କାହିଁକି ! ତୁମେ ତ ସେଇ ସେତେ ଦୂରରୁ ମୋତେ ଅନାଇ ହସି ହସି ଆସୁଥିଲ ! ସେଇଥିପାଇଁ !''

ରାଓ ସ୍ନେହଭରେ ଝିଅଟିର ପିଠି ଥାପୁଡ଼ାଇ ସାଇକେଲରେ ଉଠି ବସିଲେ । ସେତେବେଳକୁ ତାଙ୍କ ଛାତି ଭିତରେ ହସର ଭୂମିକମ୍ପ । ତା'ହେଲେ, ରହସ୍ୟଟିର ସୂତ୍ର ଥିଲା ତାଙ୍କରି ମୁହଁରେ । ବେଶ୍ କିଛିକ୍ଷଣ ପୂର୍ବରୁ ଭୂପତିତ ଭଲ ମଣିଷ ତ୍ରୟଙ୍କୁ ଅନାଇ ସେ ଯେଉଁ ହସ ହସି ପକାଇଥିଲେ, ସେ ହସ ସମ୍ପୂର୍ଣ୍ଣ ସମ୍ବରଣ କରିବାକୁ ସେ ଭୁଲି ଯାଇଥିଲେ ।

ରାଜପଥର ସେଇ ନିର୍ଜନ ଅଂଶର ଶେଷ ପର୍ଯ୍ୟନ୍ତ ସେ ଆଗେଇ ଗଲେ । ସେତକ ସମୟ ସେ ସଚେତନଭାବେ ହସୁଥିଲେ – କେତୋଟି ଗଛ, କେତୋଟି ଚଢ଼େଇ ଓ ଅଦୂରର ନଈପଠାକୁ ଅନାଇ । ମନେ ହେଉଥିଲା, ସେମାନେ ବି ଯିମିତି ହସୁଛନ୍ତି ।

ଏଥର ରାଓ ଘରକୁ ଫେରିଯିବେ । ରବିବାସରୀୟ

'ସରସ ପତ୍ରିକା'ର ଗଣ୍ଡାର ଦେହରୁ ଚା' ଶୁଖିଯିବଣି । କାଗଜଟି ପଢ଼ିବେ । କିନ୍ତୁ କାହିଁକି ସେ ପଦାକୁ ବାହାରି ଆସିଥିଲେ ? ମନେ ପଡ଼ିଲା । ପତ୍ରିକାଟିର ସ୍ଥାନୀୟ ଏଜେଣ୍ଟ୍ ପାଖକୁ ଯାଇ ସେଇ କ୍ଷେପଣାସ୍ତ୍ରଧର୍ମୀ ହକର୍ ପିଲା ବିରୋଧରେ ଅଭିଯୋଗ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ଛାଡ଼, ଦରକାର ନାହିଁ । ଘଟଣାଟ ଆହୁରି ଲଜ୍ଜାକର ହୋଇ ପାରନ୍ତା । ଯାହାକୁ ଛାଡ଼ି ସେ ଗଣ୍ଡାରକୁ ଚୁମା ଖାଇ ପକାଇଲେ, ସେଇଟି ଚା' କପ୍ ଛଡ଼ା ଅଧିକ ମୂଲ୍ୟବାନ୍ ତ କିଛି ନୁହେଁ ! ❑

## ପ୍ରତ୍ୟକ୍ଷ ପ୍ରମାଣ

ଚତୁର୍ଦ୍ଦଶ ଶତାବ୍ଦୀରେ ଇଟାଲୀରେ ଥିଲେ ଜଣେ ପ୍ରତିଭାଶାଳୀ ଲେଖକ, ଜିଓଭାନି ବୋକାସିଓ । ତାଙ୍କ ପରିବେଷିତ ଏକ କାହାଣୀ :

ଥିଲେ ଜଣେ ସମ୍ଭ୍ରାନ୍ତ ଯୁବକ । ଆପାତତଃ ତାଙ୍କ ସ୍ତ୍ରୀ ଯାଇଥା'ନ୍ତି ବାପଘରକୁ । ତେବେ ବିବେକୀ ମହିଳାଟି ଜଣେ ରୋଷେୟାର ବ୍ୟବସ୍ଥା କରି ଦେଇ ଯାଇଥା'ନ୍ତି ।

ଯୁବକଙ୍କ ଘର ସହର ଉପକଣ୍ଠରେ । ଅଦୂରରେ ବିସ୍ତୀର୍ଣ୍ଣ ପ୍ରାନ୍ତର ଏବଂ ପତଳା ବଣ । ପ୍ରାନ୍ତର ପାଖରେ ଜଳାଶୟ । ଯୁବକ ତାଙ୍କ ବନ୍ଧୁକ ଯୋଗେ ଜଳାଶୟ କଡ଼ରୁ ଗୋଟାଏ ବଗ ଶିକାର କରି ଆଣି ନୂଆ ରୋଷେୟାକୁ ଦେଲେ – ଗୋଟାକଯାକ ସିଝାଇ ମସଲା ସହଯୋଗେ ସୁଖାଦ୍ୟ ରୂପେ ପ୍ରସ୍ତୁତ କରିବା ନିମନ୍ତେ ।

ରୋଷେୟା ନିଜ ରନ୍ଧନ କୃତିତ୍ୱରେ ନିଜେ ମୁଗ୍ଧ ହୋଇ ବଗଟିର ଗୋଟାଏ ଗୋଡ଼ ଖାଇ ପକାଇଲା । ମାଲିକ ଆସିବା ବେଳକୁ ସେ ଟେବୁଲ ଉପରେ ଅବଶ୍ୟ ଅନ୍ୟାନ୍ୟ ଚିଜ ସହ ଉତ୍ତମ ରୂପେ ସଜାଇ ରଖିଥାଏ ବଗ-ସମ୍ବଳିତ ଥାଳି ।

''ଆରେ, ଏହାର ଅନ୍ୟ ଗୋଡ଼ଟି ଗଲା କୁଆଡ଼େ ?'' ଖାଉ ଖାଉ ପ୍ରଶ୍ନ କଲେ ଯୁବକ । ରୋଷେୟା ଆଶା କରିଥିଲା ଯୁବକ କିଛି ଲକ୍ଷ୍ୟ କରିବେ ନାହିଁ ! ହଠାତ୍ ଚମକିପଡ଼ି ସେ ଉତ୍ତର ଦେଲା, ''ଆଜ୍ଞା ? ବଗର ତ ଗୋଟାଏ ଗୋଡ଼ !''

''କ'ଣ ହେଲା ? ବଗର ଗୋଟାଏ ଗୋଡ଼ ? ଚାଲ ମୋ ସହ; ଦେଖାଇ ଦେବୁ !'' କହି ଯୁବକ ରୋଷେୟା ଟୋକାକୁ ଭିଡ଼ି ନେଇଗଲେ ଜଳାଶୟ ପାଖକୁ । ସେଠାରେ ସେତେବେଳେ ଦଶ, କୋଡ଼ିଏ ବଗ ଥା'ନ୍ତି – କିନ୍ତୁ ନିଦ ନିଦ ଅବସ୍ଥାରେ ସେମାନେ ଗୋଟିଏ ଲେଖାଏଁ ଗୋଡ଼ ପକ୍ଷ ଭିତରକୁ ଓଟାରିନେଇ ଏକ ଗୋଡ଼ିଆ ଠିଆ ହୋଇଥା'ନ୍ତି ।

''ଦେଖନ୍ତୁ ଆଜ୍ଞା, ବଗ ମାତ୍ରେ ଏକ ଗୋଡ଼ିଆ !'' ଉତ୍ସାହ ଭରେ କହିଲା ରୋଷେୟା ।

''ସତେ ?'' ଏହା କହି ଯୁବକ ସଜୋର ତାଳି ବଜାଇଲେ । ସଙ୍ଗେ ସଙ୍ଗେ ବଗମାନେ ଚେତି ଉଠିଲେ ଓ ଲୁଚିଥିବା ଗୋଡ଼ସବୁ ବାହାର କଲେ ।

''କ'ଣ ଦେଖୁଛୁ ? ବଗର ଗୋଟାଏ ଗୋଡ଼ ନା ଦୁଇଟା ?'' ଧମକ ଦେଇ ପଚାରିଲେ ଯୁବକ ।

''ଆଜ୍ଞା, ଆପଣ କ'ଣ ଖାଇ ବସିଲା ବେଳେ ପ୍ରଥମେ ତାଳି ବଜାଇଥିଲେ ? ତା'ହେଲେ ସିନା ଦେଖିଥା'ନ୍ତେ ଦୁଇ ଗୋଡ଼ !'' ଉତ୍ତର ଦେଲା ରୋଷେୟା ।

ହସି ଉଠିଲେ ଯୁବକ । ''ସାବାସ୍'' କହି ସେ ରୋଷେୟା ଟୋକାର ପିଠି ଥାପୁଡ଼େଇ ଦେଲେ । ❑

# ଅମୃତଙ୍କର ପ୍ରାଣବନ୍ତ ରସିକତା

## ଗୋପାଳ ଚନ୍ଦ୍ର ମାହାନା

ପଣ୍ଡିଚେରୀର ଉତ୍ତର-ପଶ୍ଚିମ ଦିଗରେ ପ୍ରାୟ ପନ୍ଦର କିଲୋମିଟର ଦୂରରେ କଲ୍‌ଲୁପୁରମ୍‌କମ୍ ଗ୍ରାମରେ ଏକ କୁଳୀନ ବ୍ରାହ୍ମଣ ଆୟେଙ୍ଗାର ବଂଶରେ ୧୮୯୫ ମସିହା ସେପ୍‌ଟେମ୍ବର ୧୯ ତାରିଖରେ ଜନ୍ମ ନେଇଥିଲେ ଅରଭମୁଦାଚାରୀ । ୧୯୧୯ ମସିହାରେ ଅରଭମୁଦାଚାରୀ ନିଜର ପଢ଼ା ଶେଷ କରି ଶ୍ରୀଅରବିନ୍ଦଙ୍କ ସେବକ ହିସାବରେ ଯୋଗଦେଲେ ଏବଂ ପରବର୍ତ୍ତୀ କାଳରେ ତାଙ୍କର ନାମ ହୋଇଉଠିଲା 'ଅମୃତ' ।

ଅମୃତ ଥିଲେ ଆଶ୍ରମର ଜଣେ ଟ୍ରଷ୍ଟି ଏବଂ ଜେନେରାଲ ମ୍ୟାନେଜର । ଶ୍ରୀମା ଅମୃତଙ୍କର ୪୪ବର୍ଷର (୧୯୧୪ ରୁ ୧୯୫୮) କର୍ତ୍ତବ୍ୟ-ସାଧନାରେ ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କୁ ଲେଖିଥିଲେ, ''୪୪ ବର୍ଷର ଭକ୍ତିପୂର୍ଣ୍ଣ ବିଶ୍ୱାସଯୋଗ୍ୟ ସେବାର ପୂର୍ତ୍ତି ଦିବସରେ ମୁଁ ତୁମକୁ ପୂର୍ଣ୍ଣସିଦ୍ଧିର ଦ୍ୱାରଦେଶରେ ଅଭିନନ୍ଦନ ଜଣାଉଛି, ମୋର ପ୍ରେମ ଓ ଦୃଢ଼ବିଶ୍ୱାସ ସହିତ ।''

ଅମୃତ ୧୯୬୯ ମସିହା ଜାନୁଆରୀ ୩୧ ତାରିଖରେ ୭୪ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଶ୍ରୀମା ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ : ''ଅମୃତକୁ ପଚାଶ ବର୍ଷ ବେଳେ ତା'ର ଆତ୍ମା ଶରୀର ଛାଡ଼ି ନିଜ ଧାମକୁ ବାହୁଡ଼ି ଯିବାକୁ ଚାହିଁଥିଲା, କିନ୍ତୁ ମୁଁ ତାକୁ ମୋ ନିଜର ଦିବ୍ୟକର୍ମରେ ନିଯୁକ୍ତ ରଖିବା ପାଇଁ ତା'ର ସେହି ତିରୋଧାନର ଗତିରୋଧ କରି ଆହୁରି ଚବିଶ ବର୍ଷ ଅଧିକ ବଢ଼ାଇ ଦେଇଥିଲି ।''

ଅମୃତଙ୍କ ଶରୀରତ୍ୟାଗ ପରେ ତାଙ୍କ ସ୍ଥାନ କିଏ ପୂରଣ କରିବ – ଏ ବିଷୟ ନେଇ କେତେକ ସାଧକ ଯେତେବେଳେ ମା'ଙ୍କୁ ପଚାରିଲେ, ମା କହିଲେ, ''ଅମୃତ ହେଉଛନ୍ତି ଆଶ୍ରମର ପ୍ରଥମ ଓ ଶେଷ ମ୍ୟାନେଜର ।''

ଶ୍ରୀମା କଥା ପ୍ରସଙ୍ଗରେ ଏହି କଥା ମଧ୍ୟ କହିଥିଲେ : ''ଅମୃତ ତା'ର ଶରୀରର ଅସୁସ୍ଥତା ସତ୍ତ୍ୱେ ପ୍ରତିଦିନ ପାହାଚ ଚଢ଼ି ମୋତେ ସାକ୍ଷାତ୍ କରିବାକୁ ଆସୁଥିଲା । ସକାଳେ ଥରେ ଏବଂ ସନ୍ଧ୍ୟାରେ ଥରେ; ଏବଂ ସେ ଆସି ତା' ଯଥାର୍ଥ ସ୍ଥାନରେ ବସୁଥିଲା । ତୁମେ ଦେଖିଥିବ ପାହାଚ ଚଢ଼ିବା ପାଇଁ ତାକୁ କେତେ ପରିଶ୍ରମ କରିବାକୁ ପଡୁ ନ ଥିଲା । ପରେ ଡାକ୍ତର ତାକୁ କହିଥିଲେ, 'ମାସକ ପାଇଁ ଆପଣ ପାହାଚ ଚଢ଼ିବା ବନ୍ଦ ରଖନ୍ତୁ ।' ସେ କିନ୍ତୁ ଡାକ୍ତରଙ୍କ କଥା ଗ୍ରହଣ ନ କରି ମୋ ପାଖକୁ ଦିନବେଳେ କେବଳ ଆସୁଥିଲେ । ତା'ପରେ ସେ ଯେତେବେଳେ ଶରୀରତ୍ୟାଗ କଲା, ସେ ସିଧା ସିଧା ମୋ ପାଖକୁ ଚାଲି ଆସିଲା । ସେ କିନ୍ତୁ ନିଜ ସହିତ, 'ନିଜର ଶାରୀରିକ ଆକାର ସହିତ', ମୋ ପାଖକୁ ଆସିଲା, କିନ୍ତୁ ଅଧିକ ସୂକ୍ଷ୍ମ, ଏକେବାରେ ସ୍ୱଷ୍ଟ, [ମା ହାତରେ ଡ୍ରଇଁ କରି ଅମୃତଙ୍କର ଶାରୀରିକ ଆକାରର ସୀମାରେଖା ଟାଣି କହିଲେ] କିନ୍ତୁ, ତା' ନିଜ ଆକାରର ବେଶ୍ ସାମଞ୍ଜସ୍ୟ ରକ୍ଷା କରି, ଏହିଠାରେ ଆସି ରହିଲା, କେତେବେଳେ ସକ୍ରିୟ, କେତେବେଳେ ବିଶ୍ରାମରତ (ବେଶୀ ଭାଗ ବିଶ୍ରାମରତ, କିନ୍ତୁ ସମୟ ସମୟରେ ପୁଣି ସକ୍ରିୟ) । ସେ ଏକ... ଏକ ଛାୟା ଭଳି, ବୁଝି ପାରୁଛ, ମୋ ପରିବେଶରେ ପୂରାମାତ୍ରାରେ ରହିଛି, ବିଶ୍ରାମ ନେଇଛି ।''

ଅମୃତଙ୍କର ଜୀବନ-ବୀଣାରେ ଯେଉଁ ବିଶେଷ ରାଗିଣୀଟି ଅନୁକ୍ଷଣ ଝଙ୍କୃତ ହୋଇ ଉଠୁଥିଲା ତାହା ହେଲା ତାଙ୍କର ପ୍ରାଣବନ୍ତ ରସିକତା, ବିଚକ୍ଷଣ ବ୍ୟଙ୍ଗୋକ୍ତି ପ୍ରତି ଅପୂର୍ବ ଅନୁରାଗ । ବିଶେଷ କରି ଲକ୍ଷ୍ୟକରୁ ଦିବ୍ୟଜନନୀଙ୍କ ସହିତ ତାଙ୍କର ଲୀଳାଖେଳା । ମା ତାଙ୍କର କୌତୁକକୁ କେତେବେଳେ ସହାସ୍ୟରେ ଉପଭୋଗ କରୁଥିଲେ, କେତେବେଳେ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଟାକ୍ଷପାତ କରୁଥିଲେ, କେତେବେଳେ କଠୋର ଭର୍ତ୍ସନା ମଧ୍ୟ କରୁଥିଲେ । ମାତ୍ର ମା'ଙ୍କ ଚେତନା-ପ୍ରାଙ୍ଗଣରେ ସେ ଥିଲେ ସଦାପ୍ରଫୁଲ୍ଲ କ୍ରୀଡ଼ାରତ ଦିବ୍ୟଶିଶୁଟିଏ ।

ଏବେ ମା'ଙ୍କ ସହ ତାଙ୍କର ହାସ୍ୟକୌତୁକପୂର୍ଣ୍ଣ କେତୋଟି ଘଟଣାର ଅବତାରଣା କରୁଛୁ ।

ଏକଦା ମା'ଙ୍କର ପ୍ରଥମ ମହଲା ଘରକୁ ପ୍ରବେଶ କରିବା ବେଳେ ଏକ ବଡ଼ ଆଲମାରି କାନ୍ଥରୁ ଟିକିଏ ବାହାରକୁ ବାହାରି କରି ରହିଥିଲା । ଅଧିକାଂଶ ସମୟରେ ସାଧକ-ସାଧିକାମାନେ ଘର ଭିତରକୁ ପ୍ରବେଶ କରିବା ମାତ୍ରେ ସେଥିରେ ଧକ୍‌କା ଖାଉଥିଲେ ଏବଂ ବେଳେ ବେଳେ କାହାରି କାହାରି ଦେହ ଜଖମ ବି ହେଉଥିଲା । ଯେତେବେଳେ କେତେକ ସାଧକ ମା'ଙ୍କୁ ପ୍ରବର୍ତ୍ତାଇଲେ ଯେ ସେହି ଆଲମାରିଟିକୁ ଅନ୍ୟ କେଉଁଠି ରଖି ଦେଲେ ଭଲ ହୁଅନ୍ତା, ମା ସେଥିରେ ରାଜି ନ ହୋଇ କହିଲେ,

''ଏହା ଲୋକମାନଙ୍କୁ ସଚେତ କରାଇବ ।'' ତେଣୁ ଆଲମାରିଟି ନିଜସ୍ୱ ସ୍ଥାନରେ ସମସ୍ତଙ୍କ ସକାଶେ ଏକ ପ୍ରହରୀ ସଦୃଶ ରହିଥିଲା । ଥରେ କ'ଣ ହୋଇଛି ନା କର୍ମଭାରରେ ବ୍ୟସ୍ତ ଆଶ୍ରମର ମ୍ୟାନେଜର ଅମୃତ ଏକ ବଡ଼ ଟ୍ରେ-ଭର୍ତ୍ତି ଜିନିଷ ନେଇ (ସେଥିରେ ଚିଠିପତ୍ର, ପ୍ରାର୍ଥନାପତ୍ର, କେତେକ ନକ୍ସା ମା'ଙ୍କ ସ୍ପର୍ଶ ପାଇଁ, ମା'ଙ୍କ ପ୍ରସାଦ ହେବା ପାଇଁ ମଧ୍ୟ କେତେକ ଜିନିଷପତ୍ର ସୁନ୍ଦର ଭାବରେ ସଜ୍ଜିତ ହୋଇ ରଖାହୋଇଥାଏ) ମା'ଙ୍କ ରୁମ୍‌କୁ ପ୍ରବେଶ କରୁଥା'ନ୍ତି ସେତେବେଳେ ଅନଭିପ୍ରେତ ଭାବରେ ତାଙ୍କ କପାଳରେ ଆଲମାରିଟି ବେଶ୍ ଜୋର୍‌ରେ ଚୁମ୍ବନଟିଏ ଆଙ୍କିଦେଲା । ତତ୍‌କ୍ଷଣାତ୍ କପାଳରେ ଆବୁଟିଏ ବାହାରି ପଡ଼ିଲା । ଅମୃତ କିନ୍ତୁ ଯଥାରୀତି ନୀରବରେ ଭିତରକୁ ଟ୍ରେ ଧରି ପ୍ରବେଶ କଲେ ଏବଂ ମା'ଙ୍କ ସାମନାରେ ସରଳ ଶିଶୁଟିଏ ଭଳି ବସି ଗୋଟିଏ ପରେ ଗୋଟିଏ କାମ ଶେଷ କରୁଥିବା ବେଳେ ହଠାତ୍ ମା'ଙ୍କ ନଜର ସେହି ଆବୁଟି ଉପରେ ପଡ଼ିଲା । ମା ତତ୍‌କ୍ଷଣାତ୍ ଅଳ୍ପ ହସି ଅମୃତଙ୍କୁ ପଚାରିଲେ, ''ଅମୃତ, କଥା କ'ଣ ?'' ସେମିତି ଯତ୍ନର ସହିତ ମା'ଙ୍କ ହାତକୁ କାମ ସମ୍ବନ୍ଧୀୟ କିଛି ଜିନିଷ ବଢ଼ାଇ ଦେଉ ଦେଉ ମନ୍ଦହାସ୍ୟରେ ଅମୃତ ଉତ୍ତର ଦେଲେ, ''ନିଜକୁ ସଚେତ କରାଉଛି, ମା !''...

*

ଥରେ ମା ଅମୃତଙ୍କୁ କହିଲେ, ''କାଲି ସକାଳେ ତୁମେ ଯାହାଙ୍କୁ ପ୍ରଥମେ ଦେଖିବ ତାଙ୍କୁ ଡାକ୍ତର 'ଡି'ଙ୍କୁ ଡାକି ଆଣିବାକୁ ତୁରନ୍ତ ପଠାଇବ ।'' ଅମୃତ ତତ୍‌କ୍ଷଣାତ୍ ''ଠିକ୍ ଅଛି, ମା !'' କହି ଚାଲିଆସିଲେ । ତଳକୁ ଆସି ଠିକ୍ ପର ମୁହୂର୍ତ୍ତରେ ଅମୃତ ପୁଣି ମା'ଙ୍କ ପାଖରେ ହାଜିର ହେବାର ଦେଖି ମା ପଚାରିଲେ, ''କ'ଣ ହେଲା ?''– ''ମା, ଯଦି ଏମିତି ଘଟେ, କାଲି ସକାଳେ ତୁମକୁହିଁ ମୁଁ ଯଦି ପ୍ରଥମେ ଭେଟେ... !'' ଦୁହିଁଙ୍କର ସେ କି ହସ !

*

ମା ସେତେବେଳେ ପ୍ଲେ-ଗ୍ରାଉଣ୍ଡରେ ସନ୍ଧ୍ୟାରେ ଫ୍ରେଞ୍ଚ୍ ଟ୍ରାନ୍‌ସ୍‌ଲେସନ୍ କ୍ଲାସ ନେଉଥିଲେ । ଅମୃତ ଏହି କ୍ଲାସକୁ ନିୟମିତ ଯାଉଥିଲେ । କିନ୍ତୁ କାମର ଚାପରେ ସେ ପ୍ରାୟ ଟିକିଏ ବିଳମ୍ବରେ ଯାଇ ପହଞ୍ଚୁଥିଲେ । ତେଣୁ ସେ ଚାଲାକି କରି ଚୁପ୍‌ଚାପ୍ ସମସ୍ତଙ୍କର ଅଜାଣତରେ ଯାଇ କ୍ଲାସରେ ବସି ପଡୁଥିଲେ । କିନ୍ତୁ ମା'ଙ୍କର ତ ଚାରିଆଡ଼େ ଆଖି ! ଥରେ ଏମିତି କରୁଥିବା ବେଳେ ମା କହିଉଠିଲେ, ''ଅମୃତ, ସେଇଠି ଠିଆହୁଅ, ମୋ ପ୍ରଶ୍ନର ଉତ୍ତର ନ ଦେଇ କ୍ଲାସକୁ ପଶିପାରିବ ନାହିଁ !'' ବିଚରା ଅମୃତ, ଆଉ କରିବେ କ'ଣ, ସମସ୍ତଙ୍କ ଆଖି ତାଙ୍କ ଉପରେ ନିବଦ୍ଧ, ସେଇଠି ଚୁପ୍‌କରି ଛିଡ଼ା ହୋଇରହିଲେ । ମା ପଚାରିଲେ, ''ମଣିଷ ଓ ଭଗବାନଙ୍କ ମଧ୍ୟରେ ଦୂରତା କେତେ ?'' ଅମୃତ କ'ଣ କଲେ ନା ସମସ୍ତଙ୍କୁ ଏପରିକି ମା'ଙ୍କୁ ବି ଚକିତ କରିଦେଇ ନୀରବରେ ଅଥଚ ଦୃଢ଼ ପଦକ୍ଷେପରେ ସିଧା ସିଧା ମା'ଙ୍କ ଆଡ଼କୁ ମନେ ମନେ ଗଣି ଗଣି ଲମ୍ବା ଲମ୍ବା ପାଦ ପକାଇ ତାଙ୍କର ଠିକ୍ ସାମନାରେ ପହଞ୍ଚି, ''କେବଳ ଏତିକି (ଛ' କି ସାତ) ପାଦ ମା' !'' କହି ଲଥ କରି ସେଇଠିହିଁ ବସି ପଡ଼ି କହିଲେ, ''ତୁମେ ଭଗବାନ୍ ଏବଂ ମୁଁ ମଣିଷ !'' ସମସ୍ତ କ୍ଲାସ ଏବଂ ମା ହସରେ ଫାଟି ପଡ଼ିଲେ । ଅମୃତଙ୍କର ଓଠରେ କେବଳ ମୃଦୁହାସ୍ୟ ।

ଆଉ ଥରେ ସେମିତି କ୍ଲାସକୁ ସମସ୍ତଙ୍କର ଅଜଣାରେ ଯାଇ ବସିବାକୁ ଯାଉଛନ୍ତି ମା'ଙ୍କ ନଜରରେ ପଡ଼ିଗଲେ, ଆଉ ବସିବେ କ'ଣ ! ଛିଡ଼ା ହୋଇ ରହିବାକୁ ବାଧ୍ୟ ହେଲେ । ସେତେବେଳେ କ୍ଲାସରେ ଅଧିମାନସ ଏବଂ ଅତିମାନସ ଭିତରେ ସମ୍ପର୍କ ନେଇ ଆଲୋଚନା ଚାଲିଥିଲା । ମା କହିଉଠିଲେ, ''ଆଃ ! ଏଇ ଯେ ଅମୃତ ! ଆମେ ଏହାକୁ ପଚାରିବା ! ଆଚ୍ଛା, ଅମୃତ କହିଲ ଦେଖି, ଅଧିମାନସ ଆଉ ଅତିମାନସ ଭିତରେ ସମ୍ପର୍କ କ'ଣ ?'' ସମସ୍ତ କ୍ଲାସର ନଜର ତାଙ୍କରି ଉତ୍ତର ଉପରେ । ଅମୃତ ତତ୍‌କ୍ଷଣାତ୍ ନିର୍ଭୟରେ ନିଜର ବାହୁ ଲମ୍ବାଇ କହିଲେ, ''ଭେ..ରି ଗୁଡ୍ ସମ୍ପର୍କ ମା, ଭେ.. ରି ଗୁଡ୍ ସମ୍ପର୍କ !'' ଏବଂ କ୍ଲାସରେ ବସିପଡ଼ିଲେ । ଅମୃତଙ୍କର ସରସ ପ୍ରତ୍ୟୁତ୍ତର ଦାନରେ ସମଗ୍ର କ୍ଲାସରେ ହାସ୍ୟରୋଳ ।

ଆଉ ଥରେ କ୍ଲାସରେ ପଶିବାକୁ ଯାଉଛନ୍ତି । ମା'ଙ୍କ ନଜରରେ ପୁଣି ଧରା ପଡ଼ିଗଲେ । ସେତେବେଳକୁ ଶିଳ୍ପକଳା ଓ ଯୋଗ ସମ୍ବନ୍ଧରେ ଆଲୋଚନା ଚାଲିଥିଲା । ମା କହିଲେ, ''ଅମୃତ, ଏସମ୍ବନ୍ଧେ ତୁମେ କିଛି ମନ୍ତବ୍ୟ ଦିଅ ।'' ଅମୃତ ସେପରି ଛିଡ଼ା ହୋଇ ତତ୍‌କ୍ଷଣାତ୍ ଉତ୍ତର ଦେଲେ, ''ମା, ଶିଳ୍ପକଳା (ଆର୍ଟ) ଯୋଗ ହୋଇପାରେ, କିନ୍ତୁ ଯୋଗ ହେଉଛି ନିଶ୍ଚିତଭାବେ ଶିଳ୍ପକଳା ।'' ଏଥର କିନ୍ତୁ କ୍ଲାସରେ ହାସ୍ୟରୋଳ ନୁହେଁ, କ୍ଲାସରେ ଗମ୍ଭୀରତା ! ମା'ଙ୍କର ନୀରବରେ ମନ୍ଦହାସ୍ୟ ସହ ସମ୍ମତିପ୍ରଦାନ ।

❑❑❑

# ଆଲୋକ ଓ ଆନନ୍ଦୋଚ୍ଛ୍ୱାସ

## ଅମଲକିରଣ

[୧୯୭୦ ଓ ୧୯୭୧ ମସିହାରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଶ୍ରୀ ଅମଲକିରଣ ଓ ଶ୍ରୀ ନୀରଦବରଣ ଦେଇଥିବା କେତୋଟି ଭାଷଣ 'Light and Laughter' ପୁସ୍ତକରେ ପ୍ରକାଶିତ । ତହିଁରୁ ଅମଲକିରଣଙ୍କ ତୃତୀୟ ଭାଷଣର କିଛି ଅଂଶର ଓଡ଼ିଆ ଭାଷାନ୍ତର :]

ମୁଁ ଏବେ ମୋର ପ୍ରଥମ ଥର ଆସିବା କଥାରୁ ଆରମ୍ଭ କରିବି । ମୁଁ ବସୁଧା ହାଉସ୍‌ରେ ରହୁଥିଲି ବୋଲି ତୁମମାନଙ୍କୁ କହିଛି । କିନ୍ତୁ ପରେ ଘରଟିର ନାମ ଆମ ଆଶ୍ରମ ପ୍ରଚଳିତ ଇଂରାଜୀରେ କହିଲେ, ''Old Amal's House'' ନାମରେ ପରିଚିତ ହେଲା (ହାସ୍ୟରୋଳ) । କାରଣ ଅମଲର ବୟସ ସେତେବେଳେ ମାତ୍ର ତେଇଶି ହେବା ସତ୍ତ୍ୱେ ବି ସେ ଥିଲା ଘରଟିର ଜଣେ ପୁରାତନ ବାସିନ୍ଦା । ଘରଟିରେ ଗୋଟିଏ କୂଅ ଥିଲା । ଏବଂ ସେ ତେଇଶି ବର୍ଷର ଉଦ୍ଦାମତାରେ ମୁଁ କୂଅରୁ ପାଣି ବାହାର କରି ବେପରୁଆ ଭାବେ ନେଇ ସେଇ ପାଣି ପିଇଲି (ହାସ୍ୟରୋଳ), ପରିଣାମ ହେଲା ପ୍ରଚଣ୍ଡ ହଇଜା । ହୁଏତ ତାହା ଥିଲା ଏକ ବିଶୁଦ୍ଧୀକରଣର ଅଭିଜ୍ଞତା । ତେବେ ଏଇ ବିଶୁଦ୍ଧୀକରଣ ହେଲା ବିପରୀତ ଦିଗରୁ । ଭାବିପାରିଲିନି କେମିତି ଏହା ବନ୍ଦ ହେବ । ତେଣୁ ଆଶ୍ରମ ଡାକ୍ତରଙ୍କୁ ଡାକି ପଠାଇଲି । ଏବେ ଆଶ୍ରମରେ ଅନେକ ଡାକ୍ତର ଅଛନ୍ତି । କିନ୍ତୁ ସେତେବେଳେ ଜଣେ ମାତ୍ର ଡାକ୍ତର ଥିଲେ । ଆଉ ସେ ସବୁବେଳେ ଅଦୃଶ୍ୟ ପ୍ରାୟ ରହୁଥିଲେ । କାରଣ ସେ ଥିଲେ ଅତ୍ୟଧିକ କୃଶଦେହୀ (ହାସ୍ୟରୋଳ) । ମନେ ହେଉଥିଲା ସ୍ୱଳ୍ପ ଦାଢ଼ି ସହିତ ସେ ଥିଲେ ଏକକମାତ୍ରା ବିଶିଷ୍ଟ ସତ୍ତାଟିଏ ।

ସେ ମୋତେ ଦେଖିବାକୁ ଆସିଲେ । ମୁଁ ବିଛଣାରେ ଶୋଇଥିଲି । ସେ ମୋ ବିଛଣା ପାଖରେ ଆସି ବସିଲେ । ମୁଁ ଯେମିତି ତାଙ୍କ ଆଡ଼କୁ ଚାହିଁଲି ସେ ଆଖି ବନ୍ଦ କରି ବସି ରହିଲେ । ଯେତେବେଳେ ମୋର ମନେହେଲା ସେ ଅନେକ ସମୟ ଧରି ବସିଲେଣି, ଟିକିଏ ଅଧୈର୍ଯ୍ୟ ହୋଇ ଡାକିଲି 'ଡାକ୍ତର ବାବୁ' । ସେ ମଧୁର ସ୍ୱରରେ ଉତ୍ତର ଦେଲେ 'ହଁ' । ମୁଁ କହିଲି, ''ମୋର ଚିକିତ୍ସା ଦରକାର ।'' ସେ କହିଲେ, ''ମୁଁ ତ ତୁମର ଚିକିତ୍ସା କରୁଛି ।'' ଏବଂ ପୁଣି ଆଖି ବନ୍ଦ କରି ବସିଲେ (ହାସ୍ୟରୋଳ) । ମୁଁ ଭାବିଲି ସେ ହୁଏତ ଠିକ୍ ଔଷଧଟି ନିର୍ବାଚନ କରିବାକୁ ମନୋନିବେଶ କରୁଛନ୍ତି । କିନ୍ତୁ ସେ କିଛି ବି କଲେ ନାହିଁ । ତେଣୁ ପୁଣି ଥରେ ତାଙ୍କୁ ଡାକିଲି । ''କ'ଣ'' ? ସେ ପ୍ରଶ୍ନ କଲେ । ମୁଁ କହିଲି, ''ମୋର ଔଷଧ ଦରକାର'' । ସେ ଉତ୍ତର ଦେଲେ, ''ଓଃ, ତୁମର ଔଷଧ ଦରକାର'' ? ମୁଁ କହିଲି, ''ଅବଶ୍ୟ'' । ଏଥିରେ ସେ ଖୁବ୍ ବିରକ୍ତ ହୋଇ ଉଠିଲେ ଏବଂ ଏକ ବିଚିତ୍ର ହସ ହସି ଚାଲିଗଲେ । କିଛି ସମୟ ପରେ ଏକ ବୋତଲ ଔଷଧ ଆଣି ଦେଲେ । ଔଷଧଟି ଖୁବ୍ କାମ ଦେଇଥିଲା ବୋଲି ମୁଁ କହିପାରେ । ତାହାହିଁ ହେଉଛି ତାଙ୍କୁ ଏକ ଅଭିନନ୍ଦନ । କିନ୍ତୁ ସେଇ ସମୟରୁ ଅନୁମାନ କରିବାକୁ ଆରମ୍ଭ କଲି ଯେ ଧ୍ୟାନ ମାଧ୍ୟମରେ କିଛି କରିପାରିବା ପରି କଥାଟିଏ ଏଠାରେ ରହିଛି । ସେଇ ଡାକ୍ତରଙ୍କ ବ୍ୟବହାର ଓ ତାଙ୍କ ଆଖି ବନ୍ଦ କରିବା ଦ୍ୱାରା ମୋ ଆଖି ଖୋଲି ଗଲା । ପରବର୍ତ୍ତୀ ସମୟରେ ମୁଁ ଆବିଷ୍କାର କରିଥିଲି ଯେ ଧ୍ୟାନ ଅନେକ କିଛି କରିପାରେ ଯଦି ଆମେ ନିଜ ଉପରେ ବା ପରସ୍ପର ଉପରେ ଧ୍ୟାନ କରିବା ପରିବର୍ତ୍ତେ ସ୍ୱୟଂ ଗୁରୁମାନେହିଁ ଆମ ଉପରେ ଧ୍ୟାନ କରନ୍ତି ! (ହାସ୍ୟରୋଳ)

ଆଉ ଏକ ଉଦାହରଣ ହେଲା ଆଶ୍ରମକୁ ମୋର ପ୍ରଥମ ଥର ଆସିବା ଓ ଦ୍ୱିତୀୟ ଥର ଆସିବା ମଧ୍ୟବର୍ତ୍ତୀ ସମୟଟି ମୁଁ ବମ୍ବେରେ ଥିଲି ଏବଂ ତା' ଭିତରେ ଥରେ ଆଶ୍ରମକୁ ବୁଲିବାକୁ ଆସିଥିଲି, ଆଉ ସେଇ ସମୟରେ ମୋର ବିଖ୍ୟାତ ପତନଟି ହୋଇଥିଲା । ଆଘାତଟି ବେଶ୍ ଜୋର୍ ଲାଗିଥିଲା । ଆଶ୍ରମ ଗେଟ୍ ପାଖକୁ ଯାଉଥିଲି । ରାସ୍ତା ସଂକ୍ଷିପ୍ତ କରିବାକୁ ଯାଇ ନାଳଟିଏ ଉପର ଦେଇ ଡେଇଁଯିବାକୁ ଚେଷ୍ଟା କରୁଥିବା ବେଳେ ନାଳଟି ଭିତରେ ପଡ଼ିଗଲି । (ହାସ୍ୟରୋଳ) ମୋର ବାମ ଗୋଡ଼ଟି ଏମିତି ମୋଡ଼ି ହୋଇ ଗଲା ଯେ ମୋତେ ସେଇ ନାଳ ଭିତରେ ବସିରହିବାକୁ ହେଲା । କେତେ ଲୋକ ସେଇ ବାଟ ଦେଇ ଯିବା ଆସିବା କରୁଥିଲେ କିନ୍ତୁ କେହି କିଛି ବି କଲେ ନାହିଁ । ମୋ ବନ୍ଧୁଙ୍କ ଭଉଣୀ, ଯାହା ସାଥିରେ ମୁଁ ଏଠାକୁ

ଆସିଥିଲି, ସେ ମଧ୍ୟ ସେମିତି କିଛି ସାହାଯ୍ୟ ନ କରି ଚାଲିଯାଉ ଥିବାର ଦେଖି ମୁଁ ଆଉ ରହିପାରିଲି ନି, କହି ଉଠିଲି, ''ଦେଖି ପାରୁ ନାହଁ କି ମୁଁ କେମିତି ଅବସ୍ଥାରେ ଅଛି ? ଏଠାରେ ପଡ଼ିଯାଇ ଆଉ ଉଠି ପାରୁ ନାହିଁ ।'' ସେ କହିଲେ, ''କିନ୍ତୁ ମୁଁ ତ ଭାବିଲି ତୁମେ ସେଠାରେ ବସି ଗଳ୍ପ କରୁଛ । ତୁମେ ତ ଯେଉଁଠି ପାର ସେଇଠି ବସି ଲୋକଙ୍କ ସହିତ କଥାବାର୍ତ୍ତା କର ।'' (ହାସ୍ୟରୋଳ) ମୁଁ ବିସ୍ମିତ ହୋଇଗଲି । କହିଲି, ''ସେ ଯାହା ହେଉ, ଏବେ ଦୟା କରି କିଛି ବ୍ୟବସ୍ଥା କର ଏବଂ ଏଠାରୁ ମୋତେ ବାହାର କର'' । ତା'ପରେ ସେ ଏବଂ ଅନ୍ୟ କେତେ ଜଣ ଲୋକ ଆସି ମୋତେ ନାଳରୁ ଉଠାଇଲେ । ଆଶ୍ରମ ଭିତରୁ କେହି ଜଣେ ବାହାରି ଆସିଲେ – ମୋର ମନେ ହୁଏ ସେ ଥିଲେ ଦ୍ୟୁମନ୍, ସେ ମୋତେ ଏ ଅବସ୍ଥାରେ ଦେଖି ଶ୍ରୀମାଙ୍କୁ ଏ ବିଷୟରେ ଜଣାଇବାକୁ ଗଲେ ।

ମୋତେ ଅବଶ୍ୟ କିଛି ଦିନ ବିଛଣାରେ ଶୋଇ ରହିବାକୁ ହେଲା । ଡିସ୍‌ପେନ୍‌ସାରିରୁ ଆଶାବାଡ଼ି ଦୁଇଟି ମଗାଇଲି । ଦର୍ଶନର ସମୟ ଆସି ଯାଇଥିଲା, ଆଉ ମୁଁ ସେଥିରୁ ବାଦ୍ ପଡ଼ିବାକୁ ଚାହୁଁ ନ ଥିଲି । ଶ୍ରୀମାଙ୍କୁ କେହି ଜଣେ କହିଥିଲେ ଯେ ମୁଁ ଶଯ୍ୟାଶାୟୀ ଏବଂ ମନେ ହୁଏ ନା ଯେ ମୁଁ ଏଇ ଅବସ୍ଥାରୁ ଅଚିରେ ମୁକ୍ତି ପାଇବି । କିନ୍ତୁ ଶ୍ରୀମା ନିର୍ବିକାର ଭାବେ ଉତ୍ତର ଦେଇଥିଲେ, ''ମୁଁ ନିଶ୍ଚିତ ଯେ ସେ ଦର୍ଶନକୁ ଆସିବ । ସେ ବେଶୀ ଦିନ ଶୋଇ ରହିବା ବ୍ୟକ୍ତି ନୁହେଁ, ଯେମିତି ହେଲେ ସେ ଆସିବ ।'' ଏଇ କଥା ଶୁଣିବା କ୍ଷଣି ଭାବିଲି, ''ନିଶ୍ଚୟ ମୁଁ ଯିବି,'' ତେଣୁ ଯଥା ସମୟରେ ଆଶାବାଡ଼ିକୁ ଅବଲମ୍ବନ କରି ଦର୍ଶନ ରୁମ୍‌ର ପାହାଚ ପାଖରେ ଆସି ଛିଡ଼ା ହେଲି । ଉଦାରଙ୍କ କେତେଜଣ ବଳିଷ୍ଠ ସ୍ୱେଚ୍ଛାସେବୀ ଗୋଟିଏ ଚେୟାରରେ ବସାଇ ମୋତେ ପାହାଚ ଉପର ମୁଣ୍ଡରେ ନେଇ ଛାଡ଼ିଦେଲେ । ସେଇ ଲମ୍ବା ଘରଟିର ଅପର ପ୍ରାନ୍ତରେ ଶ୍ରୀଅରବିନ୍ଦ ଓ ଶ୍ରୀମା ବସିଥିଲେ । ପାହାଚର ଶେଷରେ ମୋତେ ଛାଡ଼ି ଦିଆଯାଇ ଥିଲା । ପୁଣି ମୋର ଆଶାବାଡ଼ିକୁ ଧରି ଯେତେଦୂର ସମ୍ଭବ ଆସ୍ତେ ଯାଇ ହେବ, ସେମିତି ଭାବରେ ଆଗେଇଲି, ଯେମିତି ଦର୍ଶନ ପାଇବାର ସମୟଟିକୁ ଯେତେ ବେଶୀ ସମ୍ଭବ ଲମ୍ବାଇ ଦିଆଯାଇପାରେ, କାରଣ ଏଇ ସୁଯୋଗ ତ ଆଉ ବାରଂବାର ମିଳିବ ନାହିଁ । (ହାସ୍ୟରୋଳ) ଖୁବ୍ ପରିଶ୍ରମ କରି ପାଦ ପରେ ପାଦ ପକାଇ, ନାଟକୀୟ ଭଙ୍ଗୀରେ ଧୀରେ ଧୀରେ ଆଗେଇ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପାଖକୁ ଗଲି । ଆଶାବାଡ଼ି ଅବଲମ୍ବିତ ମୋର ସେଇ ଧୀର ଗତିକୁ ସେମାନେ ଦେଖିବାକୁ ଲାଗିଲେ – ଶ୍ରୀମା ମଧୁର ଭାବେ ଏବଂ ଶ୍ରୀଅରବିନ୍ଦ ସ୍ଥିର ଦୃଷ୍ଟିରେ । ସେମାନଙ୍କ ଆସନ ପାଖକୁ ଆସି ମୋର ଅନୁଭୂତି ହେଲା ଯେ ଏକ ବିରାଟ ଶକ୍ତି ମୋ ଭିତରକୁ ପ୍ରବେଶ କରୁଛି । ଆତଙ୍କିତ ହୋଇ ଦେଖିଲି ଯେ ଶ୍ରୀଅରବିନ୍ଦ ମୋର ଭୁଲ୍ ଗୋଡ଼ଟି ଉପରେ ଏକାଗ୍ର ହୋଇଛନ୍ତି ! (ହାସ୍ୟରୋଳ) ଜାଣ, ମୋର ଡାହାଣ ଗୋଡ଼ଟି ଭୁଲ୍ ଗୋଡ଼ ଆଉ ବାମ ଗୋଡ଼ଟି ଥିଲା ଠିକ୍ ଗୋଡ଼ (The right leg was the wrong leg and the left leg was the right leg !) (ହାସ୍ୟରୋଳ) । କଥାଟି ବେଶ୍ ଗୋଳମାଳିଆ । ମୋର ସେଇ ଦୁର୍ଘଟଣା ସମୟରେ ମୋତେ ଦେଖୁଥିବା ଯେକୌଣସି ବ୍ୟକ୍ତି ସହଜରେ କହିଦେବା ସମ୍ଭବ ଥିଲା ଯେ ମୋର ଡାହାଣ ଗୋଡ଼ଟିରେ ଆଘାତ ଲାଗିଛି, କାରଣ ମୋର ବାମ ଗୋଡ଼ଟି ତାଙ୍କର ଡାହାଣ ଗୋଡ଼ର ସାମନା-ସାମନି ରହିବ । ସେ ଯାହା ହେଉ, ଏବେ ମୁଁ ବା କ'ଣ କରିବି ? ମୁଁ ମୋର ଆଘାତ ଲାଗିଥିବା ଗୋଡ଼ଟିକୁ ଟିକିଏ ଘୁଞ୍ଚାଇଲି, କିନ୍ତୁ ତାଙ୍କ ଏକାଗ୍ରତା ଏତେ ନିବିଡ଼ ଥିଲା ଯେ ଫଳ କିଛି ହେଲା ନାହିଁ । ଅଳ୍ପ ସମୟ ଭିତରେ ଉପଲବ୍ଧି କଲି ଯେ ସର୍ବଶକ୍ତିମାନ୍ ହେବା ପାଇଁ ଭଗବାନଙ୍କୁ ସର୍ବଜ୍ଞାନୀ ହେବା ଦରକାର ନାହିଁ । ଯେତେବେଳେ ଅମଳର ଗୋଡ଼ ଉପରେ ଅଭିନିବେଶ କରାଯାଇଛି, ତାହା ଯେଉଁ ଗୋଡ଼ ହେଉ ନା କାହିଁକି ତା'ର ପ୍ରଭାବ ଅନିବାର୍ଯ୍ୟ । ପ୍ରକୃତରେ ପ୍ରାୟ ସେହିଦିନ ମୁଁ ଆଶାବାଡ଼ି ପରିତ୍ୟାଗ କଲି, ଏବଂ ମୋର ନିତିଦିନିଆ ଗୋଟିଏ ବାଡ଼ି ବଦଳରେ ଦୁଇଟି ବାଡ଼ି ଧରି ଶ୍ରୀମାଙ୍କ ପାଖକୁ ପରବର୍ତ୍ତୀ ପ୍ରଣାମ ପାଇଁ ଆସିଲି । ମୁଁ ତାଙ୍କୁ କହିଲି, ''ମା, ପ୍ରଥମ ଥର ପାଇଁ ମୋର ଜଡ଼ସ୍ତରର ଗର୍ତ୍ତରେ ପତନ ହେଲା... ।'' ସେ ହସିଲେ ଏବଂ ପଚାରିଲେ, ''ଏବେ କେମିତି ଅଛ ?'' ମୁଁ ଉତ୍ତର ଦେଲି, ''ବହୁତ ଭଲ ଅଛି, କିନ୍ତୁ ତୁମେ କ'ଣ ଭାବୁଛ ! ମୁଁ କ'ଣ ଏ ଦୁର୍ଘଟଣା ବିଷୟରେ ବମ୍ବେରେ ରହୁଥିବା ସେହେରାକୁ ଜଣାଇବା ଉଚିତ ?'' ତତ୍‌କ୍ଷଣାତ୍ ସେ କହିଲେ, ''ନା, ନା । କାହିଁକି ବିଚାରୀକୁ ଦୁଶ୍ଚିନ୍ତାରେ ପକାଇବ ? ଆଉ ତ ଦୁଇଦିନ ଭିତରେ ତୁମେ ସ୍ୱାଭାବିକ ଭାବରେ ଚଲାବୁଲା କରିପାରିବ ।'' ଏଇ ପ୍ରତ୍ୟୟମୂଳକ ଭବିଷ୍ୟତ୍ ବାଣୀ ଶୁଣି ମୁଁ ବିସ୍ମିତ ହେଲି । କିନ୍ତୁ ପ୍ରକୃତରେ ତାହାହିଁ ସତ ହେଲା – ଠିକ୍ ଦୁଇ ଦିନ ଭିତରେ ମୁଁ ମୋର ପୁରୁଣା ରୀତିରେ ଛୋଟେଇ ଛୋଟେଇ ଚଲାବୁଲା କରିବାକୁ ଲାଗିଲି, ଯେମିତି କିଛି ବି ହୋଇ ନାହିଁ । ଏଥିରୁ ବୁଝାଯାଏ ଆଧ୍ୟାତ୍ମିକ ଶକ୍ତି କେମିତି କାମ କରେ ।

ଏବେ ଆଉ ଗୋଟିଏ ଉଦାହରଣ ଦେଇପାରେ । ଏହା ମୋର ଗୋଟିଏ କଳଦାନ୍ତ ପ୍ରସଙ୍ଗରେ । ଥରେ ମୋର ସେଇ ଦାନ୍ତରେ ଟିକିଏ କଷ୍ଟ ହୋଇଥିଲା । ଏବଂ ମୁଁ ଆମ ପୁରୁଣା ଦନ୍ତ-ଚିକିତ୍ସକଙ୍କ ପାଖକୁ ଯାଇଥିଲି । ଏଠାରେ ଆମ ଦନ୍ତ ଚିକିତ୍ସକମାନଙ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତୁମେମାନେ ତାହା ଜାଣିଥିବ । ସେମାନେ ଚାହାନ୍ତି ଅତିମାନସୀୟ (Supramental) ହେବା ପୂର୍ବରୁ ଆମେମାନେ ଯେମିତି ଅତିଦନ୍ତୀୟ (Supradental) ହୋଇ ନ ଯାଉ । (ହାସ୍ୟରୋଳ) ଦନ୍ତଚିକିତ୍ସକ ମୋ ଦାନ୍ତ ପରୀକ୍ଷା କରି ରାୟ ଦେଲେ, ''ଦେଖୁଛି ତୁମ ଦାନ୍ତଟି ଭାଙ୍ଗିଯାଇଛି । ସେଇଟିକୁ ଉପାଡ଼ି ଦେବାକୁ ହେବ ।'' ମୁଁ କହିଲି, ''କ'ଣ ହେଲା ଡାକ୍ତର ? ଆଉ ଥରେ କୁହନ୍ତୁ ।'' ସେ ପୁନରାବୃତ୍ତି କଲେ, ''ହଁ ଏଥର ଦାନ୍ତଟିକୁ ଉପାଡ଼ିବାକୁ ହେବ ।'' ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, ''ଚମତ୍କାର ! ଜୀବନରେ ମୋର କେବେ ଦାନ୍ତ ଉପଡ଼ା ହୋଇ ନାହିଁ । ମୋର ନୂଆ ଅଭିଜ୍ଞତାଟିଏ ହେବ । ଏବେ ଆରମ୍ଭ କରନ୍ତୁ ଡାକ୍ତର ।'' ସେ କାମ ଆରମ୍ଭ କଲେ ଏବଂ ଅଧଘଣ୍ଟାଏ ଧରି ଖଣ୍ଡ ଖଣ୍ଡ କରି ଦାନ୍ତର ଟୁକୁରା ବାହାର କରିବାକୁ ଲାଗିଲେ । କିନ୍ତୁ ଶେଷ କେତୋଟି ଖଣ୍ଡ ଆଦୌ ବାହାରିଲା ନାହିଁ । ଶେଷରେ ସାହାଯ୍ୟ କରିବା ପାଇଁ ସେ ତାଙ୍କ ସ୍ତ୍ରୀଙ୍କୁ ଡାକି ପଠାଇଲେ । ସେ ଆସିଲେ ଏବଂ ଦୁଇଜଣ ଯାକ ମିଶି ଗୋଟିଏ ଛୋଟ ନିହାଣ ଓ ହାତୁଡ଼ି ଧରି କାମ ଆରମ୍ଭ କଲେ ଏବଂ ଉତ୍ତମ ଦନ୍ତ ଚିକିତ୍ସକଭାବେ ସବୁ ଖଣ୍ଡଗୁଡ଼ିକୁ ଶେଷରେ ପୂରାପୂରି ବାହାର କରି ଆଣିଲେ । ତା'ପରେ ମୁଁ ଘରକୁ ଫେରି ଆସିଲି, କିଛି ସମୟ ପରେ ଭୀଷଣ ଯନ୍ତ୍ରଣା ଆରମ୍ଭ ହେଲା । ଭାବିଲି ଦାନ୍ତ ଉପାଡ଼ିଲେ ବୋଧହୁଏ ଏମିତି ଯନ୍ତ୍ରଣା ହୁଏ ଏବଂ ମୋତେ ଦାନ୍ତ ଦେଖାଇ ଏହା ସହ୍ୟ କରିବାକୁ ହେବ । ସାରା ଦିନ ବିତି ଗଲା କିନ୍ତୁ ଯନ୍ତ୍ରଣାର ଉପଶମ ହେଲା ନାହିଁ । କ'ଣ କରିବି ବୁଝି ପାରିଲିନି । ଚିନ୍ତା କରିବାକୁ ଲାଗିଲି କେମିତି ଏଥିରୁ ନିଷ୍କୃତି ପାଇବି । ହଠାତ୍ ମନେ ପଡ଼ିଲା ପୂର୍ବଦିନ ଶ୍ରୀମାଙ୍କଠାରୁ ପାଇଥିବା ଚିଠିଟିର କଥା – ମୋର ଗୋଟିଏ ପ୍ରଶ୍ନର ଉତ୍ତର ସ୍ୱରୂପ ସବୁଜ କାଳିରେ ଲେଖା ହୋଇଥିବା ଶ୍ରୀମାଙ୍କର ଚାରିଟି ଶବ୍ଦରେ ଉତ୍ତର । ଲେଖା ଥିଲା : "It is all right". ମନେହେଲା ଯେମିତି ମୋର ବର୍ତ୍ତମାନର ଏଇ ଅବସ୍ଥା ସହିତ ଏଇ ଶବ୍ଦଗୁଡ଼ିକର ଯୋଗାଯୋଗ ରହିଛି । ମୁଁ ନିଜକୁ ନିଜେ ପଚାରିଲି, ''ମୋ ଅବସ୍ଥା କାହିଁକି ଏତେ ଖରାପ ହେଲା ? ଏହା ତ ଠିକ୍ ହୋଇଯିବା ଉଚିତ । ଶ୍ରୀମା ଏହା ପୂର୍ବରୁ କହିସାରିଛନ୍ତି ।'' ହଠାତ୍ ପ୍ରେରଣା ପାଇଲି ସେଇ ଚାରିଟି ଶବ୍ଦ ଲିଖିତ କାଗଜଟି ମୋ ଗାଲ ଉପରେ ଚାପି ଧରିବାକୁ, ଠିକ୍ ଯନ୍ତ୍ରଣା ହେଉଥିବା ଜାଗାଟି ଉପରେ । ବିଶ୍ୱାସ କର, ତିନି ମିନିଟ୍ ବା ତା'ଠାରୁ କମ୍ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଯନ୍ତ୍ରଣା ବନ୍ଦ ହୋଇଗଲା । ଚାରିଘଣ୍ଟା ସମୟ ଲାଗିଥିଲା ଯନ୍ତ୍ରଣା ପୁଣି ଥରେ ଆରମ୍ଭ ହେବାକୁ । ଏହା ଗୋଟିଏ ଛୋଟ ଅଲୌକିକ ଘଟଣା । ଏକଥା ସ୍ପଷ୍ଟ ଯେ ମୁଁ ଶ୍ରୀମାଙ୍କ ଶକ୍ତିର ସ୍ପର୍ଶ ପାଇଥିଲି ଏବଂ ସେଇ ଶକ୍ତି ଶବ୍ଦଗୁଡ଼ିକ ମାଧ୍ୟମରେ ମୋର ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥାରେ କାମ କରିଥିଲା । ପରଦିନ ଦନ୍ତ-ଚିକିତ୍ସକଙ୍କ ଦ୍ୱାରା ଯନ୍ତ୍ରଣାମୁକ୍ତ ହୋଇଥିଲି ।

ମୁଁ ଆହୁରି କେତେଗୁଡ଼ିଏ ଘଟଣା ବିଷୟରେ ଉଲ୍ଲେଖ କରିପାରେ, କିନ୍ତୁ ମନେ ହେଉଛି ବେଶୀ ସମୟ ନାହିଁ । ଶ୍ରୀମା ଓ ଶ୍ରୀଅରବିନ୍ଦ ଆମମାନଙ୍କୁ ନେଇ କ'ଣ କରିପାରନ୍ତି ସେ ସମ୍ପର୍କରେ କେବଳ ଆଉ ଗୋଟିଏ ଦିଗ କଥା କହିବି । ସେମାନେ ଅସମ୍ଭବ କଥାସବୁ ଘଟାଇ ପାରନ୍ତି । ତୁମେମାନେ ଜାଣ ଶ୍ରୀମା କେମିତି ମୋତେ ଆସବାବପତ୍ରର ରକ୍ଷକ ବନାଇ ଦେଇଥିଲେ, ଯେଉଁ ଭୂମିକାଟି ମୁଁ ନିଜେ କେବେ ହେଲେ ସ୍ୱପ୍ନରେ ବି ଭାବି ପାରି ନ ଥିଲି । ପୂର୍ବ ଭାଷଣରେ ତୁମମାନଙ୍କୁ କହିଥିଲି ଯେ ମୁଁ ବେଶ୍ ଭଲ ଜଣେ ଆସବାବପତ୍ର ରକ୍ଷକ ହୋଇପାରିଥିଲି, ଏବଂ ଏଇ ପଦାଧିକାରୀ ହୋଇ ଅନେକ ଜିନିଷ ଶିଖିଛି, ଅବଶ୍ୟ ଦୁଇଥର ପତନ ମଧ୍ୟ ହୋଇଛି । ଅନେକ ମଜାର କଥା ମୁଁ କହିପାରେ । ସେଥିରୁ ଗୋଟିଏ କହୁଛି :

ଲୋକମାନେ ନାନା ପ୍ରକାର ଜିନିଷପତ୍ର ପାଇଁ ମୋତେ ଅନୁରୋଧ କରୁଥିଲେ । ଆମ ପବିତ୍ର ଥରେ ସେମିତି ଗୋଟିଏ ଆବେଦନ କରିଥିଲେ । ସେ ସେତେବେଳେ ଇଂରାଜୀରେ ଖୁବ୍ ଦକ୍ଷ ନ ଥିଲେ । ସେ ମୋ ପାଖକୁ ଲେଖି ପଠାଇଥିଲେ, 'ମୁଁ ଚାରୋଟି ବ୍ଲକ୍ ଚାହୁଁଛି ମୋ ଟେବୁଲ୍‌ଟିକୁ ବୁଝିବାକୁ ।'' (I want four blocks to understand my table.) (ହାସ୍ୟରୋଳ) । ସେ ଯାହା ଚାହିଁଥିଲେ ମୁଁ ପଠାଇଦେଲି ଏବଂ ତାଙ୍କୁ ଲେଖିଥିଲି, ''ଏହା ହେଉଛି ତୁମେ ଚାହିଁଥିବା ଚାରୋଟି ବ୍ଲକ୍ । କିନ୍ତୁ ସୌଭାଗ୍ୟବଶତଃ ଏଗୁଡ଼ିକ ବୋକା (blockhead) ନୁହନ୍ତି, ନ ହେଲେ ତୁମ ଟେବୁଲଟି ଚିରଦିନ ପାଇଁ ଅବୁଝା ହୋଇ ରହି ଯାଇଥା'ନ୍ତା ।'' (ହାସ୍ୟରୋଳ) ପରେ ପବିତ୍ର ମୋତେ କହିଥିଲେ ଯେ ସେ ମଜାଟି ବୁଝିପାରିଛନ୍ତି ଏବଂ ବେଶ୍ ଉପଭୋଗ କରିଛନ୍ତି ।

ଅନୁବାଦ : ସନ୍ତୋଷ କୁମାର ଓ ଅରୋବାଳା ❑

# ମିମିର ସାହିତ୍ୟ ଶିକ୍ଷା
## ବାମାଚରଣ ମିତ୍ର

ଜୀବନବାବୁଙ୍କ ମନରେ ଭାରି କଷ୍ଟ । ତାଙ୍କର ଏକମାତ୍ର କନ୍ୟା ସନ୍ତାନ ମିମି ହୋଇଛି ଭାରି ବୋକା । ପଢ଼ାରେ ତା'ର ମନ ନାହିଁ, ବହି ଧରି ବସିଲେ ଢୁଳାଏ । କିଛି ପ୍ରଶ୍ନ ପଚାରିଲେ ବୋକାଙ୍କ ଭଳି ଚାହିଁ ରହିଥାଏ ।

ଅଧଘଣ୍ଟାଏ ଧରି ବକରବକର ହୋଇ ଜୀବନବାବୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି ବୁଝାଇବାକୁ – ''ଏ ହୃଦୟ ମୋର ଢାଳି ଦେଲି ଆଜି ତୁମରି ପାଦେ ହେ ନାଥ'' । ମିମି ପାଟିଟାକୁ ମେଲା କରି ବଡ଼ ବଡ଼ ଆଖିରେ ସବୁ ଯେମିତି ଗିଳିଯାଉଛି, ସବୁ ଯେମିତି ବୁଝିପକାଉଛି ଏମିତି ଭାବରେ ଚାହିଁ ରହିଛି । ମଝିରେ ମଝିରେ ତା'ର କୁଞ୍ଚୁକୁଞ୍ଚିଆ ବାଳଗୁଡ଼ିକ ପବନରେ ଉଡ଼ି ଆସି ଆଖି ଉପରେ ପଡ଼ିବାରୁ ମିମି ବିରକ୍ତ ହୋଇ ସେଗୁଡ଼ିକ ଉପରକୁ ଠେଲିଦେଇ ପୁଣି ସେମିତି ଚାହିଁ ରହୁଛି, ସତେ ଯେପରି ବାଳଗୁଡ଼ିକ ତା'ର ବୁଝିବାରେ ବ୍ୟାଘାତ ଜନ୍ମାଇବାରୁ ସେ ଭାରି ବିରକ୍ତ । ମିମିର ଭାବ ଦେଖି ଜୀବନବାବୁ ଅଧିକ ଉତ୍ସାହରେ ବୁଝାଇ ଚାଲିଛନ୍ତି । କିଛି ସମୟ ପରେ ମିମିର ବିସ୍ଫାରିତ ବଡ଼ ବଡ଼ ଆଖି ଯୋଡ଼ିକ କ୍ରମେ ଛୋଟ ହୋଇ ଆସିଲା । ପ୍ରାଣପଣେ ସେ ଉପର ପତାକୁ ଟେକି ରଖିବାକୁ ଚେଷ୍ଟା କରୁଛି । ଘଣ୍ଟାଏ ଧରି ଉକ୍ତ ପଂକ୍ତିଟିକୁ ବୁଝାଇବା ପରେ ଜୀବନବାବୁ ମନରେ ସନ୍ତୋଷ ଲାଭ କଲେ ଯେ ମିମିକୁ ତାହାର ସରଳାର୍ଥ ଓ ଭାବାର୍ଥ ହୃଦୟଙ୍ଗମ କରାଇ ପାରିଛନ୍ତି । ସନ୍ତୋଷର ହସ ହସି ସେ ଏଥର ପଚାରିଲେ – ବୁଝିଲୁ ମା' ?

ମିମି ପୁଣି ଥରେ ମୁଣ୍ଡବାଳ ଟେକିଦେଇ ବାଁଆଡୁ ଡାହାଣକୁ ମୁଣ୍ଡକୁ ଯଥାସମ୍ଭବ ନୁଆଇଁ ମୁହଁରେ ହସ ଫୁଟାଇ ଜଣାଇଲା, ସେ ସବୁ ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରିପାରିଛି, କିନ୍ତୁ ଆଖିରେ ତା'ର ଭୟ ଫୁଟିଉଠିଲା । ଘୁମନ୍ତ ଆଖି ଯୋଡ଼ିକ ଭୟରେ ବଡ଼ ବଡ଼ ହୋଇଗଲା ।

ଜୀବନବାବୁ ରାଗିଯାଇ କହିଲେ, ''ବୁଝିଛୁ ତ ବୋକାଙ୍କ ଭଳି ଚାହିଁ ରହିଛୁ କିଆଁ ? ବୁଝା କ'ଣ ବୁଝିଲୁ, ବୁଝା !''

ମିମି ଦୁଇ, ଚାରି ଢ଼ୋକ ଛେପ ଗିଳି ଆରମ୍ଭ କଲା, ''ନାଥ ବୋଇଲେ ସ୍ୱାମୀ କି ଭଗବାନ୍, ଯିଏ ଆମକୁ ସୁରୁଷ୍ଟି କରିଛନ୍ତି । ସିଏ ଭାରି ଭଲଲୋକ, କାହାରିକୁ କିଛି କହନ୍ତି ନାହିଁ, କାହାରି ଉପରେ ରାଗନ୍ତି ନାହିଁ, ଭା-ଆ-ଆ-ରି ଭଲ ଲୋକ ଜଣେ ।''

''ଛେନାଟା ବୁଝିଛୁ ବଦମାସ କାହାଁକା । ଘଣ୍ଟାଏ ଧରି ବକରବକର ହେଲି । ଶେଷରେ କହିଲୁ ଭଗବାନ୍ ଜଣେ ଲୋକ । ସୃଷ୍ଟି ମୁହଁରେ ପଶୁ ନାହିଁ, କହୁଛି 'ସୁରୁଷ୍ଟି' । ଆହୁରି ପିଲା ହୋଇଯା ମ । ଆଠବର୍ଷର ଝିଅ ହେଲାଣି, ପଞ୍ଚମ ଶ୍ରେଣୀରେ ବର୍ଷେ ଫେଲ୍ ହେଲାଣି... ଲାଜ ନାହିଁ ଟିକେ...''

ମିମି ଭୟରେ ପଛକୁ ଘୁଞ୍ଚିଯାଇ କହିଲା, ''ନା, ନା, ଭଗବାନ୍ ଜଣେ... ଭଗବାନ୍ ଜଣେ...''

''କ'ଣ ଭଗବାନ୍ ଜଣେ ?'' ଜୀବନବାବୁ ସଗର୍ଜନେ ପଚାରିଲେ ।

ଦୋହରାଇ ତେହେରାଇ ମିମି ମନେ ମନେ ନିଜେ ନିଜକୁ ପଚାରିଲା, ଭଗବାନ୍ କ'ଣ ? ବାପା କ'ଣ କହିଲେଟି ? ଭଗବାନ୍ କ'ଣ ? ଏହି ସମୟରେ ମିମିର ଗେଲବସର ଝିଅ ଶଙ୍କି ଦୌଡ଼ି ଆସି ମିମିର କୋଳକୁ ଚଢ଼ିଯାଇ କହିଲା – ମ୍ୟାଉଁ, ମ୍ୟାଉଁ ।

ମିମିର ପାଟିରେ ପଶିଗଲା, ଭଗବାନ୍ ଜଣେ ମ୍ୟାଉଁ ।

ଜୀବନବାବୁଙ୍କର ଭୟଙ୍କର କ୍ରୋଧ ଜାତ ହେଲା । ସେ ଶଙ୍କିର ବେକକୁ ଧରି ଛାଟିଦେଇ, ରୋଷେଇଶାଳ ଆଡ଼କୁ ଚାହିଁ ପାଟି କରି କହିଲେ, ''ପଚାଶ ଥର କହିଲିଣି ଯେ ଘରେ ବିରାଡ଼ି ଫିରାଡ଼ି ରଖନା, ପଢ଼ାରେ ଗୋଳମାଳ ହବ... ଦିନରାତି ସେଇ ବିରାଡ଼ି ସାଙ୍ଗରେ ଖେଳ । ଇସ୍କୁଲରୁ ଆସି ଘରେ ପାଦ ଦେବା ମାତ୍ରକେ ବହିପତ୍ର ଫୋପାଡ଼ି ଦେଇ ଆଗେ ଖୋଜା ହେବ ଶଙ୍କି କାହିଁ ! ହ୍ୟାପ, ମାତୃ ଗୁଣେ ଦୁହିତା ହୋଇଛି । ମଲୁ ନାହିଁ, ଦେଖିଲୁ ଶଶଧରବାବୁଙ୍କ ଝିଅକୁ, କେମିତି ପାଟି କରି ପଢୁଛି । ଦେଖିଲୁ ଲିଙ୍ଗରାଜବାବୁଙ୍କ ଝିଅକୁ କେମିତି କ୍ଲାସରେ ପ୍ରଥମ ହେଉଛି । ମୋରି କପାଳକୁ ତୁ ଆସିଲୁ । ଏ ବଂଶରେ କେହି ଗୋଟାଏ ହେବେ ନାହିଁ, କେହି ଗୋଟାଏ ନାଁ ରଖିବେ ନାହିଁ । କପାଳ, କପାଳ ! ହ୍ୟାପ, ଆର ପରୀକ୍ଷାରେ ଖାତାସବୁ ଚିରି ଡଙ୍ଗା କରି ଭସେଇ ଦେଇ ଚାଲି ଆସିଲା । ମଲୁ ନାହିଁ ଯା' ତୁ...''

ଗତ କ୍ଲାସଉଠା ପରୀକ୍ଷାରେ ପରୀକ୍ଷା ଦେବାକୁ ମିମି ଇସ୍କୁଲରେ ବସିଛି, ଏହି ସମୟରେ ଘୋର ବର୍ଷା ହେଲା । ପାଣି ଇସ୍କୁଲର ବାରନ୍ଦା ଟପି ଘରର ଦୁଆରମୁହଁ ପର୍ଯ୍ୟନ୍ତ ଚାଲି ଆସିଲା । ମିମିର ମନ ଆଉ ଠିକ୍ ରହିଲା ନାହିଁ । ପରୀକ୍ଷା ଦେଉଛି ସେ ଏକଥା ଏକଦମ୍ ଭୁଲିଗଲା । ସେ ଧୀରେ ଧୀରେ ପରୀକ୍ଷା ଘରୁ ବାହାରି ଚାଲି ଆସିଲା । ପରୀକ୍ଷା ଖାତା ପତରପତର କରି ଚିରି ଡଙ୍ଗାକରି ଭସେଇ ଦେଲା । ଡଙ୍ଗାଗୁଡ଼ିକ ଥରି ଥରି ଭାସିଗଲେ । ମିମି ମହାତୃପ୍ତିର ସହିତ ଡଙ୍ଗାଗୁଡ଼ିକୁ ଚାହିଁ ବର୍ଷାରେ ଭିଜି ଘରକୁ ଫେରି ଆସିଲା । ଘରକୁ ଆସି ତା'ର ମନେପଡ଼ିଲା ବାପାଙ୍କ କଥା । ବାପାଙ୍କ ଭୟରେ ତା'ର ଜର ଆସିଲା । ସେ ଜର ଛାଡ଼ିବାକୁ ଲାଗିଲା ଅନେକ ଦିନ । ମିମି ସେଥର ଫେଲ୍ ହେଲା ସତ; କିନ୍ତୁ ତା'ର ଜର ଯୋଗୁଁ ସେଥର ସେ ତ୍ରାହି ପାଇଗଲା । ପରେ ଜୀବନବାବୁ ସବୁ ଜାଣିପାରି ଭାରି ରାଗିଯାଇ ବାଡ଼େଇ ଥିଲେ । ଆଜି ସେଇ କଥା ମନେ ପଡ଼ିଯିବାରୁ ତାଙ୍କର ରାଗ ଦ୍ୱିଗୁଣିତ ହେଲା । ଠାଏ କରି ଗୋଟାଏ ଚଟକଣି ଲଗେଇ ଦେଇ ସେ କହିଲେ, ''ତୁ ନ ବୁଝାଇଲେ ତୋତେ ଛାଡ଼ୁ ନାହିଁ ମୁଁ । ଯେତେ ରାତି ହଉ । ଆଜି ତୋର ଦିନେ କି ମୋର ଦିନେ । ଖାଇବା ଆଜି ବନ୍ଦ । ବୁଝା, ବୁଝା, ବୁଝା ମ, କାନ୍ଦଣା ଥାଉ ।''

ରୋଷେଇଶାଳୁ ପାଟି ଶୁଭିଲା, ''ତୁମେ ଝିଅକୁ ପାଠ ପଢ଼େଇବ ନାହିଁ ଆଉ । ଯେତେବେଳେ ପଢ଼େଇ ବସିଲ ମାଡ଼ ଛଡ଼ା ଆଉ କିଛି ନାହିଁ । ଆମେ ଝିଅକୁ କ'ଣ ଖାଇବାକୁ ପିନ୍ଧିବାକୁ ଦେଉଚୁ ଯେ ତା'ଠୁ ଏତେ ଆଶା କରିବା ? ପଢ଼େଇ ତ ଜାଣ ନାହିଁ...''

ଜୀବନବାବୁ ଉତ୍‌କ୍ଷିପ୍ତ ହୋଇ କହିଲେ, ''କ'ଣ ହେଲା, ମୁଁ ପଢ଼େଇ ଜାଣେ ନାହିଁ ? ଘଣ୍ଟାଏ ଧରି ଟିକିନିଖି ବୁଝେଇଲି । ସବୁ ବୁଝିଯିବା ଭଳି ମୁଣ୍ଡ ଟୁଙ୍ଗାରିଲା । ମୁଁ ଜାଣେ ନାହିଁ ନା, ମାତୃଗୁଣେ ଦୁହିତା ହୋଇଚି ମ ! ଶ୍ୟ, ଗେହ୍ଲା କରି କରି ଝିଅଟାର ମୁଣ୍ଡ ଖାଇସାରିଲଣି ତମେ ।''

ରୋଷେଇଶାଳୁ ପୁଣି ଦୃଢ଼କଣ୍ଠରେ ଡାକରା ଆସିଲା, ''ହଉ ଥାଉ ଆଜି ସେତିକି । ଆ ମିମି, ଖାଇବୁ ଆ ।''

ମିମି ଆଣ୍ଠୁ ଟେକୁଥିଲା ଉଠିବାକୁ । ଜୀବନବାବୁ ଗର୍ଜନ କରି ଉଠିଲେ, ''ଖବରଦାର, ସେତକ ନ ବୁଝାଇ ତୁ ଆଜି ଯାଇପାରିବୁ ନାହିଁ । ବୁଝା, ଭଗବାନ୍ କ'ଣ ? ଏତେ ବୁଝାଇଲି ମୁଁ, ବୁଝା !''

ସରଳାର୍ଥ ବୁଝାଇବାରେ ଭଗବାନ୍ ଆସି ସବୁ ପ୍ରଥମରୁ ଅଡୁଆ ପୂରାଇ ଦେବାରୁ ମିମି ଲୁହ ପୋଛି ଭଗବାନଙ୍କୁ ଗାଳିଦେଇ ମନେ ମନେ କହିଲା, ଭଲ ଲୋକ ନା ପୋଡ଼ାମୁହାଁଟା, ମୋତେ ବାପାଙ୍କଠୁଁ ଏତେ ମାଡ଼ ଖୋଇଲାଣି । ଏତେ ଅଡୁଆକୁ ନଯାଇ ଭଗବାନ୍ କଥାଟାକୁ ବାଦ୍‌ଦେଇ ସେ ବୁଝାଇବାକୁ ଯାଉଥିଲା; କିନ୍ତୁ ମନେ ମନେ ପୋଡ଼ାମୁହାଁ ଗାଳି ଦେବା ପରେ ତା'ର ମନେପଡ଼ିଗଲା ପୁରୀ ମନ୍ଦିରରେ ଜଗନ୍ନାଥଙ୍କ କଥା । ଜଗନ୍ନାଥଙ୍କୁ ଦେଖି ସେ ଆଈକୁ କାନେ କାନେ ପଚାରିଥିଲା, ''ଆଈ ମ, ଜଗନ୍ନାଥଙ୍କ ମୁହଁ କ'ଣ ପୋଡ଼ା ?'' ନାତୁଣୀର ପ୍ରଶ୍ନରେ ଆଈ ଆଖିରେ ଲୁହ ଝରି ପଡ଼ିଥିଲା । ସେ ନାତୁଣୀକୁ ଚୁମ୍ବନ ପରେ ଚୁମ୍ବନ ଦେଇ କହିଥିଲେ, ''ହଁ, ସେ ପୋଡ଼ାମୁହାଁ ଭଗବାନ୍ ।'' ସେଇକଥା ମନେ ପଡ଼ିଯିବାରୁ ମିମି ଯେପରି ଅନ୍ଧକାର ମଧ୍ୟରେ ଆଲୋକ ପାଇଲା । ଆଖି ତା'ର ଉଜ୍ଜ୍ୱଳ ହୋଇଉଠିଲା । ଜଗନ୍ନାଥ ଯେପରି ତା'ର ଆଖି ଆଗରେ ଉଭା ହେଲେ । ସେ ଭଲକରି ଥରେ ସେ ଚେହେରା ଦେଖି ନେଇ କହିଲା, ''ଭଗବାନ୍ ହେଉଛନ୍ତି ଜଗନ୍ନାଥ'', କିନ୍ତୁ ଆଈ କଥା ମନେ ପଡ଼ିଯିବାରୁ ମିମିର ଆଖିଯୋଡ଼ିକ ଛଳଛଳ ହୋଇଗଲା । ସେ ସବୁ ଭୁଲିଯାଇ କହିଲା, ''ବାପା ମ, ବାପା, ଆଈ ମୋତେ ଲେଖିଛି ଗାଁରେ ରହି ତା'ର ମୋ କଥା ମନେପଡ଼ି ମନ ଭାରି ଖରାପ ହେଉଛି । ତାକୁ ନେଇଆସ ମ ବାପା !''

''ରଖ ତୋ ଆଈ । ହୁଁ, ଭଗବାନ୍ ହେଉଛନ୍ତି ଜଗନ୍ନାଥ । ତା'ପରେ କ'ଣ ହେଲା ?''

ଆଈ-ବିରହ ବିଧୂରିତ ମନକୁ ପୁଣି ସରଳାର୍ଥକୁ ଫେରାଇ ଆଣିବାକୁ ମିମିର କିଛି ସମୟ ଚାଲିଗଲା । ଉଦ୍‌ଗତ ଅଶ୍ରୁରୋଧ କରି ମିମି କହିଲା, ''କବି ଏଠାରେ କହୁଛନ୍ତି, କହୁଛନ୍ତି... କହୁଛନ୍ତି ଯେ... ଆଈ ମ, ଆଈ ଲୋ... !'' ମିମି ଏଥର ଆଉ ସମ୍ଭାଳି ନ ପାରି ଭେଁ କରି କାନ୍ଦି ପକାଇଲା ।

ଜୀବନବାବୁ ଦୁମ୍‌ଦୁମ୍ କରି ତା' ପିଠିରେ ଦି'ଟା ନନ୍ଦି ଦେଇ କହିଲେ, ''ଧେତ୍ ମୋ କପାଳରେ, ଦେଖ ୟାକୁ । ଏତେ ବୁଝାଇଲି ଘଣ୍ଟାଏ ଧରି, ସବୁ କୁଆଡ଼େ ଭୁଲିଗଲୁ ? ଇସ୍କୁଲ ମାଷ୍ଟ୍ରେ କାଲି କହୁଥିଲେ ଯେ ମିମି କ୍ଲାସରେ ମୋଟେ ମନ ଦେଉ ନାହିଁ । ଯେତେ ଅଦ୍ଭୁତ ଉତ୍ତର ଦେଉଛି । ହଇଲୋ, ହେଏ, ବିପରୀତ ଶବ୍ଦ ମାନେ କ'ଣ ? ବିପରୀତ ଶବ୍ଦ ମାନେ କ'ଣ ବା ? କହୁଛି ନା ସକେଇ ହେଉଛି ବେହିୟା । ଲାଜ ନାହିଁ, କାନ୍ଦୁଚି ପୁଣି । ଛିଃ, ଛିଃ, ମୋ ଝିଅ ହେଇ ତୁ ଏଇୟା

କହିଲୁ । 'ସୁଖ'ର ବିପରୀତ ଶବ୍ଦ 'ଖସୁ' । କାନ୍ଦଣା ରଖ୍ କହ ମୁଁ କ'ଣ ବୁଝାଇଲି । କବି କହୁଛନ୍ତି ଯେ...ହୁଁ...''

ମିମି ଲୁହ ପୋଛୁ ପୋଛୁ ପୁଣି କହିବାକୁ ଚେଷ୍ଟା କଲା, ''କବି କହୁଛନ୍ତି ଯେ...''

ଏତିକି କହିବା ପରେ ସେ ମନେ ମନେ ପୁଣି ନିଜେ ନିଜକୁ ପଚାରିଲା – କବି କିଏ ମ ? ସେ କାହିଁକି କ'ଣ କହିବାକୁ ଗଲେଟି ? ସବୁ ତା'ର ପୁଣି ଗୋଳମାଳ ହୋଇଗଲା । ଆର ପାଖ ଘରେ ଶଙ୍କି ମ୍ୟାଉଁ ମ୍ୟାଉଁ କରି ଉଚ୍ଛନ୍ନ ଭାବରେ ଡାକିଲାଣି । ଇୟାଡ଼େ କବି କିଏ ଆଉ ସେ କ'ଣ କହିଲେ ଓ କାହିଁକି କହିବାକୁ ଗଲେ ମିମିର ମନେ ପଡୁ ନାହିଁ । ମନେମନେ ମିମି ଶଙ୍କିକୁ ତାନେ ଗାଳି ଦେବାକୁ ଲାଗିଲା, ପୋଡ଼ାମୁହାଁ, ପଢ଼ା ସରୁ, ଦଉଚି ତତେ ଟାଙ୍କେ ଛେଚି । ପଢ଼ା କ'ଣ ସରିବ ଆଜି ସତେ ? ହେ ମହାପ୍ରଭୁ, ହେ ଜଗନ୍ନାଥ, ଏ କବି ପୋଡ଼ାମୁହାଁ କ'ଣ କହିଛି ମନେ ପକେଇଦିଅ ।

ଏହି ସମୟରେ ବାହାରେ କିଏ ଡାକିଲା – ବାବୁ ଅଛନ୍ତି ? ଜୀବନବାବୁ ଚିଡ଼ିଉଠି ଉତ୍ତର ଦେଲେ, ''ନାଇଁ ବାବୁ ନାହାନ୍ତି ।'' ବାହାରୁ ଉତ୍ତର ଆସିଲା, ''ବଡ଼ବାବୁ ଡାକୁଛନ୍ତି, ଶୀଘ୍ର ଆସନ୍ତୁ କଚେରି – କ'ଣ ଜରୁରି କାମ ଅଛି ।''

ଜୀବନବାବୁ ବିରକ୍ତ ହୋଇ କମିଜ ପିନ୍ଧୁ ପିନ୍ଧୁ କହିଲେ, ''ମୁଁ ଯାଉଛି, ଅଧଘଣ୍ଟା ଭିତରେ ଫେରିବି । ମୁଁ ଯାହା ବୁଝାଇଥିଲି ତାହା ଲେଖିଥିବୁ, ଆଉ ଦ୍ୱିତୀୟ ଉଦାହରଣମାଳାର ପାଞ୍ଚ ନମ୍ବର ଅଙ୍କଟି କଷି ରଖିଥିବୁ । ଯଦି ଏତିକି ନ ହେଇଚି ତ ଦେଖିବୁ ମୁଁ ତୋର କି ଅବସ୍ଥା କରିବି ।''

ଜୀବନବାବୁ ତରତର ହୋଇ ଚାଲିଗଲେ । କଚେରିରେ ବଡ଼ି ସଂକ୍ରାନ୍ତ ଜରୁରି କାମ କରୁ କରୁ ତାଙ୍କର ଘଣ୍ଟାଏ ଲାଗିଗଲା । ଘରର ଦାଣ୍ଡଦୁଆର ମୁହଁପାଖରେ ଧୀରେ ପାଦରୁ ଜୋତା କାଢ଼ି, ହାତରେ ଧରି, ଝରକାବାଟେ ଉଙ୍କି ମାରି ଦେଖିଲେ ମିମି ଶୋଇଛି ନା ପାଠ ପଢୁଛି । ଝରକାବାଟେ ଯାହା ଦେଖିଲେ, ସେଥିରୁ ସେ କିଛି ବୁଝିପାରିଲେ ନାହିଁ । ତାଙ୍କର ବଡ଼ଭାଇ ଓ ସାନଭାଇ ଦୁହେଁ ଖାତା ଉପରେ ଲଇଁ ପଡ଼ି କ'ଣ ଲେଖି ଚାଲିଛନ୍ତି । ଅନେକ ଲେଖି ସାରିଲେଣି । ଅନେକ କାଗଜ ଚିରା ହୋଇ ତଳେ ପଡ଼ିଛି । ମିମି ଦୁଇଗୋଡ଼ ଲମ୍ବେଇ ଦେଇ ଶଙ୍କିକୁ କୋଳରେ ବସାଇ ତାକୁ ଥାପୁଡାଇ ଥାପୁଡାଇ ଗୀତ ଗାଉଛି, 'ଧୋରେ ବାୟା ଧୋ, ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ ।'

ଘର ଭିତରକୁ ପଶି ଆସି ଜୀବନବାବୁ ପଚାରିଲେ – ମିମି ତୋର ଏଇ ପଢ଼ା ହେଉଛି ?

ମିମି ଚମକିପଡ଼ି ବାପାଙ୍କୁ ଚାହିଁ ଶଙ୍କିକୁ ଛାଡିଦେଲା । ଭୟରେ ମୁହଁ ତା'ର ଏତେ ଟିକିଏ ହୋଇଗଲା, କଳାକାଠ ପଡ଼ିଗଲା ।

''ଇୟେ କ'ଣ ହେଉଛି ଭାଇ ?'' ଜୀବନବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

''ଅଙ୍କ କଷୁଛୁ ଆମେ । ଛି, ଛି, ଏଇ ଟିକେ ପିଲାକୁ ଏମିତିକା ଅଙ୍କ ?' 'ସରଳ ଗଣିତ' ଇୟା ନା ? ଲେଖକ ନିଜର ପାଣ୍ଡିତ୍ୟ ଦେଖେଇଚି ନା ପିଲାର ବୁଦ୍ଧି କେତେ ବିବେଚନା କରିଛି ଟିକିଏ ? ଦେଇତ ଗଲୁ ଅଙ୍କ, କଲୁ ତୁ ନିଜେ ଏକୁ ?''

ଜୀବନବାବୁ ଅଙ୍କ ଖଣ୍ଡକ ପଢ଼ିଲେ... ମୁଁ ମୋ ଘରୁ ଡେଲାଙ୍ଗର ଗୋଟିଏ ସଭାକୁ ପାଦରେ ଚାଲି ଯିବି । ସଭାରେ ଠିକ୍ ସନ୍ଧ୍ୟା ୭ଟା ବେଳେ ପହଞ୍ଚିବାର କଥା । ମୁଁ ଯଦି ଘଣ୍ଟାକୁ ୩ ମାଇଲ ବେଗରେ ଯାଏ ତେବେ ଠିକ୍ ସମୟରେ ଅଧଘଣ୍ଟାଏ ଆଗରୁ ପହଞ୍ଚିବି । ଯଦି ଘଣ୍ଟାକୁ ୨ ମାଇଲ ବେଗରେ ଯାଏ ତେବେ ଠିକ୍ ସମୟର ଘଣ୍ଟାକ ପରେ ପହଞ୍ଚିବି । ତେବେ ମୋ ଘରୁ ସଭାସ୍ଥାନ କେତେ ଦୂର ? ଅଙ୍କଟି ପଢ଼ି ଜୀବନବାବୁ ବଙ୍କେଇ ତେଡ଼େଇ ଦୁଇ, ତିନିଥର ଅଙ୍କଟିକୁ ଚାହିଁଲେ । କେମିତି ଭାବରେ ଆରମ୍ଭ କରିବେ କିଛି ବୁଝିପାରିଲେ ନାହିଁ ।

ବଡ଼ଭାଇ କହିଲେ, ''ଆରେ ଅଙ୍କ ତ କଷିବା ଦୂରେ ଥାଉ, ମିମି ଆଗେ ପଚାରି ବସିଲା ସଭା କ'ଣ ? ସେଠାକୁ ନଗଲେ କ'ଣ ଚଳନ୍ତା ନାହିଁ ? ବୁଝା, ସଭା କ'ଣ ବୁଝା । କୌଣସିମତେ ସଭା କ'ଣ ବୁଝାଇଲୁ ଆମେ । ମିମି ପୁଣି ପଚାରିଲା, ହଉ ହେଲା, ଟିକିଏ ଆଗରୁ ବା ପରେ ପହଞ୍ଚିଲେ ଦୋଷ କ'ଣ ଯେ ଏଣୁ ଭାଳେଣି କାହିଁକି ? ଏସବୁ ଗୋଳମାଳିଆ ପ୍ରଶ୍ନର ଉତ୍ତର ଦେଉଁ ଦେଉଁ ତ ଗଲା ଅଧଘଣ୍ଟାଏ । ତା'ପରେ ଅଙ୍କ ଧରି ତ ଆମେ ଦୁହେଁ ବସିଛୁ । ମିମିର ଦେଢ଼ଖଣ୍ଡ ଖାତା ଶେଷ ହେବାକୁ ବସିଛି ।

ସମସ୍ତେ ହସିଲେ । ଜୀବନବାବୁ କହିଲେ, ''ହଉ ଥାଉ, ଅଙ୍କ ଥାଉ । ମିମି, ଏ ମିମି ସାହିତ୍ୟ ହେଇଚି ?''

''ନା, ମୁଁ ଅଙ୍କ କରୁଥିଲି । ବଡ଼ବାପା ଓ ସାନବାପା ମୋତେ ଖାଇବାକୁ ଡାକିଲେ । ମୁଁ କହିଲି – ପଢ଼ା ନସାରି ଯିବି ନାହିଁ – ପଢ଼ା ନକଲେ ଭଗବାନ୍ ରାଗିବେ । ସେଇଠୁ ସେମାନେ ଅଙ୍କ ଦେଖି କଷିବାକୁ ବସିଲେ, ମୁଁ...''

‘‘ତୁ ଶଙ୍କିକୁ ଶୋଇ ଦେବାକୁ ବସିଲୁ ! ନାଃ, ତୋ ଦେଇ ହବ ନାହିଁ, କିନ୍ତୁ ତୋତେ ଆଜି ନ କୁହାଇ ମୁଁ ଛାଡ଼ିବି ନାହିଁ । କହ, ‘ଏ ହୃଦୟ ମୋର ଢାଳିଦେଲି ଆଜି ତୁମରି ପାଦେ ହେ ନାଥ’ ଏହାର ସରଳାର୍ଥ କହ ।’’

ମିମି ଏଥର ସାହସ ଭରି କହିଲା, ‘‘ନାଥ ବୋଇଲେ ଜଗନ୍ନାଥ, ଯାହାଙ୍କର ମୁହଁଟି କାଳିଆ, ବଡ଼ ବଡ଼ ଆଖି, ନେଫଡ଼ା ମୁହଁ... ।’’

ଜୀବନବାବୁ କଟମଟ କରି ଚାହିଁଲେ ମିମିକୁ । କିନ୍ତୁ ବଡ଼ଭାଇ ଥିବାରୁ ସେ ତାଙ୍କ ଭୟରେ ମିମିକୁ କିଛି କହିପାରିଲେ ନାହିଁ ।

କିନ୍ତୁ ବାପାଙ୍କର ବଡ଼ ବଡ଼ ଆଖି ଦେଖି ମିମିର ମୁହଁଟି ଶୁଖିଗଲା । ସବୁ ଉତ୍ସାହ ତା’ର ମରିଗଲା ।

ବଡ଼ଭାଇ ବୁଝିପାରି କହିଲେ, ‘‘ହଁ ଲୋ ମା, ତୁ ଠିକ୍ କହିଚୁ । ବାଃ, ବେଶ୍ ସୁନ୍ଦର ବୁଝିଚି । ହଁ, ତା’ପରେ –’’

‘‘ତା’ପରେ, ସେଇ ଜଗନ୍ନାଥଙ୍କୁ ଚାହିଁ କବି ବୋଲି ଜଣେ ଲୋକ କହିଲେ, କହିଲେ...’’

ହଁ, ହଁ, କହିଲେ... ବଡ଼ଭାଇ ଉତ୍ସାହ ଦେଇ ପଚାରିଲେ । ମିମି ସାହସ ପାଇ ତା’ର ବଡ଼ବାପାର କାନେ କାନେ କହିଲା, ‘‘ଜଗନ୍ନାଥଙ୍କର ପାଦ ନାହିଁ ମୁଁ ଦେଖିଛି । ଆଉ ହୃଦୟଟାକୁ କବିଟା ଢାଳିଦେଲା । ତା’ ବାପା ଗାଳି ଦେଲେ । ଆଚ୍ଛା ବଡ଼ବାପା, ହୃଦୟ ଢାଳିଲା କେମିତି ?’’

ବଡ଼ଭାଇ ମିମିକୁ କୋଳକୁ ଆଉଜାଇ ନେଇ କହିଲେ, ‘‘ମା, ତୋ ପଢ଼ା ସେତିକି ଥାଉ ଆଜି । ତୁ ଯାହା ପଚାରିଲୁ ତୋତେ ସେକଥା କେହି ବୁଝାଇ ଦେଇପାରିବେ ନାହିଁ । ହୃଦୟକୁ କେମିତି ଢାଳନ୍ତି ସେ କଥା ମୁଁ ଏପର୍ଯ୍ୟନ୍ତ ବୁଝିପାରି ନାହିଁ, ତୋତେ କ’ଣ ବୁଝାଇବି ! ଆଉ ସେ କବିଟା ବୁଝିଛି ବୋଲି ମୁଁ ଭାବୁ ନାହିଁ ।’’

(ସୌଜନ୍ୟ : ଓଡ଼ିଆ ହାସ୍ୟଗଳ୍ପ, ପୃ. ୧୦୦-୧୦୫) ❑

## ବିଷମ ପ୍ରଶ୍ନୋତ୍ତର

ନାଉରି ସହ ଏକାକୀ ନଈ ପାରି ହେଉଥିଲେ ପଣ୍ଡିତେ । ‘‘ଆରେ ଟୋକା, ମୋତେ କିଛି ପ୍ରଶ୍ନ ପଚାରୁନୁ ? ରାଜା ମହାରାଜାମାନେ ବି ଏ ସୁଯୋଗ ପାଆନ୍ତି ନାହିଁ !’’ ନାଉରିଆର ମୂର୍ଖତା ଉପଭୋଗ କରିବା ନିମନ୍ତେ ପ୍ରସ୍ତାବ ଦେଲେ ପଣ୍ଡିତେ ।

‘‘ଆଜ୍ଞା । କିନ୍ତୁ ଆପଣ ଯଦି ଉତ୍ତର ଦେଇ ନପାରିବେ, ଯୋଡ଼ିଏ ଟଙ୍କା ଗଣି ଦେବେ ।’’ କହିଲା ନାଉରିଆ ।

‘‘ସତେ ? ଆଉ ମୁଁ ପଚାରିଲେ ତୁ ଯଦି ନପାରୁ ?’’ ପଣ୍ଡିତେ ପଚାରିଲେ । ‘‘ମୁଁ ଗରିବ । ଦେବି ଟଙ୍କାଟାଏ ।’’

‘‘ହେଲା; ପଚାର !’’

‘‘ଦଶଟି ଜିଭ, ଏଗାରଟି ଆଖି, ବାରଗୋଟି କାନ । ଜୀବଟି ରହେ ବିନ୍ଧ୍ୟ ପର୍ବତରେ । ନାମ ତା’ର କ’ଣ ?’’

ପଣ୍ଡିତେ ଭାବି ଭାବି ଥକି ଗଲେ । ଟଙ୍କା ଯୋଡ଼ିଏ ଥୋଇ କହିଲେ, ‘‘ପାରିଲି ନାହିଁ । ବର୍ତ୍ତମାନ ତୋତେ ମୁଁ ପଚାରୁଛି ସେହି ଏକା ପ୍ରଶ୍ନ ।’’

ଦୁଇ ଟଙ୍କାରୁ ଟଙ୍କାଟିଏ ଫେରସ୍ତ ଦେଇ ନାଉରିଆ କହିଲା, ‘‘ଆଜ୍ଞା, ଯାହା ଆପଣଙ୍କୁ ଅଜଣା, ଏ ମୂର୍ଖ ବା ସେ ଉତ୍ତର ଜାଣିବ କେମିତି ?’’

ନାଆ ସେ ପାରିରେ ପହଞ୍ଚି ଯାଇଥିଲା । ❑

# ଆମ ମାଷ୍ଟ୍ରଙ୍କ କଥା

## ଫତୁରାନନ୍ଦ

[ଓଡ଼ିଆ କଥା ସାହିତ୍ୟ ବିଶେଷ କରି 'ବ୍ୟଙ୍ଗ୍ୟ ସାହିତ୍ୟ'ରେ ଫତୁରାନନ୍ଦ ଏକ ବହୁ ପରିଚିତ ନାମ । ତାଙ୍କର ଜନ୍ମ ୧ ଜୁନ୍ ୧୯୧୫ ମସିହାରେ । ବୃତ୍ତିଗତ ଜୀବନରେ ସେ ଡାକ୍ତର ରାମଚନ୍ଦ୍ର ମିଶ୍ର ହିସାବରେ ପରଚିତ ଥିଲେ ମଧ ବ୍ୟଙ୍ଗ୍ୟ ଲେଖକ ଭାବେ ସେ ନିଜ ନାମକୁ 'ଫତୁରାନନ୍ଦ'ରେ ପରିବର୍ତ୍ତିତ କରିଥିଲେ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପଟ୍ଟଶିଷ୍ୟ ଏହି ଦରଦୀ କଥାଶିଳ୍ପୀ ୧୯୯୫ ମସିହାରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଆତ୍ମଜୀବନୀ ''ମୋ ଫୁଟାଡ଼ଙ୍ଗାର କାହାଣୀ'' ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ ।]

ଟ୍ରେନିଂ ସ୍କୁଲ ଓ ଆମ ସ୍କୁଲ ବିଷୟରେ ଦି' ଚାରିପଦ ନକହିଲେ ଆମ ସ୍କୁଲ ଜୀବନଟା ଅପୂର୍ଣ୍ଣ ରହିଯିବ । ଟ୍ରେନିଂ ସ୍କୁଲର ହେଡ୍‌ମାଷ୍ଟର ସେତେବେଳେ ଥାଆନ୍ତି ଦାଶରଥି ପାଣିଗ୍ରାହୀ । ସାଧାରଣ ଉଚ୍ଚତା ଓ କୃଶ ଦେହ । ବେଶ୍ ଭଲ ନିଶ ଦାଢ଼ି ରଖି ଥାଆନ୍ତି । ତାହା ତାଙ୍କୁ ଖୁବ୍ ମାନୁଥାଏ । ସେ ସ୍କୁଲର ସାର୍‌ମାନଙ୍କୁ ଆମେ ବଡ଼ ସାର୍ କହୁଥାଉ ଯେହେତୁ ଆମ ସ୍କୁଲ ଟ୍ରେନିଂ ସ୍କୁଲର ଅଧୀନରେ ଥାଏ । ଆମେ ବଡ଼ ସାର୍‌ମାନଙ୍କୁ ମହାକ୍ଷମତାଶାଳୀ ବୋଲି ଭାବୁଥିଲୁ । ଦୈବାତ୍ ବାଟରେ ହାବୁଡ଼ି ଗଲେ ଆମେ ନମସ୍କାର ପକାଇ ଚାରି, ପାଞ୍ଚ ହାତ ଘୁଞ୍ଚି ଯାଉଥିଲୁ । ଆମ ସ୍କୁଲର ହେଡ୍‌ମାଷ୍ଟର ଥିଲେ ହାରାଧନ ବୋଷ । ତାଙ୍କ ପରି ଛାତ୍ର ବତ୍ସଳ ହେଡ୍‌ମାଷ୍ଟରଟିଏ ଆଜି ଯାଏ ମୋ ଆଖିରେ ପଡ଼ିନି । ଶେଷ ଦୁଇ କ୍ଲାସରେ ସେ କେବଳ ଇଂଲିସ୍ ପଢ଼ାନ୍ତି । କ୍ଲାସ ନଥିଲା ବେଳେ ବେଳେବେଳେ ସେ ବେତଟିଏ ଧରି ସ୍କୁଲର ଏମୁଣ୍ଡରୁ ସେମୁଣ୍ଡ ଯାଏ ବାରଣ୍ଡାରେ ପଇଁଚାରି (ପାଦଚାଳନା) କରନ୍ତି । କେଉଁଠି କେଉଁ ପିଲା ଗଣ୍ଡଗୋଳ କରିବାର ଦେଖିଲେ ସେ ତାକୁ ପାଖକୁ ଡାକି ବେତରେ ପାହାରେ ଦିଅନ୍ତି । ସେ ବେତ ଖୁବ୍ ଉପରକୁ ଉଠେ ସତ; ମାତ୍ର ପିଲା ଉପରେ ପଡ଼ିଲା ବେଳେ ତାଙ୍କ ହୃଦୟର ପିତୃସୁଲଭ ସ୍ନେହ ବେତର ଗତିକୁ ଶିଥିଳ କରିଦିଏ । ବେତଟି ପିଲା ପିଠିରେ ପଡ଼ିବା ପରିବର୍ତ୍ତେ, ତାକୁ ସ୍ପର୍ଶ କରେ ମାତ୍ର । ତଥାପି ସେ ପିଲାଟି 'ବୋପାଲୋ, ମାଆଲୋ' ବୋଲି ରଡ଼ି ଛାଡ଼େ । ତା'ପରେ ହେଡ୍‌ମାଷ୍ଟ୍ରେ ତା' ପିଠିକୁ ଆଉଁଶି ଦେଇ ତାକୁ ବୁଝେଇ ଲାଗନ୍ତି – ଆଉ ଦିନେ ଏପରି ଗଣ୍ଡଗୋଳ କରିବୁନି । ବେତର ସ୍ପର୍ଶ ମାତ୍ରେ ଏପରି ରଡ଼ି ଦେବା ପଛରେ ଗୋଟିଏ ପରମ୍ପରା ରହିଥିଲା । କୌଣସି ଏକ ଦିନ ଗୋଟିଏ ଛାତ୍ର ଏଇପରି ବଡ଼ ପାଟି କରି ହେଡ୍‌ମାଷ୍ଟ୍ରଙ୍କର କ୍ରୋଧ ଓ ବିରକ୍ତିକୁ ଶାନ୍ତ କରାଇ ତାଙ୍କ ହୃଦୟକୁ ସ୍ନେହରେ ବିଗଳିତ କରାଇ ଦେଇ ପାରିଥିଲା । ସେଇ ପିଲାଟି ଏହି ଗବେଷଣାଲବ୍ଧ ଜ୍ଞାନଟିକୁ ଅନ୍ୟ ପିଲାମାନଙ୍କୁ ଜଣେଇ ଦେଇ କହିଥିଲା – ହେଡ୍‌ମାଷ୍ଟ୍ରେ ଯେତେବେଳେ ପ୍ରଥମ ବେତରେ ପିଠି ସ୍ପର୍ଶ କରିବେ ସେତେବେଳେ ବୋପାଲୋ, ମାଆଲୋ କରି ପାଟିଟାଏ କରି ଦେଲେ ସେତିକିରେ ବେତ୍ରାଘାତ ବନ୍ଦ ହୋଇଯିବ । ଓଲଟା ହେଡ୍‌ମାଷ୍ଟ୍ରେ ପିଠିକୁ ଆଉଁଶି ପକାଇବେ । ଏତକ ନ କଲେ ତାଙ୍କର ଦ୍ୱିତୀୟ ଓ ଅପେକ୍ଷାକୃତ ଅଧିକ ପୀଡ଼ାଦାୟକ ବେତ୍ରାଘାତ ଭୋଗିବାର ନିଶ୍ଚିତ ସମ୍ଭାବନା ରହିବ । ହେଡ୍‌ମାଷ୍ଟ୍ରଙ୍କ ପ୍ରଥମ ବେତର ସ୍ପର୍ଶ ପିଠି ଉପରେ ଥିବା କାମିଜ କେବଳ ଅନୁଭବ କରେ । ପିଠିର ଚର୍ମ ଯାଏ ତାହା ପହଞ୍ଚିପାରେ ନାହିଁ । ଏହି ଜ୍ଞାନଟି ସ୍କୁଲର ପ୍ରତ୍ୟେକ ପିଲାଙ୍କ ପାଖରେ ବିତରିତ ହୋଇ ସାରିଥିଲା ।

ଆମ ହେଡ୍‌ମାଷ୍ଟ୍ରେ ବର୍ଷାଗମ ଓ ଘଡ଼ଘଡ଼ିକୁ ଭାରି ଭୟ କରନ୍ତି । ଥରେ ଖୁବ୍ ଜୋର୍‌ରେ ଗୋଟାଏ ଘଡ଼ଘଡ଼ି ମାରିଦେବାରୁ ଅଫିସରେ ବସିଥିବା ସମୟରେ ସେ ବେହୋସ ହୋଇଗଲେ । ଯଦି ବର୍ଷା ଜୋର୍‌ରେ ଅସରାଏ ହୋଇ ଛାଡ଼ିଯାଏ ଓ ସେହି ପରି ପାଗ ମେଘୁଆ ହୋଇରହେ ତେବେ ସେ ଦପ୍ତରୀ (ପିଅନ୍)କୁ ଯୋଡ଼ିଏ ଟଙ୍କା ଦେଇ ମୁଢ଼ି, ଉଖୁଡ଼ା, ନଡ଼ିଆ ନେଇ ଆସିବାକୁ କହନ୍ତି । ଅଳ୍ପ ସମୟ ଭିତରେ ବଡ଼ ବଡ଼ ବେତାରେ ତିନି ବେତା ମୁଢ଼ି, ତା' ସହିତ ଉଖୁଡ଼ା ଓ ନଡ଼ିଆ ଆସିଯାଏ । ପ୍ରତି ଶ୍ରେଣୀକୁ ଯାଇ ଦପ୍ତରୀ ସବୁପିଲାଙ୍କ ଅଣ୍ଟିରେ ଆଞ୍ଜୁଳାଏ ଆଞ୍ଜୁଳାଏ ମୁଢ଼ି ଦେଇ ଚାଲିଯାଏ । ସ୍କୁଲର ଶେଷାର୍ଦ୍ଧରେ ଯଦି କଳାହାଣ୍ଡିଆ ମେଘ ଘୋଟି ଆସେ କେତେକ

ସାହସୀ ପିଲା ଅଫିସକୁ ଯାଇ ହେଡ୍‌ମାଷ୍ଟ୍ରଙ୍କୁ କହନ୍ତି – ''ସାର୍ ! ଭାରି ଜୋର୍‌ରେ ମେଘ ଘୋଟି ଆସୁଛି ।'' ସେ ସଙ୍ଗେ ସଙ୍ଗେ ପଦାକୁ ଆସି ଆକାଶକୁ ଚାହାନ୍ତି ଏବଂ ସ୍କୁଲ ଛୁଟି ହୋଇଯିବାର ଘୋଷଣା କରିଦିଅନ୍ତି । ପିଲାମାନେ କିଚିରମିଚିର ପାଟିକରି ଦୌଡ଼ାଦୌଡ଼ି ହୋଇ ସ୍କୁଲ ଛାଡ଼ି ପଳାନ୍ତି । ପଳେଇ ଗଲାବେଳେ ହେଡ୍‌ମାଷ୍ଟ୍ରେ ଉପଦେଶ ଦିଅନ୍ତି – ''ବର୍ଷା ହେବା ପୂର୍ବରୁ ଶୀଘ୍ର ଶୀଘ୍ର ଘରକୁ ପଳେଇବ । ଯଦି ବାଟରେ ଯିବାବେଳେ ବର୍ଷା ହୋଇଯାଏ, ତେବେ କାହା ଘର ବାରଣ୍ଡାରେ ଠିଆ ହୋଇଯିବ, ବର୍ଷାରେ ତିନ୍ତିବ ନାହିଁ ।'' ପିଲାମାନେ କିନ୍ତୁ ବର୍ଷାରେ ତିନ୍ତି ତିନ୍ତି ଘରକୁ ଯିବାର ସୌଭାଗ୍ୟ ଉଣ୍ଡୁଥା'ନ୍ତି ।

ଥରେ ଇଂଲିସ୍ ପରୀକ୍ଷା ଖାତା ଦେଖୁ ଦେଖୁ ଗୋଟିଏ ପିଲାର ନମ୍ବର ମିଶେଇ ଦେଖିଲେ ଶହେରୁ ବେଶୀ ହୋଇଯାଉଛି । ସେ ଅବାକ୍ ହୋଇଗଲେ । ଏହା କିପରି ହେଲା ? ପ୍ରାୟ ପଚାଶ ଥର ପୁନଃ ପୁନଃ ମିଶାଇ ଦେଖିଲେ ସେଇ ଏକା ନମ୍ବର । ତାଙ୍କ ମୁଣ୍ଡ ଖରାପ ହୋଇଗଲା । ସେ ମନେ ମନେ ଭାବିଲେ ବୋଧହୁଏ କେଉଁଠି ତାଙ୍କ ମିଶାଣରେ ଭୁଲ୍ ରହି ଯାଉଛି । ତେଣୁ ସେ ଅଙ୍କ ଶିକ୍ଷକ ଆର୍ତ୍ତତ୍ରାଣ ଶତପଥୀଙ୍କୁ ଡକାଇ ପଠାଇଲେ । ସେ ମଧ ମିଶେଇ ଦେଖିଲେ ସେଇଆ ହେଉଛି । ସେ ବି ପ୍ରଥମେ ଏହାର କାରଣ କିଛି ସ୍ଥିର କରି ପାରିଲେ ନାହିଁ । ବହୁତ ଭାବିବା ପରେ ସେ ଆଉ ଗୋଟେ କାଗଜରେ ପ୍ରଶ୍ନ ଓ ନମ୍ବରକୁ ଅଲଗା କରି ତଳକୁ ତଳ ଲେଖି ଚାଲିଗଲେ । ପ୍ରଶ୍ନରେ ଥିଲା ଯେକୌଣସି ୧୦ଗୋଟି ପ୍ରଶ୍ନର ଉତ୍ତର ଦେବାକୁ ହେବ । ପ୍ରଶ୍ନଗୁଡ଼ିକ ଗଣି ଦେଖିଲେ ତହିଁରୁ ବେଶୀ ଉତ୍ତର ଅଛି । ଛାତ୍ରଟି ଖାତାରେ ସମୁଦାୟ ପ୍ରଶ୍ନର ଉତ୍ତର ଲେଖି ଦେଇଛି । ଫଳରେ ନମ୍ବର ବଢ଼ି ଯାଇଛି । ଅସୁବିଧାଟି ଅଙ୍କ ସାର୍ ହେଡ୍‌ମାଷ୍ଟ୍ରଙ୍କୁ ବୁଝେଇ ଦେଲେ । ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି ହେଡ୍‌ମାଷ୍ଟ୍ରେ ପ୍ରକୃତିସ୍ଥ ହେଲେ । ଏହି ଘଟଣାଟି ବହୁ ଦିନ ଯାଏ ଶିକ୍ଷକ ତଥା ଛାତ୍ରମାନଙ୍କ ମନରେ ବେଶ୍ କୌତୂହଳ ସଞ୍ଚାର କରିଥିଲା ।

ଆର୍ତ୍ତତ୍ରାଣ ଶତପଥୀ ଅଙ୍କ, ସାହିତ୍ୟ ଓ ପଟାପାଉତି ଲିଖନର ଶିକ୍ଷକ ଥିଲେ । ଅଙ୍କ ଓ ସାହିତ୍ୟ ପଢ଼ାଇଲା ବେଳେ ସେ ବେଶ୍ ଖୁସି ମନରେ ପଢ଼ାନ୍ତି ଓ ନ ବୁଝିପାରିବା ଛାତ୍ରଙ୍କୁ ବାରଂବାର ବୁଝେଇ ଦିଅନ୍ତି । ତାଙ୍କ ମନରେ କ୍ରୋଧ ଟିକେ ହେଲେ ବି ଉଦ୍ରେକ ହେଉ ନଥିଲା । କିନ୍ତୁ ତମସୁକ ଲିଖନ ପଢ଼ାଇଲା ବେଳେ ସେ ରୁଦ୍ରମୂର୍ତ୍ତି ଧରୁଥିଲେ । ମୁଖସ୍ଥ ଥିବା ତମସୁକ କହିଗଲା ବେଳେ ଯଦି ପିଲାଟି ଧାଡ଼ିଏ ଛାଡ଼ିଯାଏ, ତେବେ ସେ କ୍ରୋଧରେ ଅସ୍ଥିର ହୋଇ ଦାନ୍ତ କଡ଼ମଡ଼ କରି ବେତରେ ତାକୁ ନିର୍ମମ ଭାବରେ ପିଟି ପକାନ୍ତି । ତା' ପିଠିରେ ନୋଳା ଫାଟିଯାଏ । ଫଳରେ ମନେ ନରଖିଥିବା ଛାତ୍ରମାନେ ତାଙ୍କ କ୍ଲାସରେ ନରହି ଆଗରୁ ଚମ୍ପଟ ଦେଇଥା'ନ୍ତି । ସେ ପିରିଅଡ଼ ସରିଲେ ସେମାନେ ପୁଣି କ୍ଲାସକୁ ଆସନ୍ତି । ଛାତ୍ରମାନଙ୍କ ମୁହଁରୁ ସେ ଦେବାଦେବୀଙ୍କର ପ୍ରସନ୍ନ ହେବା କଥା, କାଳିଶିର ଆବିର୍ଭାବ ହେବା କଥା ଅତି ମନୋଯୋଗ ସହ ଶୁଣନ୍ତି । ଥରେ ଜଣେ ଛାତ୍ର କହିଲା ତାଙ୍କ ସାହିରେ ଗୋଟିଏ ଭୟଙ୍କର କାଳିଶି ଆସନ୍ତା ପାଳିକୁ ପଣା ମାଗିଛି । ପଣା ଠିକ୍ ଠିକ୍ ଭାବରେ ନ ଦେଲେ ସେ ସାହିର ଅଧା ଲୋକଙ୍କୁ ଚୋବେଇ ଖାଇଯିବ । ଆର୍ତ୍ତତ୍ରାଣ ସାର୍ ଅତି ମନୋଯୋଗ ସହିତ ସେସବୁ ଶୁଣିଗଲେ ଏବଂ ଆସନ୍ତା ପାଳି ଦିନ ପଣା ଦିଆଗଲା କି ନାହିଁ ତା'ର ସବିଶେଷ ବିବରଣୀ ଦେବାଲାଗି ଛାତ୍ରଟିକୁ ଉପଦେଶ ଦେଲେ । ସେ ମଧ କହିଲେ ଯେ ଯଦି ପଇସା ଅଭାବରୁ ପଣାର ସୁବ୍ୟବସ୍ଥା ନ ହୋଇପାରେ, ତେବେ ତାଙ୍କଠାରୁ ଯାଇ ପଇସା ନେଇ ଆସିବ । କାଳିଶିର ସନ୍ତୋଷ ବିଧାନ ପାଇଁ ସେ ଚାରିଅଣା ପର୍ଯ୍ୟନ୍ତ ପଇସା ଦେଇଦେବେ । ତେଣୁ ପଣାଦାନରେ କୌଣସି ପ୍ରକାର ଅବହେଳା ଦେଖାଇବା ନିଷ୍ପ୍ରୟୋଜନ । ସେ ପିରିଅଡ଼ଟା ଏଇ ପାଠରେ ଶେଷ ହୋଇଗଲା । ଏହାପରେ ଆସିଲେ ଇଂରେଜୀ ସାର୍ ପ୍ରବୋଧ ବାବୁ । ସେ ଜଣେ ଖ୍ରୀଷ୍ଟିଆନ । ସେ ଛୋଟେଇ ଛୋଟେଇ ଚାଲୁଥିଲେ । କାରଣ ତାଙ୍କର ଗୋଟିଏ ଗୋଡ଼ ବଙ୍କା । ଇଂରେଜୀ ସାର୍ ଥିବାରୁ ଆମେମାନେ ତାଙ୍କୁ ଗୋରା ସାହେବମାନଙ୍କର ଆଖପାଖ ଲୋକ ବୋଲି ବିଚାରିଥିଲୁ । ସେତେବେଳେ ଗୋରା ସାହେବ ଦେଖିଲେ ଲୋକେ ମୁଣ୍ଡ ନୁଆଇ ଦଶ, ବାର ଫୁଟ ଆଡ଼େଇ ଯାଉଥିଲେ । ପ୍ରବୋଧ ବାବୁ ଯେତେବେଳେ ଗୋରା ସାହେବଙ୍କ ଆଖପାଖ ଲୋକ, ସେତେବେଳେ ତାଙ୍କୁ ଦେଖିଲେ ମୁଣ୍ଡ ନୁଆଇଁ ଅନ୍ତତଃ ତିନି, ଚାରି ଫୁଟ ଆଡ଼େଇ ହୋଇଯିବା ଉଚିତ ବୋଲି ଆମେମାନେ ଭାବୁଥିଲୁ । ଗୋରା ସାହେବମାନଙ୍କର ପ୍ରିୟ ହୋଇଥିବାରୁ ତାଙ୍କୁ ଆମେ ମନ ଭିତରେ ଭାରି ଡରୁଥିଲୁ । ତାଙ୍କୁ ଉତ୍ତର ନାହିଁ ବୋଲି ଆମେମାନେ ମନେ ମନେ ଧରି ନେଉଥିଲୁ । ତାଙ୍କର ଅନ୍ୟାୟ ଧରାଯିବ ନାହିଁ । ତାଙ୍କୁ ସାତଖୁଣ ମାଫ୍ । ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ମାଙ୍କଡ଼ ଧାକଡ଼ । ସେ କ୍ଲାସକୁ ପଶିବା ମାତ୍ରେ ମୁଣ୍ଡ ନୁଆଇଁ ସମସ୍ତେ ଠିଆ ହେଲେ । ସେ ବସିବାରୁ

ସମସ୍ତେ ବସିଲେ । ଗୋଟିଏ ବଡ଼ ସାହସୀ ପିଲା ପୂର୍ବ ପିରିଅଡ଼ର କଥାସବୁ ତାଙ୍କ ଆଗରେ କହିଲା । ସଂପୃକ୍ତ ପିଲାକୁ ସେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିବାକୁ କହିଲେ । ସେ ଅତି ଉତ୍ସାହର ସହିତ ସବୁ ବର୍ଣ୍ଣନା କରିଗଲା । ସାର୍ କେବଳ ମୁରୁକେଇ ମୁରୁକେଇ ହସୁଥା'ନ୍ତି । ତାଙ୍କ ମୁହଁରେ ତାଚ୍ଛଲ୍ୟ ଭାବ ଫୁଟି ଉଠୁଥାଏ । ସହଜେ ସେ ଖ୍ରୀଷ୍ଟିଆନ । ହଠାତ୍ ସେ ଚିଲେଇ ଉଠିଲେ, ''ପୋଲିସକୁ ଡାକି ନେଇ ଥାନାରେ ହାଜର କରାଇ ପାରିଥିଲେ, କାଳିଶି ଥଣ୍ଡା ହୋଇ ଯାଇଥା'ନ୍ତା । ଚାରି, ପାଞ୍ଚ ହଣ୍ଟର୍ (ଚାବୁକ୍) ବାଜି ଯାଇଥିଲେ ତମ କାଳିଶି ବୋପାଲୋ ମାଆଲୋ କହି ଛାଡ଼ି ପଳେଇ ଯାଇଥା'ନ୍ତା । ଆଉ ତୁମର ତେତିଶିକୋଟି ଦିଅଁ ଦେବତା କେହି ତା'କୁ ସାହାଯ୍ୟ କରିବାକୁ ଆସି ନଥା'ନ୍ତେ । ତୁମର ଦେବୀ, ଦେବତା ଓ ଧର୍ମ ସବୁ ଅଜବ ।'' ସେ ପିଲାଟିର ମୁହଁ କଳାକାଠ ପଡ଼ିଗଲା । ଆମେ ମଧ୍ୟ ସମସ୍ତେ ଟିକେ ଦୁଃଖିତ ହେଲୁ । ମୁଁ ମନେ ମନେ ଭାବିଲି ଆମ ଦେବାଦେବୀଙ୍କୁ ଛି-ଛାକର କରୁଛନ୍ତି, ବଳେ ପରାଭବ ପାଇବେ ନାହିଁ ଯେ । ଗୋଟିଏ ଗୋଡ଼ ତ ଛୋଟା, ଆଉ ଗୋଡ଼ଟା ଛୋଟା ହୋଇଯିବ । କିନ୍ତୁ ସେହି ମହା-ପରାକ୍ରମଶାଳୀ ସାର୍‌ଙ୍କ ମୁହଁରେ ଜବାବ ଦେବାକୁ କାହାର ସାହସ ନଥିଲା । ତହିଁଆରଦିନ ଆର୍ତ୍ତତ୍ରାଣ ଶତପଥୀଙ୍କ କ୍ଲାସରେ କେତେ ଜଣ ପିଲା ସାର୍‌ଙ୍କୁ କହିଲେ ଯେ ପ୍ରବୋଧ ବାବୁ ଏ ଘଟଣା ଶୁଣି ଆମ ଦେବାଦେବୀଙ୍କୁ ଗାଳିଗୁଲଜ କରିଛନ୍ତି । ସାର୍ ନିଜେ ଚୁପ୍ ଚୁପ୍ କରି କହିଲେ – ଆମର ସେ ହେଲେ ସାହେବଙ୍କ ଲୋକ । ସହଜେ ଖ୍ରୀଷ୍ଟିଆନ । ତାଙ୍କ କଥା ସାହେବମାନେ ଆଗେ ଶୁଣିବେ । ତେଣୁ ଚୁପ୍ ହୋଇଯିବା ଭଲ । କଥାଟି ସେଇଠି ସରିଗଲା । ଆଉ କାଳିଶି କଥା ସେ ଉଠାଇ ନାହାନ୍ତି । କାଳେ ପ୍ରବୋଧ ବାବୁ ଶୁଣି ତାଙ୍କ ବିରୋଧରେ କେଉଁଠି କ'ଣ ଫୋଡ଼ି ଦେବେ ।

ଆଉ ଜଣେ ସାର୍ ଥିଲେ ଭାସ୍କର ପଣ୍ଡିତେ । କ'ଣ ସେ ପଢ଼ାଉଥିଲେ ମୋର ଠିକ୍ ମନେ ନାହିଁ । ଏତିକି ମୋର ମନେ ଅଛି – ଦିନେ ଦିନେ ସେ ପ୍ରଥମରୁ ଶେଷ ପିରିଅଡ଼ ପର୍ଯ୍ୟନ୍ତ ଆମ କ୍ଲାସରେ ବସି ରୁହନ୍ତି । ଯେଉଁସବୁ ସାର୍ ନ ଆସିଥା'ନ୍ତି ସେମାନଙ୍କର କାମ ସେ ତୁଲାଇ ଦିଅନ୍ତି । ସେ ଅଙ୍କ, ସାହିତ୍ୟ, ଇତିହାସ, ଭୂଗୋଳ ସବୁକିଛି ପଢ଼ାଇ ଦିଅନ୍ତି । ସେ ଆମର ବନ୍ଧୁ ଥିବାରୁ ଆମ ପ୍ରତି ବିଶେଷ ନଜର ସବୁବେଳେ ରଖୁଥିଲେ । କୌଣସି ପିଲାଙ୍କ ଉପରେ ସେ ରାଗି ଗଲେ ପାପୁଲିରେ ପିଲାର ନାକକୁ ଦାବି ଟିକେ ହଲାଇ ଦିଅନ୍ତି, ସେ ବେତ ବ୍ୟବହାର କରନ୍ତି ନାହିଁ । ନାକକୁ ପାପୁଲିରେ ଦଳିବା ହେଲା ତାଙ୍କର ପ୍ରଧାନ ଶାସ୍ତି ଦାନ । ଏଇଟା ପିଲାମାନଙ୍କୁ ଭାରି ବିରକ୍ତିକର ଲାଗେ ।

ଥରେ ଜଣେ ଖେଚେଡ଼ିଆ ଟୋକା ନାକ ଦଳାର ସମ୍ମୁଖୀନ ହୋଇଥିଲା । ତାକୁ ଆଗରୁ ଭାରି ଜୋର୍‌ରେ ସର୍ଦ୍ଦି ହୋଇଥିଲା । ଭାସ୍କର ସାର୍ ଯେତେବେଳେ ତା' ନାକକୁ ଦଳିଲେ ସେ ସୁଁ କରି ଶିଙ୍ଘାଣୀ ଛାଡ଼ି ଦେଲା । ଇହି – ଅସନା ପୋଚରା ବୋଲି ତାକୁ ଗାଳିଦେଇ ସେ ପଦାକୁ ହାତ ଧୋଇବାକୁ ଚାଲିଗଲେ । ସେହି ଦିନଠାରୁ ତାଙ୍କର ନାକଦଳା ବନ୍ଦ ହୋଇଗଲା । ଶିଙ୍ଘାଣୀନାକା ପିଲାଟି ପିଲାଙ୍କ ଆଗରେ ତା'ର ପୌରୁଷ ବାରଂବାର ଜାହିର କରିବାକୁ ଲାଗିଲା । ସବୁବେଳେ କହି ଲାଗିଲା – ଦେଖ ମୁଁ ସାର୍‌ଙ୍କ ନାକଦଳା କିପରି ବନ୍ଦ କରିଦେଲି ।

ଡ୍ରିଲ୍ ସାର୍ ଥିଲେ କମଳବାବୁ । ତାଙ୍କୁ ସମସ୍ତେ ଡରୁଥିଲେ, ଏପରିକି ହେଡ୍‌ମାଷ୍ଟ୍ରେ ମଧ୍ୟ । ଆମ ସ୍କୁଲକୁ ବହୁତ ଗୋରା ହାକିମ ପରିଦର୍ଶନ କରିବାକୁ ଆସୁଥିଲେ । ମିଡ଼ିଲ୍ ସ୍କୁଲରେ ସେମାନେ ବା କି ପାଠ ଦେଖିବେ ? ସେମାନେ ସବୁବେଳେ ଦେଖୁଥିଲେ ଡ୍ରିଲ୍‌ଟା ଠିକ୍ ହେଉଛି କି ନାହିଁ ।

(ସୌଜନ୍ୟ : ମୋ ଫୁଟା ଡଙ୍ଗାର କାହାଣୀ,
ପ୍ରକାଶକ ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ.)

❑❑❑

ଯଦି ତୁମେ ସର୍ବଦା ଜୀବନର ପ୍ରତ୍ୟେକ ଅବସ୍ଥାରେ ହସିଦେଇ ପାରିବ, ତେବେ ଜୀବନ ମଧ୍ୟ ତୁମକୁ ସେହି ହସ ଦ୍ୱାରାହିଁ ସ୍ୱୀକାର କରିନେବ ।

(CWM Vol. 14, p. 178) – ଶ୍ରୀମା

# ନିରାମିଷ ଆହାରୀ

## (ଗୋପାଳ ଭାଣ୍ଡ ରହସ୍ୟ)

ମହାରାଜା କୃଷ୍ଣଚନ୍ଦ୍ର ଉଆସର ଏକ ସ୍ଥାନରେ ବସି କେତେଜଣଙ୍କ ସହିତ ଆଲୋଚନା କରୁଥିଲେ । ସେହି ସମୟରେ ତାଙ୍କ ପିଉସୀଙ୍କ କଥା ମନେ ପଡ଼ିଗଲା, ପିଉସୀ ତାଙ୍କର ନିରାମିଷାଶୀ ଥିଲେ । ସଦାସର୍ବଦା ମାଳା ଗଡ଼ାଇ ହରିନାମ ଜପୁଥା'ନ୍ତି, ହରିନାମ ଜପିଲେ କ'ଣ ହେବ, ସେ ଏତେ ଲୋଭୀ ଯେ ତାଙ୍କ ପରି ଲୋଭୀ ଏ ସଂସାରରେ ଆଉ ଜଣେ ଥିବେ ଏକଥା ଜଣା ଯାଏନା । ସ୍ୱୟଂ ରାଜାଙ୍କୁ ମଧ୍ୟ କୌଣସି ଦିନ ମମତା କାରଣରୁ ଏତେ ଟିକେ ଦ୍ରବ୍ୟ ଦେଇ ନଥିବେ । ସେହି କଥା ରାଜାଙ୍କର ମନେ ପଡ଼ିଯାଇଛି । ସମ୍ମୁଖ ଭାଗରେ ଗୋପାଳ ବସିଥିଲେ, ସେ ସାମାନ୍ୟ ହସଟିଏ ହସି ଦେଇ କହିଲେ ଆଚ୍ଛା ଗୋପାଳ ତୁମେ ଆମ ପିଉସୀଙ୍କ କଥା ଜାଣତ ।

ଗୋପାଳ କହିଲେ – କାହିଁକି ଛାମୁ, ଆପଣଙ୍କର ପିଉସୀ, ତାଙ୍କୁ କିପରି ମୁଁ ନଜାଣିବି କହିଲେ –

ରାଜା କହିଲେ, ''ତୁମେ ତାହାହେଲେ ଆମ ପିଉସୀଙ୍କୁ ଜାଣିଛ ନୁହେଁ, ହେଲେ ତୁମକୁ ମୁଁ ଯଦି କୁହେ ତାଙ୍କଠାରୁ କୌଣସି ଦ୍ରବ୍ୟ ଆଣି ମୋତେ ଦେଇପାରିବ, ଯଦି ତୁମେ ତାହା ଆଣି ମୋତେ ଦେଇ ଦେଲ, ତାହାହେଲେ ଆମେ ଜାଣିବୁ ଯେ ତୁମର ସମସ୍ତ କଥାରେ ଗୋଟାଏ ଦାମ୍ ଅଛି ।''

ମହାରାଜାଙ୍କଠାରୁ ଏକଥା ଶୁଣି ଗୋପାଳ କହିଲେ, ''ଆପଣଙ୍କର ପିଉସୀ ହେଲେ ମଧ୍ୟ ସେ ତ ଆପଣଙ୍କୁ ନିଜର ବୋଲି ଭାବେନା, ଅଥବା ମୋ'ଠାରୁ ଅଧିକ ଭାବେନା, ମୋତେ ଦୁଇ ଗୋଟି ଦିନ ସମୟ ଦିଅନ୍ତୁ । ମୁଁ ଆପଣଙ୍କୁ ପିଉସୀଙ୍କଠାରୁ ବକ୍‌ସିସ୍ ଆଣି ଦେଖାଇବି ।''

ରାଜା କହିଲେ, ''ଠିକ୍ ଅଛି ତୁମକୁ ମୁଁ ସେଥିଲାଗି ଦୁଇଗୋଟି ଦିନ ସମୟ ଦେଲି ।''

ଗୋପାଳ ସେଦିନ ସଭାରୁ ବିଦାୟ ନେଇଗଲେ । ତା'ପର ଦିନ ଗୁଡ଼ାଏ କଥା ଚିନ୍ତା କରି ସାରିବା ପରେ ରାଜ ଉଆସକୁ ଆସି ରାଜାଙ୍କର ପିଉସୀଙ୍କ ନିକଟରେ ଯାଇ ପହଞ୍ଚିଲେ । ପିଉସୀଙ୍କୁ ଦେଖିବା ମାତ୍ରେ ଗୋପାଳ ପିଉସୀଙ୍କୁ ଯଥାଯୋଗ୍ୟ ପ୍ରଣାମ ଜଣାଇଲେ । ଅର୍ଥାତ୍ ସାଷ୍ଟାଙ୍ଗ ପ୍ରଣିପାତ କଲେ । ତା'ପରେ ଅଯାଚିତ ଭାବରେ ପିଉସୀଙ୍କ ପାଖରେ ଠିଆ ହୋଇ ପଚାରିଲେ ଆପଣଙ୍କର ସମସ୍ତ କୁଶଳ ତ । ପିଉସୀଙ୍କ ମୁଖରୁ କୌଣସି କଥା ବାହାରିବା ଆଗରୁ ଗୋପାଳ କହିଲେ, ''ଧାର୍ମିକ ଲୋକମାନଙ୍କୁ କିଏବା ମନ୍ଦ କହିବ ନା ଈଶ୍ୱର ତାଙ୍କୁ କେବେ ଦୁଃଖ ଦେବେ ।''

ଏତେକଥା ଶୁଣିବାପରେ – ପିଉସୀ ହସି ପକାଇ ପଚାରିଲେ, ''କିହୋ ଗୋପାଳ, ଅକାଳେ ବାବାଜି ସକାଳେ ଦେଖା । କେତେଦିନ ହେଲା ତ ଆସି ନଥିଲ, ନାଁ ମୋଟାମୋଟି ରାଜ ଉଆସକୁ ଆସୁ ନାହଁ, ନା ରାଜା କୃଷ୍ଣଚନ୍ଦ୍ର ତୁମକୁ କିଛି କହି ପକାଇଛି ? ଦୁଃଖ, ବିଷାଦ, ଅଭିମାନ ଧରି ଆସୁ ନଥିଲ । ତେବେ ଏତେଦିନ ପରେ ପିଉସୀ ମାଆଙ୍କ କଥା କିପରି ଆଜି ତୁମର ମନେ ପଡ଼ିଗଲା ।''

ଗୋପାଳ ହେଁ ହେଁ ହୋଇ ଟିକେ ହସି ପକାଇ କହିଲେ, 'ସେଥିପାଇଁ ନାଇମ ପିଉସୀମା', ଏସବୁ କଥା ନୁହଁ ଯେ, ହେଲେ ଆପଣ ଲକ୍ଷ୍ମୀ, ସରସ୍ୱତୀ, ଗାୟତ୍ରୀ ତୁଲ୍ୟ ମଣିଷ । ବିଷ୍ଣୁ ଅଂଶୀ ହୋଇ ନଥିଲେ ଆପଣ ବା କିପରି ଏତେ ବଡ଼ ରାଜବଂଶରେ ଜନ୍ମଗ୍ରହଣ କରିଥାଆନ୍ତେ । ଆମେ କୋଉ ଆପଣଙ୍କର ପଦରଜକୁ ସମାନ ହେବୁ । ପୁଣି ରାଜାଘର କଥା । ଏଠି ମାଛି ପଡ଼ିଲେ ନଅଖଣ୍ଡ ପରା, ଆପଣଙ୍କ ପାଖକୁ ଆସିବାକୁ ହେଲେ ତାହାକୁ ଦେବ ସୁଯୋଗ କୁହାଯିବ । ଯେମିତି ଦେବଙ୍କ ଦର୍ଶନ କରିବାକୁ ହେଲେ ଦେବ ଡୋରି ଲାଗିଲେ ଯାଇ ସେ ସୁଯୋଗ ଆସେ । ସେହିପରି ରାଜା-ମହାରାଜାମାନଙ୍କୁ ଦର୍ଶନ ପାଇବା କାଠିକର ପାଠ, ପୁଣି ଆପଣ ଆମ ରାଜାଙ୍କଠାରୁ କେତେ ଉପରେ । ମାନ-ସମ୍ମାନ ଆପଣଙ୍କର କେତେ ଅଧିକ, ଆପଣ ରାଜା କ'ଣ, ରାଜମାତା ସଦୃଶ, ତେବେ ଆପଣଙ୍କ ସାକ୍ଷାତ୍ କରିବାକୁ ହେଲେ କେତେ ଯେ ମାହେନ୍ଦ୍ର ଯୋଗ, ଅମୃତଯୋଗ ଖୋଜିବାକୁ ପଡ଼େ । ପୁଣି ଗରିବ ଗୋପାଳ । ଘରେ ଛୁଆପିଲାଙ୍କ ଜଞ୍ଜାଳ କହିଲେ ନସରେ । ରାତ୍ରି ପାହିଲେ, ଅନ୍ନ ଚିନ୍ତା ଚମତ୍କାର । ଅନ୍ନ ଚିନ୍ତା ହେବା ଆଗରୁ ପୁଣି ଅର୍ଥ ଚିନ୍ତା ବାରବାର, କ'ଣ କରିବି ପିଉସୀ ମା', ଆପଣଙ୍କ ପରି ଦେବୀ ତୁଲ୍ୟା ପିଉସୀ ମା'ଙ୍କୁ ଦେଖା କରିବାକୁ ତ ଇଚ୍ଛା ହୁଏ । କାହିଁକିନା ଆପଣଙ୍କ ମୁଖରେ ସଦାସର୍ବଦା ମିଠା କଥା ।

ମଣିଷମାନଙ୍କୁ ଭଲପାଇବା, ଦୟା କରିବା, ଏ ତ ଜଣେ ମହିୟସୀ ଦେବୀଙ୍କର କାମ । ସତରେ ମ ପିଉସୀ ମାଆ, ଆପଣଙ୍କ ସାକ୍ଷାତ୍ ପାଇବା ବାସ୍ତବିକ ଗୋଟାଏ ଯୋଗ, ହଁ ହଁ ମହା ମହା ବାରୁଣୀ ଯୋଗ ପରି । ଛାଡ଼ନ୍ତୁ ପିଉସୀ ମାଆ, ମୁଁ କ'ଣ ଏକଥା ଆପଣଙ୍କୁ ଏକା କହୁଛି, ଏ ରାଜ୍ୟଟା ସାରାର ପ୍ରଜାମାନେ କହନ୍ତି । ରାଜମାତା ଚାଲି ଗଲେଣି ବୋଲି କେହି ଭାବନ୍ତି ନାହିଁ । ଆରେ ରାଜମାତା କିଏ, ତାଙ୍କର ନଣନ୍ଦ କିଏ, ଏ ଦୁହେଁ ଠାକୁରାଣୀ ସଦୃଶ । ହଁ ପିଉସୀ ମାଆ, ଆପଣ ତ ମୋର ଅବସ୍ଥା ଜାଣିଥିବେ । ଆପଣଙ୍କର ଶୁଭଦୃଷ୍ଟି ଆମ ଉପରେ ନଥିଲେ ଆମେ କେବେଠାରୁ ସ୍ୱର୍ଗବାସୀ ହୋଇ ସାରନ୍ତୁଣି । କାହିଁକି ଛୋଟ ତୁଣ୍ଡରେ ବଡ଼ କଥା କହିବି ପିଉସୀ ମାଆ । ଅଧିକରୁ ଅଧିକ ଅସୁବିଧା ପଡ଼ି ଯିବାରୁ ଭଗବାନ୍ ପରା ଆପଣଙ୍କ ଚେହେରାକୁ ଆଣି ମୋ ଆଖି ଆଗରେ ଠିଆ କରି ଦେଲେ ।

ହଁ ଆପଣ ପରା ଦେବୀ ଲକ୍ଷ୍ମୀସ୍ୱରୂପା, ଆପଣ ଲକ୍ଷ୍ମୀ, ଗାୟତ୍ରୀ ଭଳି । ଆପଣଙ୍କ ପରି ଲୋକଙ୍କ ପାଇଁ ଗୋପାଳର ଏ ଛୋଟିଆ କଥାଟା କେତେ ଆଉ ହୋଇପାରେ ।

ଗୋପାଳର ସମସ୍ତ କଥା ପିଉସୀ ମାଆ ଶୁଣିବା ପରେ ଗୋପାଳ କହିଲେ – ମୋର ଗୋଟାଏ ବଡ଼ ଆଶା ଥିଲା ପିଉସୀ ମାଆ । ତେବେ ହଁ ସେଟା ସିନା ମୋ ଲାଗି ବଡ଼, ହେଲେ ଆପଣଙ୍କ ଲାଗି ଖୁବ୍ ଛୋଟ । ତାହାହେଲେ କହୁଛି, ଆପଣ ମୋର ସେହି ଆଶାକୁ ପୂରଣ କରି ଦିଅନ୍ତେ ।

ଗୋପାଳର କଥା ଶୁଣି ପିଉସୀ ମାଆ ହସି ହସି କହି ପକାଇଲେ, ''କିରେ ଗୋପାଳ, ତୁମେ ପରା ଆମ କୃଷ୍ଣଚନ୍ଦ୍ର ରାଜାର ଭାଣ୍ଡ, ଫେରେ ତୁମର ପୁଣି କ'ଣ ଦରକାର । ତାହା କୃଷ୍ଣ ପୂରଣ କରି ପାରିଲା ନାହିଁ – ଠିକ୍ ଅଛି ତୁ କହିଲୁ ଦେଖି । ତୋର ପିଉସୀ ମାଆ ତାହା ପୂରଣ କରିପାରୁଛି କି ନାହିଁ ?''

ଗୋପାଳ କହିଲା, ''ଏକଥା କ'ଣ ମିଥ୍ୟା, ରାଜା କୃଷ୍ଣଚନ୍ଦ୍ରଙ୍କର ଏ ଗୋପାଳ ଭାଣ୍ଡ, ତାଙ୍କୁ ପୁଣି କି ଅଭାବ, ହେଲେ ପିଉସୀ ମାଆ ତାଙ୍କ ଉପରେ ପରା ତମକୁ ମହାପ୍ରଭୁ ବଡ଼ କରି ବସାଇଛନ୍ତି । ମୁଁ ତୁମଠାରୁ ଯାହା ଆଶା କରିବି ତାହା ତ ଦେବା ନଦେବା ଆପଣଙ୍କ ପରିସର ମଧ୍ୟରେ । ରାଜା କୃଷ୍ଣଚନ୍ଦ୍ରଙ୍କ ସେପରି ଭାଗ୍ୟ କାହିଁ ।''

ଯାହା ଆପଣଙ୍କ ପାଖରୁ ମିଳିବ ତାହା କିପରି ରାଜା ଦେଇ ପାରିବେ । ମୋର ସାମାନ୍ୟ ମାଗୁଣି ଏଇ ଯେ ତୁମରି ପାଖରେ ବସି ଠାକୁରଙ୍କ ଅନ୍ନ ଖାଆନ୍ତି ।

ଗୋପାଳଙ୍କଠାରୁ ଏକଥା ଶୁଣି ପିଉସୀ ମାଆ କହିଲେ, ''ଆରେ ଏହି ତୁଚ୍ଛା କଥା ଲାଗି ଏଡ଼େ ଚିନ୍ତା, ଏହି ଛାର କଥାରେ ତୁମେ ଶହେ ଶାସ୍ତ୍ରର ପାଠ ଏଠାରେ କହି ସାରିଲଣି । ପିଉସୀ ସିନା ଅନ୍ୟ କିଛି ଦେଇ ପାରିବ ନାହିଁ । ଗୋପାଳ ପରି ପୁଅକୁ ମହାପ୍ରସାଦରୁ କିପରି ବଞ୍ଚିତ କରିବ, ଯା' ଆସନ୍ତାକାଲି ମଣୋହି ସମୟକୁ ଆସିବୁ ।''

ଗୋପାଳ ତା' ପରଦିନ ଖୁବ୍ ଆନନ୍ଦ ମନରେ ସେଠାରେ ପହଞ୍ଚିଲେ । ଘରେ କେତୋଟି ଚିଙ୍ଗୁଡ଼ି ମାଛକୁ ଭାଜିଭୁଜି ଅଣ୍ଟାରେ ଯତ୍ନ ସହକାରେ ଆଣି ଥାଆନ୍ତି ।

ଗୋପାଳଙ୍କୁ ଦେଖିବା ମାତ୍ରେ ପିଉସୀ ଖୁବ୍ ଆନନ୍ଦ ହୋଇ ଯାଇ କହିଲେ, ''ଯାହା ହେଉ ଠିକ୍ ସମୟରେ ଆସିଗଲୁ । ମୁଁ ଭାବୁଥିଲି ଠାକୁରଙ୍କର ମଣୋହୀ ବେଳ କାଳେ ଗୋପାଳଙ୍କୁ ଜଣା ନଥିବ ।'' ଗୋପାଳ କହିଲା, ''ରାଜା କୃଷ୍ଣଚନ୍ଦ୍ରଙ୍କର ଏପରା ଭାଣ୍ଡ, ଯା ପାଖରେ ଟାଇମ୍ ଟେବୁଲରେ କେବେ ବିଭ୍ରାନ୍ତି ହେବ !''

ପିଉସୀ ମା' କହିଲେ – ହେଉ ଗୋଡ଼ ହାତ ଧୋଇ ଆସ ।

ଗୋପାଳ କହିଲେ – ୟେ ପରା ପିଉସୀମା'ଙ୍କର ଠାକୁର ଘର କଥା । ସେ କଥାରେ ପୁଣି ଗୋପାଳର ଭୁଲ୍ ହେବ । ସେକଥା ଆଉ କହିବାକୁ ହେବ । ଆଗରୁ ସାରି ଆସିଛି ନା ପିଉସୀ ମାଆ ।

ପିଉସୀ ମାଆ କହିଲେ,– ତାହା ହେଲେ ଠିକ୍ ଅଛି । ଆସନ ଖଣ୍ଡିକ ଆଣି ବସିଯାଆ, ମୁଁ ସମସ୍ତ ଜିନିଷ ଆଣି ପରଷି ଦେଉଛି ।

ଏହାପରେ ପିଉସୀ ମାଆ ଗୋପାଳର ପକାଇଥିବା ପତ୍ରରେ ଠାକୁରଙ୍କର ପ୍ରସାଦ ବାଢ଼ି ଦେଇ କହିଲେ ଏବେ ପ୍ରସାଦ ସେବନ ଆରମ୍ଭ କର ଗୋପାଳ ।

ଗୋପାଳ ସଙ୍ଗେ ସଙ୍ଗେ ଠାକୁରଙ୍କ ପ୍ରସାଦ ଖାଇବା ଆରମ୍ଭ କରିଦେଇ କହିବାକୁ ଲାଗିଲେ – ଯାହା କହନ୍ତି ପିଉସୀ ମା'ଙ୍କ ହାତ ରାନ୍ଧଣା ଦ୍ରବ୍ୟକୁ ସବୁ ଠାକୁର, ଠାକୁରାଣୀ ହାତ ଚାଟି ଖାଇ ଯାଆନ୍ତି ପରା ଓ ଆଜି ତ ପିଉସୀ ମାଆ ଅମୃତ କରିଛ । ଆଃ କି ଖୁସ୍‌ବୁ, କି ସ୍ୱାଦ ।

ପିଉସୀ ମା' ଗୋପାଳର ପ୍ରଶଂସାରେ ଖୁବ୍ ଖୁସି ହୋଇଯାଇ ତରବରରେ ରନ୍ଧନଶାଳାକୁ ପଶି ଯାଇ ଆଉ କିଛି ତିଅଣ ଆଣି କହିଲେ ୟାକୁ ଖାଇଲ ଦେଖି । ହଁ ଗୋପାଳ

ତୁମେ ଆସ୍ତେ ଆସ୍ତେ ଖାଉଥାଅ, ମୁଁ ଚୁଲିରୁ କ୍ଷୀର ହାଣ୍ଡିଟା ଓହ୍ଲାଇ ଦେଇ ଆସେ ।

ପିଉସୀ ମାଆ ଗୋପାଳଙ୍କୁ ସମସ୍ତ ପ୍ରକାର ଦ୍ରବ୍ୟ ବାଢ଼ି ଦେଇ ଯାଇଛନ୍ତି, ଗୋପାଳର ଆଉ କ'ଣ ବା ମାଗିବାର ଅଛି ।

ଗୋପାଳ ପିଉସୀ ମାଆ ଦେଇଥିବା ସମସ୍ତ ଦ୍ରବ୍ୟକୁ ଧୀରେ ଧୀରେ ଖାଉ ଥାଆନ୍ତି । ଯାରି ମଧ୍ୟରେ ପିଉସୀ ମାଆ ଦେଇଥିବା ଲାଉ ତିଅଣରେ ଚିଙ୍ଗୁଡ଼ିତକ ମିଶାଇ ଦେଇ ଗୋପାଳ ପିଉସୀ ମାଆଙ୍କ ଆସିବା ପଥକୁ ଚାହିଁ ବସିଥାଆନ୍ତି ।

ଏଥର ପିଉସୀ ମାଆ ଦୁଗ୍ଧ ହାଣ୍ଡି ଓହ୍ଲାଇ ଦେଇ ଗୋପାଳ ପାଖକୁ ଆସି ପଚାରିଲେ– ଆରେ ଗୋପାଳ ଆଉ କ'ଣ ଦରକାର କିରେ ।

ଗୋପାଳ କହିଲେ – ପେଟ ତ ପୂରି ଗଲାଣି ପିଉସୀ ମାଆ । ଆଃ, ଆଜିର ଠାକୁର ପ୍ରସାଦ ଗଣ୍ଡାକ ତ ଅମୃତ ପରି ହୋଇଛି । ହେଲେ ପିଉସୀ ମାଆ ଆପଣଙ୍କର ସେହି ଲାଉ ଚିଙ୍ଗୁଡ଼ି ଘାଣ୍ଟଟା ନା ସବୁ ଦ୍ରବ୍ୟଠାରୁ ବଳି ପଡ଼ିଛି । ସେଇଥିରୁ ଆଉ ଟିକେ ଦିଅନ୍ତେ ନାହିଁ ପିଉସୀ ମାଆ ।

ପିଉସୀ ମାଆ ଯେତେବେଳେ ଗୋପାଳ ମୁଖରୁ ଲାଉ ଓ ଚିଙ୍ଗୁଡ଼ିଘାଣ୍ଟ କଥା ଶୁଣିଛନ୍ତି ସେ ତ ହତବାକ୍ ହୋଇ ଠିଆ ହୋଇଗଲେ । ସେ ସଙ୍ଗେ ସଙ୍ଗେ କହି ପକାଇଲେ, ''ଆରେ ଗୋପାଳ ତୁ ସ୍ୱପ୍ନ ଦେଖିଲୁ ନା କ'ଣ । ତୋ ପିଉସୀ ମାଆ ବିଧବା, ପୁଣି ଠାକୁରଙ୍କର ଭୋଗ, ସେଥିରେ ପୁଣି ଚିଙ୍ଗୁଡ଼ି ! କଖାରୁର ଚୋପାକୁ ତୁ ଚିଙ୍ଗୁଡ଼ି କହୁ ନାହୁଁ ତ ।''

ଗୋପାଳ କହିଲା ନାଇଁମ ପିଉସୀ ମାଆ – ତୁମେ ମୋର ପିଉସୀ, ମାଉସୀ, ମାଆ ସବୁ କିଛି । ତୁମ ସାଥିରେ ଗୋପାଳ ଥଟ୍ଟା କରିବ, କି ଅପରାଧ ପିଉସୀ ମାଆ, ଏ ବ୍ୟବହାରକୁ କେବେ ହେଲେ ଭଗବାନ୍ ସହନ୍ତି ନାହିଁ । ମାଆମାନଙ୍କ ସାଥିରେ ପୁଣି ଥଟ୍ଟା, ସତ କହୁଛି ମ ପିଉସୀ ମାଆ, ଲାଉ ଚିଙ୍ଗୁଡ଼ି ଘାଣ୍ଟ ପରା ମୋର ସବୁ କିଛିକୁ ପେଟକୁ ନେଇଗଲା । ଦେଖୁ ନାହାନ୍ତି ପତର ସାଫ୍ । ଆଉ ଗଣ୍ଡେ ପ୍ରସାଦ ଦିଅନ୍ତୁ, ଆଉ କିଛି ନଦେଇ କେବଳ ଲାଉ ଚିଙ୍ଗୁଡ଼ି ଘାଣ୍ଟ ଟିକେ ଦିଅନ୍ତୁ ।

ଆଜି ଏକଥା କେଉଁଠି ନକହିଲେ ମଧ୍ୟ ରାଜାଙ୍କ ଆଗରେ ମୁଁ ନିଶ୍ଚୟ କହିବି ଯେ ପିଉସୀ ମାଆ ଆଜି ଯେଉଁ ଲାଉ ଚିଙ୍ଗୁଡ଼ି ଘାଣ୍ଟ ଠାକୁରଙ୍କ ପାଇଁ କରିଥିଲେ, ଠାକୁରଙ୍କ ମଣୋହି ପରେ ସାକ୍ଷାତ୍ ତାହା ଅମୃତ ହୋଇ ଯାଇଥିଲା । ଛାମୁଙ୍କର ଭାଗ୍ୟରେ ଏହା ନଥିଲା । ଏହି କଥାତ ମୁଁ ଛାମୁଙ୍କ ସମ୍ମୁଖରେ କହିବି । ଆଃ କି ସୁନ୍ଦର ଭାବେ ପିଉସୀ ମାଆ ଚିଙ୍ଗୁଡ଼ି ଲାଉ ଘାଣ୍ଟଟା କରିଥିଲେ । ଆପଣଙ୍କ ଭାଗ୍ୟରେ ତାହା ନଥିଲା ଛାମୁ ।

ଗୋପାଳ ଯେତେ କହୁଥିଲେ ମଧ୍ୟ ପିଉସୀ ମାଆ ସେକଥାକୁ କେବଳ ଥଟ୍ଟାରେ ଉଡ଼ାଇ ଦେଉଥିଲେ । ଗୋପାଳ ଯେତେବେଳେ ଦୁଇଚାରିଟା ଚିଙ୍ଗୁଡ଼ି ତରକାରିରୁ କାଢ଼ି ଦେଖାଇଲେ ସେତେବେଳେ ପିଉସୀ ମାଆ ଅବାକ୍ ହୋଇ ଯାଇଥିଲେ ।

''ଆରେ ଏ କି ଆଶ୍ଚର୍ଯ୍ୟ କଥା, ଚିଙ୍ଗୁଡ଼ି କିଏ ଆଉ ମୁଁ କିଏ ?'' ଏହା କହି ପିଉସୀ ମାଆ ଘର ଭିତରକୁ ଚାଲିଗଲେ । ଗୋପାଳ ମନେ ମନେ ଭାବୁଥାଏ – ଆରେ ମୋର ନାମ ଗୋପାଳଭାଣ୍ଡ ଟି, ରାଜା କ'ଣ ମୋତେ ଭାବିଛନ୍ତି ।

ଏହାପରେ ଚାତକ ପ୍ରାୟ ଗୋପାଳ ଚାହିଁଥାଏ ପିଉସୀ ମାଆଙ୍କୁ, ଆଉ ଭାବୁଥାଏ, ଗୋପାଳ ଆଜି ଯାହା ପାଇବ ତାହାହିଁ ପିଉସୀ ମାଆଙ୍କଠାରୁ ନେଇ ଛାମୁଙ୍କୁ ଦେଖାଇବ । ଆଉ ଆଜି ଛାମୁ ଦେଖିବେ ଗୋପାଳର କରାମତି ।

ଗୋପାଳ ଯାହା ଭାବୁଥିଲା ତାହାହିଁ ହେଲା । ଚାହୁଁ ଚାହୁଁ ପିଉସୀ ମାଆ ହାତରେ ଟଙ୍କା ବିଡ଼ାଟାଏ ଧରି ଗୋପାଳ ହାତକୁ ବଢ଼ାଇ ଦେଇ କହିଲେ – ନେ ବାବା, ତୋତେ ତୋ ପିଉସୀ ମାଆର ରାଣ । ଏକଥା କେଉଁଠି କହିଲେ ତୁ ଜାଣିବୁ ଯେ ତୁ ତୋର ପିଉସୀ ମାଆଙ୍କର ମୁଣ୍ଡ ଖାଇଲୁ ।

ଏଥର ଗୋପାଳର ତ ମନସ୍କାମନା ପୂରଣ ହେଲା, ଛାମୁଙ୍କ ପାଖରେ ବି ଜିଦ୍ ରହିଲା । ବିଚରା ବୁଢ଼ୀଟା ନାଁରେ କାହିଁକି ବା ମିଥ୍ୟା ଅପବାଦ ଦେବା । ହାତକୁ ଟଙ୍କା ବିଡ଼ାଟି ନେଇ ସାରି ଗୋପାଳ କହିଲା– ପିଉସୀ ମାଆ ତୁମ ପାଖରେ କ'ଣ ପାଟ ଶାଢ଼ି ନାହିଁ । ଏଠାକୁ ଆସିବା କାଳରେ ତୁମ ବୋହୂ କେତେ କରି କହିଥିଲା, ସେ ବା କୋଉଠୁ ତାହା ପାଇବ କହୁନା । ପିଉସୀ ମା' ସଙ୍ଗେ ସଙ୍ଗେ ଘର ଭିତରକୁ ପଶିଯାଇ ପାଟ ଶାଢ଼ି ଖଣ୍ଡେ ଆଣି ଗୋପାଳ ହାତକୁ ବଢ଼ାଇ ଦିଅନ୍ତେ ଗୋପାଳ ଖୁସି ହୋଇ ସେଠାରୁ ଆସି ରାଜାଙ୍କ ପାଖରେ ପ୍ରଣାମ ଜଣାଇ କହିଲା ଦେଖନ୍ତୁ ଛାମୁ ଏସବୁ ପିଉସୀ ମାଆ ଦେଇଛନ୍ତି – ଏବେ ମୋର କରାମତି ଜାଣିଲେ ତ ।

ଗୋପାଳ ମୁଖରୁ ସବୁକଥା ଶୁଣି ଛାମୁ କହିଲେ, ଯାହା ନହେବା କଥା ତାହା କରି ଦେଖାଇ ଦେଲା ଗୋପାଳ ।

(ସଂଗ୍ରହ : ଗୋପାଳ ଭାଣ୍ଡ ରହସ୍ୟ,
ବିପିନ୍ ବିହାରୀ ଦାଶ ଗୋସ୍ୱାମୀ,
ପ୍ରକାଶକ : ଏମ୍ ବି ଏସ୍ ବୁକ୍ସ, କଟକ) ❑

# ବୀରବଲ କାହାଣୀ

## ଆଗ କିଏ – କୁକୁଡ଼ା ନା ଅଣ୍ଡା

ଆମେମାନେ ଜାଣିଛୁ ଯେ ମୋଗଲ ସମ୍ରାଟ ଆକବରଙ୍କ ଶାସନ କାଳରେ ବୀରବଲ ତାଙ୍କ ଦରବାରରେ ଜଣେ ମନ୍ତ୍ରୀ ଭାବରେ ସ୍ଥାନ ପାଇଥିଲେ । ସେ ଏକାଧାରରେ ଜଣେ ଉତ୍ତମ ସୈନିକ, ସୁଶାସକ ଓ ବିଦୂଷକ ଥିଲେ । କିନ୍ତୁ ଏକଥା ଖୁବ୍ କମ୍ ଲୋକ ଜାଣିଛନ୍ତି ଯେ ବୀରବଲ ମଧ ଜଣେ କବି ଥିଲେ । ସେ ଛଦ୍ମନାମ ''ବ୍ରହ୍ମା'' ବ୍ୟବହାର କରି ଅନେକ ପଦ୍ୟ ଲେଖିଥିଲେ । ଏହିପରି ତାଙ୍କର ଗୋଟିଏ କବିତା-ସଂଗ୍ରହ ଏବେ ଭରତପୁର ସଂଗ୍ରହାଳୟରେ ରହିଛି । ଶୁଣାଯାଏ ସେ ଯମୁନା ନଦୀ କୂଳରେ ଥିବା ତ୍ରିବିକ୍ରମପୁର (ଏବେ ଟିକାୱାନପୁର ବୋଲି କଥିତ) ଗ୍ରାମରେ ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ନିଜର ପ୍ରଖର ବୁଦ୍ଧିମତ୍ତା ଯୋଗୁଁ ବାଦଶାହ ଆକବରଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ । କିପରି ଭାବରେ ସେ ଦରବାରକୁ ଗଲେ ସେ ବିଷୟରେ ଅନେକ ଗଳ୍ପ ଶୁଣିବାକୁ ମିଳେ । କେହି କେହି କହନ୍ତି ଯେ ଥରେ ଆକବର ବାଦଶାହ ଛଦ୍ମ ବେଶରେ ବୁଲି ଆଗ୍ରା ସହରରେ ଲୋକମାନେ କିପରି ଅବସ୍ଥାରେ ଅଛନ୍ତି ସେ ବିଷୟ ଦେଖୁଥିଲେ । କୌଣସି ଗୋଟିଏ ସ୍ଥାନରେ ଦେଖିଲେ ଯେ ବହୁଲୋକ ରୁଣ୍ଡ ହୋଇଛନ୍ତି । ସେଠାକୁ ଯାଇ ବୁଝିଲେ ଯେ କେହି ଜଣେ ବହୁ ରୂପରେ ଅଭିନୟ କରୁଛି ଓ ସମସ୍ତେ ତା'କୁ ଦେଖୁଛନ୍ତି । ଜଣେ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରି ବାଜା ବଜାଇ ଚାଲିଛି ଓ ଆଉ ଜଣେ ଷଣ୍ଢ ବେଶରେ ତାଳେ ତାଳେ ନାଚି ନାଚି ବୁଲୁଛି । ଲୋକେ ବୃତ୍ତାକାରରେ ଘେରି ରହି ତା'କୁ ଉପଭୋଗ କରୁଛନ୍ତି ଓ ଘନ ଘନ ତାଳି ମାରୁଛନ୍ତି । ଛଦ୍ମବେଶୀ ବାଦଶାହ ଦେଖିଲେ ଯେ କେବଳ ଜଣେ ଯୁବକ ଏ ଅଭିନୟରେ ବିଶେଷ ସନ୍ତୁଷ୍ଟ ନହେଲା ପରି ମୁଖ ଭଙ୍ଗୀ କରି ଅନାଇ ରହିଛନ୍ତି । ଖେଳ ସରିଲା । ସମସ୍ତେ ବାହାବା କଲେ । ଏତିକିବେଳେ ଯୁବକଟି ତଳୁ ଖଣ୍ଡେ ଛୋଟ ପଥର ଉଠାଇ ଷଣ୍ଢ ଉପରକୁ ପକାଇଦେଲା । ସେ ଦେଖିଲା ଯେ ଅସଲି ଗାଈ ବା ଷଣ୍ଢ ଉପରେ କିଛି ପଡ଼ିଗଲେ ତା'ର ପିଠିର ଚମ ଯେପରି ଥରି ଉଠେ, ଏହି ନକଲି ଷଣ୍ଢର ପିଠିରେ ଯେଉଁଠାରେ ପଥର ଖଣ୍ଡକ ପଡ଼ିଥିଲା ସେ ସ୍ଥାନଟି ସେହିପରି ଥରିଗଲା । ବହୁରୂପୀଟି ଷଣ୍ଢର ଅବିକଳ ଓ ନିର୍ଭୁଲ ନକଲ କରି ଅଭିନୟ କରିପାରିଥିବାର ଜାଣି ଯୁବକଟି ହସି ହସି କରତାଳି ଦେଲା । ଛଦ୍ମବେଶୀ ବାଦଶାହ ସବୁ କଥା ବୁଝି ନପାରି ଯୁବକଟିର ନିକଟବର୍ତ୍ତୀ ହେଲେ ଓ ସେ କାହିଁକି ଖେଳ ଶେଷରେ ଷଣ୍ଢ ଉପରକୁ ଛୋଟ ପଥର ଖଣ୍ଡ ପକାଇଲା ଓ ପରେ ପରେ କରତାଳି ଦେଲା ତାହାର କାରଣ ଜାଣିବାକୁ ଚାହିଁଲେ ।

ଯୁବକଟି କହିଲା, ''ସାମାନ୍ୟ କୌଶଳ ଅଭ୍ୟାସ କରି ଯେକୌଣସି ଲୋକ ନକଲ କରିପାରେ । କିନ୍ତୁ ଛଦ୍ମ ବେଶରେ ଯଥାର୍ଥ ନକଲ କରିବା କଷ୍ଟସାଧ୍ୟ । ମୁଁ ପଥର ଖଣ୍ଡ ପକାଇ ନକଲି ଷଣ୍ଢ ତା'ର ଅନୁଭବକୁ କିପରି ଭାବରେ ପ୍ରକାଶ କରୁଛି ତାହା ଲକ୍ଷ୍ୟ କରୁଥିଲି । ଦେଖିଲି ପଥର ପଡ଼ିବା ସ୍ଥାନଟି ଥରି ଉଠିଲା । ତେଣୁ ତା'ର ନକଲ ଠିକ୍ ହୋଇଛି ବୋଲି ସନ୍ତୁଷ୍ଟ ହୋଇ କରତାଳି ଦେଲି ।''

ଛଦ୍ମବେଶୀ ବାଦଶାହ କହିଲେ, ''ଯୁବକ, ମୁଁ ତୁମର ବୁଦ୍ଧିମତ୍ତାରେ ସନ୍ତୁଷ୍ଟ ହେଲି । ତୁମେ ମୋ ପାଇଁ କିଛି କାମ କରିବ କି ?''

ଯୁବକଟି କହିଲା, ''ହଁ, ଜାହାଁପନା, ମୁଁ ସମ୍ରାଟଙ୍କର ନିର୍ଦ୍ଦେଶ ନିଶ୍ଚୟ ପାଳନ କରିବି ।''

ଏହାଶୁଣି ଛଦ୍ମବେଶୀ ସମ୍ରାଟ ଆକବର ଆଶ୍ଚର୍ଯ୍ୟ ହୋଇ ଗଲେ ଓ ସେ କିପରି ତାଙ୍କୁ ଚିହ୍ନି ପାରିଲେ ସେକଥା ପଚାରିଲେ ।

ଯୁବକଟି କହିଲା, ''ଆପଣଙ୍କ କଥାର ରାଜକୀୟ ଠାଣିରୁ ମୁଁ ବୁଝିପାରିଲି ଯେ ଆପଣ ଆକବର ବାଦଶା'ଙ୍କ ଛଡ଼ା ଅନ୍ୟ କେହି ନୁହନ୍ତି ।'' ଏହିପରି ଭାବରେ ବୀରବଲ ଆକବର ବାଦଶାହଙ୍କଠାରେ ପରିଚିତ ହୋଇ ତାଙ୍କ ଦରବାରରେ ସ୍ଥାନ ପାଇଥିଲେ ।

ଦିନକର କଥା । ସନ୍ଧ୍ୟାବେଳ । ଦରବାରର କାର୍ଯ୍ୟକ୍ରମ ଶେଷରେ ବାଦଶାହ ଆକବର ରାଜପ୍ରାସାଦକୁ ଯିବାକୁ ଉଦ୍ୟତ ହେଉଛନ୍ତି । ଜଣେ ପ୍ରହରୀ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କୁ ସମ୍ମାନ ଜଣାଇଲା ।

ବାଦଶାହ ପ୍ରଶ୍ନ କଲେ, ''କି ସମ୍ବାଦ ?''

ପ୍ରହରୀ – ''ଦକ୍ଷିଣ ଭାରତରୁ ଜଣେ ପଣ୍ଡିତ ଆସିଛନ୍ତି; ସେ ଦରବାରରେ ଆପଣ ଓ ବୀରବଲଙ୍କୁ ସାକ୍ଷାତ୍ କରି କିଛି

*(ଅବଶିଷ୍ଟାଂଶ ପୃଷ୍ଠା ୩୬ରେ ଦେଖନ୍ତୁ)*

# ମୁଲ୍ଲା ନସିରୁଦ୍ଦିନ ଓ ଅନ୍ୟାନ୍ୟ ଅଣୁ ଗଳ୍ପ

## ସନ୍ତୋଷ କୁମାର ଯୋଗାଣିଆ

ମୁଲ୍ଲା ନସିରୁଦ୍ଦିନଙ୍କ କଥା ଶୁଣି ଉଜ୍‌ବେକିସ୍ତାନର ରାଜା ତାଙ୍କର କିଛି ଜ୍ଞାନୀ ଓ ଗୁଣୀ ଲୋକଙ୍କୁ ଡାକି କହିଲେ – ତୁମେମାନେ ଯାଅ, ମୁଲ୍ଲାଙ୍କୁ ନେଇ ଆସ । ମୁଲ୍ଲାଙ୍କ ବୁଦ୍ଧିମତ୍ତା ଓ ଚତୁରତାର ପଟାନ୍ତର ନାହିଁ । କିନ୍ତୁ ଦୁର୍ଭାଗ୍ୟ, ସେ ଲୋକ ରହୁଛି ଏକ ନିପଟ ମଫସଲ ଗାଁରେ । ପୁଣି ସେ ଅତି ଗରିବ । ତାଙ୍କୁ ଯାଇ କୁହ ଯେ ରାଜା ଡାକିଛନ୍ତି ଏବଂ ତାଙ୍କୁ ଗୁରୁ କରିବା କଥା ମନରେ ଭାବିଛନ୍ତି । ମୁଲ୍ଲା ଯଦି ମୋର ଗୁରୁ ହେବେ, ତେବେ ତାଙ୍କର ଆଉ କୌଣସି ଅସୁବିଧା ରହିବ ନାହିଁ । ସେ ଅର୍ଥ, କ୍ଷମତା ଓ ପ୍ରତିପତ୍ତି ପାଇ ଆନନ୍ଦରେ ରହିବେ ।

ଦୁଇ ଜଣ ବିଚକ୍ଷଣ ଲୋକ ମୁଲ୍ଲାଙ୍କୁ ବୁଝାଇ, ସୁଝାଇ ଆଣିବା ଲାଗି ଗଲେ । ସେମାନଙ୍କ ଭିତରୁ ଜଣେ କହିଲା – ରାଜା ଖାଲି ମିଛରେ ବ୍ୟସ୍ତ ହେଉଛନ୍ତି । ରାଜା ଯେଉଁ ପ୍ରସ୍ତାବ ଦେଇଛନ୍ତି, ଏମିତି କେଉଁ ମୂର୍ଖ ଅଛି ଯିଏ ତାକୁ ଏଡ଼ାଇ ଯିବ ! ଦେଖିବ ମୁଲ୍ଲାଙ୍କୁ କହିବା ମାତ୍ରକେ ସେ କେମିତି ଡଗଡ଼ଗ ହୋଇ ବାହାରି ଆସିବେ ।

ସେମାନେ ମୁଲ୍ଲାଙ୍କ ଘରେ ପହଞ୍ଚିଲା ବେଳକୁ ମୁଲ୍ଲା ତାଙ୍କ ଘର ପିଣ୍ଡାରେ ମହାନନ୍ଦରେ ବସିଥିଲେ । ଏଇ ଦୁଇ ବିଚକ୍ଷଣ ଲୋକ ତାଙ୍କ ଆଗରେ ରାଜାଙ୍କ ପ୍ରସ୍ତାବ ଦେଇ ବୁଝାଇବାକୁ ଲାଗିଲେ । ମୁଲ୍ଲା ଏସବୁ ଶୁଣୁଶୁଣୁ ଅତିଷ୍ଠ ହୋଇ କହିଲେ – ମୁଁ ଆପଣମାନଙ୍କ କଥା ବୁଝି ସାରିଲିଣି । ସତରେ ରାଜା ଭାରି ଦୟାଳୁ । ହେଲେ, ମୋ ଗଧ କଥା ଟିକିଏ ବୁଝନ୍ତୁ । ତା'ର ଭାରି ଇଚ୍ଛା ଟିକିଏ ରାଜକୀୟ ଆଦର ପାଇବ । ତାକୁ ନେଇ ଯାଆନ୍ତୁ ତା' ମୁଣ୍ଡରେ ମୁକୁଟଟିଏ ପିନ୍ଧାଇବେ, ରାଜକୀୟ ଖାଦ୍ୟ ଦେବେ, ତାକୁ ବିଞ୍ଚଣାରେ ବିଞ୍ଚିବେ, ଭଲ ଶେଯରେ ଶୁଆଇବେ ଏବଂ ସୁନ୍ଦରୀମାନଙ୍କୁ କହିବେ ତା'ର ଗୋଡ଼ ମୋଡ଼ିଦେବେ ।

ଏକଥା ଶୁଣି ଦୁଇ ବିଚକ୍ଷଣ ଲୋକ କହିଲେ – ଆପଣ ଏ କ'ଣ କହୁଛନ୍ତି । ଗଧ ଲାଗି ତ ତାହା ନରକ ଯନ୍ତ୍ରଣାରେ ପରିଣତ ହେବ । ଗଧ ଲାଗି ସବୁଠାରୁ ଭଲ ହେଲା ସେ ଏଠି ଯେମିତି ଅଛି ସେମିତି ରହିବ, ଘାସ ଖାଇବ । ଆପଣ ଯାହା କହିଲେ ସେଥିରେ ଗଧଟି ଅଳ୍ପ ଦିନରେ ମରିଯିବ ।

ମୁଲ୍ଲା କହିଲେ – ଠିକ୍ କହିଛ । ମୁଁ ବି ଏ ଗଧ ଭଳି ଏଇଠି ଆରାମରେ ଅଛି । ମୋତେ ଅଧିକ ଯତ୍ନ ନେଇ ଭାରି ଗେହ୍ଲାରେ ରଖିଲେ ମୁଁ ମରିଯିବି । ଏଠି ମୁଁ ମହା ଆନନ୍ଦରେ ଅଛି । ଯିଏ ରାଜାଙ୍କ ପାଖରେ ଆନନ୍ଦରେ ରହିବ ଯାଅ ତାକୁ ଖୋଜି ଆଣିବ ।

*

ମୁଲ୍ଲା ନସିରୁଦ୍ଦିନଙ୍କ ଗାଁର ସମସ୍ତେ ତୀର୍ଥ କରିବାକୁ ବାହାରିଲେ । ଏହା ଦେଖି ମୁଲ୍ଲାଙ୍କ ସ୍ତ୍ରୀ ଆଉ ସମ୍ଭାଳି ପାରିଲେ ନାହିଁ । ସେ ମୁଲ୍ଲାଙ୍କୁ କହିଲେ – ଆମେ ବି ତୀର୍ଥ କରିବାକୁ ଯିବା ।

ମୁଲ୍ଲା ସ୍ତ୍ରୀଙ୍କୁ ମନାଇବାକୁ ବହୁତ ଚେଷ୍ଟା କଲେ । କିନ୍ତୁ ସ୍ତ୍ରୀ ନଛୋଡ଼ବନ୍ଦା । ମୁଲ୍ଲା ପ୍ରମାଦ ଗଣିଲେ । ତୀର୍ଥକୁ ଯିବା ମାନେ ବହୁତ ଖର୍ଚ୍ଚ । କହିବା ବାହୁଲ୍ୟ ମୁଲ୍ଲାଙ୍କ ପାଖରେ କେବେ ବି ପଇସା ନଥାଏ, ସେତେବେଳେ ବି ନଥିଲା । ପରଦିନ ଗାଁରେ ହୁରି ପଡ଼ିଗଲା ଯେ ମୁଲ୍ଲା ପାଗଳ ହୋଇଯାଇଛନ୍ତି । ସମସ୍ତେ ଦେଖିବାକୁ ଚାଲିଲେ । ସତକୁ ସତ ମୁଲ୍ଲାଙ୍କୁ ଯିଏ ଦେଖିବ ପାଗଳ ବୋଲି କହିବ । କାରଣ ମୁଲ୍ଲା ନିଜ ଗଧ ପିଠିରେ ବସି ଗାଁ ତମାମ ବୁଲୁଥିଲେ ଏବଂ ଯାହାକୁ ଦେଖିଲେ ତାକୁ ପଚାରୁଥିଲେ – ମୋ ଗଧକୁ କେହି ଦେଖିଛ ?

ଅନେକ ଲୋକ ମୁଲ୍ଲାଙ୍କ କଥାକୁ ଗୁରୁତ୍ୱ ଦେଲେ ନାହିଁ, କାରଣ ସେମାନେ ଭାବିଲେ ଏହା ତାଙ୍କର କିଛି ନୂଆ ଫିସାଦୀ ହୋଇଥିବ । କିନ୍ତୁ କିଛି ସମୟ ପରେ ଲୋକେ ଦେଖିଲେ ମୁଲ୍ଲା ସତକୁ ସତ ବ୍ୟସ୍ତ ହୋଇ ତାଙ୍କ ଗଧକୁ ଖୋଜୁଛନ୍ତି ।

ସେମାନେ ନିଶ୍ଚିତ ହେଲେ ଯେ ମୁଲ୍ଲା ପାଗଳ ହୋଇଯାଇଛନ୍ତି । ସେମାନେ ଯାଇ ଗାଁର ବୈଦ୍ୟ ହକିମଙ୍କୁ ଡାକି ଆଣିଲେ ।

ହକିମ ମୁଲ୍ଲାଙ୍କୁ ଅଟକାଇ କହିଲେ – ମୁଲ୍ଲା, ତୁମେ ପାଗଳ ହୋଇଯାଇଛ କି ? ଗଧ ପିଠିରେ ବସି ପୁଣି ଗଧକୁ କେମିତି ଖୋଜୁଛ ? ମୁଲ୍ଲା କହିଲେ – ଓଃ ମୁଁ ଗଧ ପିଠିରେ ବସି ଗଧକୁ ଖୋଜୁଛି କି ? ଆଚ୍ଛା ଆଚ୍ଛା । କିନ୍ତୁ ମୁଁ କ'ଣ ଏକା ପାଗଳ ହୋଇଯାଇଛି ? ଆମ ଗାଁ ବାଲା ସମସ୍ତେ ପାଗଳ ହୋଇଯାଇଛନ୍ତି ।

ହକିମ କହିଲେ – କେମିତି ?

ମୁଲ୍ଲା କହିଲେ – ଗାଁ ବାଲା ଯଦି ଖୁଦାଙ୍କ କୋଳରେ

ବସି ପୁଣି ଖୁଦାଙ୍କୁ ଖୋଜିବା ପାଇଁ ତୀର୍ଥରେ ଯାଉଛନ୍ତି, ତାହା ହେଲେ ମୁଁ କ'ଣ ଏକା ପାଗଳ ?

*

ଥରେ ମୁଲ୍ଲାଙ୍କ ପାଖକୁ ଜଣେ ବନ୍ଧୁ ଆସି ମନ ଦୁଃଖରେ କହିଲା – ମୁଲ୍ଲା, ମୋ ସ୍ତ୍ରୀ ମୋତେ ଆଦୌ ଭଲ ପାଉ ନାହିଁ । ସବୁବେଳେ ମୋ ଉପରେ ବିରକ୍ତ ହେଉଛି । ମୁଁ କ'ଣ କରିବି ?

ମୁଲ୍ଲା କହିଲେ – ତୁମେ ଅଧିକ ବ୍ୟସ୍ତ ହେଉଛ । ମୁଁ ହୋଇଥିଲେ ଜମାରୁ ସ୍ତ୍ରୀକୁ ଖାତିର କରନ୍ତି ନାହିଁ । ନିଜେ ଏକୁଟିଆ ଘରେ କବାଟ କିଳି ରହନ୍ତି । ବନ୍ଧୁ କହିଲେ – ଠିକ୍ ଅଛି । ମୁଁ ବି ସେୟା କରିବି ।

କିଛିଦିନ ପରେ ପୁଣି ବନ୍ଧୁ ଆସିଲେ । ତାଙ୍କ ମୁହଁଟି ଏଥର ଆହୁରି ଶୁଖି ଯାଇଥିଲା । ମୁଲ୍ଲା ପଚାରିଲେ – କିହୋ କ'ଣ ହେଲା ?

ବନ୍ଧୁ କହିଲେ ଭାଇ, ତୁମ କଥା ମାନିଲି । ହେଲେ ଏକା ଏକା କେତେ ଦିନ ରହିବି । ଚିଟା ଲାଗିଲାଣି ।

ମୁଲ୍ଲା କହିଲେ – ଏଇ ମାତ୍ର କେତେଦିନ ତୁମେ ନିଜେ ନିଜ ସହିତ ସମୟ କାଟି ବିରକ୍ତ ହୋଇଗଲ ? ତୁମ ସ୍ତ୍ରୀକୁ ଧନ୍ୟବାଦ ଦେବା କଥା । ସେ ତୁମ ସହିତ ଏତେ ବର୍ଷ କାଟିଲା ପରେ ଏବେ ବିରକ୍ତ ହେଉଛି !

*

ଆଉ ଥରେ ଜଣେ ମୁଲ୍ଲାଙ୍କୁ ଭେଟି କହିଲା – ମୁଲ୍ଲା, ମୋତେ ଆମ ଗାଁରେ କେହି ହେଲେ ଟଙ୍କା ଧାର ଦେଉ ନାହାନ୍ତି । ମୁଲ୍ଲା କହିଲେ – କେମିତି ଦେବେରେ ଭାଇ ! ଗାଁ ଲୋକ ପରା ତୁମକୁ ଓ ତୁମ ଗୁଣକୁ ଭଲ ଭାବେ ଚିହ୍ନିଛନ୍ତି । ଲୋକଟି କହିଲା – ତେବେ କିଛି ବୁଦ୍ଧି ଦିଅ କ'ଣ କରିବି ?

ମୁଲ୍ଲା କହିଲେ – ସିଧା କଥା । ଏଠି ତୁମକୁ ଲୋକେ ଚିହ୍ନିଛନ୍ତି ବୋଲି ଧାର ଦେଉ ନାହାନ୍ତି । ନୂଆ ଜାଗାକୁ ଚାଲିଯାଅ । ସେଠି ତୁମକୁ କେହି ଚିହ୍ନି ନଥିବେ । ସେଠି ତୁମର କିଛି ଅସୁବିଧା ହେବ ନାହିଁ ।

ଲୋକଟି ସେଇଆ କଲା । ଗୋଟିଏ ଛୋଟ ସହରରେ ପହଞ୍ଚିଲା ଏବଂ ରହିଲା । କିଛି ଦିନ ପରେ ଲୋକଟି ତା'ର ପଡ଼ୋଶୀଙ୍କୁ ରାସ୍ତାରେ ଦେଖି ପଚାରିଲା – କ'ଣ ଭାଇ ଭଲ ? କେମିତି ଅଛନ୍ତି ? ଲୋକଟି କହିଲା – ସବୁ ଭଲ ।

– ତୁମ ବେପାର କେମିତି ଚାଲିଛି ?

– ଭଲ ଚାଲିଛି ।

– କଥା କ'ଣ କି ଭାଇ, କିଛି ଟଙ୍କା ଦରକାର ଥିଲା । ଶୀଘ୍ର ଶୁଝିଦେବି ।

– ହଁ ଯେ କିନ୍ତୁ ଧାର କେମିତି ଦେବି ? ମୁଁ ତ ତୁମକୁ ଭଲ ଭାବେ ଚିହ୍ନିନି !

ଲୋକଟି ଅନେକ ଦିନ ପରେ ମୁଲ୍ଲାଙ୍କୁ ଭେଟି କହିଲା – ମୁଲ୍ଲା ତୁମ କଥା ମାନି ଅଜଣା ଜାଗାକୁ ଗଲି, କିନ୍ତୁ ସେଠାରେ ଲୋକେ ମୋତେ ଚିହ୍ନି ନାହାନ୍ତି ବୋଲି ଧାର ଦେଲେ ନାହିଁ ।

ମୁଲ୍ଲା ଦାର୍ଶନିକ ଭଳି କହିଲେ – ସତରେ ଧାରୁଆ-ମାନଙ୍କ ଲାଗି ଏ ଦୁନିଆଟା ବଡ଼ ଖରାପ ।

*

ଥରେ ମୁଲ୍ଲା ନସିରୁଦ୍ଦିନଙ୍କ ଗାଁକୁ ଜଣେ ଫକିର ଆସିଲେ । ସେ ଥିଲେ ଭାରି ଜ୍ଞାନୀ । କଥା କଥାକେ ସେ ଲୋକଙ୍କୁ ଉପଦେଶ ଦେଉଥିଲେ । ତେଣୁ ଦ୍ୱିଧାରେ ବା ଦୁଃଖରେ ଥିବା ଲୋକେ ଫକିରଙ୍କ ପାଖକୁ ଯାଉଥିଲେ । ତାଙ୍କ ଆସ୍ଥାନରେ ଭିଡ଼ ଜମିଲା ।

ମୁଲ୍ଲା ତାଙ୍କ ଘର ବାରଣ୍ଡାରେ ବସି ଦେଖୁଥାଆନ୍ତି, କେମିତି ଲୋକଙ୍କ ଧାଡ଼ି ଲାଗିଛି । ଏଇ ସମୟରେ ମୁଲ୍ଲାଙ୍କର ଜଣେ ବନ୍ଧୁ ଜୁଟିଲେ । ସେ ମୁଲ୍ଲାଙ୍କୁ କହିଲେ ଦେଖୁଛ ତ ମୁଲ୍ଲା, କେମିତି ଲୋକେ ସେ ଫକିର ବାବାଙ୍କ ପାଖକୁ ଧାଡ଼ି ବାନ୍ଧିଛନ୍ତି ।

ମୁଲ୍ଲା କହିଲେ – ଯେ କି ବଡ଼ କଥା । ମୁଁ ଚାହିଁଲେ ବି ଲୋକେ ମୋ ପାଖକୁ ଧାଡ଼ି ବାନ୍ଧିବେ । ମୁଲ୍ଲାଙ୍କ ବନ୍ଧୁ କହିଲେ – ହେ ଆଲ୍ଲା !, ମୁଲ୍ଲା ଟିକିଏ ତ ଲାଜସରମ ରଖ । ସେଇ ଫକିର ବାବା କେତେ ଜ୍ଞାନୀ । ତାଙ୍କ ପାଖରେ ଲୋକଙ୍କୁ ଉପଦେଶ ଦେବା ଲାଗି ବହୁତ କିଛି ଇଲମ ଅଛି । ତୁମ ପାଖରେ ଅଛି କ'ଣ ? ପୁଣି ତୁମେ ପ୍ରତିଦିନ ତୁମ ସ୍ତ୍ରୀଙ୍କଠାରୁ ଗାଳିଫଜିତ୍ ଶୁଣୁଛ । ତୁମ ପାଖକୁ କିଏ ବା କାହିଁକି ଆସିବ ?

ମୁଲ୍ଲା କହିଲେ – ଠିକ୍ ଅଛି । ମୁଁ ତୁମକୁ ପ୍ରମାଣ କରି ଦେଖାଇ ଦେବି । ଦେଖିବି ମାସକ ଭିତରେ ମୋ ପାଖକୁ ଲୋକଙ୍କ ଧାଡ଼ି ଲାଗିବ ।

ତା'ପରେ ମୁଲ୍ଲାଙ୍କର ଆଉ ଦର୍ଶନ ମିଳିଲା ନାହିଁ । କିଛି ଦିନ ପରେ ମୁଲ୍ଲାଙ୍କ ଗାଁ ଲୋକେ କହିଲେ – ଆଉ ଜଣେ ଫକିର ବାବା ପାଖ ଗାଁକୁ ଆସିଛନ୍ତି ଯେ କି ବହୁତ ଭଲ ।

ଚାଲ ତାଙ୍କ ପାଖକୁ ଯିବା । ଗାଁର କିଛି ଲୋକ ସେମାନଙ୍କର ସମସ୍ୟା ଧରି ସେଇ ଫକିର ବାବାଙ୍କ ପାଖକୁ ଗଲେ । ସେମାନେ ଫେରି ଆସି ଯାହା କହିଲେ ସେଥିରେ ଅନ୍ୟ ଲୋକେ ବି ସେଠାକୁ ଗଲେ । ମୁଲ୍ଲାଙ୍କ ବନ୍ଧୁ ଭାବିଲେ – ଯେ ଆଉ ମୁଲ୍ଲା ନୁହନ୍ତି ତ ? କାରଣ ମୁଲ୍ଲାଙ୍କୁ ସେ ବହୁତ ଦିନରୁ ଦେଖିବାକୁ ପାଉ ନଥିଲେ । ସେ ଯାଇ ସେଠାରେ ପହଞ୍ଚି ଦେଖନ୍ତି ତ ମୁଲ୍ଲା ଜଣେ ଫକିରଙ୍କ ଛଦ୍ମ ବେଶରେ ବସିଛନ୍ତି ।

ସେ ସେଠାରେ କିଛି କହିଲେ ନାହିଁ । କିନ୍ତୁ ଲୋକେ ଯିବା ପରେ ସେ ମୁଲ୍ଲାଙ୍କୁ ଏକାନ୍ତରେ ଡାକି ପଚାରିଲେ – ମୁଲ୍ଲା, ତୁମର ଯେଉଁ ବୁଦ୍ଧି ଓ ଜ୍ଞାନ ! ଲୋକଙ୍କୁ କି ଉପଦେଶ ଦେଉଛ ଯେ ଲୋକେ ତୁମ ପାଖକୁ ଧାଉଁଛନ୍ତି ।

ମୁଲ୍ଲା କହିଲେ – କିଛି ଉପଦେଶ ଦେଉ ନାହିଁ । କେବଳ ସେମାନଙ୍କ ଦୁଃଖକୁ ଶୁଣୁଛି । ପୁଣି ଏମିତି ଶୁଣୁଛି ଯେ ସତେ ଯେମିତି ସେ ଦୁଃଖତକ ମୋର । ବାସ୍, ସେତିକି । ସମସ୍ତେ କମ୍ ଶୁଣନ୍ତି, ଅଧିକ ଉପଦେଶ ଦିଅନ୍ତି । ମୁଁ ଅଧିକ ଶୁଣୁଛି । ତେଣୁ ମୋ ପାଖକୁ ଲୋକେ ସେମାନଙ୍କ ମନ କଥା ଖୋଲି କହିବାକୁ ଆସନ୍ତି । ସେଇ କଥାବାର୍ତ୍ତାରୁ ସେମାନଙ୍କ ସମସ୍ୟାର ସମାଧାନ ବି ବାହାରୁଛି । ଏଥିରେ ବିଶେଷ କିଛି ବାହାଦୁରି ନାହିଁ ।

*

ଥରେ ମୁଲ୍ଲା ନସିରୁଦ୍ଦିନ୍‌ଙ୍କୁ ରାଜା ଗୋଟିଏ ଅଦାଲତରେ ବାଧ କରି ବିଚାରପତି ଆସନରେ ବସାଇ ଦେଲେ । ସେ ଭାବୁଥିଲେ ମୁଲ୍ଲାହିଁ ହେଉଛନ୍ତି ସବୁଠାରୁ ବୁଦ୍ଧିମାନ୍ ଓ ବିଚକ୍ଷଣ ବ୍ୟକ୍ତି । ତେଣୁ ସେ ସବୁଠାରୁ ଭଲ ବିଚାରପତି ହୋଇପାରିବେ ।

ଅଦାଲତ ଚାଲିଲା । ଅଭିଯୁକ୍ତର ଓକିଲ ଅଭିଯୁକ୍ତର ସପକ୍ଷରେ ଏମିତି ଯୁକ୍ତି ବାଢ଼ିଲେ ଯେ ମୁଲ୍ଲା କହିଲେ – ଆରେ ଭାଇ, ତୁମେ ଯାହା କହୁଛ, ତାହା ତ ପୂରା ଠିକ୍ ! ତା' ପରେ ପ୍ରତିପକ୍ଷ ଓକିଲ ବି ଅଭିଯୁକ୍ତ ବିରୋଧରେ ଏମିତି ଯୁକ୍ତି ବାଢ଼ିଲେ ଯେ ମୁଲ୍ଲା କହିଲେ – ଆରେ ଭାଇ, ତୁମେ ଯାହା କହୁଛ, ତା ବି ତ ଷୋହଳ ଅଣା ଠିକ୍ ! ଏହା ଦେଖି ଅଦାଲତରେ ବସିଥିବା ଜଣେ ଦର୍ଶକ ମୁଲ୍ଲାଙ୍କୁ ପଚାରିଲେ, ଆଜ୍ଞା ଏକାବେଳେକେ ଦୁଇ ଜଣ ଯାକ ଠିକ୍ ହେବେ କେମିତି ? ମୁଲ୍ଲା କହିଲେ – ଆରେ ଭାଇ ତୁମେ ଯାହା କହୁଛ, ତାହା ବି ତ ପୂରା ଠିକ୍ ! ଏହା କହି ସେ ନ୍ୟାୟମୂର୍ତ୍ତିଙ୍କ ଚଉକି ଛାଡ଼ି ଚାଲିଗଲେ ।

*

ଗୋଟିଏ ଜଙ୍ଗଲରେ ରହୁଥିଲା ବିଲୁଆଟିଏ, ଯାହାର ଆଗ ଗୋଡ଼ ଦୁଇଟି କଟି ଯାଇଥିଲା । ବୋଧହୁଏ କୌଣସି ଶିକାରୀ ବସାଇଥିବା ଯନ୍ତାରୁ ମୁକୁଳିବାକୁ ଚେଷ୍ଟା କରୁଥିଲା ବେଳେ ଏମିତି ହୋଇଥିଲା । ସେଇ ଜଙ୍ଗଲର ପାଖ ଗାଁରେ ରହୁଥିଲା ଜଣେ କାଠୁରିଆ, ଯେ କି ବେଳେ ବେଳେ ବିଲୁଆକୁ ଘୁସୁରି ଘୁସୁରି ବୁଲୁଥିବାର ଦେଖୁଥିଲା । ସେ ଭାବିଲା, ଏ ବିଲୁଆ ବଞ୍ଚିରହିଛି କେମିତି ? ଶିକାର କରୁଛି କେମିତି ? ଖାଦ୍ୟ ପାଉଛି କେମିତି ?

ଦିନେ ସେ ସ୍ଥିର କଲା ବିଲୁଆ ଯେଉଁଠି ରହୁଛି ସେଠାକୁ ଯାଇ ଦେଖିବ ସେ କେମିତି ଖାଦ୍ୟ ଯୋଗାଡ଼ କରୁଛି । ସେ ଛପି ଛପି ବିଲୁଆ ରହୁଥିବା ଜାଗାକୁ ଗଲା । ସେଠାରେ ସେ ଦେଖିଲା ଯେ ବିଲୁଆ ଗୋଟିଏ ବୁଦା ମୂଳରେ ଲୁଚି ବସିଛି । ହଠାତ୍ ଦେଖିଲା ବାଘଟିଏ ମୁହଁରେ ଶିକାର ଧରି ବିଲୁଆ ଆଡ଼କୁ ଆସୁଛି । ବାଘ ଭୋଜନ ଶେଷକରି ବିଲୁଆ ପାଇଁ କିଛି ଖାଦ୍ୟ ଛାଡ଼ିଦେଲା । କାଠୁରିଆ ପର ଦିନ ମଧ୍ୟ ଏକା ଦୃଶ୍ୟ ଦେଖିବାକୁ ପାଇଲା ।

କାଠୁରିଆଟି ଭଗବାନଙ୍କ ଉଦ୍ଦେଶ୍ୟରେ କହିଲା – ବାଃରେ ଉପରବାଲା, ତୁମ ଲୀଳାର ପଟାନ୍ତର ନାହିଁ । ତୁମେ ଯେମିତି ବିଲୁଆକୁ ଖାଦ୍ୟ ଯୋଗାଉଛ ତା'ର ତୁଳନା ନାହିଁ ।

ଘରକୁ ଫେରିବା ବେଳେ ସେ ଭାବିଲା ଭଗବାନ୍ ସମସ୍ତଙ୍କୁ ସାହାଯ୍ୟ କରନ୍ତି । ସେ ଜନ୍ମ ଦେଇଛନ୍ତି ମାନେ ଭଲମନ୍ଦ ବୁଝିବେ । ଯେମିତି ବିଲୁଆର କଥା ବୁଝୁଛନ୍ତି । ତେବେ ମୋ କଥା କାହିଁକି ଭଗବାନ୍ ନ ବୁଝିବେ ?

ଏହା କହି ସେ ଆଉ କୁଆଡ଼େ ଗଲା ନାହିଁ । ଭଗବାନ୍ ତା' ଲାଗି ଖାଦ୍ୟର ବ୍ୟବସ୍ଥା କରିବେ ବୋଲି ନିଶ୍ଚିତ ହୋଇ ଘରେ ବସି ରହିଲା । କିନ୍ତୁ ତା' ଲାଗି ଖାଦ୍ୟ ଆସିଲା ନାହିଁ । ସେ ଶୁଖି କଣ୍ଟା ହୋଇଗଲା । କିଛି ଦିନ ପରେ ଭୋକରେ ତା'ର ଚେତା ବୁଡ଼ିଯିବାକୁ ବସିଲା ।

ହଠାତ୍ କେହି ଜଣେ ତାକୁ କହୁଥିବାର ଶୁଣାଗଲା – ମୂର୍ଖ, ତୋ ଆଗରେ ଦୁଇଟି ଉଦାହରଣ ଥିଲା । ତୁ ବିଲୁଆ ଭଳି କାହିଁକି ହେବାକୁ ଚାହିଁଲୁ, ବାଘକୁ ଅନୁକରଣ କଲୁ ନାହିଁ, ବାଘଭଳି ହେବାରେ କ'ଣ ଅସୁବିଧା ଥିଲା ?

*

ଜଣେ ସୁଫି ସନ୍ଥ ଗୋଟିଏ ଗାଁ ଦେଇ ଯାଉଥିଲେ । ଏଇ ସମୟରେ ତାଙ୍କୁ ଅଟକାଇଲା ଗୋଟିଏ କୁନି ଝିଅ । ସେ

କହିଲା ବାବା, ମୋ ଜେଜେବାପା ମୋତେ ଗୋଟିଏ ପ୍ରଶ୍ନ ପଚାରିଛନ୍ତି । ତା'ର ଉତ୍ତର ଯିଏ ଯାହା ବି ଦେଉଛନ୍ତି, ସେଥିରେ ମୋ ମନ ମାନୁ ନାହିଁ । ଆପଣ ତା'ର ଉତ୍ତର ଦେଇପାରିବେ କି ?

ସୁଫି ସନ୍ଥ କହିଲେ – ଝିଅ ପଚାର ।

ଝିଅ କହିଲା – ଜେଜେ କହିଲେ ଯେ ଆମ ସମସ୍ତଙ୍କ ଭିତରେ ଦୁଇଟି ହେଟାଙ୍କ ଅହରହ ଲଢ଼େଇ ଚାଲିଛି । ଗୋଟିଏ ହେଟା ଭଲ, ଆଉ ଗୋଟିଏ ହେଟା ଖରାପ । ଭଲ ହେଟା ହେଲା ସତ୍ୟ, ଶାନ୍ତି, ଦୟା, କ୍ଷମା, କରୁଣା ଆଦି ଭଲ ଗୁଣର ସମାହାର, ଆଉ ହେଟାଟି ଯାବତୀୟ ଖରାପ ଗୁଣ ଯେମିତିକି ରାଗ, ତୃଷା, ହିଂସା, ଈର୍ଷା ଭଳି ଖରାପ ଗୁଣର ସମାହାର । ଏମାନଙ୍କ ଭିତରୁ କିଏ ଜିତିବ ? ସୁଫି ସନ୍ଥ କହିଲେ – ତୁ କଅଣ ଭାବୁଛୁ ଝିଅ, କିଏ ଜିତିବ ? ଝିଅ କହିଲା – ସମସ୍ତେ କହୁଛନ୍ତି ଭଲ ହେଟା ଜିତିବ । କାରଣ ଭଗବାନ୍ ଅଛନ୍ତି ।

ସୁଫି ସନ୍ଥ କହିଲେ – ଭଗବାନ୍ ଅଛନ୍ତି ସିନା, କିନ୍ତୁ କେଉଁ ହେଟା ଜିତିବ ସେ ଦାୟିତ୍ୱ ଭଗବାନ୍ ଆମ ସମସ୍ତଙ୍କୁ ଦେଇଛନ୍ତି । କଥା ହେଲା, ଆମେ ଯେଉଁ ହେଟାକୁ ଅଧିକ ଆଦର କରିବା, ଆହାର ଦେବା, ସିଏ ଜିତିବ ।

*

ଜଣେ ବ୍ୟକ୍ତି ତାଙ୍କ ଗୁରୁଙ୍କୁ ପଚାରିଲେ, ମହାଶୟ, ମୋ ମନରେ ପ୍ରଶ୍ନଟିଏ ଉଠୁଛି । ତାହା ହେଲା, ଗୋଟିଏ ପରିବେଶରେ ସମାନ ମା-ବାପା, ସମାନ ଲାଳନପାଳନ ଭିତରେ ବି କାହିଁକି ପିଲାଏ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱରେ ପରିଣତ ହୁଅନ୍ତି ? ଗୁରୁ କହିଲେ, ଏହାର କାରଣ ତୁମେ ଗୋଟିଏ ଅନୁଭୂତିରୁ ଯାହା ଆହରଣ କର, ଅନ୍ୟ ଜଣେ ହୁଏତ ତାହା ଆହରଣ କରି ନପାରେ । ସେଇ ହେତୁ ଏ ପ୍ରଭେଦ ।

ତା'ପରେ ଗୁରୁ ସେ ବ୍ୟକ୍ତିଙ୍କୁ ନେଇ ଗାଁର ଗୋଟିଏ ଛକ ସ୍ଥାନକୁ ଗଲେ ଏବଂ ଗୁରୁଙ୍କ କହିବା ମୁତାବକ ବ୍ୟକ୍ତି ଜଣକ ସେଠାରେ ଛିଡ଼ା ହୋଇ ସେଇ ବାଟ ଦେଇ ଘୋଡ଼ାରେ ଯାଉଥିବା ଲୋକମାନଙ୍କୁ ଅନୁରୋଧ କରି କହିଲେ ତାଙ୍କୁ ଖଣ୍ଡେ ଦୂର ନେଇ ଯିବାକୁ । ସେ ବାଟରେ ମୁଖ୍ୟତଃ କୃଷକମାନେ ଯାଉଥିଲେ । ସେ ବ୍ୟକ୍ତି ଜଣକ ଯେତେବେଳେ ଘୋଡ଼ା ସବାରକୁ ଅନୁରୋଧ କଲେ, ସେ କିଛି ପ୍ରତିକ୍ରିୟା ପ୍ରକାଶ ନକରି ଆଗକୁ ଚାଲିଗଲା । ଅଧିକାଂଶ ଲୋକେ ତାହାହିଁ କଲେ । ତେବେ କିଛି ସମୟ ପରେ ଜଣେ ଘୋଡ଼ା ସବାର ସେଠାରେ ଅଟକିଲା ଓ ତାଙ୍କୁ ବସାଇ ଆଗକୁ ନେଇ ଯିବାକୁ ରାଜି ହେଲା । ଏ ଘଟଣା ପରେ ଗୁରୁ ପଚାରିଲେ, ଏମିତି କାହିଁକି ହେଲା ତା'ର କାରଣ କ'ଣ ଜାଣିଛ ? ତା'ର କାରଣ ହେଉଛି ଯେଉଁମାନେ ତୁମକୁ ସାଙ୍ଗରେ ବସାଇ ନେଲେ ନାହିଁ, ସେମାନେ ମନେ ମନେ ଭାବିଲେ ଆମେ ଏଇ ଘୋଡ଼ା ଖଣ୍ଡିଏ କିଣିବା ଆଗରୁ କେତେ ବାଟ ଚାଲି ଚାଲି ଯାଇଛୁ । ଆମକୁ ତ କାହିଁ କେହି ଘୋଡ଼ା ଉପରକୁ ନେଇ ସାହାଯ୍ୟ କରି ନାହାନ୍ତି । ଏ ଲୋକଟି ଏତେ ସୁକୁମାରିଆ କାହିଁକି ହେଉଛି ? ସେ ଆମ ଭଳି ଟିକିଏ କଷ୍ଟ କରୁ ।

ଏହା ଶୁଣି ବ୍ୟକ୍ତି ଜଣକ ଗୁରୁଙ୍କୁ ପଚାରିଲେ, ତେବେ କେଉଁଥିପାଇଁ ମୋତେ ସାହାଯ୍ୟ କରିଥିବା ଲୋକଟି ସେଇଭଳି କଲା ?

ଗୁରୁ କହିଲେ – ସେଇ ସମାନ କାରଣ ପାଇଁ । ସେ ଲୋକଟି ବିଚାର କଲା ମୁଁ ଯେତେବେଳେ କଷ୍ଟ କରି ଚାଲି ଚାଲି ଯାଉଥିଲି ମୋତେ ସେତେବେଳେ କେତେ ହତାଶ ଓ ଅସହାୟ ଲାଗୁଥିଲା । ତେବେ ଏଇ ଲୋକଟି କାହିଁକି ସେ ଅବସ୍ଥା ଭୋଗିବ ? ତେଣୁ ସେ ତୁମକୁ ସାହାଯ୍ୟ କଲା ।

ଗୋଟିଏ ପ୍ରକାର ଅନୁଭୂତିକୁ ନେଇ ଦୁଇ ପ୍ରକାର ମଣିଷ ଭିନ୍ନ ଭିନ୍ନ ରୂପେ ପ୍ରତିକ୍ରିୟା ପ୍ରକାଶ କଲେ ।

*

ଗୋଟିଏ ସ୍କୁଲକୁ ଜଣେ ଶିକ୍ଷକଙ୍କ ବଦଳି ହେଲା । ସ୍କୁଲଟି ଥିଲା ଏକ ଗାଁରେ । ପ୍ରଥମ କଥା, ଗାଁଟି ଥିଲା ସମସ୍ୟା ବହୁଳ । ଗାଁ ଲୋକମାନଙ୍କ ଭିତରେ ଅନେକ ଥିଲେ ଦୁଷ୍ଟ ପ୍ରକୃତିର । ଦ୍ୱିତୀୟ କଥା ହେଲା ସ୍କୁଲ ଛାତ୍ରମାନେ ଥିଲେ ଅମାନିଆ ଓ ବିଶୃଙ୍ଖଳ । ସେଭଳି ସ୍କୁଲର ଦାୟିତ୍ୱ ନେବା ଲାଗି କୌଣସି ଶିକ୍ଷକ ରାଜି ହେଉ ନଥିଲେ ।

ନୂଆ ଭାବେ ଶିକ୍ଷକ ଜଣକ ସେଠାରେ କାମରେ ଯୋଗ ଦେଲେ । ସେ ସେଇ ସ୍କୁଲର ଅପଖ୍ୟାତି ବାବଦରେ ଆଗରୁ ଶୁଣିଥିଲେ । ଅନେକଙ୍କ ବାରଣ ସତ୍ତ୍ୱେ ଶିକ୍ଷକ ଜଣକ ସେଠାରେ କାମରେ ଯୋଗ ଦେଲେ । କିନ୍ତୁ ସମସ୍ତେ ଚକିତ ହେଲେ ଯେତେବେଳେ ସେମାନେ ଦେଖିଲେ ଯେ ଶିକ୍ଷକ ଜଣକ ସଦାବେଳେ ପ୍ରସନ୍ନ ରହୁଛନ୍ତି । କୌଣସି ସମସ୍ୟା ତାଙ୍କୁ ବ୍ୟଥିତ କରୁ ନାହିଁ ।

ଏହା କେମିତି ସମ୍ଭବ ? – ଏକଥା ଥରେ ତାଙ୍କର ଜଣେ ବନ୍ଧୁ ପଚାରିଲେ । ଉତ୍ତରରେ ନବ ନିଯୁକ୍ତ ଶିକ୍ଷକ କହିଲେ – ମୋ ବାପା ମୋତେ ଗୋଟିଏ ମନ୍ତ୍ର ଦେଇଥିଲେ । ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ତାହା ବେଶ୍ ଫଳପ୍ରଦ ହୋଇଛି । ମନ୍ତ୍ରଟି କ'ଣ ବୋଲି ଜାଣିବାକୁ ଚାହୁଁଛ ? ଶୁଣ । ମୁଁ ସକାଳୁ ଉଠିବା ବେଳେ ଭାବେ ମୋ ପାଖରେ କେବଳ ଦୁଇଟି ବାଟ ଅଛି । ଦିନ ଯାକ ମନ ଖୁସିରେ ରହିବି ନା ଦୁଃଖରେ । ମୁଁ ପ୍ରତିଦିନ ମନ ଖୁସିରେ ରହିବାର ବାଟଟି ବାଛେ । ସେହିପରି କୌଣସି ସମସ୍ୟା ଯେତେବେଳେ ଉପୁଜେ ସେତେବେଳେ ମୁଁ କେଉଁ ପ୍ରତିକ୍ରିୟା ଦେଖାଇବି ତା'ର ବି ଦୁଇଟି ପ୍ରକାର ଥାଏ । ଯେଉଁ ପ୍ରକାରରେ ପ୍ରତିକ୍ରିୟା ଦେଖାଇଲେ ଦିନଟି ଭଲରେ କଟିବ ତାହା ମୁଁ ବାଛେ । ଏଇ ବାଛିବାର କଳା ଉପରେ ଜୀବନର ସୁଖ-ଦୁଃଖ ନିର୍ଭର କରେ ।

ବନ୍ଧୁ କହିଲେ – ଆମେ ଯେଉଁମାନେ ବିଭିନ୍ନ କାରଣରୁ ଦୁଃଖ ପାଉଛୁ ତା'ର କାରଣ କ'ଣ ଆମେ ଦୁଃଖକୁ ବାଛୁଛୁ ?

ଶିକ୍ଷକ କହିଲେ – ତା ନୁହେଁ ତ କ'ଣ ? ଆମେ ସମସ୍ତେ ବିଭିନ୍ନ କାରଣରୁ ଆମ ଜାଣତରେ ବା ଅଜାଣତରେ ଦୁଃଖହିଁ ବାଛୁ । ଏଇ କାଲିର କଥା ଦେଖ । ଚଗଲା ପିଲାଟିଏ ମୋ ଧୋତିରେ କାଳି ଢାଳି ଦେଲା । ମୋ ପାଖରେ ଦୁଇଟା ବାଟ ଥିଲା । ଦଣ୍ଡ ଦେବି ନା ପାଖକୁ ଡାକି ବୁଝାଇବି । ମୁଁ ଦ୍ୱିତୀୟ ବାଟ ବାଛିଲି । ପ୍ରଥମ ବାଟରେ ମୋ ରାଗ ଥଣ୍ଡା ହୋଇଥା'ନ୍ତା ସତ, କିନ୍ତୁ ଦ୍ୱିତୀୟ ବାଟରେ ଯାଇ ମୋତେ ଯେଉଁ ଶାନ୍ତି ମିଳିଲା, ତାହା କେବେ ବି ମିଳି ନଥା'ନ୍ତା । ମୁଁ ଯାହା ବି କରେ ସେଇ ଗୋଟିଏ ମନ୍ତ୍ରର ଆଧାରରେ କରେ । ତାହା ହେଲା ଏଇଆ ଯେ ମୁଁ ମୋର ଦିନଟିକୁ ଖୁସିରେ କାଟିବି ।

❑❑❑

---

*(ପୃଷ୍ଠା ୩୧ର ଅବଶିଷ୍ଟାଂଶ)*

ପ୍ରଶ୍ନ ପଚାରିବାକୁ ଚାହାନ୍ତି । ସେ ଆପଣମାନଙ୍କ ପାଣ୍ଡିତ୍ୟ ବିଷୟରେ ବହୁତ କିଛି ଶୁଣିଛନ୍ତି ।''

ପାରିଷଦବର୍ଗଙ୍କ ମଧ୍ୟରୁ କେହି କେହି କହିଲେ ''ଦରବାର ଭାଙ୍ଗିବାକୁ ବସିଲାଣି, ଏ ସମୟରେ ପୁଣି କି ପ୍ରଶ୍ନ ?''

ବାଦଶାହ କହିଲେ, ''ପଣ୍ଡିତ ମହାଶୟ ଏତେ ଦୂରରୁ ଆସିଛନ୍ତି, ତାଙ୍କୁ ନିରାଶ କରିବା ଠିକ୍ ହେବ ନାହିଁ । ପ୍ରହରୀ ! ତୁମେ ତାଙ୍କୁ ଦରବାର ମଧ୍ୟକୁ ଡାକି ଆଣ ।''

ପଣ୍ଡିତ ମହାଶୟ ଦରବାରରେ ପ୍ରବେଶ କଲା ପରେ ବୀରବଲଙ୍କୁ ନିର୍ଦ୍ଦେଶ କରି ବାଦଶାହ କହିଲେ, ''ବୀରବଲ, ଆଜି ଦରବାରରେ ବହୁତ କାମ କଲା ପରେ ଆମେ ସମସ୍ତେ ଏବେ କ୍ଳାନ୍ତ । ତୁମେ ଏହି ପଣ୍ଡିତଙ୍କ ସହିତ ଶୀଘ୍ର କାର୍ଯ୍ୟ ଶେଷ କର ।''

''ପଣ୍ଡିତ ମହାଶୟ, ତୁମର କ'ଣ ପ୍ରଶ୍ନ ଏବେ ତାହା ଉତ୍ଥାପନ କର । ବୀରବଲ ତା'ର ଉତ୍ତର ଦେବେ ।''

ପଣ୍ଡିତ ମହାଶୟ କହିଲେ, ''ବୀରବଲ, ଆପଣ ଶହେଟି ସହଜିଆ ପ୍ରଶ୍ନର ଉତ୍ତର ଦେବାକୁ ଚାହାଁନ୍ତି ନା ଗୋଟିଏ ଜଟିଳ ପ୍ରଶ୍ନର ଉତ୍ତର ଦେବାକୁ ଚାହାନ୍ତି ?'' ବୀରବଲ କହିଲେ, ''ଏତେବେଳେ ଶହେଟି ପ୍ରଶ୍ନ ଓ ଉତ୍ତର ଶୁଣିବାକୁ ବାଦଶାହଙ୍କର ଧୈର୍ଯ୍ୟ ନାହିଁ, ଆପଣ ମୋତେ ଗୋଟିଏ ଜଟିଳ ପ୍ରଶ୍ନ ପଚାରି ପାରନ୍ତି ।''

ପଣ୍ଡିତ ମହାଶୟ, ''ଆଗ କିଏ – କୁକୁଡ଼ା ନା ଅଣ୍ଡା ?''

ବୀରବଲ କହିଲେ, ''ନିଶ୍ଚିତ ଭାବରେ ପ୍ରଥମେ କୁକୁଡ଼ା ଓ ପରେ ଅଣ୍ଡା ।''

ପଣ୍ଡିତ ମହାଶୟ, ''ଆପଣ ଏ ବିଷୟରେ ଏତେ ନିଶ୍ଚିତ ହେଲେ କିପରି ସେକଥା ବୁଝାଇ ଦିଅନ୍ତୁ ।''

ଏତିକିବେଳେ ବୀରବଲ କହିଲେ, ''ପଣ୍ଡିତ ମହାଶୟ, ସେଇଟି ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ । ଆମର ନିଷ୍ପତ୍ତି ହୋଇଥିଲା ଯେ ମୁଁ କେବଳ ଗୋଟିଏ ପ୍ରଶ୍ନର ଉତ୍ତର ଦେବି ।''

ଏବେ ପଣ୍ଡିତ ମହାଶୟ ବୀରବଲଙ୍କ ପ୍ରତ୍ୟୁତ୍ପନ୍ନତା ଦେଖି ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଓ ବାଦଶାହଙ୍କୁ ଧନ୍ୟବାଦ ଜଣାଇଲେ ।

(ପୁନଃକଥନ : ପଞ୍ଚାନନ ମହାନ୍ତି)

❑❑❑

# ମୁଗ ଡାଲି

## ଦାଶ ବେନହୁର

ନବ ମଉସାଙ୍କ କଥା ଶୁଣି ଲିଟୁର ବିଶ୍ୱାସ ହେଲାନି । ''ନା' ମ' ଏମିତି ଖାଲି ଖାଇ ଦେଲେ ପାଠ ଭଲ ହୋଇଯିବ ? ଇଏ କେବଳ କହିବା କଥା ।''

ସେ ସପ୍ତମ ଶ୍ରେଣୀରେ ପଢ଼େ । ଭଲ ଖେଳେ, ଗୀତ ଗାଏ, ସବୁ ବିଷୟରେ ବି ଭଲ ନମ୍ବର ରଖେ । ମାତ୍ର ଗୋଟିଏ ବିଷୟରେ ଅଡୁଆ । ସେଇଟା ହଉଚି ଗଣିତ । କାହିଁକି କେଜାଣି, ଗଣିତ ଆଡ଼କୁ ତା' ମନ ଟାଣେନା । ସାର୍ ବେଳେବେଳେ ପ୍ରଶ୍ନ ପଚାରନ୍ତି । ଲିଟୁ ଠାକୁରଙ୍କୁ ମନେ ମନେ ଡାକି କହେ ''ତା' ଆଡ଼କୁ ଯେମିତି ପ୍ରଶ୍ନ ନଆସୁ ।'' ସାର୍ କିନ୍ତୁ ପ୍ରଶ୍ନ ପଚାରି ଗାଳି ଦିଅନ୍ତି । କାରଣ ସେ ସବୁବେଳେ ଭୁଲ୍ ଉତ୍ତର ଦିଏ । ଶେଷକୁ ଶୁଣିବାକୁ ପଡ଼େ ''ଏଇଟା ଗୋଟେ 'ଅକାଳ କୁଷ୍ମାଣ୍ଡ' ।''

'ଅକାଳ କୁଷ୍ମାଣ୍ଡ' କ'ଣ ଜାଣି ନଥିଲା ଲିଟୁ । ପଚାରିଲାରୁ ଜେଜେ କହିଲେ, ''ତା'ର ଅର୍ଥ ଅଦିନିଆ ପାଣି କଖାରୁ, ମାନେ ବର୍ଷା ଦିନରେ ନଫଳି ଯେଉଁ ପାଣି କଖାରୁ ଅଦିନରେ କଷି ଧରେ ଆଉ ଅଳ୍ପ ଦିନରେ ପଚି ଝଡ଼ିଯାଏ । ଅଯୋଗ୍ୟ ଲୋକକୁ କୁହାଯାଏ, ଅକାଳ କୁଷ୍ମାଣ୍ଡ ।''

ଯେତେବେଳେ ତା'ର ଅର୍ଥ ତାକୁ ଜଣା ନଥିଲା, ସେ ସହି ଯାଉଥିଲା, ମାତ୍ର ଏବେ ସେ କଥା ଶୁଣିଲେ ତା' ମୁହଁ ଶୁଖିଯାଏ । ସତରେ କ'ଣ ସେ ଅଯୋଗ୍ୟ ? ଗୋଟେ ଅଦିନିଆ ପାଣି କଖାରୁ ?

ଦିନେ ନବ ମଉସାଙ୍କୁ ବାପା ଡାକିଥିଲେ ଖାଇବା ପାଇଁ । ଉଷୁନା ଭାତ, ଚିଙ୍ଗୁଡ଼ି ଝୋଳ, ପୋଟଳ ଭଜା ସାଙ୍ଗକୁ ହୋଇଥାଏ ମୁଗ ଡାଲି । ମହମହ ବାସୁଥାଏ ଚିଙ୍ଗୁଡ଼ି ଝୋଳ । ଲିଟୁ ଖାଇବା ପାଇଁ ବସୁ ବସୁ ମୁଗ ଡାଲି ଗିନାଟାକୁ ଘୁଞ୍ଚେଇ ଦେଲା । କହିଲା, ''ମୁଗ ଡାଲି କାହିଁକି ଦେଇଚୁ ବୋଉ, ମୋର ଦରକାର ନାଇଁ, ମୁଁ ଝୋଳ ଗୋଳେଇ ଖାଇବି ।''

ବାପା ବୁଝେଇଲେ, ଅଳ୍ପ ମୁଗ ଡାଲି ଖାଆ । ଲିଟୁ କିନ୍ତୁ ନଶୁଣିଲା ପରି ରହିଲା । ବୋଉ ପୋଟଳ ଭଜା ପରଷୁ ପରଷୁ କହିଲେ – ''ଏ ପିଲାଟା ମୁଗ ଡାଲିକି ମୋଟେ ଭଲ ପାଇଲାନି । କହିଲେ କ'ଣ କାହା କଥା ଶୁଣୁଚି ?''

ସେତିକିବେଳେ ନବ ମଉସା ଚଳୁ କରିବା ପାଇଁ ପାଣି ମାଗିଲେ । କଥାର ମୋଡ଼ ସେ ଆଡ଼କୁ ପଳେଇଲା । କୋଉ କଥାରୁ ହଠାତ୍ ବାପା କହିଲେ, ''ଜାଣିଛୁ ଲିଟୁ, ତୋ'ର ଏ ମଉସା ଓ ମୁଁ ଏକା ସ୍କୁଲରେ ପଢୁଥିଲୁ । ତାଙ୍କର ଗଣିତରେ ସବୁବେଳେ ଶହେରୁ ଶହେ । ଆମେ ଆଶ୍ଚର୍ଯ୍ୟ ହେଉ ସେ କେମିତି ସବୁବେଳେ ଶହେରୁ ଶହେ ରଖୁଛନ୍ତି ।''

ନବ ମଉସା କିନ୍ତୁ ନଶୁଣିବା ପରି ବସି ଥାଆନ୍ତି । ମାଗି ମାଗି ଖାଉଥା'ନ୍ତି ମୁଗ ଡାଲି । କହୁଥା'ନ୍ତି – ''ବାଃ, ବଢ଼ିଆ ହେଇଚି ମୁଗ ଡାଲିଟା । ନୟାଗଡ଼ ପଟର ବୋଧେ ।''

ଗଣିତରେ ସବୁବେଳେ ଶହେରୁ ଶହେ ଶୁଣି ଲିଟୁ, ମଉସାଙ୍କୁ ଖାଲି ଚାହୁଁଥାଏ । ମୁଣ୍ଡ ନଇଁ ଯାଉଥାଏ ତାଙ୍କ ପାଖରେ ।

ଖିଆପିଆ ସରିଲା । ମଉସା ପଚାରିଲେ – ''ଆଉ ଲିଟୁ, ପଢ଼ାପଢ଼ି କେମିତି ଚାଲିଛି ?'' ସେ ଉତ୍ତର ଦବ କ'ଣ, ବାପା ତାଙ୍କ ଆଡୁ କହିଲେ – ''ସବୁ ଠିକ୍ ଯେ ଗଣିତ ନାଆଁ ଶୁଣିଲେ ତ ସେ ଛାନିଆ, ହବ କ'ଣ ? ତୁମେ ଟିକେ ତାକୁ ବତେଇ ଦେଲ ସେ ଗଣିତରେ କେମିତି ଭଲ କରିବ !''

ନବ ମଉସା ହସି ହସି କହିଲେ – ''ଲିଟୁ ଏ କଥା କ'ଣ ସତ ? ଯାଃ, ତୁ ତ ମୁଗ ଡାଲି ଖାଉନୁ ଆଉ ଗଣିତ ହେବ କେମିତି ? ମୁଗ ଡାଲି ପ୍ରଚୁର ଖାଆ, ଦେଖିବୁ ପଛରେ ଗୋଡ଼େଇବ ଗଣିତ ।''

ଲିଟୁର ଚିନ୍ତା ବଢ଼ିଲା । ସତରେ କ'ଣ ମୁଗ ଡାଲି ଖାଇଲେ ଅଙ୍କ ଭଲ ହୁଏ ? କେଜାଣି ? ହୋଇଥିବ ! ନହେଲେ ନବ ମଉସା କେମିତି ଏତେ ଭଲ କରୁଥିଲେ ! ସେ ତ ଆଜି ପ୍ରାୟ ଦୁଇ ଗିନା ମୁଗ ଡାଲି ଖାଇଲେ !

ମୁଗ ଡାଲି ଲିଟୁକୁ ମୋଟେ ଭଲ ଲାଗେନା । ପାଟିରେ ଦେଲେ ଥୁ ଥୁ କରେ । ଏବେ ସେ ହରଡ଼ଘଣାରେ ପଡ଼ିଲା । ଇଆଡ଼େ ମନ ଗଣିତ କେମିତି ଭଲ ହୁଅନ୍ତା, ସିଆଡ଼େ ମୁଗ ଡାଲି ପ୍ରତି ଘୃଣା ।

ଦିନେ ସେଇଠୁ ସେ ଠିକ୍ କଲା ଯାହା ହେଉ ପଛେ ଏଣିକି ମୁଗ ଡ଼ାଲି ଖାଇବ । ସେ ମୁଗ ଡାଲି ଖାଇବ ବୋଲି ମାଗିବା ଦେଖି ବୋଉ ଆଶ୍ଚର୍ଯ୍ୟ ହେଲେ । ବାପା ହସିଲେ ।

ଜେଜେ କହିଲେ, ''ହଉ ହେଲା, ଆଗେ ଖାଉ ନଥିଲା, ଏବେ ମନ କରୁଚି ଯଦି ଖାଉ ।'' ନବ ମଉସାଙ୍କ କଥା ସେମାନଙ୍କର ମନେ ରହିବ କାହିଁକି ?

ଲିଟୁ ଏବେ ନାକ, କାନ ବୁଜି ମୁଗ ଡାଲି ଖାଏ, ଆଉ ଅଙ୍କ ବହି ଧରି ବସେ । କାହାକୁ ଏ କଥା କହେନା । ଦ୍ୱିପ୍ରହର ସାରା କୁଆଡ଼େ ନଯାଇ ବହିରୁ ଉଦାହରଣ ଦେଖି ଦେଖି ଅଙ୍କ କଷେ । ଗୋଟେ, ଦୁଇଟା, ପାଞ୍ଚଟା । ଅଙ୍କ କରି ସାରି ଉତ୍ତର ମିଳାଏ । ଆରେ ବାଃ, ସବୁ ଉତ୍ତର ଠିକ୍ । ତା'ହେଲେ ତାକୁ ଗଣିତ ଆସୁଚି । ଆଶ୍ଚର୍ଯ୍ୟ କଥା, ଏଣିକି ଗଣିତ ତାକୁ ଭଲ ଲାଗୁଥିଲା । ଷାଣ୍ମାସିକ ପରୀକ୍ଷା ପରେ ଦିନେ ଗଣିତ ସାର୍ ତାକୁ ଦେଖି କହିଲେ – ''କିରେ ! ତୁ ତ ଗଣିତରେ ଗଣେଶ ପାଲଟି ଗଲୁଣି ?''

ଆନନ୍ଦରେ ଫୁଲି ଉଠିଲା ତା'ର ମନ ।

ଏବେ ଘରେ କେଉଁ ଦିନ ମୁଗ ଡାଲି ହୋଇ ନଥିଲେ ସେ ବୋଉକୁ କହୁଥିଲା – ''ମାଛ ଝୋଳ ହେଇଥିଲେ କ'ଣ ହେଲା, ମୁଗ ଡାଲି କାହିଁକି କରିନୁ ?''

ଦିନେ ପୁଣି ନବ ମଉସା ଆସିଲେ ଘରକୁ । ଲିଟୁ ଖାଲି ଛନ ଛନ ହେଉଥାଏ କହିବା ପାଇଁ ଯେ ମୁଗ ଡାଲି ଖାଇବାରୁ ତା'ର ଗଣିତ ଏବେ ଭଲ ହେଉଛି । ଶେଷକୁ ସେ ମଉସାଙ୍କୁ ମନ ଖୋଲି ସବୁ କଥା କହି ଦେଲା ।

ନବ ମଉସା ହସି ଉଠିଲେ । କହିଲେ – ''ଲିଟୁ, ମୁଗ ଡାଲି ଯୋଗୁଁ ତୋ'ର ଗଣିତ ଭଲ ହେଲା ନୁହେଁ, ତୋ ନିଷ୍ଠା ଯୋଗୁଁରୁ ହେଲା । ଆଗରୁ ତୁ ଗଣିତକୁ ଡରୁଥିଲୁ, ମୁଗ ଡାଲି ଖାଇ ଭାବିଲୁ, ମୁଁ ତ ମଉସାଙ୍କ କହିବା ଅନୁସାରେ ମୁଗ ଡାଲି ଖାଉଛି, ଡରିବି କାହିଁକି ? ସେଇଥିପାଇଁ ଗଣିତ ତୋ' ପାଖରେ ହାର ମାନିଲା । ଏକଥା ସତ ଯେ ମୁଗ ଡାଲିରେ ପ୍ରଚୁର ପ୍ରୋଟିନ୍ ଅଛି ଓ ପ୍ରୋଟିନ୍ ବୁଦ୍ଧି ବଢ଼େଇବାରେ ସାହାଯ୍ୟ କରେ, ମାତ୍ର ଗଣିତରେ ଭଲ ହେବା ପ୍ରକୃତରେ ତୋ' ଭୟଶୂନ୍ୟ ପରିଶ୍ରମର ଫଳ ।''

ଲିଟୁ କିନ୍ତୁ ଭାବୁଥିଲା ମୁଗ ଡାଲି କଥା ।

(ସୌଜନ୍ୟ : ଆମ ଓଡ଼ିଶା) ❑

## ଗୋଟିଏ ବଲରେ ୨୬୪ ରନ

୧୮୯୮ ମସିହାରେ ବିଚିତ୍ର ଘଟଣାଟିଏ ଘଟିଥିଲା । ଇଂଲଣ୍ଡର ଲାଙ୍କାସାୟାରରେ ଦୁଇଟି ଘରୋଇ ଦଳ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଚାଲୁଥାଏ । ଗୋଟାଏ 'ଲୁଜ୍‌ବଲ୍'କୁ ବ୍ୟାଟ୍ସମ୍ୟାନ୍ ଏମିତି ଟେକିଦେଲେ ଯେ ତାହା ପଡ଼ିଆ ପାର ହୋଇ ପଡ଼ିଲା ପାଖରେ ଥିବା ଏକ ପାହାଡ଼ ମୁଣ୍ଡିଆ ଉପରେ । ବଲଟା ନମିଳିବା ଆଶଙ୍କା ଥିବାରୁ ଫିଲ୍‌ଡର୍‌ମାନେ ବଲ୍‌ଟି ହଜିଗଲା ବୋଲି ଘୋଷଣା କରିବାକୁ ଅମ୍ପେୟାରକୁ ଅନୁରୋଧ କଲେ । ହେଲେ ଅମ୍ପେୟାର ସେମାନଙ୍କ କଥାରେ ରାଜି ନ ହେବାରୁ ବଲ୍ ଖୋଜା ଚାଲିଲା । ଏଣେ କ୍ରିଜ୍‌ରେ ଥିବା ବ୍ୟାଟ୍ସମ୍ୟାନ୍ ଦୁଇ ଜଣ ଧାଇଁ ଚାଲିଥା'ନ୍ତି । ବଲ୍ ମିଳିଲା ବେଳକୁ ସେମାନେ ୨୬୪ ରନ୍ କରି ଦେଇଥିଲେ । ଅବଶ୍ୟ ଏବେକା ଭଳି ସେବେ କ୍ରିକେଟ୍ ଖେଳରେ ଏତେ ନିୟମ କାନୁନ ନଥିଲା । ଏବେ କିନ୍ତୁ ଏମିତି ପରିସ୍ଥିତି ଉପୁଜିଲେ କେବଳ ୬ ରନ୍‌ହିଁ ମିଳିବ ।

(ସଂଗୃହୀତ)

# ଶ୍ରୀମା'ଙ୍କ ପାଠଶାଳା

[ଆଜି ଶୁକ୍ରବାର, ୨୫.୦୧.୫୨ । ଯଥାରୀତି ଗଳ୍ପ ଶୁଣିବାର ଦିନ । ସବୁଜ ଦଳ ଗେଷ୍ଟ ହାଉସ୍‌ରେ ମା'ଙ୍କୁ ଘେରି ବସିଲେ । ମା'ଙ୍କ ହାତରେ ଥିଲା ଗୋଟିଏ ବହି । ବୋଧହୁଏ ସେଇଟି ନିଶ୍ଚୟ ଗୋଟିଏ ଗଳ୍ପ ବହି । ମା ସେଥିରୁ ଛବି ଦେଖାଇବେ ଓ ଗଳ୍ପ ଶୁଣାଇବେ । କିନ୍ତୁ ମା ସେମାନଙ୍କ ସହିତ ଖେଳିବା ଲାଗି ବହିଟି ଓଲଟାଇ ଦୁଇ ହାତ ମଧ୍ୟରେ ଚାପିଧରି ଧୀରେ ଧୀରେ ଯାଇ ଚେୟାରଟି ଉପରେ ବସିଲେ । ତା'ପରେ ଶିଶୁମାନଙ୍କୁ ପଚାରିଲେ : କୁହ ଦେଖି, ବହିଟିର ନାମ କ'ଣ ?... ହେଲା ନାହିଁ । କେହି ବି ଠିକ୍ ନାମଟି କହିପାରିଲେ ନାହିଁ । ଶ୍ରୀମା ତା'ପରେ ବହିଟିକୁ ଉପରକୁ ଟେକିଧରି ସେମାନଙ୍କୁ ଦେଖାଇଲେ ମଲାଟ ଉପରେ ଅଙ୍କା ହୋଇଥିବା ଏକ ପ୍ରକାଣ୍ଡ ବିରାଡ଼ି । ପେଟଟା ତା'ର ଯେପରି ଏକ ବିରାଟ ଢୋଲ । ଏତେ ଗିଳି ପାରେ ସେ ! ଶୁଣ ତେବେ ଏଥର ଗଳ୍ପର ନାମ :]

## କାକତୁଆ ଓ ପେଟୁ ବିରାଡ଼ି

ଗୋଟିଏ ବିରାଡ଼ି ଓ ଗୋଟିଏ କାକତୁଆ ଥିଲେ । ଦୁଇଜଣଙ୍କର ବନ୍ଧୁତ୍ୱ ଅତି ଘନିଷ୍ଠ । ଦିନେ ଠିକ୍ କଲେ, ସେମାନେ ଦୁହେଁ ଦୁହିଁକି ନିମନ୍ତ୍ରଣ କରି ଖୁଆଇବେ । ଦିନେ ଇଏ ତାକୁ, ଆଉ ଦିନେ ସିଏ ୟାକୁ । ଆରମ୍ଭ କରିବ ବିରାଡ଼ି, ଅର୍ଥାତ୍ ସେ କଲା ନିମନ୍ତ୍ରଣ ପ୍ରଥମେ କାକତୁଆକୁ । କିନ୍ତୁ ସ୍ୱଭାବରେ ବିରାଡ଼ିଟା ଥିଲା ବଡ଼ କୃପଣ । ତୁମେମାନେ ଜାଣ କୃପଣ କାହାକୁ କୁହନ୍ତି ? ଯେ ମୋଟେ ଖର୍ଚ୍ଚ କରିବାକୁ ଚାହେଁ ନାହିଁ, ଅବସ୍ଥା ଥିଲେ ମଧ୍ୟ ନ୍ୟାଯ୍ୟ ଖର୍ଚ୍ଚ ଯେ କରେ ନାହିଁ । ଯାହାହେଉ ବିରାଡ଼ି ଅତିଥି ସତ୍କାର ପାଇଁ ବିଶେଷ କିଛି ବ୍ୟବସ୍ଥା କଲା ନାହିଁ । ଖାଇବା ଟେବୁଲଟା ପ୍ରାୟ ଫାଙ୍କା, ମାତ୍ର ଗୋଟିଏ ଗିଲାସ ଦୁଧ, ଗୋଟିଏ ଟୁକୁରା ମାଛ ଓ ଆଉ ଗୋଟିଏ ବିସ୍କୁଟ । ବେଶ୍ ଏଇ ହେଲା ତା'ର ନିମନ୍ତ୍ରଣର ଆୟୋଜନ । ଅଥଚ ଖାଇବା ଲୋକ ଦୁଇ ଜଣ । କାକତୁଆ ଆସି ବହୁତ ଅପମାନିତ ହେଲା । ଯଦିଓ ମୁହଁ ଫିଟାଇ କିଛି କହିବାର ଲୋକ ସେ ନୁହେଁ, କିନ୍ତୁ ମନେ ମନେ ବେଶ୍ ବିରକ୍ତ ହେଲା । ଯାହାହେଉ ବିଦାୟ ନେବା ସମୟରେ ସେ ବିରାଡ଼ିକୁ ତା' ପର ଦିନ ତା' ଘରେ ଖାଇବା ପାଇଁ ଅନୁରୋଧ କରିଗଲା । ଘରକୁ ଫେରିଆସି କିନ୍ତୁ ସେ ବିରାଡ଼ିକୁ ଆପ୍ୟାୟିତ କରିବା ପାଇଁ ଏବଂ ତା' ସଙ୍ଗେ ସଙ୍ଗେ ତାକୁ ଶିକ୍ଷା ଦେବା ପାଇଁ ଗୋଟିଏ ବିରାଟ ସମାରୋହ କରି ବସିଲା । ନାନା ରକମର ସୁସ୍ୱାଦୁ ଖାଦ୍ୟ ତିଆରି କଲା, ଆଉ ତା' ସହ ପାଞ୍ଚ ଶହ ପିଠା ତିଆରି କରି ରଖିଲା । ତା' ଛଡ଼ା ଫଳ, ମୂଳ, ଦୁଧ, ଖିରି ଇତ୍ୟାଦି ତ ଥିଲା । ବିରାଟ ଆୟୋଜନ କରି ସେ ବିରାଡ଼ିର ଆଗମନକୁ ପ୍ରତୀକ୍ଷା କରିବାକୁ ଲାଗିଲା । ସମସ୍ତ ଖାଦ୍ୟପଦାର୍ଥ ସେ ଖାଇବା ଟେବୁଲ ଉପରେ ସଜାଇ ରଖିଲା । ଆଉ ସାମନାରେ ପଡ଼ି ରହିଲା ବିରାଡ଼ିର ଚୌକିଟି । ନିଜ ପାଇଁ ଦୁଇଟି ପିଠା ଅଲଗା କରି ରଖି ସେ ସାମନାରେ ଥିବା ଛୋଟ ଗଛର ଡାଳ ଉପରେ ଯାଇ ବସି ରହିଲା, ଯଥା ସମୟରେ ବିରାଡ଼ି ଆସି ହାଜର ହୋଇଗଲା । ସାମାନ୍ୟ ଲୌକିକତାର ପରେ ଆସି ଖାଇବାକୁ ବସିଲା । ସ୍ଲିପ୍ ସ୍ଲାପ୍ ଗୋପ୍ ଗାପ୍ କରି ସେ ଗୋଟିଏ ପରେ ଗୋଟିଏ ସବୁ ଖାଇବା ଜିନିଷତକ ଖାଇପକାଇଲା, ତା'ପରେ ସେଇ ଚାରି ଶହ ଅଠାନବେ ଯାକ ପିଠା ଶେଷ କଲା । କାକତୁଆ ଦେଖି ଅବାକ୍ । ତା'ର ଧାରଣା ଥିଲା ଯେ ତା'ର ବନ୍ଧୁ ଅଧିକରୁ କମ୍ ଖାଇ ବାକୀ ସବୁ ଛାଡ଼ିଯିବ ଓ ମନେ ମନେ ନିଜ କୃପଣତାର କଥା ଭାବି ଲଜ୍ଜା ପାଇବ । କିନ୍ତୁ ଏ କି କାଣ୍ଡ ! ସେଇ ପର୍ବତ ପରିମାଣ ଭୋଜନ ସାମଗ୍ରୀତକ ଉଦରସାତ୍ କରି ମଧ୍ୟ ତା'ର କ୍ଷୁଧା ନିବୃତ୍ତି ହେଲା ନାହିଁ । କାକତୁଆ ଆଡ଼କୁ ଚାହିଁ କହିଲା, ''କି ଭାଇ ଆଉ କିଛି ନାହିଁ ? ମୋର ଯେ ପେଟ ପୂରିଲା ନାହିଁ ।'' କାକତୁଆ ସଙ୍କୋଚ ପାଇ କହିଲା, ''ଆଉ ଦୁଇ ଖଣ୍ଡ ପିଠା ଅଛି, ଖାଇପାରନ୍ତି ।'' ବିରାଡ଼ି ମୋଟେ ଆପତ୍ତି କଲା ନାହିଁ । ସେ ଦୁଇଟିକୁ ମଧ୍ୟ ଗିଳି ପକାଇଲା । ଆଉ ତା'ପରେ ସେଇ ଏକା ପ୍ରଶ୍ନ, ''ତୁମର ଆଉ କିଛି ନାହିଁ ?'' କାକତୁଆ କହିଲା, ''ଭାଇ ଆଉ ତ କିଛି ନାହିଁ, ଏକମାତ୍ର ମୁଁ ନିଜେ ଅଛି । ଯଦି ମୋତେ ଖାଇବାକୁ ଚାହାନ୍ତି...'' କହୁ ନ କହୁଣୁ ବିରାଡ଼ି ତାକୁ ଖାଇବାକୁ ଆରମ୍ଭ କଲା ଏବଂ ଅଳ୍ପ ସମୟ ମଧ୍ୟରେ ତାକୁ ଉଦରସ୍ଥ କଲା । ଏପରି ସମୟରେ ଗୋଟିଏ ବୁଢ଼ୀ ଛୁଟି ଆସିଲା ସେଠାକୁ । କାକତୁଆଟି ଥିଲା ତାର ଖୁବ୍ ସୌଖୀନ ପୋଷା ପକ୍ଷୀ । ହଠାତ୍ ସେ କୁଆଡ଼େ ଗଲା, ତାହା ଦେଖିବାକୁ ଆସି

ବୁଢ଼ୀ ମୁହୂର୍ତ୍ତକ ମଧ୍ୟରେ ବ୍ୟାପାରଟି ବୁଝିପାରିଲା । ସେ ବିରାଡ଼ିକୁ ଖିଙ୍କାରି ହୋଇ କହିଲା, ''ଏ କି କାଣ୍ଡ ତୁ କଲୁ ? ମୋର ଏତେ ସୁନ୍ଦର ପକ୍ଷୀଟିକୁ ତୁ ପେଟରେ ପୂରାଇ ଦେଲୁ ?'' ବିରାଡ଼ିଟି ଆଶ୍ଚର୍ଯ୍ୟ ହୋଇ କହିଲା, ''ମୁଁ ! କାକତୁଆକୁ ଖାଇବି ! ସେ କିଭଳି କଥା !'' କହି ସେ କଲା କ'ଣ ଜାଣ ! ସେ ସେଇ ବୁଢ଼ୀଟାକୁ ଧରି ଖାଇବାକୁ ଆରମ୍ଭ କଲା ଏବଂ ଶେଷ ପର୍ଯ୍ୟନ୍ତ ତାକୁ ବି ଉଦରସ୍ଥ କଲା । (ଶିଶୁମାନଙ୍କର ହସ ସହିତ ଶ୍ରୀମା ମଧ କିଛି ସମୟ ହସିବାକୁ ଲାଗିଲେ) ତା'ପରେ ସେ ରାସ୍ତାକୁ ବାହାରିଲା, ଗୋଟିଏ ଲୋକ ଗୋଟିଏ ଗଧକୁ ଚଲାଇ ନେଉଥିଲା । ବିରାଡ଼ିଟି ତାର ପଥ ଓଗାଳି ବସିଥିବା ଦେଖି ଲୋକଟି କହିଲା, ''ଘୁଞ୍ଚିଯା' କହୁଛି, ନହେଲେ ମୋର ଗଧ ତୋତେ ଗୋଟିଏ ନାତ ମାରି ଓଲଟେଇ ରାସ୍ତା କଡ଼କୁ ଫିଙ୍ଗି ଦେଇଯିବ !'' ବିରାଡ଼ିଟି ଗର୍ଜନ କରି କହିଲା, ''କ'ଣ ! ମୋତେ ନାତ ମାରି ଓଲଟାଇ ରାସ୍ତା କଡ଼କୁ ଫିଙ୍ଗି ଦେଇଯିବ ! ରହିଥା' ଦେଖୁଛି !'' ଏଇ କଥା କହି ସେ ସେଇ ଲୋକଟା ଆଉ ତା'ର ଗଧକୁ ଖାଇ ପକାଇଲା । ତା'ପରେ ପୁଣିଥରେ ସେ ସେମିତି ରାସ୍ତା ଉପରେ ବସି ରହିଲା । ସେଇ ରାସ୍ତା ଦେଇ ସେତେବେଳେ ବିବାହ ବାଦ୍ୟ ବଜାଇ ଖୁବ୍ ଧୁମଧାମ କରି ରାଜା ଯାଉଥିଲେ ରାଜକୁମାରୀକୁ ବିବାହ କରିବାକୁ । ତାଙ୍କର ସୈନ୍ୟସାମନ୍ତ ଦୁଇ ଧାଡ଼ି ହୋଇ ଆଗେ ଆଗେ ଚାଲୁଥିଲେ, ତାଙ୍କ ପଛକୁ ହାତୀ ଉପରେ ବସି ରାଜପରିବାର ଯାଉଥିଲେ ଓ ଏମାନଙ୍କ ଚାରିପଟେ ଘେରି ଚାଲୁଥିଲେ ଅସଂଖ୍ୟ ଲୋକ । ସୈନ୍ୟମାନଙ୍କ ସେନାପତି କହିଲେ, ''ଆରେ ବିରାଡ଼ି ! ରାସ୍ତା ଛାଡ଼ି ଘୁଞ୍ଚିଯା', ନହେଲେ ହାତୀ ପାଦତଳେ ଚିପି ହୋଇ ଛିନିଛତ୍ର ହୋଇଯିବୁ ।'' ବିରାଡ଼ି ଭାବିଲା, ମୁଁ ସବୁ ଖାଦ୍ୟ ଖାଇଲି, ପାଞ୍ଚ ଶହ ପିଠା ଖାଇଲି, କାକତୁଆକୁ ଖାଇଲି, ବୁଢ଼ୀଟାକୁ ଖାଇଲି, ଗଧ ଆଉ ତା' ମୁନିବକୁ ପେଟରେ ପୂରାଇଲି, ଏମାନଙ୍କୁ ବା ନଖାଇବି କାହିଁକି ? ଏଇ କଥା ଭାବୁ ଭାବୁ ସେ ଗୋଟିଏ ଗୋଟିଏ କରି ସମସ୍ତଙ୍କୁ ଖାଇବାକୁ ଆରମ୍ଭ କଲା ଏବଂ ଅଳ୍ପ କ୍ଷଣ ମଧ୍ୟରେ ରାସ୍ତା ଫାଙ୍କା କରି ପୁଣି ରାସ୍ତା ମଝିରେ ବସି ରହିଲା । ଏପରି ସମୟରେ ଦୁଇଟି କଙ୍କଡ଼ା ସେଇ ପଥ ଦେଇ ଯାଉଥିଲେ । ବିରାଡ଼ି ତାଙ୍କ ରାସ୍ତା ଓଗାଳି ବସିଥିବା ଦେଖି ସେମାନେ କହିଲେ, ''ରାସ୍ତା ଛାଡ଼ି ସିଆଡ଼େ ଯାଇ ବସ୍ ହେ !'' ବିରାଡ଼ି ହୋ ହୋ ହୋଇ ହସିଉଠିଲା ଏଇ କ୍ଷୁଦ୍ର ପ୍ରାଣୀଙ୍କ ସ୍ପର୍ଦ୍ଧା ଦେଖି । ସେ ତା' ଆଗ ଗୋଡ଼ ପଞ୍ଝା ଦ୍ୱାରା ଗୋଟିଏ କଙ୍କଡ଼ାକୁ ଚାପି ଧରି ମୁହୂର୍ତ୍ତକ ମଧ୍ୟରେ ତାକୁ ଉଦରସ୍ଥ କରିଦେଲା । ରହିଲା ବାକୀ ଗୋଟିଏ ଛୋଟ କଙ୍କଡ଼ା । ସେଟା ଏତେ ଛୋଟ ଥିଲା ଯେ, ବିରାଡ଼ି ତାକୁ ଭ୍ରୂକ୍ଷେପ କଲା ନାହିଁ । ତେଣୁ ସେ ତାକୁ ଖାଇଲା ନାହିଁ । ଏଥର ସେ ଗୋଟିଏ ଗଛକୁ ଆଉଜି ବିଶ୍ରାମ ନେଲା ଓ ଅଳ୍ପ କିଛି କ୍ଷଣ ପରେ ନିଘୋଡ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରିବାକୁ ଲାଗିଲା । ସେତେବେଳେ ସେଇ ଛୋଟ କଙ୍କଡ଼ାଟି କ'ଣ କଲା ଜାଣ ? ସେ ବିରାଡ଼ିର ପିଠି ଉପରେ ଛିଡ଼ା ହୋଇ କୁଟ୍ କୁଟ୍ କରି କାଟି ଗୋଟିଏ ଗାତ କରି ପକାଇଲା । ସେତେବେଳେ ବିରାଡ଼ି ଏପରି ଘୋର ନିଦରେ ଆଚ୍ଛନ୍ନ ଯେ ସେ କିଛି ବି ଜାଣିପାରିଲା ନାହିଁ । ତାର ସେଇ ଗାତ ଦେଇ ଗୋଟି ଗୋଟି କରି ବାହାରି ଆସିବାକୁ ଲାଗିଲେ ଯେତେ ସବୁ ପ୍ରାଣୀ ବନ୍ଦି ହୋଇଥିଲେ ତା' ପେଟ ମଧ୍ୟରେ । ପ୍ରଥମେ ବାହାରିଲା କାକତୁଆ, କାରଣ ସର୍ବପ୍ରଥମେ ତାକୁହିଁ ବିରାଡ଼ି ଖାଇଥିଲା, ତା'ପରେ ବାହାରିଲା ବୁଢ଼ୀ, ତା'ପରେ ଗଧ ମାଲିକ ଆଉ ତା'ର ବାହନଟି, ତା'ପରେ ରାଜପୁତ୍ର ଆଉ ତା'ର ବିବାହ ଦଳ, ଆଉ ଶେଷରେ ବାହାରିଲା ବଡ଼ କଙ୍କଡ଼ାଟି । ସମସ୍ତେ ବାହାରି ଯିଏ ଯାହା ପଥରେ ଚାଲିଗଲେ । ଯେତେବେଳେ ନିଦ ଭାଙ୍ଗିଲା, ବିରାଡ଼ିଟି ଦେଖିଲା ଗୋଟିଏ ପ୍ରକାଣ୍ଡ କଣା ତା'ର ପିଠି ଆଡୁ ପେଟ ପର୍ଯ୍ୟନ୍ତ ହୋଇଛି । ସେଠୁ ସେ ଛୁଞ୍ଚି ସୂତା ଦେଇ ସେଇଟାକୁ ସିଲାଇ କରିବାକୁ ଲାଗିଲା । ଯେତେବେଳେ ସିଲାଇ ଶେଷ ହୋଇଗଲା ସେତେବେଳେ ସେ ଆଗପରି ସେଇ ରୋଗା ଦୁର୍ବଳିଆ ଟିକି ବିରାଡ଼ିଟି ହୋଇ ଚାଲିଗଲା ତା'ର ପଥଦେଇ ।

ଗଳ୍ପଟା ଶୁଣି ବର୍ତ୍ତମାନ କିଛି ବୁଝିଲ ? ଭାବି ଦେଖ !

ମା'ଙ୍କ ଗଳ୍ପ ଶୁଣି ଶିଶୁମାନଙ୍କ ମଧ୍ୟରେ ଯେଉଁ ହସର ତରଙ୍ଗ ଖେଳିଗଲା ତାକୁ ଦେଖି ଆଉ କାହାର ବି ବୁଝିବାର ବାକୀ ରହିବ ନାହିଁ ଯେ ମା ଯେକୌଣସି ଉପାୟ ଅବଲମ୍ବନ କରି ପ୍ରତ୍ୟେକର ରୁଚି ଅନୁଯାୟୀ ତାକୁ ବିମଳ ଆନନ୍ଦ ଦେବା ଲାଗି ସବୁବେଳେ ପ୍ରସ୍ତୁତ । ଏ ଗଳ୍ପଟା ଯେ ନିଛକ କାହାଣୀ ତାହା ଶିଶୁମାନେ ବୁଝିଥିଲେ । କିନ୍ତୁ ମା'ଙ୍କ ସଙ୍ଗରେ ନିଃସଙ୍କୋଚ ଭାବରେ ଆଳାପ ଆଲୋଚନା କରିବାର ଯେଉଁ ଅପୂର୍ବ ସୁଯୋଗ ପାଇଥିଲେ, ସେଇଟାହିଁ ଥିଲା ସେମାନଙ୍କ ମଧ୍ୟରେ ପରମ ଆନନ୍ଦର ବିଷୟ, ଏଇକଥା ସେମାନେ ବୁଝି ଖୁସୀ ହେଉଥିଲେ ।

(ବଙ୍ଗଳା 'ପୁରୋଧା', ଜୁଲାଇ ୧୯୭୪ ସଂଖ୍ୟାରୁ ଅନୂଦିତ ।)

ଅନୁବାଦ : ରୀତା କାନୁନ୍‌ଗୋ ❑

# ହସ ଆଇନା

## ସୁନନ୍ଦା

''କାହିଁକି ଜୟା ! ଯେଉଁ ଜିନିଷ ତୋ'ର ନୁହେଁ, ତୁ ପୁଣି ସେଇଥିରେ ହାତଉଠାପଣ କଲୁ ? ତୋତେ କେତେ ଥର କହିଲିଣି ଏମିତି ଭୁଲ୍ ନକରିବାକୁ ? କିନ୍ତୁ ତୁ ମୋ କଥାକୁ ଆଦୌ ଗୁରୁତ୍ୱ ଦେଉନୁ ତ !''

ଜୟାର ମୁଣ୍ଡ ଲାଜରେ ତଳକୁ ନଇଁ ପଡ଼ିଥିଲା ଏବଂ ତା'ର ଢଳଢଳ ବାଦାମୀ ଆଖି ଯୋଡ଼ିକରୁ ଜଣା ପଡୁଥିଲା ଯେମିତିକି ସେ ନିଜକୁ ଲୁଚାଇ ଦେବାର ସ୍ଥାନଟିଏ ଖୋଜୁଛି । ଧୀରେ ଧୀରେ ତା' ଥରିଲା ଓଠରୁ କିଛି ଶବ୍ଦ ବାହାରିଲା – ''କିନ୍ତୁ ମା, ମୁଁ ତ ସବୁବେଳେ ଗୁରୁତ୍ୱ ଦେଉଛି, ମୁଁ ସବୁବେଳେ ଭୁଲ୍ ନ କରିବାକୁ ଚେଷ୍ଟା କରୁଛି କିନ୍ତୁ ଭୁଲ୍ ହୋଇଯାଉଛି । କେବଳ ଯେତେବେଳେ ମୋତେ କେହି ଧରି ନେଉଛନ୍ତି, ସେତେବେଳେହିଁ ଜାଣୁଛି ଯେ ମୁଁ ଭୁଲ୍ କରିଛି । ମୁଁ କାମଟି କରିସାରିବା ପରେ ତୁ ଗାଳି ଦେବା ପରିବର୍ତ୍ତେ ମୁଁ ଯେତେବେଳେ କାମଟି କରିବାକୁ ଚିନ୍ତା କରୁଛି ସେତେବେଳେ ତୁ କାହିଁକି ମୋତେ ଧରିଦେଉନୁ ?''

''ଯଦି ତୁ ସତରେ ପରିବର୍ତ୍ତନ ହେବାକୁ ଚାହୁଁଛୁ ତେବେ ତୋ'ର ସବୁ କାମକୁ ଭଗବାନ୍ ଦେଖୁଛନ୍ତି ବୋଲି ଚିନ୍ତା କର । ସେ ସବୁଠି ରହିଛନ୍ତି ଏବଂ ଆମର ସବୁ କାମକୁ ସେ ଦେଖନ୍ତି । ସେ ତୋ ଆଗରେ ଅଛନ୍ତି, ପଛରେ ଅଛନ୍ତି, ତୋ ଡାହାଣରେ ଅଛନ୍ତି, ବାମରେ ବି ଅଛନ୍ତି, ସେ ତୋ ଚାରିପାଖରେ ଅଛନ୍ତି, ସବୁଠି, ସର୍ବତ୍ର – ଏମିତି ଚିନ୍ତା କର । ଏହି ଚିନ୍ତାହିଁ ତୋତେ ଆଉ ଭୁଲ୍ କରିବାକୁ ଦେବନି ।'' ମା ଏମିତି ଉପଦେଶ ଦେଇ ଚାଲିଗଲେ । ଜୟା ସନ୍ତୁଷ୍ଟ ହୋଇ ପାରିଲାନି । ଭଗବାନଙ୍କୁ ତ ତୁମେ ଦେଖି ପାରୁନ । ଏମିତି କେମିତି ଭାବିହେବ ଯେ ତୁମେ ଯାହା କରୁଛ ସେ ସବୁ ଦେଖୁଛନ୍ତି ? କେମିତି ଯେ ନିର୍ଦ୍ଦୋଷ ଓ ଭଲ ଝିଅଟିଏ ହୋଇପାରିବ – ସେ ବୁଝି ପାରୁ ନଥିଲା । ତଥାପି ସେ ଚାହୁଁଥିଲା ସେପରି ହେବାକୁ । ଦିନସାରା ସେ କରୁଥିବା ଦୋଷାବହ କଥାଗୁଡ଼ାକ ଭାବୁଥିଲା । ପ୍ରତିଥର ମା'ବାପାଙ୍କ ଗାଳିଗୁଡ଼ାକ ମନେ ପକାଇ ସେ ଆହୁରି ଭାଙ୍ଗି ପଡୁଥିଲା । ରାତିରେ ସେ ଭଗବାନଙ୍କୁ ପ୍ରାର୍ଥନା କଲା –

''ହେ ନୀଳ ଗଗନର ଦେବତା, ହେ ସକଳ ଜୀବନର ପରମ ସହାୟକ, ସେ ଛୋଟ ହେଉ ଅଥବା ବଡ଼ ହେଉ, ତୁମେ ଜାଣ ଯେ ସତରେ, ପ୍ରକୃତରେ ମୁଁ ଭଲ ଝିଅଟିଏ ହେବାକୁ ଚାହୁଁଛି । ମୁଁ କିଛି ଭୁଲ୍ କରିବା ପୂର୍ବରୁ ମୋ ବାପା କି ମା'ଙ୍କୁ ମୋତେ ଭୁଲ୍ ନ କରିବା ଲାଗି ମନେ ପକାଇ ଦେବାକୁ ମୋ ପାଖକୁ ପଠାଉନ କାହିଁକି ? ମୁଁ ପୂରା ଭୁଲ୍‌ଟି କରିସାରିବା ପରେ ସେମାନେ ଦେଖୁଛନ୍ତି । ଏହାର ମୂଲ୍ୟ କ'ଣ ?''

ତା'ର ପ୍ରାର୍ଥନା ଶେଷ ହେଲା । ଆଖି ଖୋଲିବା ବେଳକୁ ଦେଖିଲା ତା' ଆଗରେ ଉଜ୍ଜ୍ୱଳ ନୀଳ ଆଖିଯୁକ୍ତ ଟିକି ସୁନାମୁଦି ପରିହିତା ଅତି ସୁନ୍ଦର ପରୀଟିଏ ତା'ର ଜରିଦିଆ ଝିଲିମିଲି ଫୁଲପକା ଓଢଣି ତଳେ ଲୁଚକାଳି ଖେଳିଖେଳିକା ମୁଣ୍ଡ ହଲେଇ ନାଚୁଛି । ସେ ଭାରି କଅଁଳିଆ ନରମ ହସ ହସୁଥିଲା, ଏହା ସତ ନା ସପନ ପରଖିବା ପାଇଁ ଜୟା ଆଖି ମଳି ଚାହିଁଲା । ତତ୍‌କ୍ଷଣାତ୍ ପରୀଟି ହସି ହସି କହିଲା –''କୁନିଝିଅ ମୋର, ଆଖି ବନ୍ଦ କରି ଭଗବାନଙ୍କୁ ପୁଣି ପ୍ରାର୍ଥନା କର ।'' ବାଧ ଶିଶୁଟିଏ ପରି ଜୟା ଆଖି ବୁଜିଲା ।

ପରୀଟି ଜୟାର ହାତକୁ ଧରିଥିବା କାଉଁରୀ କାଠିରେ ଛୁଆଁଇ ଦେଲା । ପ୍ରାର୍ଥନା ମଧ୍ୟରେ ଜୟା ତା' ହାତରେ କିଛି ଓଜନ ଅନୁଭବ କଲା । ତା'ର ଉଦ୍ଦାମ ଆଗ୍ରହ ତାକୁ ଆଖି ଖୋଲିବାକୁ ବାଧ କଲା । କିନ୍ତୁ ସେ ପରୀକୁ ଦେଖିଲା ନାହିଁ । ତା' ଆଗରେ ହାତୀଦାନ୍ତରେ ସଜମଲ୍ଲିଫୁଲର ଡିଜାଇନରେ ତିଆରି ଗୋଟିଏ ଛୋଟ ଆଇନା ଥୁଆ ହୋଇଥିଲା । ନରମ ଫୁଲଗୁଡ଼ିକ ପରି ଏହି ଆଇନାଟି ଏକ ମଧୁର ଓ ପବିତ୍ର ଅନୁଭବରେ ପୂର୍ଣ୍ଣ ଥିଲା ।

ଆଇନାଟି ସାଧାରଣ ହେଲେ ବି ତୁଚ୍ଛ ଜିନିଷଟିଏ ନଥିଲା । ଜୟା ଭାରି ଆଶ୍ଚର୍ଯ୍ୟ ହୋଇଗଲା । ନିଜ ମୁହଁ ଦେଖିବାକୁ ସେ ଆଇନାଟିକୁ ଉଠାଇ ଧରିଲା । କିନ୍ତୁ ଆଶ୍ଚର୍ଯ୍ୟ, ତା' ମୁହଁ ତ କାହିଁ ଦିଶୁନି ! ସେ ଆଇନାଟିକୁ ଏପଟ ସେପଟ କଲା । ସେଇଟି କିନ୍ତୁ ଆଇନାଟିଏ କି ନୁହେଁ ବୁଝିପାରୁ ନଥିଲା । ଏ ବିଷୟର ସତ୍ୟାସତ୍ୟ ଜାଣିବାକୁ ବାପାଙ୍କ ପାଖକୁ ଯିବାକୁ ସାହସ କରିପାରିଲାନି । କାରଣ ଏଇଟି ଯେ ପରୀଟିଏ ଦେଇଥିବା ଜିନିଷ । ଏହା ଜାଣିଲେ ବାପା ନିଶ୍ଚୟ ତାକୁ ଥଟ୍ଟା

କରିବେ । ସେ ନିଜ ପକେଟ ଭିତରେ ସେଇଟିକୁ ଲୁଚାଇ ଦେଲା । ସେଇଟି ପକେଟରେ ରଖିବା ଭଳି ବେଶ୍ ଛୋଟ ଥିଲା ।

ଠିକ୍ ସେହି ସମୟରେ ତା' ଭାଇ ସାଙ୍ଗମାନଙ୍କ ସହ ଘରୁ କୁଆଡ଼େ ବାହାରି ଯାଉଥିବାର ସେ ଦେଖିଲା । ତା' ମୁଣ୍ଡରେ ହଠାତ୍ ଗୋଟିଏ ବୁଦ୍ଧି ପଶିଲା । ଭାଇଙ୍କ କୋଠରିକୁ ଯାଇ ତାଙ୍କର ଛବିବହିଗୁଡ଼ିକୁ ଖୋଲି ଦେଖିବାକୁ ଏହା ନିଶ୍ଚିତ ଗୋଟିଏ ସୁଯୋଗ । ସେ ଗଲା । କବାଟ ବନ୍ଦ କରିଦେଲା । ଦୁଇ ହାତରେ ବହିଗୁଡ଼ିକ ଥାକରୁ ବାହାର କଲା । ବହିଗୁଡ଼ିକରେ ଥିବା ରଙ୍ଗରଙ୍ଗିଆ ଛବି ଦେଖି ଖୁସୀ ହୋଇ ଯାଉଥିଲା । ଖୁବ୍ ଶୀଘ୍ର ତା'ର ଏ କାମ ଶେଷ ହେଲା । ପୃଷ୍ଠା ପରେ ପୃଷ୍ଠା ଖୋଲୁଥାଏ । ହଠାତ୍ ସେ ଗୋଟିଏ ଛବି ପାଖରେ ଅଟକି ଗଲା । ନୀଳ ରଙ୍ଗ ଉପରେ ସେ ଧଳାମେଘ ଖଣ୍ଡଟି ଠିକ୍ ଗୋଲାପ ଫୁଲ ପରି ଦିଶୁଥିଲା । ସେ ଝରକା ଦେଇ ବାହାରକୁ ଚାହିଁଲା । ନା, କେହି ତାକୁ ଦେଖୁ ନାହାନ୍ତି । ସେ ତ ଛବିଟିକୁ ଚିରି ନିଜେ ସଂଗ୍ରହ କରିଥିବା ଅନ୍ୟ ଛବି ସହ ରଖି ପାରନ୍ତା । ସେ କ'ଣ ପାରିବନି ? ସେ ଦୁଇ ଆଙ୍ଗୁଠିରେ ଛବିଟି ଧରିଲା; କିନ୍ତୁ ଛବିଟିକୁ ଠିକ୍ ଚିରିବା ପୂର୍ବରୁ ପକେଟରେ ଥିବା ଆଇନାଟି ଖୁବ୍ ଜୋର୍‌ରେ ହସି ଉଠିଲା ।

ଜୟା ଡରିଗଲା । ଆଙ୍ଗୁଠି ଭିତରୁ ଛବିଟି ଖସି ପଡ଼ିଲା । ଆଇନାଟିକୁ ସେ ବାହାର କଲା, ଆଶ୍ଚର୍ଯ୍ୟ, ସେ ନିଜେ ତ ତା' ଭିତରେ ! ସେ ଠିକ୍ ଦେଖୁଛି ତ ? ତା' ଭିତରେ ସେ ନିଜର ଲାଜୁଆ ମୁହଁ, ଅବଶ ଆଖି ଓ ଶୁଖିଲା ଗାଲ ଦୁଇଟି ଦେଖିଲା । ଆଇନାଟିରେ ସତରେ ଯାଦୁ ଥିଲା । ସେ ହସି ହସି ଜୟାକୁ କହିଲା, କେହି ନଦେଖିଲେ ବି ଭଗବାନ୍ ତା' ଦୁଷ୍ଟ ପ୍ରକୃତିକୁ ଦେଖୁଛନ୍ତି । ସେ ବହି ବନ୍ଦ କରିଦେଲା, ତାକୁ ଥାକରେ ଯଥା ସ୍ଥାନରେ ରଖି ଘରୁ ବାହାରି ଆସିଲା ।

ସେହିଦିନଠାରୁ ସେ ଯେତେବେଳେ ଏଭଳି କାମ କରିବାକୁ ମନ କରୁଥିଲା ଠିକ୍ ସେତିକିବେଳେହିଁ ଆଇନାଟି ହସିଉଠୁଥିଲା ଓ ନିଜକୁ ସେ ଆଇନା ଭିତରେ ଦେଖୁଥିଲା । ଅନ୍ୟ ସମୟରେ ଆଇନାଟି ଶୂନ୍ୟ ରହୁଥିଲା । ବହୁ ସମୟରେ ଜୟା ସେଇଟିକୁ ଫିଙ୍ଗିଦେବାକୁ ଚେଷ୍ଟା କରିଛି, କିନ୍ତୁ ଏଇ ଅମାୟିକ ନୀରବ ସ୍ମାରକଟି ସେପରି କରିବାକୁ ତାକୁ ସୁଯୋଗ ଦେଇନି । ସେହି ଅଚାନକ ହସ ଏତେ ଅପ୍ରୀତିକର ଓ ସ୍ମାରକୀ ସଦୃଶ ଥିଲା ଯେ ଧୀରେ ଧୀରେ ସେ ଆଉ କୌଣସି ଖରାପ କାମ କରିବାକୁ ସାହସ କରିପାରିଲାନି । ଜୟା ଯେ ଏହା ଭିତରେ ବୁଦ୍ଧିମତୀ ଝିଅଟିଏ ହୋଇଯାଇଛି ବୋଲି ଯେତେବେଳେ ଥରେ ତା' ମା' କହିଲେ, ସେତେବେଳେ ଜୟା କିନ୍ତୁ କହୁଥିଲା ''ଏସବୁ କେବଳ ସେଇ ହସ ଆଇନାର ଆଶୀର୍ବାଦ ।''

(ଇଂରାଜୀ *Stories and Plays for Children* ରୁ)

ଅନୁବାଦ : ବିଜୟ କୁମାର ପାଣି ❑

**'ଆକାର' ପ୍ରୟୋଗ**

ଥରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧)ଙ୍କୁ ଜଣେ ବିଶିଷ୍ଟ ବ୍ୟକ୍ତି କହିଲେ, ''ଆଜିକାଲି ଶିକ୍ଷିତ ସମାଜର ବଡ଼ ଦୁରାବସ୍ଥା !''

''ହଁ ଆଜ୍ଞା, ଆପଣଙ୍କ 'ଆକାର' ପ୍ରୟୋଗରୁହିଁ ସେ କଥା ପ୍ରମାଣିତ ।'' କହିଲେ ବିଦ୍ୟାସାଗର ।

ପ୍ରକୃତରେ 'ଦୁରାବସ୍ଥା' ଭୁଲ୍ । ଶବ୍ଦଟି ହେବ 'ଦୁରବସ୍ଥା' ।

# ମହାଦୌଡ଼

## ରସ୍କିନ ବଣ୍ଡ

ବାରଣ୍ଡାରେ ହର୍ଣ୍ଣବିଲ ଚଢ଼େଇର ପିଁ ପିଁ ଡାକରେ ମୁଁ ଉଠି ପଡ଼ିଲି । ସେ ଜେଜେଙ୍କୁ ସକାଳର ଜଳଖିଆ ସମୟ ହୋଇଗଲାଣି ବୋଲି ମନେ ପକେଇ ଦେଉଥିଲା । ମୁଁ ବିଛଣାରେ ଥାଇ ଖୋଲା ସ୍କାଇଲାଇଟ୍ ଦେଇ ଦେଖୁଥିଲି କିପରି ସକାଳର ସୂର୍ଯ୍ୟକିରଣ କାନ୍ଥ ଉପରକୁ ଧୀରେ ଧୀରେ ମାଡ଼ି ଯାଉଛି । ମୁଁ ଆଜି ଦିନଟିର ଗୁରୁତ୍ୱ ଜାଣିଥିଲି । କୋଠରିଟି ଆଲୋକିତ ହୋଇ ଉଠୁଥିଲା ଓ ହର୍ଣ୍ଣବିଲ ଚଢ଼େଇ ତା'ର ଡାକ ବନ୍ଦ କରି ଦେଲା । ମୁଁ ମନେ ପକେଇଲି ଯେ ଆଜି ହେଉଛି ମହାଦୌଡ଼ର ଦିନ ।

ମୁଁ ବିଛଣାରୁ ଡେଇଁ ପଡ଼ିଲି ଓ ଡ୍ରେସର ଡ୍ରୟାର ଟାଣି ଆଣି ତା' ଭିତରୁ ଗୋଟେ ଟିକିଟିକି କଣାଥିବା କାର୍ଡ଼ବୋର୍ଡ଼ ବାକ୍ସ କାଢ଼ିଲି । ମୁଁ ତା'ର ଢାଙ୍କୁଣୀଟା ଖୋଲି ତା' ଭିତରେ ଥିବା ମହାରାଣୀ ଠିକ୍ ଅଛି କି ନାହିଁ ଦେଖି ନେଲି ।

ମହାରାଣୀ, ସେଇ ବାଉଁଶପୋକ, ସେଓ ଭିତରେ କଣା କରି ଶୋଇଥିଲା । ଜେଜେ ଓ ମୁଁ ତାକୁ ସପ୍ତାହେ ଧରି କଷ୍ଟସାଧ ତାଲିମ ଦେଇଥିଲୁ ମୌସୁମିଆ ପୋକ-ଦୌଡ଼ରେ ଭାଗ ନେବା ପାଇଁ । ସେ ଏହି ବିଶିଷ୍ଟ କାର୍ଯ୍ୟକ୍ରମ ପୂର୍ବରୁ ଏକ ଆରାମଦାୟକ ବିଶ୍ରାମ ଉପଭୋଗ କରୁଥିଲା । ମୁଁ ତାକୁ ବିରକ୍ତ କଲି ନାହିଁ । ବାକ୍ସଟିକୁ ବନ୍ଦ କରି ସାରି ମୁଁ ଘରର ପଛ ଦୁଆର ବାଟେ ଧୀରେ ଧୀରେ ବାହାରି ଗଲି । ମୋର ସକାଳେ ସ୍କୁଲ ଯିବାର ଥିଲା, ମାତ୍ର ମୁଁ ଚାହୁଁ ନଥିଲି କି ଜେଜେମା ମୋତେ ଲୁଚି ଲୁଚି ବଜାର ପାଖ ମ୍ୟୁନିସିପାଲ ପାର୍କକୁ ଯାଉଥିବାର ଦେଖିନେଉ । ତା'ହେଲେ ସେ ମୋତେ ପୋକମାନଙ୍କ ସହିତ ଖେଳିବାକୁ ଦେଇ ନଥା'ନ୍ତା ।

ମୁଁ ଯେତେବେଳେ ବଗିଚାରେ ପହଞ୍ଚିଲି, ସୂର୍ଯ୍ୟ ଠିକ୍ ସେତେବେଳେ କାକର ଟୋପାଗୁଡ଼ିକୁ ନେଳିଆ ଓ ସବୁଜ ରଙ୍ଗର ରତ୍ନ ପଥର ପରି ଝଟକାଉଥିଲା, ଏବଂ ମୋ ପାଦ ତଳର ଘାସଗୁଡ଼ିକ ହେମାଳ ଓ ଓଦାଳିଆ ଲାଗୁଥିଲା । ଦଳେ ପୁଅଝିଅ ପାର୍କର ଗୋଟେ କୋଣରେ ଠୁଳ ହୋଇ ବଡ଼ ଉତ୍ସାହିତଭାବେ କଥାବାର୍ତ୍ତା ହେଉଥିଲେ । ସେମାନଙ୍କ ଭିତରୁ ଦି'ଜଣ ପୁଅ ପିଲା ଥିଲେ, ଯେଉଁମାନେ ମୋତେ ପୋକ-ଦୌଡ଼ରେ ଭାଗ ନେବାକୁ ନିମନ୍ତ୍ରଣ କରିଥିଲେ । ତେର ବର୍ଷ ବୟସର ଦୁଃସାହସୀ, ଆତ୍ମବିଶ୍ୱାସୀ ରଣବୀର ଓ ଖୁବ୍ ଆତ୍ମବିଶ୍ୱାସୀ ଏବଂ ଖୁବ୍ ଭଦ୍ର ଅନୀଲ ଆଉ ବାର ବର୍ଷର ମୁଁ ନିଜେ ଦୌଡ଼ରେ ଭାଗ ନେଲୁ ।

ରଣବୀରର କଳା ଶିଙ୍ଗବାଲା ପୋକ ସବୁଠୁ ପ୍ରିୟ ଥିଲା । ତା' ମାଲିକ ପରି ତା'ର ଏକ ବଡ଼ ଏବଂ ଆକ୍ରମକ ମୁଣ୍ଡ ଥିଲା । ତାକୁ କଳା-ରାଜକୁମାର ବୋଲି ଡକା ଯାଉଥିଲା । ଅନୀଲର ପୋକଟା ଯଦିଓ ଆକାରରେ ଛୋଟ ଥିଲା, ତା'ର ହଳେ ଲମ୍ବା ମୁଛ ଥିଲା (ମୁଁ ଅନୁମାନ କରୁଛି ସେଇଟା କୌଣସି ପୋକ ଜାତିର ନହେଇ ଝିଣ୍ଟିକା ଜାତିର ହୋଇଥିବ), ଯାହାକୁ ମୁଛା ବୋଲି ଡକା ଯାଉଥିଲା । ମୁଛ ମାନେ ନିଶ ।

ଯଦିଓ ଆହୁରି କେତେକ ପ୍ରତିଦ୍ୱନ୍ଦ୍ୱୀ ଥିଲେ, କିନ୍ତୁ କଳା-ରାଜକୁମାର, ମୁଛା ଓ ସେଓ ଭିତରେ ତଥାପି ଶୋଇ ରହିଥିବା ମୋ ମହାରାଣୀଙ୍କ ପରି ସେମାନେ ଦୃଷ୍ଟି ଆକର୍ଷଣ କରୁ ନଥିଲେ । ହଁ, ସେଠାରେ ମଧ୍ୟ ପଇସା ଓ ମାର୍ବଲ ଟୁକୁରାର କେତୋଟି ମହତ୍ତ୍ୱପୂର୍ଣ୍ଣ ବାଜି ରଖାଗଲା ଏବଂ ଜିତୁଥିବା ପ୍ରାର୍ଥୀ ପାଇଁ ବି ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦର୍ଶନ କରାଗଲା । ଆହୁରି ମଧ୍ୟ ସେଠାରେ ଜିତାଳିକୁ ନିଶ୍ଚିନ୍ତ ଓ ନିଶ୍ଚୟ ବିଜୟ ହାସଲ କରି ପାରିବାର ଭରସା ଦେଇ ପାରୁଥିବା ଏକ ପ୍ରକାଣ୍ଡ ବଦରାଗୀ ପୋକ ଥିଲା ।

ଅନୀଲର ମୁଛା ଯେତେବେଳେ ତା' ଡବାରୁ ବାହାରି ଘାସ ଉପରେ ପ୍ରାରମ୍ଭିକ ପଦଚାରଣ ଆରମ୍ଭ କରି ଦେଲା, ସେତେବେଳେ ସାମାନ୍ୟ ସଂଶୟ ଦେଖା ଦେଇଥିଲା । ମାତ୍ର ସେ ପୋକଟି ତୁରନ୍ତ ଧରା ହୋଇ ପୁଣି ତା' ଛୋଟ ଜାଗାଟି ଭିତରକୁ ଫେରିଗଲା ।

କୋର୍ସ (ଦୌଡ଼ ପାଇଁ ସ୍ଥିର ହୋଇଥିବା ଜାଗା)ଟି ଛଅଫୁଟ ଲମ୍ବ ଥିଲା । ଟ୍ରାକ୍‌ର ଚଉଡ଼ା ଥିଲା ଛ'ଇଞ୍ଚ ଏବଂ ଏହି ଟ୍ରାକ୍‌ଟିକୁ କାର୍ଡ଼ବୋର୍ଡ଼ର ପଟା ଦ୍ୱାରା ଘେରା ଯାଇଥିଲା, ଯେମିତିକି ପ୍ରତିଯୋଗୀମାନେ କେବଳ ଆଗ ବା ପଛକୁ ଯାଇ ଆସି ପାରିବେ । ସେମାନଙ୍କୁ ଆଉ ଖଣ୍ଡେ କାର୍ଡ଼ବୋର୍ଡ଼ ଦ୍ୱାରା ଆରମ୍ଭ ସୀମା ପାଖରେ ରଖାଗଲା, ଯେମିତିକି ଦୌଡ଼ ଆରମ୍ଭ ହେବା ମାତ୍ରେ ସେଇ କାର୍ଡ଼ବୋର୍ଡ଼ଟିକୁ ତାଙ୍କ ପଛରେ ରଖାଯାଇ ପାରିବ ।

ଧଳା ଓ ନୀଳ ପାଇଜାମା – ସୁଟ୍ ପିନ୍ଧା ଜଣେ ଶିଖ ପିଲା ଷ୍ଟାର୍ଟର (ଖେଳ ଆରମ୍ଭ କରାଉଥିବା) ଭୂମିକାରେ ଥିଲା ଏବଂ ଯେପର୍ଯ୍ୟନ୍ତ ସମସ୍ତେ ଚୁପ୍ ହୋଇଯାଇ ଦୌଡ଼ର ନିୟମ ଓ ଶୃଙ୍ଖଳା ନ ଶୁଣିଛନ୍ତି ସେପର୍ଯ୍ୟନ୍ତ ସେ ତା'ର ହୁଇସିଲ୍‌ଟିକୁ ଫୁଙ୍କି ଚାଲିଲା । ଦୌଡ଼ର ନିୟମଗୁଡ଼ିକ ହେଲା : ଦୌଡ଼ ସମୟରେ ପୋକଙ୍କୁ ଛୁଇଁବାର ଅନୁମତି ଦିଆଯିବ ନାହିଁ, କିଂବା ପଛରୁ ଠେଲିବା ବା କୌଣସି ଖାଦ୍ୟ ଦ୍ୱାରା ପ୍ରଲୋଭିତ କରି ଆଗକୁ ବଢ଼ିବା ପାଇଁ ଅପଚେଷ୍ଟା କରିବାକୁ ଦିଆଯିବ ନାହିଁ । କେବଳ ଆନନ୍ଦ, ଉଲ୍ଲାସ ଦ୍ୱାରା ପ୍ରୋତ୍ସାହନ ବା ପରାମର୍ଶ ପରି ନୈତିକ ସମର୍ଥନ ଇତ୍ୟାଦି ସ୍ୱାଗତଯୋଗ୍ୟ ।

ମୁଚ୍ଛା ଓ କଳା-ରାଜକୁମାର ଦୌଡ଼ ପାଇଁ ପ୍ରସ୍ତୁତ ହୋଇ ସାରିଥିଲେ, ମାତ୍ର ମହାରାଣୀ ତା'ର ସ୍ୱାଦିଷ୍ଟ ସେଓ ଭିତରୁ ପଦାକୁ ବାହାରିବା ପାଇଁ ଚାହୁଁ ନଥିଲା । ମୋତେ ତାକୁ ସେଥିରୁ ବାହାର କରି ଆଣି ଆରମ୍ଭ ସୀମା ପାଖରେ ଛାଡ଼ିବାକୁ ପଡ଼ିବ । ଦୌଡ଼ ପୁଣିଥରେ ବିଳମ୍ବ ହେବାକୁ ଲାଗିଲା, ଯେତେବେଳେ ମୁଚ୍ଛା ତା'ର ନିଶ ଦ୍ୱାରା ଅନ୍ୟ ଜଣେ ପ୍ରତିଦ୍ୱନ୍ଦ୍ୱୀର ଗୋଡ଼କୁ ଛନ୍ଦି ପକାଇଲା । କିନ୍ତୁ ଖୁବ୍ ଶୀଘ୍ର ସେମାନଙ୍କୁ ଅଲଗା କରି ଦିଆଯାଇ ସେମାନଙ୍କ ନିଜ ନିଜର ଟ୍ରାକ୍ ଉପରେ ଛାଡ଼ି ଦିଆଗଲା । ଏଥର ଦୌଡ଼ ଆରମ୍ଭ ହେବା ଉପରେ ।

ଅନୀଲ ଚୁପ୍‌ଚାପ ଚକାମାଡ଼ି ତଳେ ବସି ପଡ଼ି ଅତି ଗମ୍ଭୀରତାର ସହିତ ମୁଚ୍ଛାଠାରୁ ଅନ୍ତିମ ଲକ୍ଷ୍ୟ-ରେଖା ଏବଂ ପୁଣି ପଛକୁ ଲକ୍ଷ୍ୟ କରୁଥିଲା । ମୁଁ ମୋ ନଖ କାମୁଡ଼ିବାକୁ ଲାଗିଲି । ରଣବୀରର ଗହଳିଆ ଭୂଲତା ଯୋଡ଼ିକ କୁଞ୍ଚିତ ହୋଇଯାଇ ଧ୍ୟାନସ୍ଥ ମୁଦ୍ରାରେ ଅଟକି ରହିଥିଲେ । ଦର୍ଶକଙ୍କ ଭିତରେ ମଧ୍ୟ ଏକ ଚାପା ଉତ୍ତେଜନା ଲାଗି ରହିଥିଲା ।

''ପିଇଇ......ଇଇ......ଇଇପ !'' ହୁଇସିଲ୍ ବାଜି ଉଠିଲା । ସେମାନେ ମାଡ଼ି ଚାଲିଥିଲେ । ବରଂ କହିବାକୁ ଗଲେ ମୁଚ୍ଛା ଏବଂ କଳା-ରାଜକୁମାର ଆଗେଇ ସାରିଥିଲେ, ମାତ୍ର ମହାରାଣୀ ତଥାପି ସେଇ ଆରମ୍ଭ ସୀମାଠାରେ ଅଟକି ରହିଥିଲା ଓ ତା'ର ପ୍ରିୟ ସେଓଟି କୁଆଡ଼େ ଗଲା ବୋଲି ହୁଏତ ଝୁରି ହେଉଥିଲା ।

ସମସ୍ତେ ଖୁସିରେ ପାଟି କରି କମ୍ପଉଥିଲେ । ଅନୀଲ ଡିଆଁ ହୁମ୍ପା ମାରୁଥିଲା ଏବଂ ରଣବୀର ନିଜକୁ ନିଜେ ବଡ଼ କର୍କଶ ଗଳାରେ ଚିଲଉ ଥିଲା । ମୁଚ୍ଛା ତୀବ୍ର ଗତିରେ ମାଡ଼ି ଚାଲିଥିଲା । କଳା-ରାଜକୁମାର ଯଦିଓ ଏ ଦୌଡ଼ରେ ଆଗେଇବାର ଖାସ୍ ଆଗ୍ରହ ଦେଖାଉ ନଥିଲା, ତଥାପି ସେ ଚାଲୁଥିଲା । ଏଭଳି ଦୌଡ଼ରେ ଯେକୌଣସି ସମୟରେ କିଛି ବି ଘଟିପାରେ । ମୁଁ ଭୟଙ୍କର ଭାବେ ଉତ୍ତେଜିତ ଥିଲି । ମୁଁ ଓ ଜେଜେ ମହାରାଣୀକୁ ଦେଇଥିବା ଯାବତୀୟ ତାଲିମ ଏବେ ବେକାର ଓ ଅର୍ଥହୀନ ମନେ ହେଉଥିଲା । ତା' ପ୍ରିୟ ସେଓ ଭିତରୁ ତାକୁ ଅଲଗା କରିଦେବା ଯୋଗୁଁ ସେ ତଥାପି ହତାଶ ଓ କ୍ରୋଧିତ ଦେଖା ଯାଉଥିଲା ।

ଠିକ୍ ଅନ୍ତିମ ଲକ୍ଷ୍ୟ-ରେଖାର ପ୍ରାୟ ଦୁଇ ଫୁଟ ପୂର୍ବରୁ ମୁଚ୍ଛା ହଠାତ୍ ଅଟକିଗଲା । ସିଏ ତା' ନିଶ ପାଇଁ କିଛି ଅସୁବିଧାରେ ପଡ଼ୁଥିବା ଏବଂ ସେହି କାରଣରୁ ନିଶକୁ ବାରବାର ଝିଙ୍କୁଥିବାର ଦେଖା ଯାଉଥିଲା । କଳା-ରାଜକୁମାର ମଧ୍ୟ ଇଞ୍ଚ ପରେ ଇଞ୍ଚ ମାଡ଼ି ଯାଉଥିଲା, ଏବଂ ଉଭୟ ଅନୀଲ ଓ ରଣବୀର ଖୁସିରେ ଫାଟି ପଡ଼ୁଥିଲେ । ମହାରାଣୀ ପ୍ରତି କେହି ଧ୍ୟାନ ଦେଉ ନଥିଲେ, ସିଏ ତା' ଆଖ ପାଖରେ ଥିବା ପ୍ରତିଟି ଲୋକକୁ ସନ୍ଦେହ ଚକ୍ଷୁରେ ଦେଖୁଥିଲା, ସତେ ଯେମିତି ତା' ପ୍ରିୟ ଖାଦ୍ୟକୁ ଅଦୃଶ୍ୟ କରିଦେବା ପଛରେ ଏଇମାନଙ୍କର ହାତ ଅଛି । ମୁଁ ତାକୁ ଟିକେ ପ୍ରଯତ୍ନ କରିବା ପାଇଁ ବିନୀତଭାବେ ଅନୁରୋଧ କଲି ଏବଂ ଚିନ୍ତାଶୂନ୍ୟଭାବେ ତାକୁ ଉତ୍ସାହିତ କରିବାରେ ଲାଗିଗଲି । ମାତ୍ର ଏପରି କରିବା ଦ୍ୱାରା ସେ ଅବିଳମ୍ବେ ଅଯୋଗ୍ୟ ଓ ଅକୃତକାର୍ଯ୍ୟ ଘୋଷିତ ହୋଇ ଯାଇଥା'ନ୍ତା ।

କଳା-ରାଜକୁମାର ମୁଚ୍ଛାର ସମକକ୍ଷ ହୋଇଯିବା ମାତ୍ରେ ଅଟକିଗଲା ଓ ସତେ ଯେପରି ଅନ୍ତିମ ଲକ୍ଷ୍ୟ ରେଖାକୁ ଖୋଜିବାରେ ଲାଗିଗଲା । ଅନୀଲ ଓ ରଣବୀର ବର୍ତ୍ତମାନ ତାଙ୍କ ଦୌଡ଼ାଳି ପୋକମାନଙ୍କୁ ଆଗକୁ ମାଡ଼ିଯିବା ପାଇଁ ପ୍ରଚେଷ୍ଟାରେ ଉତ୍‌କ୍ଷିପ୍ତ ଓ ଉତ୍ତେଜିତ ହୋଇ ଉଠୁଥିଲେ ଏବଂ ଚାରିଆଡୁ ଉଲ୍ଲାସର କୋଳାହଳ କାନକୁ ବଧିର କରି ପକାଉଥିଲା ।

ବର୍ତ୍ତମାନ ମହାରାଣୀ ତା' ପ୍ରିୟ ସେଓଠାରୁ ଦୂରେଇ ଯାଇଥିବା ଆକ୍ରୋଶ ଓ ହତାଶା ଜନିତ ପ୍ରତିକ୍ରିୟାରୁ ମୁକ୍ତି ପାଇଁ ନୂଆ ଖାଦ୍ୟର ସନ୍ଧାନରେ ଏକ ଅଦ୍ଭୁତ ଶୈଳୀରେ ଆଗକୁ ହଠାତ୍ ମାଡ଼ି ଚାଲିଲା ।

ମୁଁ ଖୁସିରେ ଚିଲେଇ ଉଠିଲି । ମହାରାଣୀ ତା'ର ଅବଶିଷ୍ଟ ପ୍ରତିଦ୍ୱନ୍ଦ୍ୱୀଙ୍କ ସମକ୍ଷକୁ ଚାଲି ଆସିଥିବା ପର୍ଯ୍ୟନ୍ତ ଏହି ଯେଉଁ ଅଭିନବ ପରିବର୍ତ୍ତନଟି ଘଟିଲା ତାକୁ ଅନ୍ୟମାନେ କେହି ଦେଖି ପାରିଲେ ନାହିଁ । ମହାରାଣୀ ଯେତେବେଳେ ଅନ୍ତିମ ଲକ୍ଷ୍ୟ-ରେଖାକୁ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ପାର

କରିଗଲା, ସେତେବେଳେ ଦର୍ଶକଙ୍କ ମଧ୍ୟରୁ ଆଶ୍ଚର୍ଯ୍ୟର କୋଳାହଳ ଶୁଣାଗଲା ।

ସମସ୍ତେ ସେଇ ଅତି ସାଧାରଣ ଅଥଚ ଦୁଃସାହସୀ ପୋକଟିକୁ ଉଲ୍ଲସିତଭାବେ ଅଭିନନ୍ଦନ ଜଣାଇବାକୁ ଲାଗିଲେ । ଅନୀଲ ଓ ରଣବୀର ମଧ ମୋ ସହ ଖେଳୁଆଡ଼ ମନରେ ହାତ ମିଳାଇଲେ ଓ ମୋ ସୂତ୍ରିଟିକୁ ଅଭିବାଦନ ଜଣାଇଲେ । ଷ୍ଟାର୍ଟର ହୁଇସିଲ୍ ଫୁଙ୍କି ସମସ୍ତଙ୍କୁ ଚୁପ୍ ହୋଇଯିବାକୁ ନିର୍ଦ୍ଦେଶ ଦେଇ ମୋତେ ମୋର ପୁରସ୍କାରଟି ଉପହାର ଦେଲେ ।

ମୁଁ ଉପହାର ଭାବେ ପାଇଥିବା ସେଇ ନୂଆ ପୋକଟିକୁ ସସମ୍ମାନେ ନିରେଖି ଦେଖିଲି ଓ ଗେଲକଲା ପରି ତା' ଟାଣୁଆ ଏବଂ ପଲିସ୍‌କରା ଚିକ୍କଣ ପିଠିରେ ଥାପୁଡ଼ାଇଲି । କାଳେ ମହାରାଣୀ ତାକୁ ଦେଖି ଈର୍ଷା କରିବ, ସେଥିପାଇଁ ମୁଁ ମହାରାଣୀକୁ ତା' ସେଓ ଭିତରକୁ ଛାଡ଼ି ଦେଲି । ଅନୀଲ ଆସନ୍ତା ଦୌଡ଼ ପୂର୍ବରୁ ମୁଚ୍ଛାର ନିଶ ଛୋଟ କରିଦେବା ପାଇଁ ଘୋଷଣା କଲା ଏବଂ ରଣବୀର କଳା-ରାଜକୁମାରକୁ ଭଲଭାବେ ଖୁଆଇ ପିଆଇବା ବିଷୟରେ ଭାବୁଛି ବୋଲି କହିଲା ।

ମୁଁ ଘରକୁ ଯାଇ ଜେଜେଙ୍କୁ ପୁରସ୍କାର ରୂପେ ପାଇଥିବା ସେଇ ବଡ଼ ପୋକଟିକୁ ଦେଖାଇଲି । 'ସିଏ ଗୋଟେ ଚମତ୍କାର ପ୍ରାଣୀ' ଜେଜେ କହିଲେ । ''ଏବଂ ମୁଁ କିଛି ନୂଆ ତାଲିମର ପଦ୍ଧତି ବିଷୟରେ ଚିନ୍ତା କରି ସାରିଛି । କିନ୍ତୁ ଆମେ ମହାରାଣୀକୁ ହେଳା କରିବା ନାହିଁ ।'' ଏବଂ ସେ ମହାରାଣୀକୁ ଏକ ବଡ଼ ଲାଲ ସେଓ ଉପହାର ଦେଲେ । ମହାରାଣୀ କାଳ ବିଳମ୍ବ ନକରି ସାଙ୍ଗେ ସାଙ୍ଗେ ସେଓ ଭିତରକୁ କଣା କରି ପଶିବାରେ ଲାଗିଗଲା ।

(ସଂଗ୍ରହ : 'ତୁମେ ଭୁଲିପାରୁ ନଥିବା ଜୀବଜନ୍ତୁ', ପୃଷ୍ଠା.୩-୮
ଅନୁବାଦ : ସତ୍ୟପ୍ରିୟ ମହାଳିକ) ❑

## ଶିକ୍ଷାପ୍ରେମୀ ଭାଇ-ଭଉଣୀମାନଙ୍କ ପାଇଁ

ଦେଖନ୍ତୁ, ଏହା ହେଉଛି ପିଲାମାନଙ୍କ କାହାଣୀ । ଆପଣମାନେ ପିଲାମାନଙ୍କୁ ଏହା ଶୁଣାନ୍ତୁ । ପିଲାଏ ଏହାକୁ ଆନନ୍ଦର ସହିତ ବାରବାର ଶୁଣିବେ । କାହାଣୀକୁ ମଜାଳିଆ ଢଙ୍ଗରେ କୁହନ୍ତୁ, କୋମଳତାର ସହ ପ୍ରକାଶ କରନ୍ତୁ । କାହାଣୀ ଏମିତି ବାଛନ୍ତୁ, ଯାହା ପିଲାମାନଙ୍କ ବୟସ ସହିତ ମେଳ ଖାଉଥିବ । ଭାଇମାନେ, ଏହି କାହାଣୀଗୁଡ଼ିକୁ ଆପଣ ପିଲାମାନଙ୍କୁ ଘୋଷାନ୍ତୁ ନାହିଁ, ବରଂ ପଢ଼ାଇବା ପୂର୍ବରୁ ନିଜେ ଅନୁଭବ କରନ୍ତୁ ଏହି କାହାଣୀଗୁଡ଼ିକ ଯାଦୁର ବାଡ଼ି ପରି ଆଶ୍ଚର୍ଯ୍ୟ ନୁହେଁ କି !

ଯଦି ଆପଣମାନେ ପିଲାମାନଙ୍କ ପ୍ରତି ସ୍ନେହଶୀଳ ତା'ହେଲେ ତା'ର ଆରମ୍ଭ କାହାଣୀରୁହିଁ କରନ୍ତୁ । ଯଦି ଆପଣମାନେ ପିଲାମାନଙ୍କଠୁ ଭଲ ପାଇବା ଚାହାନ୍ତି ତା'ହେଲେ କାହାଣୀ ହେଉଛି ତା'ର ଏକମାତ୍ର ମାଧ୍ୟମ । ପଣ୍ଡିତ ହୋଇ କେବେ କାହାଣୀ ଶୁଣାନ୍ତୁ ନାହିଁ । କଣ୍ଟା ପରି ଫୋଡ଼ିବାକୁ ଚେଷ୍ଟା କରନ୍ତୁ ନାହିଁ । ଏ ତ ବହିଲା ଗଙ୍ଗା ପରି । ଏଥିରେ ପ୍ରଥମେ ଆପଣ ବୁଡ଼ ପକାନ୍ତୁ, ପରେ ପିଲାମାନଙ୍କୁ ଗାଧୋଇ ଦିଅନ୍ତୁ ।

(ସଂଗ୍ରହ : 'ଥଣ୍ଡା ଥଣ୍ଡା ବରଷା ଟୋପା') — ଗିଜୁଭାଇ ବଧେକା ❑

# ଖନୀ ବେଗମ୍

## ଗିଜୁଭାଇ ବଧେକା

ଜଣେ ନବାବ ଥିଲେ । ତାଙ୍କର ତିନିଜଣ ବେଗମ୍ ଥିଲେ । ତିନିଜଣଯାକ ଖନୀ ଥିଲେ । ନବାବ ଚତୁର୍ଥ ଥର ବିବାହ କରିବାକୁ ସ୍ଥିର କଲେ । ଭଲ ଘର ଦେଖି ବାହାଘର ଠିକ୍ ହେଲା । ଝିଅର ପ୍ରଶଂସା କରି ରାଜାଙ୍କ ବାରିକ କହିଥିଲା – ''ସେ କେବଳ ଦେଖିବାକୁ ନୁହେଁ ସ୍ୱଭାବରେ ମଧ୍ୟ ସୁନ୍ଦର ।'' ନବାବଙ୍କ ମନ ଖୁସିରେ ଉଚ୍ଛୁଳୁ ଥିଲା । ସେ ବରଯାତ୍ରୀ ଦଳ ନେଇ ବାହାରିଲେ । ଏମିତି ସେ ଝିଅଟି ମଧ୍ୟ ଖନୀ ଥିଲା, ମାତ୍ର ତା'ର ମା' ବାପା ତାକୁ ବୁଝାଇଥିଲେ ଯେ ଆକାଶ ପଛେ ଛିଣ୍ଡିପଡୁ ତା' ତୁଣ୍ଡରୁ ଗୋଟିଏ ଶବ୍ଦ ଯେମିତି ନ ବାହାରେ । ବିବାହ ପରେ ନବାବ କନ୍ୟାକୁ ଆଣି ରାଜମହଲକୁ ଆସିଲେ । ତାଙ୍କ ମନ ଆନନ୍ଦରେ ଉଚ୍ଛନ୍ନ ହେଉଥିଲା ଯେ ନୂଆ ବେଗମ୍ ମିଠା ମିଠା କଥା କହି ତାଙ୍କ ହୃଦୟକୁ ଶାନ୍ତ କରିଦେବେ । କିନ୍ତୁ ନୂଆ ବେଗମ୍ ଘୁଙ୍ଗୀ ଭଳି ଠିଆ ହୋଇ ରହିଲେ । ନବାବ ଚାହୁଁଥିଲେ ଯେ ବେଗମ୍ କିଛି କହନ୍ତୁ, ମାତ୍ର ସେ କାହିଁକି କିଛି କହନ୍ତେ ? ସେ ତ ଯେମିତି ତାଙ୍କ ଓଠ ସିଲେଇ କରିଥିଲେ । ନବାବ ଫିସ୍‌ଫିସ୍ କରି କହିଲେ ହାୟ – ''ମୁଁ କୂଅରୁ ବାହାରି ଖାଇରେ ପଡ଼ିଲି । ଖନିକୁ ଛାଡ଼ି କଥାକୁହାକୁ ଆଣିବାକୁ ଗଲି ଯେ ଘୁଙ୍ଗୀ କଣ୍ଢେଇ ହାବୁଡ଼ରେ ପଡ଼ିଲି ।''

ଦିନେ ଚତୁର୍ଥ ବେଗମ୍ ବଗିଚାକୁ ଫୁଲ ପାଇଁ ଗଲେ । ସେଠି ଗୋଟିଏ ପିମ୍ପୁଡ଼ି ତାଙ୍କୁ କାମୁଡ଼ି ଦେଲା । ସେ ଚିତ୍କାର କରି ଉଠିଲେ । ''ଓହୋ ମତେ ତିମ୍ପୁଡ଼ି ତାଇଲାରେ ତାଇଲା ।''

ନବାବ ଝର୍କା ପାଖରେ ଠିଆ ହୋଇଥିଲେ । ସେ ଏ କଥା ଶୁଣିଲେ । ସେ ବୁଝିଗଲେ ଯେ ଚତୁର୍ଥ ବେଗମ୍ ମଧ୍ୟ ଖନୀ ।

ନବାବ ଏ କଥା ଗୋପନ ରଖିଲେ ଯେ ତାଙ୍କର ଚାରିଜଣଯାକ ବେଗମ୍ ଖନୀ । କିନ୍ତୁ କେତେ ଦିନ ? ଦେଓ୍ୱାନଙ୍କର ସନ୍ଦେହ ହେଲା । ନିଶ୍ଚେ ସାରୁ ଭିତରେ ମାରୁ ଅଛି । ସତ କଥା ଜାଣିବାକୁ ସେ ଦିନେ ନବାବଙ୍କୁ ଏକୁଟିଆ ପଚାରିଲେ – ''ହଜୁର, ଗାଁ ଲୋକମାନେ କୁହାକୁହି ହେଉଛନ୍ତି ଯେ ଆପଣଙ୍କର ଚାରିଜଣଯାକ ବେଗମ୍ ଖନୀ ।'' ନବାବ କହିଲେ– ''ଦେଓ୍ୱାନ, ଗାଁ ଲୋକେ ତ ମୂର୍ଖ । କ'ଣ ଆପଣଙ୍କର ବି ମୁଣ୍ଡ ଖରାପ ହୋଇଗଲାଣି ?'' ଦେଓ୍ୱାନ କହିଲେ, ''ଆପଣ ମୋତେ ଆପଣଙ୍କ ଘରେ ଖାଇବା ପାଇଁ ନିମନ୍ତ୍ରଣ ଦେବେ ତ ମୋର ସନ୍ଦେହ ଦୂର ହେବ ।''

ନବାବ ଦେଓ୍ୱାନଙ୍କୁ ଭୋଜି ପାଇଁ ନିମନ୍ତ୍ରଣ ଦେଇଦେଲେ । ଯା ପୂର୍ବରୁ ସବୁ ବେଗମ୍‌ମାନଙ୍କୁ ଚେତାଇ ଦିଆଗଲା ଯେ କେହି ଯେମିତି ନିଜର ମୁହଁ ନ ଖୋଲନ୍ତି । ନବାବ ଓ ଦେଓ୍ୱାନ ଖାଇବସିଲେ । ବିଭିନ୍ନ ପ୍ରକାର ରୋଷେଇ ହୋଇଥିଲା । ସିମେଇ ମଧ୍ୟ ହୋଇଥିଲା ।

ଦେଓ୍ୱାନ ଖୁବ୍ ଚେଷ୍ଟା କଲେ ଯେ ବେଗମ୍‌ମାନେ କିଛି କୁହନ୍ତୁ । କିନ୍ତୁ ଜଣେ କେହି ବି ମୁହଁ ଖୋଲିଲେନି । ସେତେବେଳେ ଦେଓ୍ୱାନଙ୍କ ମୁଣ୍ଡକୁ ଗୋଟେ କୌଶଳ ଆସିଗଲା । ସିମେଇ ଖୁବ୍ ସୁଆଦିଆ ହୋଇଥିଲା । ତାକୁ ଖାଉ ଖାଉ ଦେଓ୍ୱାନ ପ୍ରଶଂସା ଆରମ୍ଭ କରିଦେଲେ । ବେଗମ୍‌ମାନେ ଖୁସିରେ ଫୁଲିଉଠିଲେ ।

ଏହି ସୁଯୋଗ ନେଇ ଦେଓ୍ୱାନ ନବାବଙ୍କୁ ପଚାରିଲେ, ''ସରକାର, ଏ ସିମେଇ କିଏ ତିଆରି କରିଛି ?'' ଜବାବ ଜଣେ ବେଗମ୍ ଦେଲା – ''ଏ ସିମେଇ ତ ମୁଁ ତି ତି ତିଆରି କରିଛି ।'' ନବାବ ମନା କଲା ପରେ ବି ସେ ମୁହଁ ଖୋଲିଥିଲା । ତେଣୁ ଦ୍ୱିତୀୟ ବେଗମ୍ ସିଆଣିଆ ହୋଇ ତାକୁ କହିଲା, ''ମନା କଲା ପରେ ବି ତୁ କଥା କ କ କଇଲୁ କାଇଁକି ?'' ତୃତୀୟ ବେଗମ୍ ଭାବିଲା ଏ ତ ଖୁବ୍ ଖରାପ କଥା ହେଲା । ନବାବ ସଫା ସଫା ଚେତାଇ ଦେଇଥିଲେ 'ଖବରଦାର, କେହି କିଛି କହିବନି ।' ପୁଣି ଏ ଦି'ଜଣ କଥା କହିଲେ । ତା' ମନରେ ଟିକେ ରାଗ ଆସିଲା । ସେ ଆଉ ଟିକେ ସିଆଣିଆ ହୋଇ କଡ଼ା ସ୍ୱରରେ କହିଲା– 'ସେ କଇଲା ତ କଇଲା କିନ୍ତୁ ତୁ ତାଇଁକି କ କ କଇଲୁ ?'

ଚତୁର୍ଥ ବେଗମ୍ ଭାବିଲା ଏ ତିନିହେଁ ମହାମୂର୍ଖ । ଦେଓ୍ୱାନଙ୍କୁ ସବୁ ଜଣାପଡ଼ିଗଲାଣି । ତା'ର ଟିକେ ଗର୍ବ ମଧ୍ୟ ହେଲା । ଦେଓ୍ୱାନଙ୍କୁ ତ ତା ଗୋପନ କଥା ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ଏକଥା ଭାବି ସେ ଖୁସି ହୋଇ ଗର୍ବରେ କହିଲା– ''ମୁଁ ତ କିଛି କ କ କଇନି । ଆଉ ତେଇ କି କିଛି କ କଇନି ।'' ଏକଥା ଶୁଣି ନବାବ ଓ ଦେଓ୍ୱାନ ଉଭୟ ହସି ପକାଇଲେ ।

(ସଂଗ୍ରହ : 'ଥଣ୍ଡା ଥଣ୍ଡା ବରଷା ଟୋପା' ପୃ. ୬-୮) ❑

# ସଂସ୍କୃତନିଷ୍ଠ କିଛି ହାସ୍ୟରସ

## ସଚ୍ଚିଦାନନ୍ଦ ମିଶ୍ର

''ଭାଷାସୁ ମଧୁରା ମୁଖ୍ୟା ଦିବ୍ୟା ଗୀର୍ବାଣଭାରତୀ ।'' ଏ ଜଗତରେ ବିଦ୍ୟମାନ ସମସ୍ତ ଭାଷାମାନଙ୍କ ମଧ୍ୟରେ ସଂସ୍କୃତ ଭାଷାଟିକୁ ମୁଖ୍ୟ ଭାଷା ବା ଆଦି ଭାଷା ବୋଲି ଗଣା ଯାଇଥାଏ । ଭାରତବର୍ଷର ଆତ୍ମଭୂତା ଏହି ଭାଷା ମଧ୍ୟରେ ରହିଛି ଅପୂର୍ବ ମାଧୁର୍ଯ୍ୟ, ଲାଳିତ୍ୟ, କମନୀୟତା, ଗାମ୍ଭୀର୍ଯ୍ୟ ଓ ସୌଷ୍ଠବ । ସର୍ବୋପରି ଏହି ଭାଷାଟିର ଦିବ୍ୟତ୍ୱହିଁ ଏହାର ମହନୀୟତାକୁ ସମୃଦ୍ଧ କରି ରଖିଛି । ତେଣୁ ଏହାକୁ ଦେବଭାଷାର ଆଖ୍ୟା ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ଏହି ଭାଷାର ବର୍ଣ୍ଣମାଳାଠାରୁ ଆରମ୍ଭ କରି ଭାଷାଗତ ଅନ୍ୟାନ୍ୟ ସମସ୍ତ ବିଭାବଗୁଡ଼ିକ ଅତ୍ୟନ୍ତ ଯୁକ୍ତିସଙ୍ଗତ ହୋଇ ଥିବାରୁ ଆଧୁନିକ କମ୍ପ୍ୟୁଟର ବିଜ୍ଞାନୀମାନେ ଏହାକୁ ଏକ ବିଜ୍ଞାନସମ୍ମତ ଭାଷା ବୋଲି ପ୍ରମାଣ କରିଥା'ନ୍ତି । ଏହି ଭାଷାର ସମୁଚିତ ଓ ସଚେତନ ପ୍ରୟୋଗରେ ବ୍ୟକ୍ତି ସୁସ୍ଥ ଜୀବନଯାପନ କରିବାରେ ସମର୍ଥ ହୋଇଥାଏ । ତଥାଚ ଉଚ୍ଚଚେତନାରୁ ସମ୍ଭୂତ ଏହି ଭାଷାଟି ମାନବ ଚେତନାର ରୂପାନ୍ତରଣରେ ପରମ ସହାୟିକା, ଏହା ନିଃସନ୍ଦେହ । ସମସ୍ତ ପ୍ରକାରର ମାନବୀୟ ମୂଲ୍ୟବୋଧକୁ ଉନ୍ନୀତ କରି ସେସବୁରେ ଦିବ୍ୟତ୍ୱ ଭରି ଦେବାର ସାମର୍ଥ୍ୟ ରହିଛି ଏହି ଭାଷାରେ । ଏହି ଭାଷାରେ ଥିବା ସମସ୍ତ ସାହିତ୍ୟ ଭଣ୍ଡାରକୁ ଅନୁଶୀଳନ କଲେ ଦେଖା ଯାଇଥାଏ ଯେ ସମସ୍ତ ପ୍ରକାରର ମାନବୀୟ ଭାବାବେଗ ତଥା ବିଚାର ପ୍ରଭୃତିକୁ ଅତ୍ୟନ୍ତ ସୂକ୍ଷ୍ମତାର ସହ ସମୁଚିତଭାବେ ପ୍ରକଟନ କରିବାର ସାମର୍ଥ୍ୟ ଏହି ଭାଷାଟି ମଧ୍ୟରେ ଯେପରିଭାବେ ରହିଛି ତାହା ବିଶ୍ୱର ଅନ୍ୟ କୌଣସି ଭାଷାମାନଙ୍କ ମଧ୍ୟରେ ବିରଳ ।

ଆସନ୍ତୁ ଆଜି ଏହି ଭାଷାରେ ଥିବା କିଛି ରୁଚିପୂର୍ଣ୍ଣ, ସରସ, ହାସ୍ୟାତ୍ମକ ଉଦାହରଣର ଆନନ୍ଦ ନେବା ।

ଥରେ ଜଣେ ଦାରିଦ୍ର୍ୟ ପ୍ରପୀଡ଼ିତ କବି ନିଜ ପିନ୍ଧା ବସ୍ତ୍ରଟିର ତୁଳନା ସ୍ୱୟଂ ଭଗବାନଙ୍କ ସହ କରି କହିଛନ୍ତି –

'ଆଦି ମଧ୍ୟାନ୍ତରହିତଂ ଦଶାହୀନଂ ପୁରାତନମ୍ ।
ଏକମେବାଦ୍ୱିତୀୟଂ ବନ୍ଦେ ମଦ୍‌ବସ୍ତ୍ରସଦୃଶଂ ହରିମ୍ ।।'

ଅର୍ଥାତ୍, ମୁଁ ସେହି ହରିଙ୍କୁ ବନ୍ଦନା କରୁଛି ଯେ କି ମୋର ବର୍ତ୍ତମାନର ପିନ୍ଧା ଲୁଗାଟି ପରି, ହରି ଆଦି-ମଧ୍ୟ-ଅନ୍ତ-ହୀନ, ମୋର ଲୁଗାଟିର ମଧ୍ୟ ନା ଆଦି ଅଛି, ନା ମଧ୍ୟ, ନା ଅନ୍ତ । ହରି ସକଳ ଦଶାରୁ ଅତୀତ, ମୋର ପିନ୍ଧା ଲୁଗାଟି ମଧ୍ୟ ଅତି ପୁରୁଣା ହୋଇଥିବାରୁ ଦଶା ବିହୀନ ବା ତା' ଅଗରେ ଝୁଲୁଥିବା ସମସ୍ତ ସୂତା ଛିଣ୍ଡି ଲୁଗାଟି ମୁଣ୍ଡା ହୋଇ ସାରିଲାଣି । ହରି ପୁରାଣ ପୁରୁଷ, ପୁରାତନ । ମୋର ପିନ୍ଧା ଲୁଗାଟି ମଧ୍ୟ ଅତ୍ୟନ୍ତ ପୁରାତନ । ତାହା ମୁଁ କେବେଠାରୁ ପିନ୍ଧୁଛି ଠିକ୍ ଭାବେ ମନେ ପକାଇ କହି ବି ପାରିବିନି । ହରି ହେଉଛନ୍ତି ଏକ ଏବଂ ଦ୍ୱିତୀୟ ରହିତ । ମୋର ପିନ୍ଧା ଲୁଗାଟି ମଧ୍ୟ ତାଙ୍କରି ପରି ଏକମ୍ ଏବଂ ଅଦ୍ୱିତୀୟମ୍ । ସେହି ଗୋଟିଏ ଲୁଗାରେହିଁ ମୋର ସବୁ କାମ ଚଳୁଛି । ତେଣୁ ମୋର ପିନ୍ଧା ଲୁଗାଟି ମୋତେ ସବୁବେଳେ ହରିସ୍ମରଣ କରାଇଥାଏ ।

*

ଚାହାର ମହିମା କାହାକୁ ବା ଜଣା ନାହିଁ । ଏ ନିତିଦିନିଆ ସଂସାରରେ ଚାହା କପେହିଁ ସବୁକିଛିକୁ ବଦଳେଇ ଦେଇପାରେ । ସଂସ୍କୃତରେ ଚାହାକୁ 'ଚାୟମ୍' ବୋଲି କୁହାଯାଇଥାଏ । ଥରେ ଜଣେ କବି 'ଚାୟମ୍' ଶବ୍ଦର ବ୍ୟୁତ୍ପତ୍ତି ପ୍ରଦାନ କରି କହିଲେ –

'ଚୀୟତେ ଚିତ୍ତବିସ୍ଫୂର୍ତିଃ ଚୀୟତେ କାୟିକଂ ବଲମ୍ ।
ଚୀୟତେ ପଟୁତା ବାଚି ତସ୍ମାତ୍ 'ଚାୟମ୍' ଇତି ପ୍ରଥା ।।'

ଅର୍ଥାତ୍, ଚାହାଟିକିଏ ପେଟରେ ପଡ଼ିଗଲେ ହଠାତ୍ ମନ ମଧ୍ୟରେ ସ୍ଫୂର୍ତ୍ତି ଆସି ଯାଇଥାଏ । ଦେହରେ ବଳ ଆସି ଯାଇଥାଏ ତଥା ଚାହା କପେ ମୂକ ବ୍ୟକ୍ତିକୁ ମଧ୍ୟ ବାଚାଳ କରି ଦେଇଥାଏ । ଚାହା ଜଣେ ବ୍ୟକ୍ତି ମଧ୍ୟରେ ଏତେ ସବୁ କଥା ବଢ଼ାଇ ଦେଇ ପାରିଥାଏ ବୋଲି ଏହାର ନାମ 'ଚାୟମ୍' ଯାହାକି 'ଚୀ' ଧାତୁରୁ ନିଷ୍ପନ୍ନ, 'ଚୀୟତେ' ଅର୍ଥାତ୍ ବଢ଼ାଇଥାଏ, ସମୃଦ୍ଧ କରିଥାଏ ।

*

ବଙ୍ଗ ପ୍ରଦେଶରେ ମାଛ ଖାଇବାର ମାହାତ୍ମ୍ୟ ସମସ୍ତଙ୍କୁ ଜଣା, ଜଣେ ବଙ୍ଗୀୟ କବିଙ୍କୁ ଥରେ ପଚରା ଯାଇଥିଲା ଯେ ଏମିତି କେଉଁ ଖାଦ୍ୟଟି ରହିଛି ଯାହା ଏକା ସାଙ୍ଗରେ ପାଞ୍ଚ ଇନ୍ଦ୍ରିୟଙ୍କୁ ଖୁସି କରି ଦେଇପାରେ । ଏହାର ଉତ୍ତରରେ କବି କହିଲେ –

'ଭର୍ଜିତୈରିଲ୍ଲୀଶଖଣ୍ଡୈଃ ଭବତି ହି
ପଞ୍ଚେନ୍ଦ୍ରିୟାମୋଦଃ ।
ସ୍ୱାଦୁନି ମୃଦୁନି ରୂପିଣି ସୁଗନ୍ଧିନି
କିଂଚିନ୍‌ମୁଚୁମୁଚୁଧ୍ୱନିନି ॥'

ଅର୍ଥାତ୍, ଖଣ୍ଡିଏ ଭଜା ଇଲିଶି ମାଛ ପାଞ୍ଚ ଇନ୍ଦ୍ରିୟକୁ ଏକାବେଳେ ଖୁସି କରି ଦେଇଥାଏ – ଏହାର ସ୍ୱାଦ ରସନେନ୍ଦ୍ରିୟକୁ ଖୁସି କରାଇଥାଏ, ତେଣୁ 'ସ୍ୱାଦୁ' । ଏହାର କୋମଳ ସ୍ପର୍ଶ 'ତ୍ୱକ୍' ଇନ୍ଦ୍ରିୟକୁ ଖୁସି କରାଇଥାଏ, ତେଣୁ 'ମୃଦୁ' । ଏହାର ଲୋଭନୀୟ ରୂପ ଦର୍ଶନେନ୍ଦ୍ରିୟ ପାଇଁ ଆନନ୍ଦଦାୟକ, ତେଣୁ 'ରୂପିନ୍' । ଏହାର ବାସ ଘ୍ରାଣେନ୍ଦ୍ରିୟ ତୃପ୍ତି କାରକ, ତେଣୁ 'ସୁଗନ୍ଧି' । ତା'ଛଡ଼ା ଖାଇଲା ବେଳେ ଯେଉଁ ମୁଚୁ ମୁଚୁ ବା ମୁସୁ ମୁସୁ ଧ୍ୱନି ହୋଇଥାଏ ତାହା ଶ୍ରବଣେନ୍ଦ୍ରିୟ ପାଇଁ ଆନନ୍ଦ ପ୍ରଦାୟକ । ଖଣ୍ଡିଏ ଭଜା ଇଲିଶି ମାଛରେହିଁ ପଞ୍ଚେନ୍ଦ୍ରିୟ ତୃପ୍ତି ।

*

ଏ ସଂସାରରେ ଶଶୁର ଘରର ମହତ୍ତ୍ୱ ସମସ୍ତେ ଜାଣନ୍ତି । ଶଶୁର ଘର ମାୟାରୁ ସ୍ୱୟଂ ଦେବତାମାନେ ମଧ୍ୟ ମୁକ୍ତ ନୁହନ୍ତି । ଏ ନେଇ ଜଣେ କବି କହନ୍ତି –

'ଅସାରେ ଖଲୁ ସଂସାରେ ସାରଂ ଶ୍ୱଶୁର ମନ୍ଦିରମ୍ ।
ହରୋ ହିମାଲୟେ ଶେତେ ହରିଶ୍ଶେତେ ମହୋଦଧୌ ॥'

ଅର୍ଥାତ୍, ଏ ଅସାର ସଂସାରରେ ସାର ହେଉଛି ଶଶୁର ଘର । ଏହି ଦେଖନ୍ତୁ, ସେଥିପାଇଁହିଁ ଶିବ ନିଜ ଶଶୁର ଘର ହିମାଳୟରେ ଠାଇଁ ହୋଇଥିବା ବେଳେ ବିଷ୍ଣୁ ନିଜର ଶଶୁର ଘର ମହୋଦଧି ବା କ୍ଷୀର ସାଗର ଛାଡ଼ି ଯିବା ନାଁ ଧରୁ ନାହାନ୍ତି ।

*

ଅନ୍ୟ ଜଣେ କବି ଶିବଙ୍କର ହିମାଳୟରେ ରହିବା ଓ ବିଷ୍ଣୁଙ୍କର କ୍ଷୀର ସାଗରରେ ରହିବା ତଥା ଲକ୍ଷ୍ମୀଙ୍କର ପଦ୍ମବନରେ ରହିବାର ଏକ ଭିନ୍ନ କାରଣ ଦର୍ଶାଇ କହନ୍ତି –

'ହରୋ ହିମାଲୟେ ଶେତେ ହରିଶ୍ଶେତେ ମହୋଦଧୌ ।
କମଲେ କମଲା ଶେତେ ମନ୍ୟେ ମତ୍‌କୁଣଶଂକୟା ॥'

ଅର୍ଥାତ୍, ଶିବ ହିମାଳୟରେ, ବିଷ୍ଣୁ କ୍ଷୀର ସାଗରରେ ଓ ଲକ୍ଷ୍ମୀ ପଦ୍ମବନରେ ଶୋଇବାର କାରଣ ହେଉଛି ଏମାନଙ୍କର ଛାରପୋକକୁ ପ୍ରାଣେ ଡ଼ର, ଛାରପୋକ ଭୟରେହିଁ ଏମାନେ ନିଜ ନିଜ ବିଛଣା ଛାଡ଼ି ହିମାଳୟ ପ୍ରଭୃତିରେ ଆଶ୍ରୟ ନେଇଛନ୍ତି ।

*

''ଶାସ୍ତ୍ରାଣ୍ୟଧୀତ୍ୟାପି ଭବନ୍ତି ମୂର୍ଖାଃ'' – ଶାସ୍ତ୍ର ପଢ଼ି ମଧ୍ୟ ଏପରି ଅନେକ ଅଛନ୍ତି ଯେଉଁମାନଙ୍କର ମୂର୍ଖତା କହିଲେ ନସରେ । ଆସନ୍ତୁ ଏହିପରି ଚାରିଜଣ ମୂର୍ଖ ଶାସ୍ତ୍ରଜ୍ଞଙ୍କ କଥା ଶୁଣିବା । ଥରେ ଚାରିଜଣ ଶାସ୍ତ୍ରବେତ୍ତା ବିଦ୍ୱାନ୍ ଗୋଟିଏ ଛକରେ ଛିଡ଼ା ହୋଇଥା'ନ୍ତି । ବୁଦ୍ଧି ପଶୁନି କେଉଁ ରାସ୍ତା ଦେଇ ଯିବେ । ହଠାତ୍ ସେମାନେ ଦେଖିଲେ ଦଳେ ଲୋକ କ'ଣ ଗୋଟାଏ ନେଇ, କ'ଣ ସବୁ କହି କହିକା ଯାଉଛନ୍ତି । ପାଖକୁ ଯାଇ ପଚାରିବାରୁ ବୁଝାଗଲା ଯେ ସେଇ ଆଖପାଖ ଗାଁର ଜଣେ ମହାଜନଙ୍କର ମା'ଙ୍କର ଦେହାନ୍ତ ହୋଇ ଯାଇଥିବାରୁ ସେମାନେ ଅନ୍ତିମ ସଂସ୍କାର ପାଇଁ ତାଙ୍କ ମା'ଙ୍କୁ ନେଇ 'ରାମ ନାମ ସତ୍ୟ ହୈ, ହରି ନାମ ସତ୍ୟ ହୈ' କହି କହିକା ଯାଉଛନ୍ତି । ଏକଥା ଜାଣିଲା ପରେ ସେ ଚାରିଜଣ ବିଦ୍ୱାନ୍‌ଙ୍କ ମଧ୍ୟରୁ ଜଣେ ଚଟ୍ କରି କହି ଉଠିଲେ – ''ବାଟ ମିଳିଗଲା, ବାଟ ମିଳିଗଲା । ଏଇ ଦେଖ କ'ଣ ଲେଖା ହୋଇଛି ଶାସ୍ତ୍ରରେ'' – 'ମହାଜନୋ ୟେନ ଗତଃ ସଃ ପନ୍ଥା', ଅର୍ଥାତ୍ ମହାଜନଟିଏ ଯେଉଁ ରାସ୍ତା ଦେଇ ଯା'ନ୍ତି ସେଇଟାହିଁ ବାଟ । ଏବେ ଚାରିଜଣ ଯାକ ଖୁସି ହୋଇ ଯେଉଁ ବାଟ ଦେଇ ମହାଜନ ଜଣକ ତା'ଙ୍କ ମା'ଙ୍କର ମୃତ ଶରୀର ନେଇ ଯାଉଥିଲେ ସେଇ ବାଟ ଦେଇ ତାଙ୍କ ପଛେ ପଛେ ଚାଲିଲେ । ପରିଣାମତଃ ଯାଇ ପହଞ୍ଚିଲେ ଶ୍ମଶାନରେ । ସେଠାରେ ଯାଇ ଦେଖିଲେ ଗଧଟିଏ ଛିଡ଼ା ହୋଇଛି । ଏମାନେ ଜୀବନରେ କେବେ ଗଧ ଦେଖି ନାହାନ୍ତି । ସେ ପୁଣି ଶ୍ମଶାନରେ ଛିଡ଼ା ହୋଇଛି । କ'ଣ କରିବା ବୋଲି ବିଚାର ବିମର୍ଶ ଆରମ୍ଭ ହେଲା । ଏବେ ସେ ଚାରିଜଣଙ୍କ ମଧ୍ୟରୁ ଅନ୍ୟ ଜଣେ ଗର୍ଜିଉଠି କହିଲେ – ''ମିଳିଗଲା... ସମାଧାନ ମିଳିଗଲା – ଦେଖନ୍ତୁ ଏଠି କ'ଣ ଲେଖା ଯାଇଛି'' – 'ରାଜଦ୍ୱାରେ ଶ୍ମଶାନେ ଚ ୟଃ ତିଷ୍ଠତି ସଃ ବାନ୍ଧବଃ ।' ଅର୍ଥାତ୍ : ''ଶ୍ମଶାନରେ ଯିଏ ଛିଡ଼ା ହୋଇଥାଏ ସେହିଁ ପ୍ରକୃତ ବନ୍ଧୁ । ତେବେ ବିଳମ୍ବ କାହିଁକି, ଆସ ବନ୍ଧୁଙ୍କ ସତ୍କାରରେ ଲାଗିଯିବା'' । ଏବେ ସମସ୍ତେ ଗଧକୁ ଆଉଁଶା ଘଷା କରି ଗେହ୍ଲା କରିବାରେ ଲାଗି ପଡ଼ିଲେ । ଗଧ ଏ ଅଜଣା ଲୋକଙ୍କର ସ୍ପର୍ଶ ପାଇ ଆଦୌ ଆଶ୍ୱସ୍ତି ବୋଧ କରୁ ନଥାଏ । ଶେଷରେ ଏ ଚାରିଜଣକୁ ଦୁଇ ଦୁଇ ନାତ ଦେଇ ସେଠାରୁ ଦୌଡ଼ି ପଳାଇ ଗଲା । ନାତ ଖାଇ

ପଡ଼ିଥା'ନ୍ତି ଚାରିଜଣଯାକ । ଏଣେ ଭୋକ ବି ଲାଗିଲାଣି, ସନ୍ଧ୍ୟା ବି ହେଇ ଆସିଲାଣି । କ'ଣ କରିବେ, କଷ୍ଟେ ମଷ୍ଟେ ଉଠି ସେହି ପାଖରେ ଥିବା ଗୋଟିଏ ଗାଁକୁ ଗଲେ । ଗାଁର ଲୋକମାନେ ଏ ଚାରିଜଣଙ୍କୁ ମହା ବିଦ୍ୱାନ୍ ବୋଲି ଭାବି ସତ୍କାର ସହକାରେ ନିଜ ନିଜ ଘରକୁ ଡାକିଲେ । ଏ ଚାରି ବିଦ୍ୱାନ୍‌ଙ୍କ ମଧ୍ୟରୁ ଦୁଇ ଜଣ ଜଣେ ଲୋକଙ୍କ ଘରକୁ ଭୋଜନ ପାଇଁ ଗଲେ ଆଉ ଦୁଇ ଜଣ ଅନ୍ୟ ଜଣଙ୍କ ଘରକୁ ଭୋଜନ ନିମିତ୍ତ ଗଲେ । ପ୍ରଥମ ଦୁଇଜଣ ଯାହାଙ୍କ ଘରକୁ ଗଲେ ତା'ଙ୍କ ଘରେ ସେଦିନ ଚକୁଳି ପିଠା ହୋଇଥିଲା । ଏ ଦୁଇଜଣ କେବେ ଚକୁଳି ପିଠା ଦେଖି ନାହାନ୍ତି କି ଖାଇ ନାହାନ୍ତି । ତେଣୁ ଆରମ୍ଭ ହୋଇଗଲା ବିଚାର ବିମର୍ଶ । ଚକୁଳି ପିଠାରେ ଥିବା ଛିଦ୍ରମାନଙ୍କୁ ଦେଖି ଶଙ୍କା ଜାତ ହେଲା । ତେଣୁ ଦୁଇଜଣଯାକ ଶାସ୍ତ୍ର ଖୋଜିଲେ । ଶାସ୍ତ୍ରରେ ସେମାନେ ଯାହା ପାଇଲେ ସେଥିରେ ତାଙ୍କର ସନ୍ଦେହ ଆହୁରି ଦୃଢ଼ ହେଲା । ଶାସ୍ତ୍ରରେ ଲେଖାଥିଲା – ''ଛିଦ୍ରେଷୁ ଅନର୍ଥା ବହୁଲୀଭବନ୍ତି'' । ଅର୍ଥାତ୍ ଛିଦ୍ର ଯେଉଁଠି ଅନର୍ଥ ସେଇଠି । ତେଣୁ ଏ ଦୁଇ ବିଦ୍ୱାନ୍ କୌଣସି ପ୍ରକାରେ ପିଢ଼ା ଛାଡ଼ି ସେଠୁ ଭାଗିଲେ ।

ଅନ୍ୟତ୍ର, ଅନ୍ୟ ଦୁଇଜଣ ଯାହାଙ୍କ ଘରକୁ ଯାଇଥିଲେ ତାଙ୍କ ଘରେ ଚାଇନିଜ୍ ନୁଡ଼ଲ୍‌ସ୍ ହୋଇଥିଲା, ଲମ୍ବା ଲମ୍ବା ସୂତା ଭଳିଆ ଦେଖା ଯାଉଥିବା ଏ ଖାଦ୍ୟ ସେମାନେ କେବେ ଦେଖି ନାହାନ୍ତି କି ଚାଖି ନାହାନ୍ତି । ତେଣୁ ଖାଇବେ କି ନଖାଇବେ ଏହି ଦ୍ୱନ୍ଦ୍ୱରେ ପଡ଼ି ଶାସ୍ତ୍ର ଖୋଜିବାରେ ଲାଗିଲେ । ଶାସ୍ତ୍ରରୁ ଯାହା ପାଇଲେ ତାହା ଦେଖି ତାଙ୍କ ଦେହରୁ ଝାଳ ବାହାରିଗଲା । ଶାସ୍ତ୍ରରେ ଲେଖାଥିଲା – 'ଦୀର୍ଘସୂତ୍ରୀ ବିନଶ୍ୟତି' । ''ଆରେ ବାପ୍‌ରେ ବାପ୍, ଏ ଖାଦ୍ୟ ଖାଇଲେ ସାକ୍ଷାତ୍ ବିନାଶ'' । ଏହା କହି ସେଠାରୁ ଉଠି ପଳାଇଲେ ।

ତେଣୁ କୁହାଯାଇଛି 'ଶାସ୍ତ୍ରାଣ୍ୟଧୀତ୍ୟାପି ଭବନ୍ତି ମୂର୍ଖାଃ ।' କେବଳ ଶାସ୍ତ୍ର ଅଧ୍ୟୟନ କଲେ ଯେ ଜଣେ ବିଦ୍ୱାନ୍ ହୋଇଯିବ ତାହା ନୁହେଁ । ଏଥିପାଇଁ ବିବେକ ବୁଦ୍ଧିର ଆବଶ୍ୟକତା ରହିଛି । – 'ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିମ୍' । ଯାହାର ନିଜର ବୁଦ୍ଧି ବିବେକ ନାହିଁ ତା'ର ଶାସ୍ତ୍ର କ'ଣ କରିବ । ଏକଥା ପଢ଼ିବା ବେଳେ ଉପରୋକ୍ତ ଚାରି ବିଦ୍ୱାନ୍‌ଙ୍କ କଥା ଅବଶ୍ୟ ମନେ ପଡ଼େ । ❑

## ପ୍ରହେଳିକା

କେଶବଂ ପତିତଂ ଦୃଷ୍ଟ୍ୱା
ଦ୍ରୋଣୋ ହର୍ଷମୁପାଗତଃ ।
ରୁଦନ୍ତି କୌରବାଃ ସର୍ବେ
ହା କେଶବଃ କଥଂ ଗତଃ ॥

ଏହି ଶ୍ଳୋକଟିର ସାଧାରଣ ଅର୍ଥ ହେଉଛି – କେଶବ ଅର୍ଥାତ୍ କୃଷ୍ଣଙ୍କୁ ପଡ଼ିଯିବାର ଦେଖି ଦ୍ରୋଣ ହସି ଉଠିଲେ । କୌରବମାନେ କାନ୍ଦି ଉଠି କହିବାକୁ ଲାଗିଲେ – ହାୟରେ କେଶବଙ୍କର ଏ ଅବସ୍ଥା କେମିତି ହେଲା । ଏହି ଅର୍ଥଟିକୁ ସ୍ୱୀକାର କଲେ କଥାଟା ଟିକେ ଅଡୁଆ ଲାଗୁଛି । କିନ୍ତୁ ଏହି ଶ୍ଳୋକର ଆଉ ଏକ ଗୁପ୍ତ ଅର୍ଥ ରହିଛି, ଯାହା ହେଉଛି କବିଙ୍କର ପ୍ରକୃତ କହିବାର କଥା ।

ଆସନ୍ତୁ ସେହି ଗଭୀର ଅର୍ଥଟିକୁ ଜାଣିବା – କେଶବ ଶବ୍ଦଟିର ପ୍ରୟୋଗ ଏଠାରେ କୃଷ୍ଣଙ୍କ ଅର୍ଥରେ ନୁହେଁ, କେ ଅର୍ଥାତ୍ ଜଳରେ ଶବଂ ପତିତଂ ଦୃଷ୍ଟ୍ୱା ଅର୍ଥାତ୍ ଶବଟିଏ ପଡ଼ି ଥିବାର ଦେଖି, ଦ୍ରୋଣ ଅର୍ଥାତ୍ କୁଆ ହର୍ଷମୁପାଗତଃ ଅର୍ଥାତ୍ ଖୁସି ହେଲା, କିନ୍ତୁ କୌରବାଃ ସର୍ବେ ଅର୍ଥାତ୍ ସବୁ ଶିଆଳମାନେ (କୌରବ ଶବ୍ଦର ଅନ୍ୟ ଏକ ଅର୍ଥ ଶିଆଳ) କାନ୍ଦିବାକୁ ଲାଗିଲେ । ''ହା କେ ଶବଃ କଥଂ ଗତଃ'', ହାୟ ହାୟ ପାଣିରେ କେମିତି ଶବଟା ପଡ଼ିଗଲା !!! (ପାଣିରେ ଭାସି ଯାଉଥିବା ଶବଟି ଉପରେ ବସି କୁଆମାନେ ତାହାର ସ୍ୱାଦ ନେଇଥା'ନ୍ତି, କିନ୍ତୁ ଶିଆଳମାନେ କିଛି ପାଆନ୍ତି ନାହିଁ ।)

# ଖୁସିର କଥା

## ରମାକାନ୍ତ ସାହୁ

ଯେ କେହି ଆମେରିକାର ଚାଇନାଟାଉନ୍ ଦେଇ ଗଲାବେଳକୁ ପିଠିରେ ଗୋଟେ ବୁଜୁଳା ପକାଇଥିବା ବିଶାଳ ବପୁବନ୍ତ ଲୋକଟିର ମୂର୍ତ୍ତିଟିକୁ ଦେଖିବାକୁ ପାଇବ । ଚାଇନା ବଣିକସମାଜ ଏହାକୁ 'ଚାଇନାର ଖୁସି ଲୋକ'– ହାପି ଚିନାମ୍ୟାନ୍ ବା ଲାଫିଙ୍ଗ୍ ବୁଦ୍ଧ ବୋଲି କହନ୍ତି ।

ଓ୍ୟାଙ୍ଗ୍ ଶାସନ କାଳରେ ହୋତାଇ ନାମକ ଏହି ଲୋକଟି ଚୀନରେ ବାସ କରୁଥିଲେ । ସେ ନିଜକୁ ଜେନ୍ ଗୁରୁ କହି ଗୁଡ଼ିଏ ଶିଷ୍ୟଙ୍କ ଗହଳରେ ରହିବାକୁ ଆଦୌ ପସନ୍ଦ କରୁ ନଥିଲେ । କିନ୍ତୁ ଗୋଟେ ବଡ଼ ଅଖାମୁଣାରେ ମିଠେଇ, ଚକୋଲେଟ୍, ଫଳ ଓ କେକ୍ ଆଦି ସ୍ୱାଦିଷ୍ଟ ଜିନିଷଗୁଡ଼ିକୁ ଭରି ସେଇଟିକୁ ପିଠିରେ ପକାଇ ସେ ରାସ୍ତାକୁ ଓହ୍ଲାଇ ଯାଉଥିଲେ । ରାସ୍ତାରେ ଗଲାବେଳେ ଖେଳୁଥିବା ପିଲାଏ ତାଙ୍କୁ ଦେଖି ପାଖକୁ ଧାଇଁ ଆସୁଥିଲେ ଓ ସେ ପିଲାଙ୍କୁ ଏହି ଉପହାରଗୁଡ଼ିକ ଖୁସିରେ ବାଣ୍ଟି ଦେଉଥିଲେ । ତାଙ୍କ ଚଲାପଥକୁ ସେ ଶିଶୁବାଟିକାରେ ପରିଣତ କରି ଦେଉଥିଲେ ।

ଯଦି ବାଟରେ ଯାଉ ଯାଉ ସେ କୌଣସି ଜେନ୍ ସାଧକଙ୍କୁ ଭେଟୁଥିଲେ ତାଙ୍କୁ ଟଙ୍କାଟିଏ (ପେନିଟିଏ) ମାଗୁଥିଲେ ।

ଥରେ ସେ ତାଙ୍କର ଏହି ଖେଳ-କୌତୁକ କାମରେ ଯାଉଥିବା ସମୟରେ ଆଉ ଜଣେ ଜେନ୍ ମାଷ୍ଟର ବିପରୀତ ଦିଗରୁ ଆସୁଥିଲେ । ତାଙ୍କ ସହ ଭେଟ ହେବାରୁ ଜେନ୍ ମାଷ୍ଟର ତାଙ୍କୁ ପଚାରିଲେ, ''ଜେନ୍‌ର ତାତ୍ପର୍ଯ୍ୟ କ'ଣ ?''

ହୋତାଇ ସାଙ୍ଗେ ସାଙ୍ଗେ ଅଖା ମୁଣାଟିକୁ ଧପ୍‌କିନା ତଳେ ରଖି ଦେଇ ନୀରବରେ ଠିଆ ହେଲେ ।

ଜେନ୍ ମାଷ୍ଟର ପୁଣି ପଚାରିଲେ, ''ତେବେ ଜେନ୍‌ର ବାସ୍ତବତା କ'ଣ ?'' ସଙ୍ଗେ ସଙ୍ଗେ ଲାଫିଙ୍ଗ୍ ବୁଦ୍ଧ (ହାପି ଚୀନାମ୍ୟାନ୍) ଅଖା ମୁଣାଟିକୁ କାନ୍ଧରେ ଝୁଲାଇ ତାଙ୍କ ରାସ୍ତାରେ ଚୁପ୍‌ଚାପ ଚାଲିଗଲେ ।

ହୁଏତ ଅନୁଚ୍ଚାରିତ ଶବ୍ଦରେ କହି ଦେଇ ଗଲେ – ''ଖୁସିକୁ ବାଣ୍ଟି ଚାଲ'' । ସତରେ ମଣିଷ ପାଖରେ ଏ ଖୁସି ନାମକ ଚିଜଟି ଥାଏ କେଉଁଠି ? ଅସମାହିତ ପ୍ରଶ୍ନ ନେଇ ମୁଁ ପହଞ୍ଚିଗଲି ମୁଲ୍ଲା ନାସିରୁଦ୍ଦିନ୍‌ଙ୍କ ପାଖରେ...

ଥରେ ମୁଲ୍ଲା ନାସିରୁଦ୍ଦିନ୍ ରାସ୍ତାରେ ଯାଉ ଯାଉ ଜଣେ ଗରିବଲୋକ ଛିଣ୍ଡା ଅଖାମୁଣାଟିକୁ କାନ୍ଧରେ ପକାଇ ଆସୁଥିବାର ଦେଖିଲେ । ଗୁଣୁଗୁଣୁ ହୋଇ ଯାଉଥିବା ଲୋକଟି ପାଖରେ ପହଞ୍ଚି ନାସିରୁଦ୍ଦିନ୍ ପଚାରିଲେ, 'ତୁମର କ'ଣ ଅସୁବିଧା ହେଲା ?' ଲୋକଟି ତା'ର ଚିରା ଅଖାମୁଣାଟିକୁ ଦେଖାଇ କହିଲା, ''ଏଡ଼େ ବଡ଼ ସଂସାରରୁ ଜୀବନସାରା ଏତିକି ଟିକେ ଯାହା ସାଇତି ରଖିଛି ଏ ମୁଣାରେ । ମୋ ପାଖରେ ଆଉ କିଛି ନାହିଁ କି ମୋର ଆଉ କେହି ବି ନାହିଁ ।''

''ସତରେ ତୁମର ବହୁତ ଖରାପ ଅବସ୍ଥା'' ବୋଲି ମୁଲ୍ଲା କହୁ କହୁ ଲୋକଟିର ମୁଣାଟିକୁ ଝାମ୍ପିନେଇ ଚମ୍ପଟ ମାରିଲେ । ଦେଖୁ ଦେଖୁ ରାସ୍ତାର ମୋଡ଼ ପାଖରେ ଅଦୃଶ୍ୟ ହୋଇଗଲେ ।

ସବୁକିଛି ହରାଇ ଲୋକଟି ଭୋ ଭୋ ହୋଇ କାନ୍ଦି ପକାଇଲା । କାନ୍ଦି କାନ୍ଦି ଭାଗ୍ୟକୁ ନିନ୍ଦାକରି ଆଗକୁ ଚାଲିଲା । ୟା ଭିତରେ ମୁଲ୍ଲା ବୁଲାଣି ପାଖରେ ସେ ଅଖାଟିକୁ ଲୋକଟି ଆସୁଥିବା ରାସ୍ତାର ମଝିରେ ଥୋଇଦେଇ ବୁଦା ଉହାଡ଼ରେ ଲୁଚିଗଲେ । କିଛି ସମୟ ପରେ ଲୋକଟି ତା' ହଜିଲା ମୁଣାଟିକୁ ରାସ୍ତା ମଝିରୁ ପାଇ ଆନନ୍ଦରେ ନାଚି ଉଠିଲା, କହିଲା – ''ହେ ଭଗବାନ୍ ! ଧନ୍ୟବାଦ ମୋ ପ୍ରିୟ ମୁଣା ମିଳିଗଲା, ମୁଁ ତ ଭାବିଥିଲି ୟାକୁ ପୂରା ହଜାଇ ଦେଲି ।''

ବୁଦା ଉହାଡ଼ରୁ ମୁଲ୍ଲା ମନକୁ ମନ ହସିଦେଇ କହିଲେ –

''ଏମିତି ବି ଜଣେ ଖୁସି ହୋଇପାରେ ।''

କିଛି ବି ଜିନିଷ ମିଳିଗଲେ ମଣିଷ ଖୁସି ହୋଇଯାଏ – ତାହା ଉପହାର ହେଉ ବା ନିଜର ହଜିଲା ସମ୍ପଦ ହେଉ ।

କିନ୍ତୁ ବେଳେବେଳେ ସବୁକିଛି ମିଳି ବି ମଣିଷ ଖୁସି ହୋଇପାରେ ନା । ଆସନ୍ତୁ ପଢ଼ିବା ମୁଲ୍ଲାଙ୍କର ଆଉ ଏକ ଚମତ୍କାର କାହାଣୀ –

ଥରେ ମୁଲ୍ଲାଙ୍କ ଦେହ ଖରାପ ହୋଇଗଲା । ନବାବ ମୁଲ୍ଲାଙ୍କ ପାଇଁ ରାଜପ୍ରାସାଦରେ ସବୁପ୍ରକାର ଉତ୍ତମ ଚିକିତ୍ସା ବ୍ୟବସ୍ଥା କରିଦେଲେ । ମୁଲ୍ଲା ଭଲ ହେବା ଯାଏ ପ୍ରାସାଦରେ ରାଜବୈଦ୍ୟଙ୍କ ହେପାଜତରେ ରହିବାର ଚୁକ୍ତି ହେଲା । ୪/୫

ଦିନ ପରେ ହଠାତ୍ ଦେଖିଲା ବେଳକୁ ମୁଲ୍ଲା ତାଙ୍କ ରୋଗ ଶଯ୍ୟାରୁ ଗାଏବ । ଗଲେ କୁଆଡ଼େ ? ବୈଦ୍ୟ ଚିନ୍ତାରେ ପଡ଼ିଗଲେ । ନବାବଙ୍କ କାନକୁ କଥା ଗଲା । ନବାବ କହିଲେ – ମୁଲ୍ଲା ରସିକଟିଏ, ସେ ନିଶ୍ଚୟ ଘରକୁ ପଳାଇଥିବେ । ଚାଲ ଦେଖିବା । ନବାବ ଯାଇ ପହଞ୍ଚିଲା ବେଳକୁ ସତକୁ ସତ ମୁଲ୍ଲା ନିଜ ଘରେ ବସି ପ୍ରିୟ ପତ୍ନୀଙ୍କ ହାତରୁ ପଥି ପିଉଛନ୍ତି ।

ନବାବ ବିରକ୍ତ ହୋଇ କହିଲେ, ''ହଇଓ ମୁଲ୍ଲା, ପ୍ରାସାଦରେ ରାଜଭୋଗ ଛାଡ଼ି, ଚିକିତ୍ସା ଛାଡ଼ି ଏ କୁଡ଼ିଆକୁ କାହିଁକି ଲୁଚି ପଳାଇ ଆସିଲ ?''

ମୁଲ୍ଲା ହସିଦେଇ କହିଲେ – ପ୍ରଭୁ, ଆପଣ ସବୁ ଖଞ୍ଜି ଦେଇଥିଲେ – ଔଷଧ, ପଥି, ବୈଦ୍ୟ, ସେବକ-ସେବିକା... ସବୁକିଛି । ମୋତେ ସବୁ ମିଳୁଥିଲା କିନ୍ତୁ ଗୋଟିଏ ଚିଜର ଅଭାବ ଥିଲା – ସେଇଟି ହେଉଛି ''ସ୍ନେହ ଟିକକ'' ।

ହୁଏତ ସେଥିପାଇଁ କୁହାଯାଇଛି ଅର୍ଥ ସବୁକିଛି କିଣି ପାରେ କିନ୍ତୁ ଖୁସିକୁ ନୁହେଁ । ପ୍ରାଣର ଏହି ଅଭିଳାଷ ପାଇଁ ଟିକେ ସ୍ନେହ, ଶ୍ରଦ୍ଧା ଦରକାର । ଆମେ କ'ଣ ପାଇଲେ, ନ ପାଇଲେ ତା' ଉପରେ ନିର୍ଭର କରେନି ଆମ ଖୁସି । ଖାଲି ମନୋଭାବ ବଦଳିଲେ ବି ଆମେ ଖୁସି ପାଇପାରିବା, ଆସନ୍ତୁ ପଢ଼ିବା ଏଇ ପିଲାଟିର କଥା –

ସହରରେ ରହୁଥିବା ଜଣେ ଧନିକ ତାଙ୍କ ଅଲିଅଳ ପୁଅଟିକୁ ଗାଁକୁ ବୁଲାଇ ନେଲେ । ଉଦ୍ଦେଶ୍ୟ ଥିଲା ଲୋକ କେତେ ଦୀନହୀନ ଅବସ୍ଥାରେ ବଞ୍ଚୁଛନ୍ତି ତାହା ତା'କୁ ଅବଗତ କରାଇବା । ତେଣୁ ସେମାନେ ଜଣେ ଗରିବ କୃଷକର ଘରେ ପହଞ୍ଚିଗଲେ । ସେଠାରେ ଛୋଟ ଚାଷଜମିଟେ ରହିଥିଲା । ସେଠାରେ କିଛିଦିନ କଟାଇ ସେମାନେ ସହରକୁ ଫେରୁଥିଲେ । ବାଟରେ ବାପା ପୁଅଟିକୁ ତା'ର ଭ୍ରମଣ କାହାଣୀ ଶୁଣାଇବାକୁ କହିଲେ ।

ପିଲାଟି କହିଲା, ''ବହୁତ ଚମତ୍କାର ବାପା ।'' ବାପା କହିଲେ, ''ଦେଖିଲୁ ଲୋକମାନେ କେତେ ଦରିଦ୍ରଭାବେ ଚଳନ୍ତି ?''

ପିଲାଟି କହିଲା, ''ହଁ ବାପା ଦେଖିଲି –'' ବାପା ବିସ୍ତାରିତ ଭାବେ ଜାଣିବାକୁ ଚାହିଁବାରୁ ପିଲାଟି କହିଲା – ଆଚ୍ଛା...

ଆମର ଗୋଟିଏ କୁକୁର ତାଙ୍କର ଚାରିଟା...

ଆମ ବଗିଚାରେ ଛୋଟ ପୋଖରୀଟିଏ, ତାଙ୍କ ପାଖରେ ନଈଟିଏ... ଆମ ଛାତରେ ଜଳୁଛି କିଛିଟା ଦାମିକା ବିଜୁଳିବତି ତାଙ୍କ ଛାତରେ ଆକାଶର ଲକ୍ଷ, ଲକ୍ଷ ତାରା... ଆମ ଘରେ ଅଛି ଛୋଟ ଅଗଣାଟିଏ, ତାଙ୍କ ପାଖରେ ଦିଗ୍‌ବଳୟ ଯାଏ ଲମ୍ବିଛି ଖେଳ ପଡ଼ିଆ... ଆମର ଅଛି କେଡ଼େ ଟିକେ ଜାଗା, ତାଙ୍କ ପାଖରେ ଆଖି ପାଉ ନଥିବା ଶସ୍ୟକ୍ଷେତ୍ର... ଆମେ ଖାଦ୍ୟ କିଣି ଖାଉଛୁ, ସେମାନେ ବାଡ଼ିରେ ଫଳାଇ ତୋଳି ଖାଉଛନ୍ତି... ଆମ ଘର ଚାରିପଟେ ସୁରକ୍ଷା ପାଇଁ ଉଚ୍ଚ ଉଚ୍ଚ ବାଡ଼ ଓ ତାର ଘେରା ହୋଇଛି, ତାଙ୍କର ସେସବୁର ଆବଶ୍ୟକତା ନାହିଁ; କାରଣ ତାଙ୍କ ସାଙ୍ଗସାଥୀମାନେ ପରସ୍ପରକୁ ଜଗି ରହିଛନ୍ତି ।

ବାପା ସ୍ତବ୍ଧ ହୋଇଗଲେ । ଆଉ ଶବ୍ଦ ସ୍ଫୁରୁ ନଥିଲା ଓଠରୁ । ପିଲାଟି କହିଲା, ''ଧନ୍ୟବାଦ ବାପା, ମୋତେ ଦେଖିବାର ସୁଯୋଗ ଦେଲ ଯେ ଆମେ ସତେ କେତେ ଗରିବ ହୋଇ ବଞ୍ଚୁଛୁ ।''

ଧନ ନୁହେଁ, ମନ ବଦଳିଲେ ଖୁସି ମିଳିଥାଏ । ସମ୍ପଦ ନୁହେଁ, ବୈରାଗ୍ୟ ବି ଅଫୁରନ୍ତ ଖୁସି ଦେଇପାରେ । ଆସନ୍ତୁ ସକ୍ରେଟିସ୍‌ଙ୍କୁ ଭେଟିବା...

ସକ୍ରେଟିସ୍ ବହୁତ କମ୍ ଖର୍ଚ୍ଚ କରି ଅଧିକ ଖୁସିରେ ରହିପାରୁ ଥିଲେ । ତାଙ୍କ ପାଦରେ ଚପଲ ହଳେ ନଥାଉ ପଛେ ସେ ବଜାର ସାରା ବୁଲି ବୁଲି ଜାମା-ଯୋଡ଼, ଜୋତା-ଛତା ଆଦି ଜିନିଷଗୁଡ଼ିକୁ ଦୋକାନର ସୁଦୃଶ୍ୟ କାଚଥାକରେ ନିରେଖି ଦେଖି ଚାଲୁଥିଲେ । ଥରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ପଚାରିଲେ – ''କିଛି କିଣିବାର ମତଲବ ନରଖି ଏମିତି ଖାଲିଟାରେ ବଜାର ବୁଲି ଦେଖିବାର କାରଣ କ'ଣ ?'' ସକ୍ରେଟିସ୍ କହିଲେ – ''ଏମିତି ବୁଲି ବୁଲି ଖୋଜି ଖୋଜି ଦେଖେ ଯେ – ଏତେସବୁ ଜିନିଷ ମୋର ନଥାଇ ବି ମୁଁ କିପରି ଗୋଟେ ପରିପୂର୍ଣ୍ଣ ଆନନ୍ଦ ଭିତରେ ଜୀବନ ବଞ୍ଚି ପାରୁଛି !''

ଆନନ୍ଦର ଉତ୍ସ ଖାଲି ଜଡ଼ ବା ବସ୍ତୁଗତ, ପ୍ରାଣଗତ କି ମାନସିକ ହୋଇ ନପାରେ, ଏହା ସ୍ୱର୍ଗୀୟ ଦିବ୍ୟ-ଆନନ୍ଦ ବି ହୋଇପାରେ । ଆସନ୍ତୁ ଭେଟିବା ହନୁମାନଜିଙ୍କୁ...

ଲଙ୍କା ବିଜୟ ପରେ ସେତେବେଳକୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ସରିଥାଏ । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସେବାରେ ସାମାନ୍ୟ ତ୍ରୁଟି ନଘଟିବା ପାଇଁ ଲକ୍ଷ୍ମଣ, ଦେବୀ ସୀତା, ଭରତ ଓ ଶତ୍ରୁଘ୍ନ ସମସ୍ତେ ମିଶି ପ୍ରଭୁଙ୍କ ଶଯ୍ୟା ତ୍ୟାଗଠାରୁ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ ସମସ୍ତ ସେବାକୁ ଆପଣା ଭିତରେ ବାଣ୍ଟି ନେଲେ । ସେମାନେ ଆଲୋଚନା କରି ନେଲେ ଯେ ହନୁମାନ୍ ଅନେକ ଶ୍ରମ କରିଛନ୍ତି, ଏବେ ସେ ବିଶ୍ରାମ

ନେବା ଆବଶ୍ୟକ । ଦରବାରରେ ସମସ୍ତଙ୍କ ଆଗରେ ତାଲିକାଟି ଉପସ୍ଥାପିତ କରାଗଲା । ହନୁମାନ୍ ବି ସେଠାରେ ଉପସ୍ଥିତ ଥିଲେ । ପ୍ରଭୁ ତାଲିକାଟି ପଢ଼ିଦେଲେ । ସବୁ ସେବାକାର୍ଯ୍ୟ ବଣ୍ଟା ସରିଥିଲା । ହନୁମାନଜିଙ୍କୁ ବିଶ୍ରାମ ନେବାକୁ କୁହାଗଲା । ହନୁମାନ୍ ଟିକେ ବ୍ୟସ୍ତ ହୋଇପଡ଼ି କହିଲେ, ''ପ୍ରଭୁ ମୁଁ ଟିକେ ତାଲିକାଟି ଦେଖିପାରିବି ?'' ତୁରନ୍ତ ତାଙ୍କୁ ତାଲିକାଟି ବଢ଼ାଇ ଦିଆଗଲା । ଆମୂଳଚୂଳ ଦେଖିବା ପରେ କହିଲେ, ''ସବୁକିଛି ବଣ୍ଟା ସରିଛି କେବଳ ଗୋଟିଏ କଥା ଛାଡ଼ି... ।'' ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ –''କ'ଣଟା ରହିଗଲା ।'' ହନୁମାନଜି କହିଲେ – ପ୍ରଭୁ ନିରନ୍ତର ରାଜକାର୍ଯ୍ୟ କଲାବେଳେ ଥକି ଗଲେ ହାଇମାରି ପାରନ୍ତି, ସେତେବେଳେ ମୁଖ ଆଗରେ ଅଙ୍ଗୁଳି ଟିପରେ ଚୁଟ୍‌କି ମାରିବା ଦରକାର । ପ୍ରଭୁ ନିଜେ ଚୁଟ୍‌କି ମାରିବା ନିଶ୍ଚୟ ଅଶୋଭନୀୟ । ସେହି କାର୍ଯ୍ୟଟି ମୁଁ ନେଉଛି ।

ପ୍ରଭୁ ଶ୍ରୀରାମଚନ୍ଦ୍ର ମୁରୁକି ହସି ସ୍ୱୀକୃତି ଦେଲେ । ପାରିଷଦବର୍ଗ ଧନ୍ୟ ଧନ୍ୟ କଲେ । ପ୍ରଭୁ ବୁଝିପାରୁଥିଲେ ପ୍ରିୟ ଭକ୍ତର ଅନ୍ତରର ଅଭିଳାଷ ।

ହନୁମାନଙ୍କ ପାଇଁ ଏହା ଥିଲା ଅପୂର୍ବ ସୁଯୋଗ । କାରଣ ଏ କାର୍ଯ୍ୟର ଆନ୍ତରିକ ରୂପାୟଣ ପାଇଁ ପ୍ରଭୁଙ୍କ ମୁଖକୁ ଅପଲକ ନୟନରେ ଚାହିଁ ରହିବାକୁ ପଡ଼ିବ – କିଏ ଜାଣେ ହାଇଟା କେତେବେଳେ ଆସିବ ? ପ୍ରଭୁଙ୍କର ସେହି ହୃଦୟଜିଣା ଦିବ୍ୟ-ଶ୍ରୀମୁଖକୁ ନିରନ୍ତର ଚାହିଁ ରହିବାର ସୁଯୋଗ କ୍ୱଚିତ୍ ଭକ୍ତଙ୍କୁ ମିଳିପାରେ । ଗୋଟିଏ ମୁହୂର୍ତ୍ତ ବି ପ୍ରଭୁଙ୍କଠୁ ଦୂରେଇ ଯିବେନି, ଗୋଟିଏ ପଲକ ବି ଅନ୍ୟ କିଛି ଦେଖିବେନି... କେବଳ ପ୍ରଭୁହିଁ ପ୍ରଭୁ... । ଏହା ଭଗବତ୍ ସାନ୍ନିଧ୍ୟରେ ନିଜକୁ ବୁଡ଼ାଇ ରଖିବାର ସୁନ୍ଦର ଉଦାହରଣ । ସତରେ କେବଳ ଭଗବତ୍ ଆନନ୍ଦହିଁ ଚିରନ୍ତନ, ଅନ୍ୟସବୁ କ୍ଷଣିକ । ଆମ ପାଖରେ ଥିବା ଅପର୍ଯ୍ୟାପ୍ତ ଭଗବତ୍ ସେବାର ସୁଯୋଗକୁ ଆନ୍ତରିକ ଭାବେ କରି ଚାଲିଲେ ଆମେ ବି ଚିରନ୍ତନ ଆନନ୍ଦ ମଧ୍ୟରେ ବୁଡ଼ି ରହିବା । ଆଉ ଅପେକ୍ଷା କରିବାନି, ଏଇ ମୁହୂର୍ତ୍ତରୁ ଲାଗିଯିବା । କିଏ ଜାଣେ, ସମୟ ଓ ସୁଯୋଗର ପକ୍ଷ ଲାଗି ଗଲେ କିଏ କୁଆଡ଼େ ଉଡ଼ିଯିବେ ।

❑❑❑

**ଗଣିତ କକ୍ଷା ଚାଲିଛି; ଯମ ! କିଛି ସମୟ ଅପେକ୍ଷା କର :**

ଜର୍ମାନ ଗଣିତଜ୍ଞ Carl Friedrich Gauss ସେଦିନ ଗୋଟିଏ ଉପପାଦ୍ୟ ପ୍ରମାଣ କରିବା ନିମନ୍ତେ ଧ୍ୟାନମଗ୍ନ । ଏହି ସମୟରେ ଜଣେ ଦୌଡ଼ି ଦୌଡ଼ି ଆସି କହିଲା : ''ଶ୍ରୀମତୀ Gaussଙ୍କ ଶେଷ ସମୟ ଆସି ଉପସ୍ଥିତ । ଯେକୌଣସି ସମୟରେ ତାଙ୍କ ପ୍ରାଣବାୟୁ ଉଡ଼ି ଚାଲିଯିବ । ତେଣୁ ଶୀଘ୍ର ଆସନ୍ତୁ । ସେମିତି ଧ୍ୟାନମଗ୍ନ ଥାଇ Gauss କହିଲେ, ''ତାଙ୍କୁ କିଛି ସମୟ ଅପେକ୍ଷା କରିବା ପାଇଁ କୁହ, ମୁଁ ଏହି ଉପପାଦ୍ୟର ପ୍ରମାଣ କରି ସାରି ଆସୁଛି'' ।

# ମନୁଆ ବୈଜ୍ଞାନିକ

ଆଇନ୍‌ଷ୍ଟାଇନ୍ ଥିଲେ ପୃଥିବୀର ଜଣେ ଅତି ନାମଜାଦା ବୈଜ୍ଞାନିକ । ସେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ । ସେ ଗବେଷଣା କରୁଥିଲେ ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରେ ।

ଥରେ ଛୋଟ ଝିଅଟିଏ ଆସି ଆଇନ୍‌ଷ୍ଟାଇନ୍‌ଙ୍କ ପାଖରେ ପହଞ୍ଚିଲା । ଆଇନ୍‌ଷ୍ଟାଇନ୍ ଯେଉଁ ଘରେ ରହୁଥିଲେ ତା'ର ପାଖାପାଖି ଆଉ ଏକ ଘରେ ରହୁଥିଲେ ଝିଅର ପରିବାର ।

ଝିଅଟି ଆଇନ୍‌ଷ୍ଟାଇନ୍‌ଙ୍କ ଘରେ ପହଞ୍ଚି ନିଃସଙ୍କୋଚରେ ତାଙ୍କ ପାଖକୁ ଚାଲିଗଲା । କହିଲା, ''ମୋ ଦ୍ୱାରା ଅଙ୍କ କଷିବା ହୋଇପାରୁନି । ସ୍କୁଲରେ ଯେଉଁ ଗଣିତ ପଢ଼ା ହେଉଛି, ତାକୁ ବି ମୁଁ ଭଲଭାବେ ବୁଝିପାରୁନି । ବୁଝି ତ ପାରୁନି, ତେଣୁ ପଢ଼ା କରି ସ୍କୁଲକୁ ଯିବି କେମିତି ? ଆପଣ ମୋତେ ଟିକିଏ ଗଣିତ ବୁଝେଇ ଦେଇ ପାରନ୍ତେ ନି ? ମୋତେ ସିନା ବୁଝିବାକୁ କଷ୍ଟ ଲାଗୁଛି, କିନ୍ତୁ ଆପଣଙ୍କ ପାଇଁ ସେଗୁଡ଼ା ବୁଝିବା ବଡ଼ ସହଜ ଯେ ।'' ମନରେ କୌଣସି ଡରଭୟ ନରଖି ଝିଅଟି ବଡ଼ ସରଳ ଭାବରେ ଆଇନ୍‌ଷ୍ଟାଇନ୍‌ଙ୍କୁ ତା'ର ଅସୁବିଧା କଥା କହି ପକାଇଲା । ଝିଅର କଥାଗୁଡ଼ାକ ଭାରି ଭଲ ଲାଗିଲା ତାଙ୍କୁ । ସେ ତାକୁ ପଚାରିଲେ, ''ମାଆ, ମୁଁ ତତେ ଗଣିତ ଟିଉସନ୍ କରିବା ପାଇଁ ରାଜି । କିନ୍ତୁ ଟିଉସନ୍ ହେଲେ ତ ଫିସ୍ ଦେବାକୁ ପଡ଼େ । ତୁ ଏଥିପାଇଁ ମୋତେ କେତେ ଫିସ୍ ଦେଇପାରିବୁ ?''

ସାମାନ୍ୟ ଡେରି ନ କରି ଝିଅଟି ଉତ୍ତର ଦେଲା, ''ମୋ ବାପା ପକେଟ୍ ଖର୍ଚ୍ଚ ପାଇଁ ମୋତେ ସପ୍ତାହକୁ ଗୋଟିଏ ଡଲାର ଦିଅନ୍ତି । ଆପଣ ଯଦି ପ୍ରତି ସପ୍ତାହରେ ମୋତେ ଘଣ୍ଟାଏ ମାତ୍ର ଟିଉସନ୍ କରିବେ, ତେବେ ମୁଁ ଫିସ୍ ବାବଦକୁ ଆପଣଙ୍କୁ ଦେବି ୭୫ ସେଣ୍ଟ୍ (ଏକ ଡଲାର = ୧୦୦ ସେଣ୍ଟ୍) । କ'ଣ ? ଆପଣଙ୍କୁ ପୋଷେଇବନି ?''

ଆଇନ୍‌ଷ୍ଟାଇନ୍ ମନେ ମନେ ହସୁଥାଆନ୍ତି । ଝିଅଟିର କଥା ଶୁଣି ତାଙ୍କୁ ବି ଖୁବ୍ ମଜା ଲାଗୁଥାଏ । ସେ କହିଲେ, ''ଠିକ୍ ଅଛି । ସପ୍ତାହକୁ ୭୫ ସେଣ୍ଟ୍ ନେଇ ସପ୍ତାହରେ ମାତ୍ର ଘଣ୍ଟାକ ପାଇଁ ତତେ ଗଣିତ ଟିଉସନ୍ କରିବାକୁ ମୁଁ ରାଜି ।''

ଝିଅଟି ଖୁସି ହୋଇ ଘରକୁ ଫେରିଗଲା । ପ୍ରତି ସପ୍ତାହରେ ଝିଅଟି ଘଣ୍ଟାକ ପାଇଁ ଆଇନ୍‌ଷ୍ଟାଇନ୍‌ଙ୍କ ପାଖକୁ ଆସେ । ଆଇନ୍‌ଷ୍ଟାଇନ୍ ତାକୁ ଗଣିତ ପଢ଼େଇ ଦିଅନ୍ତି । ଘରେ କଷିବା ପାଇଁ ଅଙ୍କ ଡାକି ଦିଅନ୍ତି ।

ଏହିପରି ଭାବରେ ବିତିଗଲା କେଇ ସପ୍ତାହ । ହଠାତ୍ ଏକଥା ଝିଅଟିର ବାପାଙ୍କ କାନରେ ପଡ଼ିଲା । ସେ ଥିଲେ ପ୍ରିନ୍‌ସ୍‌ଟନ୍ ବିଶ୍ୱବିଦ୍ୟାଳୟର ଜଣେ ମାମୁଲି ଡ୍ରାଇଭର । ତାଙ୍କ ଝିଅକୁ ନୋବେଲ ପୁରସ୍କାର ବିଜେତା ଆଇନ୍‌ଷ୍ଟାଇନ୍ ଟିଉସନ୍ କରୁଥିବାର ଶୁଣି ସେ ଛାନିଆ ହୋଇଗଲେ । ପୁଣି ଏଥିପାଇଁ ସପ୍ତାହକୁ ମାତ୍ର ୭୫ ସେଣ୍ଟ୍ ଫିସ୍ ନେଉଥିବା ଜାଣି ଆହୁରି ଡରିଗଲେ ସେ । ସେ ଭାବିଲେ ତାଙ୍କର ଟିକି ଝିଅଟି ଆଇନ୍‌ଷ୍ଟାଇନ୍‌ଙ୍କୁ ଉଚିତ ସମ୍ମାନ ଦେଇନି । ବରଂ ତାଙ୍କୁ ଅପମାନିତ କରିଛି ।

ଆଇନ୍‌ଷ୍ଟାଇନ୍‌ଙ୍କ ପାଖରେ ଦୋଷମାନିଯାଇ କ୍ଷମା ମାଗିବା ନିମନ୍ତେ ସେ ତୁରନ୍ତ ଧାଇଁଲେ ତାଙ୍କ ପାଖକୁ । ବଡ଼ କାକୁତିମିନତି ହୋଇ ଭୁଲ୍ ମାଗିଲେ ଆଇନ୍‌ଷ୍ଟାଇନ୍‌ଙ୍କୁ । କିନ୍ତୁ ଝିଅର ବାପାଙ୍କ କଥାରେ ହସି ପକେଇଲେ ଆଇନ୍‌ଷ୍ଟାଇନ୍ । କହିଲେ, ''ଭାଇ, ତୁମେ ଆମ ଦୁହିଙ୍କୁ ଭୁଲ୍ ବୁଝିଛ । ତୁମ ଝିଅ ମୋତେ ଅପମାନିତ କରିଥିବାର ପ୍ରଶ୍ନ ଉଠୁଛି କୁଆଡୁ ? ସେ କେତେବେଳେ ଅବା ମର୍ଯ୍ୟାଦାହାନି କଲା ମୋର ? ତେଣୁ ମୋ ପାଖରୁ କ୍ଷମା ଚାହିଁବାର ପ୍ରଶ୍ନହିଁ ଉଠୁନି । ମନରେ କିଛି ନ ଭାବି ଘରକୁ ଫେରିଯାଅ । ହଁ ମନେରଖ, ପ୍ରତି ସପ୍ତାହରେ ଗଣିତ ଟିଉସନ୍ ହେବାକୁ ସେ ଯେମିତି ଆଗରୁ ଆସୁଥିଲା ତାକୁ କହିବ ସେ ସେମିତି ନିୟମିତ ଆସୁଥିବ ।''

ହେଲେ ଏ କଥାରେ କି ବାପର ମନ ବୁଝେ ? ସେ ଥତମତ ହୋଇ ଆଇନ୍‌ଷ୍ଟାଇନ୍‌ଙ୍କୁ କହିଲେ, ''ଆଜ୍ଞା, ଆପଣ ପଛେ ତାକୁ ଗଣିତ ଟିଉସନ୍ କରନ୍ତୁ । କିନ୍ତୁ ଏଇ ସାମାନ୍ୟ ଫିସ୍... ।''

ଆଇନ୍‌ଷ୍ଟାଇନ୍ ଗମ୍ଭୀର ହୋଇଗଲେ । ତାଙ୍କର ଗଳା ଭାରି ହୋଇଉଠିଲା । ସେ ଉତ୍ତର ଦେଲେ, ''ବନ୍ଧୁ, ତୁମର ଝିଅ ମୋ ପାଖରେ ସପ୍ତାହକୁ ମାତ୍ର ଥରେ ଟିଉସନ୍ ହେଉଥିଲା । ପୁଣି ଜମା ଘଣ୍ଟାଟିଏ ପାଇଁ । କିନ୍ତୁ ତା' ନିଜ ଅର୍ଜନର ଶତକଡ଼ା ୭୫ ଭାଗ (ଏକ ଡଲାର ପକେଟ୍ ଖର୍ଚ୍ଚରୁ ୭୫ ସେଣ୍ଟ୍) ଫିସ୍ ଆକାରରେ ମୋତେ ଦେଉଥିଲା ସେ । ତା' ଆଗରୁ କୌଣସି ଲୋକ କିଂବା ଅନୁଷ୍ଠାନ ନିଜ ମୋଟ ଆୟର ଚାରିଭାଗରୁ

ତିନିଭାଗ ମୋତେ ପାରିଶ୍ରମିକ ଦେଇ ନଥିଲେ, ପୁଣି ସପ୍ତାହରେ ମାତ୍ର ଘଣ୍ଟାଏ ପରିଶ୍ରମ ପାଇଁ । କହିଲ ଏହା କ'ଣ କମ୍ ହୋଇଗଲା ?

''ତେବେ ତା' ଅର୍ଜନରୁ ଏତେ ବଡ଼ ଭାଗ ମୁଁ ମାରି ନେଉଛି । ତା ଗହଣରେ ରହି ଅପାର ଆନନ୍ଦ ପାଉଛି । ତେଣୁ କେଉଁ ଦିଗରୁ ମୁଁ କ୍ଷତି ସହିଲି କହିଲ ?''

''ଛାଡ଼ ସେକଥା । ତାକୁ ଗଣିତ ପଢ଼ିବା ନିମନ୍ତେ ମୋ ପାଖକୁ ନିୟମିତ ପଠାଉଥିବ । ସେ ଯେ ମୋ ଉପରେ ଏତେ ବିଶ୍ୱାସ ରଖିଛି, ପୁଣି ମୁଁ ଯେ ତାକୁ ଭଲ ଭାବରେ ଗଣିତ ପଢ଼େଇ ପାରିବି ବା ପାରୁଛି, ଏହା ଜାଣି ମୋତେ ଖୁବ୍ ଖୁସି ଲାଗୁଛି । ମୁଁ ଯେ ଛୋଟ ପିଲାଙ୍କୁ ବି ଗଣିତ ପଢ଼େଇପାରେ, ସେହିଁ ତାହା ପ୍ରମାଣ କରିଦେଲା ।''

ଏହା ଶୁଣି ଝିଅଟିର ବାପା ମନ ଆନନ୍ଦରେ ଘରକୁ ଫେରିଥିଲେ ।

ଏହିପରି ମନୁଆ ଥିଲେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ।

(ସୌଜନ୍ୟ : ବିଜ୍ଞାନ କୌତୁକ,
ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ପୃ. ୮୮-୧୦୦) ❑

**ପଦାର୍ଥ ବିଜ୍ଞାନ ବନାମ ଗଣିତ :**

ଭାରତୀୟ ଗଣିତଜ୍ଞ ହରିଶ୍ଚନ୍ଦ୍ର (୧୯୨୩-୧୯୮୩) ଯାହାଙ୍କ ନାମ ଅନୁସାରେ ଆହ୍ଲାବାଦର ''ହରିଶ୍ଚନ୍ଦ୍ର ଗଣିତ ପ୍ରତିଷ୍ଠାନ'' ହୋଇଛି । ସେ ଓ ଆମେରିକୀୟ ଗଣିତଜ୍ଞ Freeman Dyson ଏକଦା ସାନ୍ଧ୍ୟକାଳୀନ ଭ୍ରମଣରେ ଏକତ୍ର ଚାଲି ଚାଲି ଯାଉଥିଲେ । ହରିଶ୍ଚନ୍ଦ୍ର ନିଜ ବନ୍ଧୁଙ୍କୁ ଲକ୍ଷ୍ୟ କରି କହିଲେ, 'ମୁଁ ପଦାର୍ଥ ବିଜ୍ଞାନ ଛାଡ଼ି ଗଣିତ ପଢ଼ିବି । କାରଣ ପଦାର୍ଥ ବିଜ୍ଞାନ ଏକ ଜଟିଳ, ଅସ୍ପଷ୍ଟ, ବିଶୃଙ୍ଖଳ ଏବଂ ଅନିର୍ଦ୍ଦିଷ୍ଟ ବିଷୟ ବୋଲି ପ୍ରତୀତ ହୁଏ' । ଏହାର ଉତ୍ତରରେ ଡାଇସନ କହିଲେ, 'ଠିକ୍ ସେହି କାରଣ ଯୋଗୁଁହିଁ ମୁଁ ଗଣିତ ଛାଡ଼ି ପଦାର୍ଥ ବିଜ୍ଞାନ ପ୍ରତି ଧ୍ୟାନ ଦେବା ପାଇଁ ନିଷ୍ପତ୍ତି ନେଇଛି ।' ଉଭୟେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପାରିଥିଲେ ।

ଡାଇସନଙ୍କ ଦୃଷ୍ଟିଭଙ୍ଗୀକୁ ସମର୍ଥନ କରି Mark Kac ଲେଖିଛନ୍ତି – ଅନେକ ବର୍ଷ ତଳର ଘଟଣା । ଯେତେବେଳେ ଜଣେ ପ୍ରତିଭାବାନ୍ ଛାତ୍ର ସ୍ନାତକ ଶ୍ରେଣୀରେ ଗଣିତ ଛାଡ଼ି ପଦାର୍ଥ ବିଜ୍ଞାନ ପଢ଼ିବା ପାଇଁ ଚାହିଁଲା; ତା'ର କାରଣ ଜାଣିବା ପାଇଁ ମୁଁ ଚାହିଁବାରୁ ସେ ଯାହା କହିଲା ତା'ର ସାରମର୍ମ ହେଲା : ଗଣିତରେ ତୁମେ ଯେତେବେଳେ କିଛି ଆବିଷ୍କାର କର କିଂବା ନୂତନ ଉପପାଦ୍ୟଟିଏ ପ୍ରମାଣ କର ସେତେବେଳେ ମନେ ହୁଏ ତାହା ଯୁଗ ଯୁଗ ଧରି ରହି ଆସିଥିଲା, ତେଣୁ ତା' ସହ ତୁମର ଭେଟ ମାତ୍ର ହେଲା । ସେଥିରେ ନୂତନତ୍ୱ କିଛି ନାହିଁ । ମାତ୍ର ପଦାର୍ଥ ବିଜ୍ଞାନରେ କିଛି ଆବିଷ୍କାର କଲେ ଜଣା ପଡ଼େ ଯେ ତୁମେ ପ୍ରକୃତରେ ନୂଆ କଥା କିଛି ଉଦ୍ଭାବନ କଲ । ଯଦି ଗଣିତ ଓ ପଦାର୍ଥ ବିଜ୍ଞାନକୁ ଗୋଟିଏ ଲେଖାଏଁ ଖେଳ ବୋଲି ବିବେଚନା କରାଯାଏ ତେବେ ଗଣିତ କ୍ଷେତ୍ରରେ ତୁମକୁ ଲାଗିବ ଯେ ସତେ ଯେପରି ତୁମେ ନିଜ ବିରୋଧରେ ଏବଂ ଅନ୍ୟ ଗଣିତଜ୍ଞମାନଙ୍କ ବିରୋଧରେହିଁ ଖେଳୁଛ । ମାତ୍ର ପଦାର୍ଥ ବିଜ୍ଞାନରେ ତୁମର ପ୍ରତି ପକ୍ଷ ହେଲା ପ୍ରକୃତି ଏବଂ ଏଥିରେ ବାଜିର ପରିମାଣ ଖୁବ୍ ଉଚ୍ଚ ।

(ସୌଜନ୍ୟ : ଗଣିତର ଏପାଖ-ସେପାଖ, ଚନ୍ଦ୍ର କିଶୋର ମହାପାତ୍ର, ନମିତା ଦାସ, ପୃଷ୍ଠା : ୧୦) ❑

### ଚେତନାର ଦିଗ୍‌ବଳୟ :

# ଜାଗରିତ ହେଉ ଆମ ଆଭ୍ୟନ୍ତରୀଣ ପ୍ରହରୀ

ପଶ୍ଚିମ ଓଡ଼ିଶାର ଏକ ସହରରେ ଘଟିତ ଦୁଃସ୍ୱପ୍ନ-ସମାନ ବ୍ୟାପାରଟିଏ ରାଜ୍ୟବାସୀଙ୍କୁ ସ୍ତବ୍ଧ କରି ଦେଇଛି । ଏକ ଶିକ୍ଷିତ ପରିବାରରେ ବିବାହ ଅନୁଷ୍ଠାନଟିଏ ସଦ୍ୟ ସମ୍ପନ୍ନ । ସେ ଉପଲକ୍ଷ୍ୟେ ମିଳିଥିବା ଉପହାରସବୁ ଦେଖୁଛନ୍ତି ବରକନ୍ୟା । ଏକ ବାହକ ସଂସ୍ଥା ଯୋଗେ ଆସିଥିବା ଗୋଟାଏ ପୁଟୁଳା ଖୋଲିବାକୁ ପ୍ରବୃତ୍ତ ହେଲେ ବର । ହେଲା ମାରାତ୍ମକ ବିସ୍ଫୋରଣ; ତାଙ୍କର ଏବଂ ତାଙ୍କ ବୃଦ୍ଧା ଜେଜେମା'ଙ୍କ ପ୍ରାଣ ଗଲା; ଗୁରୁତର ଆହତ ହେଲେ କନ୍ୟା ।

ଏଭଳି କର୍ମ ଆତଙ୍କବାଦୀମାନେ କରିଥା'ନ୍ତି, କିନ୍ତୁ ସେମାନେ କରିଥା'ନ୍ତି କୌଣସି ପ୍ରତିଷ୍ଠାନରେ ବା ସର୍ବସାଧାରଣ ସ୍ଥାନରେ । ଗୋଟାଏ ପରିବାର ଉପରେ – ନିଶ୍ଚିତ ଭାବରେ ବରକନ୍ୟା ବା ସେମାନଙ୍କ ଅତ୍ୟନ୍ତ ଆପଣାର ଲୋକେ ଏ ହିଂସାଚାରର ଶରବ୍ୟ ହେବେ – ଏଭଳି ପରିକଳ୍ପନା କାର୍ଯ୍ୟକାରୀ କଲା ଭଳି ନାରକୀୟ ଚେତନାର ଠିକଣା କ'ଣ ?

ଏଯାବତ୍ ଯାହା ଜଣା ଯାଇଛି, ସେ ନାରକୀୟ ଚେତନାର ଠିକଣା ବୃତ୍ତିଗତ ଈର୍ଷା । ଘାତକର ଲକ୍ଷ୍ୟ ବରକନ୍ୟା ନିର୍ବିଶେଷରେ ସେ ପରିବାରର ଶାନ୍ତି ଓ ସାମାଜିକ ମର୍ଯ୍ୟାଦା ଉପରେ ଆକ୍ରମଣ – ଯେହେତୁ ବରଙ୍କ ଜନନୀ ଏକ କଲେଜର ଅଧକ୍ଷା ଏବଂ ବୋମା ପ୍ରେରକଙ୍କ ଧାରଣା ସେ ପଦରୁ ତାଙ୍କୁ ବଞ୍ଚିତ କରାଯାଇଛି ।

ତଦନ୍ତରୁ ଯାହା ଜଣାଯାଇଛି – ଯାହା ସମ୍ବାଦ-ପତ୍ରମାନଙ୍କରେ ପ୍ରକାଶିତ – ତାହା ହେଲା ସେ ଘାତକ, ଯିଏକି ଜଣେ ବରିଷ୍ଠ ଅଧ୍ୟାପକ – ହଠାତ୍ ଆବେଗପ୍ରବେଗ ଚାଳିତ ହୋଇ କାମଟି କରି ନାହାନ୍ତି । ନିଜେ ବୋମା ପ୍ରସ୍ତୁତ ବିଦ୍ୟା ଶିକ୍ଷା କରି, ବୋମାଟି ତିଆରି କରି, ଏକ ଦୂରବର୍ତ୍ତୀ ସହରକୁ ଯାଇ ସେଠାରୁ ସେ ତାହା ପ୍ରେରଣ କରିଛନ୍ତି । ବିବାହ ଭୋଜିରେ ବି ସେ ଯୋଗ ଦେଇଥିଲେ ଏବଂ ବରଙ୍କର ପ୍ରଣାମ ଗ୍ରହଣ କରିଥିଲେ !

ସମାଜରେ ସୁପ୍ରତିଷ୍ଠିତ, ଶିକ୍ଷିତ ତଥା ବେଶ୍ ବୟସ୍କ ଜଣେ ବ୍ୟକ୍ତିର ଚେତନାକୁ ମଧ୍ୟ ଈର୍ଷା କେଡ଼େ ରୁଗ୍ଣ, କେଡ଼େ ବିଷାକ୍ତ କରି ଦେଇପାରେ, ଏହା ତା'ର ଏକ ଦୃଷ୍ଟାନ୍ତ ।

କହିବା ବାହୁଲ୍ୟ, ପରଶ୍ରୀକାତରତା, ଈର୍ଷା, ଅସୂୟା ଇତ୍ୟାଦି ଦୁର୍ଗୁଣର ଉପାଦାନ ଅଧିକାଂଶ ମଣିଷଙ୍କ ଚେତନାରେ ଊଣାଅଧିକ ମାତ୍ରାରେ ରହିଥାଏ । କିନ୍ତୁ ଅଧିକାଂଶ ମଣିଷ ଏଭଳି କାମ କରିବେ ନାହିଁ । ଏ ଲେଖକ 'ଅଧିକାଂଶ' ଅଭିବ୍ୟକ୍ତିଟି ଉପରେ ଗୁରୁତ୍ୱ ଦେଉଛି । ଅଧିକାଂଶଙ୍କ ଭିତରେ ନେତିବାଚକ ସମ୍ଭାବନା ଥିବା ସଙ୍ଗେ ସଙ୍ଗେ ସ୍ୱସ୍ତିବାଚକ ସମ୍ଭାବନା ରହିଥାଏ । ଏ ଦୁଇ ଗୁଣର ସହାବସ୍ଥାନ ଯୋଗୁଁ ଅଧିକାଂଶ ମଣିଷ ହାରାହାରି ଭଲ, ମନ୍ଦର ସମାହାର ଭାବରେ ଚଳପ୍ରଚଳ ହୁଅନ୍ତି । ଗୋଟାଏ ପରିସ୍ଥିତିରେ ଜଣକର ପ୍ରକୃତିର ମନ୍ଦ ଦିଗ ତା' ଆଚରଣକୁ ନିୟନ୍ତ୍ରଣ କରିପାରେ; ଅନ୍ୟ ଏକ ପରିସ୍ଥିତିରେ ତା'ର ଉତ୍ତମ ଗୁଣ ପ୍ରତିଭାତ ହୋଇପାରେ । ଏମିତି ଧାରାବାହିକ କ୍ରମରେ ଜୀବନ ଅତିବାହିତ ହୋଇଯାଏ ।

ଯେଉଁମାନେ ପରିବାର, ପରିସ୍ଥିତି ଓ ସଂସର୍ଗର ଆଶୀର୍ବାଦରେ ଅଥବା ନିଜସ୍ୱ ସହଜାତ ଅଭୀପ୍ସା (ଯାହାକି ପୂର୍ବଜନ୍ମ ସମୂହର ଅଭିଜ୍ଞତା ଭିତ୍ତିରେ ବିକଶିତ ହୋଇଥାଏ) ଫଳରେ ଆଧ୍ୟାତ୍ମିକତା ଆଡ଼କୁ ଢଳିଥା'ନ୍ତି, ଅଥବା ଅନ୍ତତଃ ଏକ ନୈତିକ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇଥା'ନ୍ତି, ସେମାନେ ନିଜ ଭିତରେ ରହିଥିବା ଉଭୟ ବିପରୀତଧର୍ମୀ ସମ୍ଭାବନା ସମ୍ପର୍କରେ ସଚେତନ ହୋଇ ନେତିବାଚକ ଗୁଣକୁ ପ୍ରଶ୍ରୟ ଦିଅନ୍ତି ନାହିଁ ।

ପକ୍ଷାନ୍ତରେ, ଯେଉଁମାନେ କୌଣସି ଉନ୍ନତ ପ୍ରଭାବର ସ୍ପର୍ଶ ପାଇ ନଥା'ନ୍ତି ଅଥଚ ବୁଦ୍ଧି ଓ ପ୍ରାଣାବେଗରେ ଦୁର୍ବଳ ଥା'ନ୍ତି, ସେମାନଙ୍କୁ ବାତାବରଣରେ ଥିବା କୁଶକ୍ତି କ୍ରମେ କ୍ରମେ ଆୟତ୍ତ କରିନିଏ ଏବଂ ସେମାନେ ଚତୁର ରହିବା ସତ୍ତ୍ୱେ ସେମାନଙ୍କ ସ୍ୱାଭାବିକ ବୁଦ୍ଧି ଓ ବିବେକ ଅସାଡ଼ ହୋଇଯାଏ ।

ଉପରୋକ୍ତ ବିୟୋଗାନ୍ତକ ବ୍ୟାପାରର ଖଳନାୟକ ସେମିତି ଜଣେ ପିଶାଚଗ୍ରସ୍ତ ବ୍ୟକ୍ତି ବନି ଯାଇଥିବା ସମ୍ଭବ ।

ସାଧାରଣ ଭାବରେ ସେଭଳି କୁପ୍ରଭାବରୁ ନିଜକୁ ମୁକ୍ତ ରଖି ପାରିବାର ପନ୍ଥା କ'ଣ ? ଜୀବନର ଲକ୍ଷ୍ୟ ପ୍ରତିଯୋଗିତା ନୁହେଁ, ପଦପଦବୀ ନୁହେଁ, ବିତ୍ତସଂଗ୍ରହ ନୁହେଁ, ଜୀବନର ଲକ୍ଷ୍ୟ ଜୀବନକୁ ଜାଣିବା, ମୁଁ କିଏ, କାହିଁକି ଇତ୍ୟାଦି ଜିଜ୍ଞାସା ଚରିତାର୍ଥ

କରିବା ଏବଂ ଗତାନୁଗତିକ ସ୍ଥୂଳ ଜୀବନ ସଂଗ୍ରାମରେ ଜଡ଼ିତ ରହିଥିବା ସତ୍ତ୍ୱେ ଏସବୁ କରିବା । ଏହି ସତ୍ୟ ଟିକକ ଆବାଲ୍ୟ ଶିଖାଇବାକୁ ଅଭିଭାବକ ଓ ଶିକ୍ଷକମାନେ ଯେଯାଏ ହେଳା କରୁଥିବେ, ସେଯାଏ ସାମୂହିକ ମତିଭ୍ରମ ଓ ବିଶୃଙ୍ଖଳ ଆଚରଣରୁ କେହି ସୁରକ୍ଷିତ ନୁହନ୍ତି ।

ପ୍ରକୃତ କଥା ହେଲା, ଆମ ଚେତନାରେ ଏକ ଗୁଣଗତ ପରିବର୍ତ୍ତନ ଆବଶ୍ୟକ । କିନ୍ତୁ ଏହା ସହଜ ନୁହେଁ । ‘‘ଧମ୍ମପଦ’’ର ଗୋଟିଏ ସୂକ୍ତି ଉପରେ ମନ୍ତବ୍ୟ ଦେବା ଅବସରରେ ଶ୍ରୀମା କହିଛନ୍ତି :

‘‘ଈର୍ଷାଗତ ତିକ୍ତତା (rancour) କିପରି ଏଡ଼ାଇ ହେବ ? ପ୍ରଶସ୍ତ ଏବଂ ଉଦାର ହୃଦୟହିଁ ସର୍ବୋତ୍ତମ ମାର୍ଗ, କିନ୍ତୁ ସମସ୍ତେ ତାହା ଆୟତ୍ତ କରିପାରିବେ ନାହିଁ । ଆପଣାର ଭାବନା ଉପରେ କର୍ତ୍ତୃତ୍ୱ ସାଧାରଣ ଭାବରେ ଅଧିକ କାର୍ଯ୍ୟକାରୀ ହୋଇପାରେ ।... ଆମ ଚେତନା ନିହିତ ପ୍ରବୁଦ୍ଧ ବିଚାରକ ଥରେ ମଙ୍ଗଳଜନକ ଓ ଅମଙ୍ଗଳଜନକ ଚିନ୍ତା ଭିତରେ ପାର୍ଥକ୍ୟ ବୁଝିଗଲେ, ଆମ ଆଭ୍ୟନ୍ତରୀଣ ପ୍ରହରୀ ଆତ୍ମପ୍ରକାଶ କରିବ ଏବଂ କେବଳମାତ୍ର ଅନୁମୋଦନ ପ୍ରାପ୍ତ ଭାବନାସବୁକୁ ପ୍ରବେଶାଧିକାର ଦେବ । କୌଣସି ଅନାକାଂକ୍ଷିତ କଥାକୁ (ଆମ ଚେତନା) ଭିତରକୁ ଆସିବାକୁ ଦେବ ନାହିଁ ।

‘‘ଆଦେଶ ଦେବା ଭଙ୍ଗୀରେ ପ୍ରହରୀ ଯେକୌଣସି ମନ୍ଦ ଭାବନାର ପ୍ରବେଶ ନିଷିଦ୍ଧ କରିବ ଏବଂ ତାକୁ ଯେତେ ଦୂରକୁ ସମ୍ଭବ ତଡ଼ି ଦେବ ।

‘‘ଏହି ପ୍ରବେଶାଧିକାର ପ୍ରଦାନ ଏବଂ ପ୍ରବେଶ-ନିଷେଧ ଶୃଙ୍ଖଳାକୁ ଆମେ ଭାବନା-ନିୟନ୍ତ୍ରଣ (Thought control) ଆଖ୍ୟା ଦେଉ...’’

(୨୦ ସେପ୍ଟେମ୍ବର ୧୯୫୭)

ଶ୍ରୀମାଙ୍କ ନିର୍ଦ୍ଦେଶିତ ଏହି ଶୃଙ୍ଖଳା ଆମର ଧ୍ୟେୟ ହେଉ ଏବଂ ଆମର ଆଚରଣକୁ ନିୟନ୍ତ୍ରଣ କରୁ । ମନେ ରଖିବାକୁ ହେବ, ଯାବତୀୟ ମନ୍ଦ ଭାବନା ଓ ପ୍ରଭାବ ବାହାରୁ ଆମ ଭିତରକୁ ନିୟତ-ପ୍ରବେଶ କରୁଥା’ନ୍ତି । ଆମେ ସଜାଗ ରହିଲେ ସେମାନେ ଆମ ଚେତନାକୁ ସେମାନଙ୍କ କ୍ରୀଡ଼ାସ୍ଥଳରେ ପରିଣତ କରିପାରିବେ ନାହିଁ ।

— **ମନୋଜ ଦାସ** ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀତନୁ-ସ୍ମାରକ (Relics) ସମ୍ପର୍କରେ
# ଜରୁରୀ ଜ୍ଞାତବ୍ୟ ବିଷୟ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଭାଷା ଦ୍ୱାରା ପ୍ରକାଶ ସମ୍ଭବପର ନୁହେଁ । ଏହା ସୁଗଭୀର ବିଶ୍ୱାସ, ଭକ୍ତି ତଥା ସାଧନା ଯୋଗେ ଉପଲବ୍ଧି-ସାପେକ୍ଷ ।

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ । ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ସେ ପ୍ରୟୋଜନବୋଧ କଲେ ତାହାକୁ ଆଶ୍ରମ ଟ୍ରଷ୍ଟକୁ ସମର୍ପଣ କରିପାରନ୍ତି ।

ଏହି ମହତ୍ତମ ଐଶ୍ୱର୍ଯ୍ୟର ଏବଂ ଏହାର ସଂସ୍ଥାପନ (Enshrinement) ଭଳି ଅନୁଷ୍ଠାନର ଗୁରୁତ୍ୱ ଏବଂ ଗାମ୍ଭୀର୍ଯ୍ୟ ଶ୍ରୀଅରବିନ୍ଦଙ୍କ ପ୍ରତି ଆନୁଗତ୍ୟ-ସମ୍ପନ୍ନ ପ୍ରତ୍ୟେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଅନୁଭବ କରିବେ ବୋଲି ଆମେ ଆଶା କରିବା ସ୍ୱାଭାବିକ ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା'ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍**

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

# An Ideal Child

Is Cheerful

He knows how to smile and keep a happy heart
in all circumstances.

('Ideal Child' – The Mother)



# ଏକ ଆଦର୍ଶ ଶିଶୁ

ହେବ ସଦା ପ୍ରଫୁଲ୍ଲ

ସକଳ ଅବସ୍ଥା ମଧ୍ୟରେ ସେ ହାସ୍ୟମୁଖ ଓ
ପ୍ରସନ୍ନ ଚିତ୍ତ ବଜାୟ ରଖିବାକୁ ଜାଣେ ।

(**'ଆଦର୍ଶ ଶିଶୁ'** – ଶ୍ରୀମା)

**Vol. XLIX, No. 6** **R.N.I. No. 18163/70.**
Navaprakash (Monthly), June, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

## ବିଶେଷ ସୂଚନା




# ବେଦରହସ୍ୟ

ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

## ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**